

ମମତାଙ୍କୁ ମୋଦି ଓ ଶାହଙ୍କ ଆଟାକ୍ ପୃଷ୍ଠା ୫


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 36 ଭାଗ ୩୪ | ସଂଖ୍ୟା ୩୬ | Monday 27 April 2026 | Page 8 Rs. 5.00 | ଭୁବନେଶ୍ୱର ସୋମବାର ୨୭ ଏପ୍ରିଲ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


## ଜଗନ୍ନାଥପ୍ରେମୀଙ୍କୁ ଆଘାତ



- ବିଦେଶରେ ଅଦିନିଆ ରଥଯାତ୍ରା ପାଳିଲା ଇସ୍କନ୍
- ‘ଆର୍ଟ କାର ପ୍ୟାରେଡ’ରେ ମହାପ୍ରଭୁଙ୍କୁ ଅସମ୍ମାନ
- ଟ୍ରକ ଡାଲାରେ ବୁଲିଲେ ପାପୁଲି ଥିବା ଜଗନ୍ନାଥ

ଭୁବନେଶ୍ୱର, ୨୬।୪ (ସଂଚାର ବ୍ୟୁରୋ): ଗଜପତି ମହାରାଜା ଓ ଆଇନ ମନ୍ତ୍ରୀଙ୍କ ତାଗିଦକୁ ପୁଣି ଇସ୍କନର ବେଖାତିର। ଗତ ୧୧ ତାରିଖରେ ହ୍ୟୁଷ୍ଟନ, ଟେକ୍ସାସ ଓ ବ୍ରିସବେନରେ ଏକାଧିକ ସ୍ଥାନରେ ରଥଯାତ୍ରା ଆୟୋଜନ କରିଥିଲା ଇସ୍କନ। ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ବାରମ୍ବାର ଚିଠି ପରେ ବି ଇସ୍କନ କୌଣସି ପ୍ରକାରେ ବାଟକୁ ଆସୁନି କି ଗଜପତି ମହାରାଜାଙ୍କ କୌଣସି ତାଗିଦକୁ ଖାତିର କରୁନି। ଏପରିକି ଶୋଭାଯାତ୍ରାରେ ମହାପ୍ରଭୁ ଜଗନ୍ନାଥଙ୍କ ପ୍ରଦର୍ଶିତ ଏକ କଳାକୃତିରେ ହାତ ପାପୁଲି ଓ ଆଙ୍ଗୁଠି କରାଯାଇଥିବା ଦେଖିବାକୁ ମିଳିଛି, ଯାହାକି କୋଟି କୋଟି ଜଗନ୍ନାଥପ୍ରେମୀଙ୍କୁ କ୍ଷୁବ୍ଧ କରିଛି।

ଜଗନ୍ନାଥ ସଂସ୍କୃତି ଅନୁଯାୟୀ, ମହାପ୍ରଭୁଙ୍କର ପାପୁଲି କି ଆଙ୍ଗୁଠି ନାହିଁ। ସେ ତ ଅଧାଗଢ଼ା ଠାକୁର। ମାତ୍ର ଇସ୍କନ ବିଦେଶରେ ଜଗନ୍ନାଥଙ୍କ ଭିନ୍ନ ଚିତ୍ର ପ୍ରଦର୍ଶନ କରୁଛି। ଆମେରିକା ହ୍ୟୁଷ୍ଟନଠାରେ ଆୟୋଜିତ ରଥଯାତ୍ରାର ଭିଡିଓ ସାମ୍ନାକୁ ଆସିଛି। ଟ୍ରକ୍ ଡାଲାରେ ମହାପ୍ରଭୁଙ୍କୁ ବସାଇ ରଥଯାତ୍ରା କରାଯାଇଛି। ଭିଡିଓରେ ଦେଖିବାକୁ ମିଳିଛି ଯେ, ଏକ ଟ୍ରକ ଡାଲାରେ ଜଗନ୍ନାଥଙ୍କ ବଡ଼ ପ୍ରତିମୂର୍ତ୍ତି ରଖାଯାଇଛି। ଆଉ ପଛରେ ଟ୍ରକ ସହ ଯୋଡ଼ାଯାଇଛି ସାଉଣ୍ଡ ଗାଡ଼ି। ଶେଷରେ ଏକ ଛୋଟ ରଥରେ ତିନି ଠାକୁର ବସିଛନ୍ତି, ଯାହାକୁ ଟ୍ରକ୍ ଟାଣି ଟାଣି ପୃଷ୍ଠା-୬

# ନୈଶଭୋଜିରେ ଟ୍ରମ୍ପଙ୍କୁ ଟାର୍ଗେଟ୍

- ଜଣେ ସିକ୍ରେଟ ସର୍ଭିସ ଅଧିକାରୀ ଆହତ
- ଗିରଫ ସନ୍ଦିଗ୍ଧ ଉଚ୍ଚ ଡିଗ୍ରୀଧାରୀ
- ବିଭିନ୍ନ ରାଷ୍ଟ୍ରନେତାଙ୍କ ସମବେଦନା



ଗୁଳିକାଣ୍ଡ ପରେ ସୁରକ୍ଷାକର୍ମୀ ତତ୍ପର

ୱାଶିଂଟନ,୨୬।୪:ଏକ ଅଭାବନୀୟ ଘଟଣାକ୍ରମରେ ୱାଶିଂଟନର ହିଲଟନ ହୋଟେଲରେ ହ୍ୱାଇଟ୍ ହାଉସ୍ କରେସପଣ୍ଡେଣ୍ଟଙ୍କ ରାତ୍ରିଭୋଜନ ଚାଲିଥିବା ସମୟରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଟାର୍ଗେଟ୍ କରି ଗୁଳିମାଡ଼ ହୋଇଛି। ୱାଶିଂଟନ ଡିସି ସାମ୍ବାଦିକଙ୍କ ପକ୍ଷରୁ ଆୟୋଜିତ ଭୋଜିରେ ଟ୍ରମ୍ପ, ଆମେରିକାର ପ୍ରଥମ ମହିଳା ତଥା ଟ୍ରମ୍ପଙ୍କ ପତ୍ନୀ ମେଲାନିଆ ଟ୍ରମ୍ପ, ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ସମେତ କେତେକ ସାମ୍ବାଦିକ ଓ ବହୁ ରାଜନୈତିକ ଅଧିକାରୀ ଉପସ୍ଥିତ ଥିଲେ। ତେବେ ବାହାରେ ଗୁଳିମାଡ଼ ଶବ୍ଦ ଶୁଣାଯିବା ପରେ ରାଷ୍ଟ୍ରପତି ଟ୍ରମ୍ପଙ୍କ ସହ ମେଲାନିଆ ଓ ଭାନ୍ସଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଇଥିଲା। ଏହି ଘଟଣାରେ ବାହାର ସୁରକ୍ଷା ଦାୟିତ୍ୱରେ ଥିବା ମାର୍କିନ୍ ସିକ୍ରେଟ୍ ସର୍ଭିସର ଜଣେ ଅଧିକାରୀ ଆହତ ହୋଇଛନ୍ତି। ସନ୍ଦିଗ୍ଧ ତାଙ୍କ ଉପରକୁ କ୍ଲୋଜ୍ ରେଞ୍ଜରୁ ଗୁଳି କରିଥିଲା। ତେବେ ବୁଲେଟ୍ ପ୍ରୁଫ୍ ଜ୍ୟାକେଟ୍ ପିନ୍ଧିଥିବାରୁ ସେ ସାମାନ୍ୟ ଆହତ ହୋଇଥିବା ଟ୍ରମ୍ପ୍ ସୂଚନା ଦେଇଛନ୍ତି। ପରେ ସିକ୍ରେଟ ସର୍ଭିସର ଅଧିକାରୀମାନେ ଗୁଳିକାଣ୍ଡ ଘଟାଇଥିବା କୋଲ୍ ଥମାସ ଆଲେନ୍ ନାମକ ଯୁବକକୁ ତୁରନ୍ତ ଗିରଫ କରିଥିଲେ। ‘ସିକ୍ରେଟ ସର୍ଭିସ’ ପକ୍ଷରୁ କୁହାଯାଇଛି ଯେ ଆକ୍ରମଣକାରୀ କୋଲ୍ ଥମାସ୍ ଭିତରକୁ ପ୍ରବେଶ କରିବାକୁ ଚାହୁଁଥିଲା। ମାତ୍ର ମାଗ୍ରେଟୋମିଟର ସ୍କାନିଂ ସମୟରେ ବ୍ୟାଂକ୍ୱେଟ୍ ହଲ୍ ଭିତରକୁ ତାକୁ ପ୍ରବେଶ କରିବାର ସୁଯୋଗ ନ ଦିଆଯିବାରୁ ସେ ଉତ୍କ୍ଷିପ୍ତ ହୋଇ ଗୁଳି ଚଳାଇଥିଲା। ପ୍ରାଥମିକ ତଦନ୍ତରୁ ସନ୍ଦିଗ୍ଧ କୋଲ୍ ଥମାସ ଆଲେନ୍ ଜଣେ କମ୍ପ୍ୟୁଟର ଡିଗ୍ରୀଧାରୀ ବୋଲି ଜଣାପଡ଼ିଛି।

ଗୁଳି ଫୁଟିବା ଶବ୍ଦ ଶୁଣିବା ପରେ ହିଲଟନ ପ୍ରେକ୍ଷାଳୟରେ ହଇଚଇ ଆରମ୍ଭ ହୋଇଯାଇଥିଲା। ଉପସ୍ଥିତ ଅତିଥିମାନେ ତଳେ ଆଣ୍ଠୁମାଡ଼ି ବସିଯାଇଥିଲେ। ଟ୍ରମ୍ପଙ୍କ ସମେତ ମେଲାନିଆ, ଜେଡି ଭାନ୍ସ ପ୍ରମୁଖଙ୍କୁ ସୁରକ୍ଷା ବଳୟ କରି ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା। ଗୁଳିକାଣ୍ଡ ପରେ ରାଷ୍ଟ୍ରପତି ଟ୍ରମ୍ପ ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ ‘ଟ୍ରୁଥ ସୋସିଆଲ’ରେ ପୋଷ୍ଟ କରି କହିଥିଲେ ଯେ ସେ ସମ୍ପୂର୍ଣ୍ଣ ସୁରକ୍ଷିତ ଅଛନ୍ତି। ‘ସିକ୍ରେଟ୍ ସର୍ଭିସ୍’ ବେଶ୍ ଭଲ ଭାବେ ତା’ର କାର୍ଯ୍ୟ କରିଛି। ଏଥିସହ ସନ୍ଦିଗ୍ଧ ଆକ୍ରମଣକାରୀ ଜଣେ ମାନସିକ ରୋଗୀ ବୋଲି ଟ୍ରମ୍ପ୍ କହିଛନ୍ତି। ତେବେ ଏହି ଘଟଣାକୁ ଟ୍ରମ୍ପ୍ ପୃଷ୍ଠା-୬

### ଟ୍ରମ୍ପ୍ ସୁରକ୍ଷିତ ଥିବା ଜାଣି ଆଶ୍ୱସ୍ତ



ନୂଆଦିଲ୍ଲୀ,୨୬।୪: ଡୋନାଲ୍ଡ ଟ୍ରମ୍ପଙ୍କ ଉପସ୍ଥିତିରେ ହ୍ୱାଇଟ୍ ହାଉସ୍ ରାତ୍ରୀଭୋଜନରେ ଗୁଳିକାଣ୍ଡ ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ମୋଦି ତାଙ୍କ ‘ଏକ୍ସ’ ପୋଷ୍ଟରେ କହିଛନ୍ତି ଯେ, ଗଣତନ୍ତ୍ରରେ ହିଂସାର କୌଣସି ସ୍ଥାନ ନାହିଁ ଏବଂ ଏହି ଘଟଣାର ସ୍ପଷ୍ଟ ନିନ୍ଦା କରାଯିବା ଉଚିତ। ଟ୍ରମ୍ପଙ୍କ ପ୍ରତି ସମବେଦନା ପ୍ରକାଶ କରି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ, ରାଷ୍ଟ୍ରପତି ଟ୍ରମ୍ପ, ଆମେରିକାର ପ୍ରଥମ ମହିଳା ମେଲାନିଆ ଏବଂ ଉପରାଷ୍ଟ୍ରପତି ଜେଡି ଭାନ୍ସ ସୁରକ୍ଷିତ ଏବଂ ସୁସ୍ଥ ଅଛନ୍ତି ଜାଣିବା ମୋ ପାଇଁ ଅତ୍ୟନ୍ତ ଆଶ୍ୱସ୍ତିକର। ମୁଁ ସେମାନଙ୍କର ନିରନ୍ତର ସୁରକ୍ଷା ଏବଂ ମଙ୍ଗଳ କାମନା କରୁଛି। ଏହି ଘଟଣାକୁ ମୋଦି ଦୃଢ଼ ନିନ୍ଦା କରିବା ସହିତ ଏକ ସୁସ୍ଥ ଗଣତନ୍ତ୍ରରେ ହିଂସାର ସ୍ଥାନ ନଥାଏ ବୋଲି କହିଛନ୍ତି।

### ପ୍ରଧାନମନ୍ତ୍ରୀଙ୍କ ରେଡିଓ କାର୍ଯ୍ୟକ୍ରମ ଶୁଣିଲେ କେନ୍ଦ୍ରମନ୍ତ୍ରୀ

## ଜନସମ୍ବାଦର ମାଧ୍ୟମ ହୋଇଛି ‘ମନ୍ କୀ ବାତ୍’



କଣିହାଁ/ତାଳଚେର,୨୬।୪(ସଂଚାର ବ୍ୟୁରୋ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଅନୁଗୋଳ ଜିଲ୍ଲା ତାଳଚେର କଣିହାଁ ବ୍ଲକସ୍ଥିତ ତାଙ୍କ ପୈତୃକ ଗ୍ରାମ ନାଳମ ଗସ୍ତ କରି ଦଳୀୟ କାର୍ଯ୍ୟକର୍ତ୍ତା ଓ ସ୍ଥାନୀୟ ଲୋକଙ୍କ ଗହଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ‘ମନ୍ କୀ ବାତ୍’ର ୧୩୩ତମ ସଂସ୍କରଣ ଶୁଣିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ ‘ମନ୍ କୀ ବାତ୍’ କାର୍ଯ୍ୟକ୍ରମ ଦେଶବ୍ୟାପୀ ଜନସମ୍ବାଦର ଏକ ପ୍ରଭାବଶାଳୀ ମାଧ୍ୟମ ପାଲଟିଛି, ଯାହା ସମାଜରେ ସକାରାତ୍ମକ ଚିନ୍ତାଧାରା ଓ ସଚେତନତା ସୃଷ୍ଟି କରିବା ସହ ରାଷ୍ଟ୍ର ନିର୍ମାଣକୁ ଗତି ପ୍ରଦାନ କରୁଛି। ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତାକୁ ନେଇ କେନ୍ଦ୍ର ମନ୍ତ୍ରୀ କହିଛନ୍ତି ଯେ ପରମାଣୁ କାର୍ଯ୍ୟକ୍ରମ କ୍ଷେତ୍ରରେ ଆମ ବୈଜ୍ଞାନିକଙ୍କ ସଫଳତା ଓ ଗଣିତରେ କନ୍ୟାରତ୍ନଙ୍କ ପ୍ରତିଭା ଦେଶ ପାଇଁ ଗର୍ବର ବିଷୟ। ସ୍ଥାନୀୟ ବାଉଁଶ ସାମଗ୍ରୀକୁ ଉପହାର ଭାବେ ବ୍ୟବହାର କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ ‘ଭୋକାଲ୍ ଫର୍ ଲୋକାଲ୍’ ଅଭିଯାନକୁ ଆହୁରି ଶକ୍ତିଶାଳୀ କରିବ।

**ନିଜ କୁଳଦେବତାଙ୍କ ଦର୍ଶନ କଲେ**

ଭଗବାନ ବୁଦ୍ଧଙ୍କ ଶିକ୍ଷା ଓ ରବୀନ୍ଦ୍ରନାଥ ଟାଗୋରଙ୍କ ସ୍ମୃତିଚାରଣ ସହ ପ୍ରଧାନମନ୍ତ୍ରୀଙ୍କ ଏହି ବାର୍ତ୍ତା ଓଡ଼ିଶା ସମେତ ସମଗ୍ର ଦେଶବାସୀଙ୍କୁ ଏକ ସଶକ୍ତ ଭାରତ ଗଠନ ପାଇଁ ନୂତନ ପ୍ରେରଣା ଯୋଗାଇଛି। ପ୍ରଧାନମନ୍ତ୍ରୀ ‘ଡିଜିଟାଲ ପୃଷ୍ଠା-୬

### ଦାମ ରାଉତଙ୍କ ପ୍ରତିମୂର୍ତ୍ତୀ ଭଙ୍ଗାଯିବା ଘଟଣା

## ମୁଖ୍ୟମନ୍ତ୍ରୀଙ୍କୁ ବଦନାମ କରିବାକୁ ଷଡ଼ଯନ୍ତ୍ର!

- ଦୁଇ ଦିନ ହେଲାଣି ସରକାର କାହିଁକି ନିରବ
- ତଦନ୍ତ ଦାବି କଲେ ଜିଲ୍ଲା ସଭାପତି ଓ ସାଂସଦ
- କାହା ବଳରେ ବଳୀୟାନ୍ ହୋଇଛନ୍ତି ଡିଏଫ୍ଓ



ପାରାଦୀପ,୨୬।୪(ସଂଚାର ବ୍ୟୁରୋ): ଶିଆଳି ବେଳାଭୂମିରେ ଦିବଂଗତ ମନ୍ତ୍ରୀ ଡାକ୍ତର ଦାମୋଦର ରାଉତଙ୍କ ପ୍ରତମୂର୍ତ୍ତୀ ଭାଙ୍ଗିବା ଘଟଣାକୁ ଦୁଇ ଦିନ ହେଲାଣି। ହେଲେ ସରକାର ଏପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ନେଉନାହାଁନ୍ତି କି ତଦନ୍ତ ନିର୍ଦ୍ଦେଶ ମଧ୍ୟ ଦେଇନାହାଁନ୍ତି। ସେପଟେ ପ୍ରତିମୂର୍ତ୍ତୀ ଭାଙ୍ଗିବା ପରେ ବି ଶିଆଳିରେ ଭଙ୍ଗା ପ୍ରତିମୂର୍ତ୍ତୀ ଆଗରେ ଜଗତସିଂହପୁର ବିଜେପି ସାଂସଦ, ବିଜେପି ଜିଲ୍ଲା ସଭାପତି ଓ ଦାମ ରାଉତଙ୍କ ଅନୁଗାମୀମାନେ ତାଙ୍କ ଫଟୋ ରଖି ଶ୍ରଦ୍ଧା ସୁମନ ଅର୍ପଣ କରିଛନ୍ତି। ଏଥିସହ ସେମାନେ ପୁଣିଥରେ ପ୍ରତିମୂର୍ତ୍ତୀ ଭଙ୍ଗା ଘଟଣାରେ ମୁଖ୍ୟମନ୍ତ୍ରୀଙ୍କୁ ବଦନାମ କରିବାକୁ ଷଡ଼ଯନ୍ତ୍ରର ଗନ୍ଧ ବାରିବା ସହ ତଦନ୍ତ ଦାବି କରିଛନ୍ତି।

ଶିଆଳି ବେଳାଭୂମିରେ କେବଳ ଡାକ୍ତର ଦାମୋଦର ରାଉତଙ୍କ ପ୍ରତିମୂର୍ତ୍ତୀ ନାହିଁ। ସେଠାରେ ପ୍ରବାଦ ପୁରୁଷ ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତୀ ମଧ୍ୟ ରହିଛି। ବେଳାଭୂମିରେ ଶହ ଶହ ଦୋକାନ ଖୋଲାଯାଇଛି। ତଥାପି ଜଙ୍ଗଲ ଜମିରେ ଯଦିବି ବିନାନୁମତିରେ ଦାମ ରାଉତଙ୍କ ପ୍ରତିମୂର୍ତ୍ତୀ ପ୍ରତିଷ୍ଠା ହୋଇଥିଲା, ତେବେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତୀ ଓ ଅନ୍ୟ ଦୋକାନ ଘର ପାଇଁ କ’ଣ ଜଙ୍ଗଲ ବିଭାଗ ଅନୁମତି ଦେଇଛି କି ବୋଲି ପ୍ରଶ୍ନ ଉଠିଛି। ଏଥିସହ ଜଙ୍ଗଲ ଜମିରେ ନିର୍ମାଣ ପାଇଁ ଅନୁମତି ଦେବାର ଅଧିକାର ମଧ୍ୟ ଜଙ୍ଗଲ ବିଭାଗର ପୃଷ୍ଠା-୬

## କିମ୍ବଦନ୍ତୀ ଫଟୋଗ୍ରାଫର୍ ରଘୁ ରାୟଙ୍କ ଦେହାନ୍ତ

- ୮୩ ବର୍ଷ ବୟସରେ କହିଲେ ଅଲବିଦା
- ନୂଆଦିଲ୍ଲୀରେ ଶେଷକୃତ୍ୟ ସମ୍ପନ୍ନ



ନୂଆଦିଲ୍ଲୀ,୨୬।୪(ସଂଚାର ବ୍ୟୁରୋ): ଭାରତର ବିଭିନ୍ନ ଦିଗକୁ କ୍ୟାମେରାରେ କଏଦ କରିଥିବା ପ୍ରସିଦ୍ଧ ଫଟୋଗ୍ରାଫର ରଘୁ ରାୟଙ୍କ ପରଲୋକ ହୋଇଯାଇଛି। ଆଜି ସକାଳେ ଦିଲ୍ଲୀର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୩ ବର୍ଷ ବୟସ ହୋଇଥିଲା। ତାଙ୍କ ଦେହାନ୍ତ ସାମ୍ବାଦିକତା ଓ ଫଟୋଗ୍ରାଫି ଜଗତରେ ଶୋକର ଲହରୀ ଖେଳିଯାଇଛି। ରଘୁ ରାୟଙ୍କ ପୁଅ ଓ ଫଟୋଗ୍ରାଫର ନୀତିନ ରାୟ କହିଛନ୍ତି ଯେ ତାଙ୍କ ବାପା ଦୁଇ ବର୍ଷ ପୂର୍ବେ ପ୍ରୋଷ୍ଟେଟ୍ କର୍କଟ ରୋଗରେ ପୀଡ଼ିତ ହୋଇଥିଲେ। କିନ୍ତୁ ସେ ଏଥିରୁ ପୂରାପୂରି ସୁସ୍ଥ ହୋଇସାରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଏହା ତାଙ୍କ ପେଟକୁ ବ୍ୟାପିଯାଇଥିଲା। କେବଳ ଏତିକି ନୁହେଁ, ସେ ବୟସ ସମ୍ପର୍କିତ ଜଟିଳତାରେ ମଧ୍ୟ ପୀଡ଼ିତ ଥିଲେ। ରଘୁ ଭାରତର ସବୁଠୁ ପ୍ରସିଦ୍ଧ ଫଟୋଗ୍ରାଫରଙ୍କ ମଧ୍ୟରୁ ଅନ୍ୟତମ ଥିଲେ। ତାଙ୍କ ଲେନ୍ସ ଭାରତର ଅସଂଖ୍ୟ ରଙ୍ଗକୁ କଏଦ କରିଥିଲା। ପରିବାର ପକ୍ଷରୁ ପୃଷ୍ଠା-୬

### ବିଜେପିର ପଞ୍ଚାୟତ ନିର୍ବାଚନ ପ୍ରସ୍ତୁତି

## ବୁଥ୍‌କୁ ଯିବେ ମନ୍ତ୍ରୀ, ବିଧାୟକ ଓ ସାଂସଦ

- ଆରମ୍ଭ ହେଲା ବୁଥ୍‌ସ୍ତରୀୟ କସରତ୍
- ମୁଖ୍ୟମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀଙ୍କ ସମୀକ୍ଷା
- ସରକାରୀ ଯୋଜନା ସହ ସଙ୍ଗଠନ କଥା ବୁଝିଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨୬।୪(ସଂଚାର ବ୍ୟୁରୋ):ପଞ୍ଚାୟତ ନିର୍ବାଚନକୁ ଆଉ ବର୍ଷେଠାରୁ ବି କମ୍ ସମୟ ବାକି ଅଛି। ତେଣୁ ରାଜ୍ୟ ବିଜେପି ଏହି ଲଢ଼େଇ ପାଇଁ ଏବେଠୁ ନିଜର ପ୍ରସ୍ତୁତି ଆରମ୍ଭ କରିଦେଇଛି। ଆଜି ରାଜ୍ୟ ବିଜେପି କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ବୁଥସ୍ତରୀୟ ନେତାଙ୍କ ସହ ଆଲୋଚନା କରିଛନ୍ତି। ଆଗାମୀ ଦିନରେ ମନ୍ତ୍ରୀ, ବିଧାୟକ ଓ ସାଂସଦମାନଙ୍କୁ ବୁଥକୁ ଯିବାକୁ ନିଷ୍ପତ୍ତି ହୋଇଛି।

ଆଜି ମୁଖ୍ୟମନ୍ତ୍ରୀ ବୁଥ୍‌ସ୍ତରୀୟ ନେତାଙ୍କ ସହ ତୃଣମୂଳ ସ୍ତରରେ ସରକାରୀ ଯୋଜନା କିଭଳି ଭାବରେ ଲୋକଙ୍କ ପାଖରେ ପହଞ୍ଚୁଛି, ସେନେଇ ପଚାରି ବୁଝିଥିଲେ। ସରକାରୀ ଯୋଜନା କାର୍ଯ୍ୟକାରିତାରେ କେଉଁଠି ସମସ୍ୟା ରହୁଛି ଓ ସରକାରଙ୍କ ହସ୍ତକ୍ଷେପର ଆବଶ୍ୟକତା ରହୁଛି କି ନାହିଁ, ସେ ସମ୍ପର୍କରେ ସିଧାସଳଖ ବୁଥ ସ୍ତରର ନେତାଙ୍କ ମତ ବି ନେଇଥିଲେ ମୁଖ୍ୟମନ୍ତ୍ରୀ। ଏହାଛଡ଼ା ବୁଥ ସ୍ତରରେ ସଂଗଠନ କିଭଳି ମଜବୁତ ହେବ, ସେନେଇ ମଧ୍ୟ ମୁଖ୍ୟମନ୍ତ୍ରୀ ତୃଣମୂଳ ସ୍ତରର ନେତାଙ୍କ ସହ ଆଲୋଚନା କରିଥିଲେ। ଗତ ପଞ୍ଚାୟତ ନିର୍ବାଚନ ସମୟରେ ବିଜେଡି କ୍ଷମତାରେ ଥିଲା। ତେଣୁ ୯୦ ପ୍ରତିଶତରୁ ଅଧିକ ଜିଲ୍ଲା ପରିଷଦ ବିଜେଡି ଦଖଲ କରିଥିଲା। କିନ୍ତୁ ଏବେ ସରକାର ବଦଳିଛି ଓ ଲୋକଙ୍କ ମାନସିକତା ବି ବଦଳିଛି। ସରକାରୀ ଯୋଜନାର ସୁଫଳ କିଭଳି ଲୋକ ପାଇପାରିବେ ଏବଂ ତୃଣମୂଳ ସ୍ତରରୁ କିପରି ବିକାଶର ମୂଳଦୁଆ ପଡ଼ିବ, ତାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ଏଥିସହ ଆଗାମୀ ପଞ୍ଚାୟତ ନିର୍ବାଚନରେ ବିଜେଡି ଓ କଂଗ୍ରେସ ମେଣ୍ଟ କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ନିଜେ ବୁଥ୍ ସ୍ତରରୁ ସମୀକ୍ଷା କରିବା ଆରମ୍ଭ କରିଦେଇଛନ୍ତି। ଆଗାମୀ ଦିନରେ ମନ୍ତ୍ରୀ, ବିଧାୟକ ଓ ସାଂସଦମାନେ ବୁଥ ସ୍ତରକୁ ପୃଷ୍ଠା-୬

## ସୁନ୍ଦରଗଡ଼ରେ ଥମୁନି ତାତି ତାଉ



- ପୁଣିଥରେ ରାଜ୍ୟର ଉତ୍ତପ୍ତ ସହର
- ଦ୍ୱିତୀୟରେ ସମ୍ବଲପୁର, ତୃତୀୟରେ ରାଉରକେଲା

ସୁନ୍ଦରଗଡ଼,୨୬।୪(ସଂଚାର ବ୍ୟୁରୋ): ରାଜ୍ୟରେ ଜାରି ରହିଛି ଗ୍ରୀଷ୍ମ ପ୍ରବାହର ଭୟାବହତା। ଉପକୂଳ ଓଡ଼ିଶାରେ ଯଦିଓ ଏହାର ମାତ୍ରା ସେତେଟା ଅଧିକ ନାହିଁ, କିନ୍ତୁ ପଶ୍ଚିମ ଓଡ଼ିଶାରେ ତାତି ତାଉ ଥମିବାର ନାଁ ଧରୁନି। ଏହି କ୍ରମରେ ଆଜି ପୁଣିଥରେ ସୁନ୍ଦରଗଡ଼ ରାଜ୍ୟର ଉତ୍ତପ୍ତ ସହର ପାଲଟିଛି। ଏଠାରେ ଚଳିତ ସିଜନ୍‌ରେ ଦ୍ୱିତୀୟ ଥର ପାଇଁ ତାପମାତ୍ରା ୪୪.୮ ଡିଗ୍ରୀ ସେଲ୍‌ସିୟସ୍‌ରେ ପହଞ୍ଚିଯାଇଛି। ଆଜି ଅପରାହ୍ନ ୨ଟା ୩୦ ମିନିଟ୍ ସମୟରେ ସହରରେ ଏହି ତାପମାତ୍ରା ରହିଥିବା ରେକର୍ଡ କରାଯାଇଛି। ବିଶେଷକରି ଶିଳ୍ପାଞ୍ଚଳରେ ଏହାର ପ୍ରଭାବ ଯଥେଷ୍ଟ ଅଧିକ ରହିଛି। ସେହିପରି ଦ୍ୱିତୀୟ ଉତ୍ତପ୍ତ ସହର ରହିଛି ସମ୍ବଲପୁର। ଏଠାରେ ୪୨.୮ ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରା ରହିଥିବା ବେଳେ ରାଉରକେଲା ତୃତୀୟ ସ୍ଥାନରେ ରହିଛି, ଯେଉଁଠି ତାପମାତ୍ରା ୪୨.୬ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଥିବା ଜଣାପଡ଼ିଛି। ଏହାଛଡ଼ା ହୀରାକୁଦରେ ୪୨.୪ ଡିଗ୍ରୀ ତାପମାତ୍ରା ଅନୁଭୂତ ହୋଇଥିବା ବେଳେ ଉପକୂଳ ଓଡ଼ିଶାରେ ସର୍ବାଧିକ ତାପମାତ୍ରା କେଉଁଝରରେ ରେକର୍ଡ କରାଯାଇଛି, ଯାହାକି ୩୯.୬ ଡିଗ୍ରୀ ରହିଛି।

ଆହୁରି ଚାନ୍ଦବାଲିରେ ଆଜିର ତାପମାତ୍ରା ୩୬.୪ ଡିଗ୍ରୀ, ବାଲେଶ୍ୱରରେ ୩୪.୮ ଡିଗ୍ରୀ, ଭୁବନେଶ୍ୱରରେ ୩୪.୪ ଡିଗ୍ରୀ, ପୁରୀରେ ୩୧.୪ ଡିଗ୍ରୀ, ପାରାଦୀପରେ ୩୧.୨ ଡିଗ୍ରୀ ଓ ଗୋପାଳପୁରରେ ଦ୍ୱିପ୍ରହର ଅଢ଼େଇଟା ସମୟରେ ପୃଷ୍ଠା-୬



### କାନ ଡେରିଥା

ଦାଦାକୁ ମାରିବା ଚକ୍ରାନ୍ତ କରି
ଝିଅାରୀ ସଫଳ ହେଲା
ନିଜରକ୍ତ ଦେଖି ଖୁସି ହେବାପାଇଁ
ସୁପାରୀ ସେ ଦେଇଥିଲା
ପ୍ରେମିକ ଯାତରା କଲା...
ଜେଲ ଚାରିକାନ୍ଥେ ରହିବ
ଏବେସେ
ପ୍ରେମ ବି ମୂଳରୁ ଗଲା।

■ ଦେବାଶିଷ

### ରେଳବାଇର ଘୋଷଣା ଓ ବାସ୍ତବତା

## ଭାଇରାଲ ହେଉଛି ବଗିର ବିକଳ ଚିତ୍ର




ଭୁବନେଶ୍ୱର, ୨୬।୪ (ସଂଚାର ବ୍ୟୁରୋ) : କିଛି ଦିନର ବ୍ୟବଧାନ ପରେ ପୁଣି ଭାଇରାଲ ହୋଇଛି ଟ୍ରେନର ବିକଳ ଚିତ୍ର। ଟ୍ରେନ ଯାତ୍ରାକୁ ଆମୋଦଦାୟୀ ଓ ସହଜ କରିବାକୁ ରେଳ ମନ୍ତ୍ରଣାଳୟ ବିଭିନ୍ନ ପଦକ୍ଷେପ ନେଉଥିବା ଦାବି କରୁଛି। ହେଲେ ଟ୍ରେନ୍‌ର ଗୋଟିଏ କମ୍ପାର୍ଟମେଣ୍ଟର ସ୍ଥିତି ଯେ କେଡ଼େ ଦୟନୀୟ, ତାହା ଆଜି ସାମ୍ନାକୁ ଆସିଛି। ପ୍ରଶାନ୍ତି ଏକ୍ସପ୍ରେସର ସାଧାରଣ ବଗି (ଜେନେରାଲ ବଗି)ର ସ୍ଥିତି କ’ଣ ସେ ସମ୍ପର୍କରେ ଜଣେ ସଚେତନ ଯାତ୍ରୀ କିଛି ଫଟୋ ଶେୟାର କରିଛନ୍ତି। ଆଉ ଏହି ଫଟୋଗୁଡ଼ିକ ବୟାନ କରୁଛି ରେଳବାଇର ଘୋଷଣା କେବଳ ଘୋଷଣାରେ ରହୁଛି, ତାହା ବାସ୍ତବତାରେ ପରିଣତ ହେଉନି।

ବେଙ୍ଗାଲୁରୁରୁ ଭୁବନେଶ୍ୱରକୁ ସଂଯୋଗ କରୁଥିବା ପ୍ରଶାନ୍ତି ଏକ୍ସପ୍ରେସ (ଟ୍ରେନ ନମ୍ବର- ୧୮୪୬୪)ର ଜଣେ ଯାତ୍ରୀ କିଛି ଫଟୋ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଏହି ଫଟୋଗୁଡ଼ିକ ପ୍ରଶାନ୍ତି ଏକ୍ସପ୍ରେସର ଜେନେରାଲ ବଗିର ହୋଇଥିବା ବେଳେ ଏହି ଫଟୋଗୁଡିକ ଦର୍ଶାଉଛି ଯେ ଜେନେରାଲ ବଗିରେ ପାଣି ନାହିଁ। କାରଣ ହାତଧୁଆ ବେସିନଗୁଡ଼ିକରେ ଖାଲି ପ୍ଲାଷ୍ଟିକ ପାଣି ବୋତଲ ପଡ଼ିଛି ଆଉ ତାହା ସେଠାରେ ଏକ ବିଚିତ୍ର ସ୍ଥିତି ସୃଷ୍ଟି କରିଛି। ସେଥିରୁ ମଇଳା ପାଣି ଖଲାସ ବି ହେଉନାହିଁ। ବର୍ତ୍ତମାନ ଖରାଦିନେ ବିନା ଶୀତତାପ ନିୟନ୍ତ୍ରିତ ବଗିରେ ପାଣି ନ ମିଳିବା କିଭଳି ଯନ୍ତ୍ରଣାଦାୟକ, ତାହା ମଧ୍ୟ ରେଳବାଇ ବୁଝିବା ଆବଶ୍ୟକ। ସେପଟେ ଜେନେରାଲ ବଗିର ଟଏଲେଟ କଥା ନ କହିବା ଭଲ। ଟଏଲେଟରେ ପାଣି ନାହିଁ କି ପ୍ୟାନ୍‌ଗୁଡ଼ିକ ସଫା ହେଉନାହିଁ। ଏପରିକି ଟଏଲେଟ ପ୍ୟାନରେ ଢାଙ୍କୁଣୀ ବି ନାହିଁ। ନିକଟ ଅତୀତରେ ପୂର୍ବତଟ ରେଳବାଇ ଘୋଷଣା କରିଥିଲା ଯେ ଟ୍ରେନ ଟ୍ରାକ୍‌ଗୁଡ଼ିକ ମଇଳାମୁକ୍ତ ହେବ। ଏଥିପାଇଁ ସବୁ ଟ୍ରେନରେ ଲାଗିବ ବାୟୋ ଟଏଲେଟ। ଅର୍ଥାତ ଟଏଲେଟର ମଇଳା ଟ୍ରାକରେ ପଡ଼ିବ ନାହିଁ। ସେଗୁଡିକ ଟ୍ରେନ ତଳେ ସଂଗୃହୀତ ହେବ ଓ ନିର୍ଦ୍ଦିଷ୍ଟ ବ୍ୟବଧାନରେ ଥିବା ଷ୍ଟେସନରେ ସେଗୁଡ଼ିକୁ ଖଲାସ କରାଯିବ। କିନ୍ତୁ ପ୍ରଶାନ୍ତି ଏକ୍ସପ୍ରେସର ଏହି ଟଏଲଟ ବୟାନ କରୁଛି ଯେ ଏହା ବାୟୋ ଟଏଲେଟ ନୁହେଁ। ସେହିଭଳି ଜେନେରାଲ ବଗିର ଟଏଲେଟ ପୃଷ୍ଠା-୬

### ଭୀଷଣ ଖରା

## ଟଳିପଡ଼ିଲେ ଜନଗଣନାକାରୀ



ସୁନ୍ଦରଗଡ଼, ୨୬।୪ (ସଂଚାର ବ୍ୟୁରୋ): ରାଜ୍ୟରେ ଜନଗଣନା ଜାରି ରହିଥିବା ବେଳେ ଏଥିରେ ଶିକ୍ଷକମାନେ ସକ୍ରିୟ ଭୂମିକା ନେଉଛନ୍ତି। ସମ୍ପ୍ରତି ଅଧିକ ଖରା ଅନୁଭୂତ ହେଉଥିବାରୁ ସେମାନଙ୍କୁ ଏହି ଖରାରୁ ସୁରକ୍ଷା ଦେବା ସକାଶେ ରାଜ୍ୟ ସରକାର ସ୍ୱତନ୍ତ୍ର ନିୟମାବଳୀ ଜାରି କରିଛନ୍ତି। ତେବେ ଏସବୁ ସତ୍ତ୍ୱେ ଆଜି ଜଣେ ଜନଗଣନା କାର୍ଯ୍ୟରେ ନିୟୋଜିତ ଥିବା ସହକାରୀ ଶିକ୍ଷକଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସୁନ୍ଦରଗଡ଼ର ଗୁରୁଣ୍ଡିଆ ବ୍ଲକ୍‌ର ଜରଡ଼ା ଗ୍ରାମରେ ଏପରି ଅଘଟଣ ଘଟିଥିବା ବେଳେ ଏହା ଭୀଷଣ ଗ୍ରୀଷ୍ମ ପ୍ରବାହ ପରିପ୍ରେକ୍ଷୀରେ ଜନଗଣନା କାର୍ଯ୍ୟ କରିବା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମିଳିଥିବା ସୂଚନାନୁସାରେ, ଜରଡ଼ା ହାଇସ୍କୁଲ୍‌ରେ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟ କରୁଥିବା ଅନୁରାଗ ଏକା ଗତ ୧୭ ତାରିଖରୁ ଜନଗଣନା କାର୍ଯ୍ୟରେ ନିୟୋଜିତ ଥିଲେ। ସୁନ୍ଦରଗଡ଼ରେ ପୃଷ୍ଠା-୬



## ହାତଗୁଞ୍ଜା

ଡ.ଚନ୍ଦ୍ରକଳା ନାୟକ



ମନୁ-ବାପାମାଆଙ୍କ ଏକମାତ୍ର ସନ୍ତାନ। ଘରର ସବୁ କଥାକୁ ସେ ନୀରବରେ ଶୁଣୁଥାଏ। ବାପାମାଆଙ୍କ କାର୍ଯ୍ୟଧାରାକୁ ସେ ଅନେକ ସମୟରେ ତର୍ଜମା ବି କରେ। ଛୋଟ ପିଲାହେଲେ ବି ତା' ଭିତରେ ଗଭୀର ଐଶ୍ୱରୀୟ ଶକ୍ତି ରହିଛି। ମନୁ ପିଲାଟି ଦିନରୁ ଇଶ୍ୱରବିଶ୍ୱାସୀ। ଘରର ପରିବେଶରେ ଅନେକ ସମୟରେ ତା ନିରୀହ ମୁହଁରେ ଅନେକଗୁଡିଏ ଅସମାହିତ ପ୍ରଶ୍ନ ଉଙ୍କି ମାରୁଥାଏ। ମନୁର ବପ ମାଆଙ୍କ ପ୍ରତି ମଧ୍ୟ ଅନେକ ସମ୍ମାନ। ପିଲାଟି ଦିନରୁ ସେ ବାପାଙ୍କୁ ଦେଖିଛି, ନିଜର ସଫଳତା ପାଇଁ ସେ କେମିତି ଅନ୍ୟକୁ ପ୍ରଭାତିତକରିଥାନ୍ତି। ବଡଲୋକଙ୍କଠାରୁ କାମ ହାସଲ କରିବାକୁ ହେଲେ, କିଛି ହାତଗୁଞ୍ଜା ଦେବାକୁ ହୁଏ, ସେ କଥା ବି ମନୁ ବୁଝିସାରିଥିଲା।

ଦଶହରା ପାଖେଇ ଆସୁଥାଏ। ଆଉମାତ୍ର ୧୫ ଦିନ ସମୟ। ସେଦିନ ରାତ୍ରିଭୋଜନ ସମୟରେ ଡାଇନିଂ ଟେବୁଲରେ ବାପାମଆ କଥା ହେଉଥିଲେ ସହରର ପ୍ରଖ୍ୟାତ ବାବା ସଦାନନ୍ଦ ବ୍ରହ୍ମଚାରୀ ଆସୁଛନ୍ତି। ମାଆ କହୁଥିଲେ ଆମ କଟକ ସହରରେ କୃପାବର୍ଷା କରିବାକୁ ତାଙ୍କର କାଳେ ଆଗମନ ହେଉଛି। ମନୁ ସେଦିନ ରାତିରେ ଶୁଣୁଥିଲା, ବାପାଙ୍କ କାର୍ଯ୍ୟରେ କିଛି ସମସ୍ୟା ଚାଲିଛି। ତାର ଏକ ସ୍ଥାୟୀ ସମାଧାନ ପାଇଁ ସେ ବାବାଙ୍କ ପାଖକୁ ଯିବାକୁ ସ୍ଥିର କରିଛନ୍ତି। ମନୁର ବାପା ଯାହା କୁହନ୍ତି, ତା' ମାଆର ପୂର୍ଣ୍ଣସମର୍ଥନ ସେଥିରେ ଥାଏ। ସକାଳୁ ସକାଳୁ ବାପାମାଆ ଦୁଇଜଣ ପ୍ରସ୍ତୁତି ଆରମ୍ଭ କଲେ। ବାବାଙ୍କୁ ଦେଖା କରିବାକୁ ଓ କୃପା ପାଇବାକୁ ଗୋଟିଏ ଲଫାପାରେ କୋଡିଏ ହଜାର ଟଙ୍କା ପୁରାଇ ରଖିଲେ। ମନୁ ଏସବୁ ଦୃଶ୍ୟ କୁଖୁବ ଦୁରରୁ ଦେଖୁଥାଏ। ମନୁ ଜାଣେ ତାର ବାପା ଜଣେ ବଡ ଠିକାଦାର। ଅନେକ ବଡ ବଡ ଅଫିସରମାନଙ୍କୁ ମୋଟା ଅଙ୍କର ହାତଗୁଞ୍ଜା ଦେଇ କାମ ଆଦାୟ କରିବାରେ ସେ ଓସ୍ତାଦ। ଟେଣ୍ଡରଟିଏ ପାସ କରିବା ପାଇଁ ବଡବାବୁମାନଙ୍କୁ ସୁନାର ଉପହାର ଦିଆଯିବା ବି ସେ ଜାଣିଛି। ତଥାପି ବାପାଙ୍କ ପଚାସ ଲକ୍ଷ ଟଙ୍କାର ବିଲ ଦପ୍ତରରେ ପଡ଼ି ରହିଥିବାରୁ ସେ ବିବ୍ରତ ହୋଇ ବାବା ସଦାନନ୍ଦଙ୍କ ଆର୍ଶିବାଦ ଚାହୁଁଛନ୍ତି। ବାପା, ମାଆ କଥା ହେଉଥିଲେ, ବ୍ରହ୍ମଚାରୀ ସଦାନନ୍ଦଙ୍କର କାଳେ ଅପାର ମହିମା ରହିଛି। ବାବା କାଳେ ସବୁ ସମସ୍ୟାର ସମାଧାନ ସ୍ୱଳ୍ପ ସମୟ ଭିତରେ କରି ପାରନ୍ତି। ମାଆ, ବାପାଙ୍କ କଥାରେ ସର୍ବଦା ସହଯୋଗ କରେ। ଭଲ ମନ୍ଦର ବିଚାର କରେନା। ମନୁ ମନେ ମନେ ରାଗରେ ଲାଲ ପଡ଼ିଯାଏ। ପନ୍ଦର ବର୍ଷର କୋମଳମତୀ ମନୁ ଏ ଅନ୍ଧ ବିଶ୍ୱାସକୁ ଗ୍ରହଣକରି ପାରେନାହିଁ। ଇଶ୍ୱରଙ୍କ ଉପରେ ଭରସା ନକରି ଗୋଟେ ସାଧାରଣ ବାବା ଉପରେ ଏତେ ଆସ୍ଥା ? ସବୁ ଜାଣି ବି କିଛି ପ୍ରତିକ୍ରିୟା ଦେଇ ପାରେନାମନୁ।

ଠିକେତା ପରଦିନ ସକାଳୁ ସକାଳୁ ମନୁର ମାଆ ନିତ୍ୟକର୍ମ ସାରି ବାବାଙ୍କ ପାଖକୁ ଯିବା ପାଇଁ ପ୍ରସ୍ତୁତ ହେଉଥିଲେ। ସାରା ସହରଟା ଯେମିତି ଚଳଚଞ୍ଚଳ ହୋଇଉଠିଥିଲା। ମନୁକୁ ସାଙ୍ଗରେ ଧରି, ମାଆ ବ୍ୟାଗରେ ଟଙ୍କା ଥିବା ଲଫାପା ପୁରାଇ ବାବାଙ୍କ ପାଖକୁ ବାହାରିଲେ। ମନୁ ଦୁରରୁ ଦେଖୁଥିଲା, ବାବାଙ୍କ ଶିବିରରେ ଶହ ଶହ ଲୋକଙ୍କ ଭିଡ ଜମିଥାଏ। ସେସବୁ ଦେଖି ମନୁ ହତବାକ ହୋଇଗଲା।କିଛି ସମୟ ପରେ ମାଆ ଶିବିର ଭିତରକୁ ଯାଇ, ବାବାଙ୍କ ପାଖରେ ଥିବା ବ୍ୟକ୍ତିଙ୍କୁ ଲଫାପାଟି ବଢ଼ାଇ ଦେଲେ। ବାବାଙ୍କଠାରୁ କିଛି ବିଭୂତି ସାଙ୍ଗରେ ଆଣି ସବୁ ସମସ୍ୟା ସମାଧାନର ବିଶ୍ୱାସକୁ ନେଇ ଘରକୁ ଫେରିଲେ।

ଦୁଇଦିନ ପରେ ମନୁର ଦଶମ ଅର୍ଦ୍ଧବାର୍ଷିକ ପରୀକ୍ଷା ଆରମ୍ଭ ହେବ। ସକାଳୁ ମାଆ ମନୁକୁ ମନ୍ଦିର ଯିବା ପାଇଁ ପ୍ରସ୍ତୁତ ହେବାକୁ ନିର୍ଦ୍ଦେଶ ଦେଲେ। ମାଆ ପୁଅ ଦିହେଁ ମନ୍ଦିର ଅଭିମୁଖେ ଯାତ୍ରା ଆରମ୍ଭ କଲେ। କଟକ ଚଣ୍ଡୀଙ୍କ ପାଖରେ ପହଞ୍ଚି ମନୁର ମାଆ ଭୋଗ ଦୋକାନରୁ ଦୀପ ଧୂପ ଭୋଗ ସାମଗ୍ରୀ ଆଣିଲେ। ଦୋକାନୀକୁ ଶହେଟଙ୍କିଆ ନୋଟ ଖଣ୍ଡେ ବଢ଼ାଇ ଦେଲେ। ମନୁ ଏଥର ଆଶ୍ଚର୍ଯ୍ୟ ହେଲା। ପାଚାରିଲା - ଆଚ୍ଛାମାଆ, କଟକ ଚଣ୍ଡୀଙ୍କଠାରୁ କଣ ଅଧିକ ମହାତ୍ମା ତମ ବାବା ସଦାନନ୍ଦଙ୍କର ? ମାଆ କଟକ ଚଣ୍ଡୀ ତ ପ୍ରତ୍ୟକ୍ଷ ଦେବୀ। ତୁମ ବାବା କେମିତି ମାଆ କଟକ ଚଣ୍ଡୀଙ୍କଠାରୁ ପାୱାରଫୁଲ ହେଲେ ଯେ ?ମନୁ ବାରମ୍ବାର ତାର ମାଆଙ୍କୁଏହି ପ୍ରଶ୍ନ ପଚାରୁ ଥାଏ। ମନୁ ମାଆକୁ କହୁଥାଏ, ବାବା ସଦାନନ୍ଦଙ୍କ ପାଇଁ ହାତଗୁଞ୍ଜା କୋଡିଏ ହଜାର, ହେଲେ ମୋ ମାଆ ପାଇଁ ମାତ୍ର ଶହେ ଟଙ୍କା। ଦେଖ ମାଆ ଯଦି ଠାକୁରାଣୀ ଏହି ପଥରରେ ଅଛି ବୋଲି ବିଶ୍ୱାସ କରୁଛୁ, ତେବେ ସେ ବାବା ସଦାନନ୍ଦଙ୍କ ପାଖକୁ ଯିବା କଣ ଆବଶ୍ୟକ ଥିଲା ? ଏହି ମାଆ ନିକଟରେ ମୋ ପରୀକ୍ଷା ଭଲ ହେବା ପାଇଁ ଯଦି ଶହେ ଟଙ୍କାରେ ସମାଧାନ ହେ ବବୋଲି ଭାବୁଛୁ, ତେବେ ସେଠିକି ଯିବା ତୋର କଣ ଦରକାର ଥିଲା ?

ମନୁର କୋମଳ ମନର ସରଳ ପ୍ରଶ୍ନରେ ମାଆ କଣ ଉତ୍ତର ଦେବେ ଚିନ୍ତା କି କରି ପାରୁ ନଥିଲେ। ଏକବିଂଶ ଶତାବ୍ଦୀରେ ଦେବାଦେବୀମାନଙ୍କଠାରୁ ଯେ, ତଥାକଥିତ ବାବା, ନେତା, ଅଫିସର ଅଧିକ ପ୍ରଭାବଶାଳୀ ବୋଲି କହିବାକୁ ମାଆଙ୍କ ଜିଭ ଲେଉଟୁ ନଥିଲା। ଅଛିଣ୍ଡା ଜାଲରେ ଭିତରେ ପଶି ମାଆ କେବଳ ଘାଣ୍ଟି ଗୋଳେଇହେଉଥିଲେ।

ଶେଷରେ ଅଝଟିଆ ପୁଅ ମନୁର ପ୍ରଶ୍ନର ଉତ୍ତର ଦେଇ ମାଆ କହିଲେ, ଦେଖ ମନୁ- ସେ ଜଣେ ପ୍ରତିଷ୍ଠିତ ବାବା। ତାଙ୍କୁ ଭେଟ କରିବାକୁ ହେଲେ, କିଛି ହାତଗୁଞ୍ଜା ଦେବାକୁ ହୁଏ। ଏହା କୌଣସି କାମ ପାଇଁ ଦିଆଯାଇ ନାହିଁରେ ...। ଏହା ବାବା ଶ୍ରଦ୍ଧାନନ୍ଦଙ୍କ ପ୍ରତି ଆମରଶ୍ରଦ୍ଧା ଓ ସମ୍ମାନର କଥା।କୋମଳମତୀମନୁକୁବୁଝାଇବା ପାଇଁ ଦୁଇପଦ କଥା କହିଦେଲେ ସତ. ହେଲେ ବାସ୍ତବ ସତ୍ୟକୁ ସେ ମର୍ମେ ମର୍ମେ ଅନୁଭବ କରୁଥିଲେ। ଗୁଡାଏ ଅଜବ ଯନ୍ତ୍ରଣାରେ ଛାତି ଭିତରଟା କ୍ଷତାକ୍ତ ହେଉଥିଲା। ସ୍ୱାମୀଙ୍କ ନୀରବ ସମର୍ଥକ ସାଜି ଥିବାରୁ ମନେ ମନେ ସେ ନିଜକୁ ଧୀକ୍କାର ବି କରୁଥିଲେ। ମନୁ ଛୋଟ ପିଲା ହେଲେ ବି, ମଆ ଅନ୍ତରର ଯନ୍ତ୍ରଣାକୁ ପଢ଼ି ପାରୁଥିଲା।

**ଅଧ୍ୟାପିକା, ମହାପୁରୁଷହାଡିଦାସମହାବିଦ୍ୟାଳୟ, ଛତିଆ, ଯାଜପୁର, ମୋବାଇଲ୍: ୯୪୩୭୯୫୭୬୧୭**

## ସଂସ୍କୃତି ସେତେବେଳର ଆଉ ଏବର

ଶୋଭାମୟୀ ପତ୍ରୀ

ଓଡିଆ ସଂସ୍କୃତି ଅଟଇ ମହାନ
ପବିତ୍ର ତା ପରମ୍ପରା,
ଯା ପାଣି ପୱନେ ନିଶ୍ୱାସେ ବିଶ୍ୱାସେ
ଅଲୌକିକ ଭାବ ଧାରା।
ସମଗ୍ର ବିଶ୍ୱରେ ନିଆରା ଧଙ୍ଗ ତା
ଚିତ୍ତ ଚିନ୍ତନ ପବିତ୍ର,
ଯାର ଅନ୍ନମୁଠେ କୈବଲ୍ୟ ସମାନ
ଅତିଥି ଦେବେ ପୂଜିତ।
ପ୍ରତି ମାସ ପ୍ରତି ବାରର ମହତ୍ୱ
ସଂସ୍କୃତିର ପରିଚୟ,
ଭୋଜନେ, ଭାଜନେ, କଥନେ, ଚିନ୍ତନେ
ସାତ୍ତ୍ୱିକର ସମନ୍ୱୟ।
ଗୁରବେ ଭକତି ସାନଙ୍କୁ ଆଦର
ସଂସ୍କାର ସଂସ୍କୃତି ବାର୍ତ୍ତା,
ଆଚାର ଉଚାର ଚଳଣି ବ୍ୟେଭାର
ନ୍ୟାୟ ଧର୍ମ ପ୍ରୀତି ଗାଥା।
ଦିନଥିଲା ଆମ ସଂସ୍କୃତି ଯେ ଥିଲା
ସାରା ବିଶ୍ୱରେ ଚର୍ଚ୍ଚିତ,
ପଡ଼ିଅଛି ଏୱେ କଙ୍କାଳ ପରାୟ
ଅବୟବ ଯେହ୍ନେ ମୃତ।
ସ୍ୱାର୍ଥ ଓ ମୁଁକାର ଅଧର୍ମ ବିଚାର
ନ ଥିଲା ସେଥିରେ ସ୍ଥାନ,
ଏବେ ସେ ଲୁଣ୍ଠିତ ସ୍ୱଧର୍ମୀ ହସ୍ତରେ
ବେଳୁ ବେଳ ତନୁ କ୍ଷିଣ।
ଖଳ ଜନେ ପ୍ରୀତି ଅସଭ୍ୟ ଅନିତି
ଘରେ ଘରେ କରେ ବାସ,
ବ୍ରତ ତୀର୍ଥସ୍ଥାନ ପୂଜା ପାର୍ବଣର
ବିଷ ପରା ଲାଗେ ଭାଷ।
ପାଶ୍ଚାତ୍ୟ ସଂସ୍କୃତି ଲାଗୁଛି ସୁନ୍ଦର
ଜାତକଙ୍କୁ ମୋ ଜାତିର,
ଖାଦ୍ୟ ପାରିଚ୍ଛେଦ ସବୁରେ ବିବିଧ
ଅପ୍ରୀତିକ ବ୍ୟବହାର।
ଚଳନ୍ତି ଦେବତା ପୂଜ୍ୟ ଶ୍ରୀ ଗୋମାତା
କଂସେଇ ଖାନାର ଶୋଭା,
ଶ୍ୱାନୱଂଶୀଙ୍କର ଅପୂର୍ବ ସୌଭାଗ୍ୟ
କୁଳୀନ ପରାୟ ଆଭା।
ଏ ତ ବଡ଼ ବିପରୀତ ଗତି ଆହା
ଦୁର୍ଭାଗ୍ୟରେ ରତି ଯାହା,
ଆଗର ସଂସ୍କୃତି ଏବେର ସଂସ୍କୃତି
ଦେଖି ଦୁଃଖ ଲାଗେ ଯାହା।

କେନ୍ଦ୍ରାପଡ଼ା



ସମୟର ଛାୟାଚିତ୍ର

# ଅନିଶ୍ଚିତ ଜୀବନ ଓ ସତ୍ୟର ଲାଲ ସୂତା



ଡକ୍ଟର ଲକ୍ଷ୍ମଣ ସାହୁ



ବିଶ୍ୱକୁ ବୁଝିବାର ଅନେକ ଉପାୟ ଅଛି। ବିଜ୍ଞାନ ଏହାକୁ ନିର୍ଦ୍ଧାରିତ ତଥ୍ୟ ଓ ନିୟମ ମାଧ୍ୟମରେ ପରୀକ୍ଷା କରିଥାଏ। ଦର୍ଶନ ଏହାକୁ ନାନାଦି ପ୍ରଶ୍ନ ଓ ଚିନ୍ତାଧାରା ମାଧ୍ୟମରେ ପରୀକ୍ଷା କରେ। କଳା ତାର ଗଭୀର ଅଭିଜ୍ଞତା ଓ ସମ୍ବେଦନଶୀଳତା ମାଧ୍ୟମରେ ସ୍ୱକୀୟ ଦୃଷ୍ଟିରେ ପ୍ରକାଶ କରେ। କେତେକ ସମୟରେ ଜୀବନର ଗଭୀର ସତ୍ୟକୁ ଏକ ଛୋଟ ପ୍ରତୀକ ଭାବରେ ପ୍ରକାଶ କରେ । ଏକ ଜାପାନୀ ଲୋକକଥା ଏପରି ଏକ ପ୍ରତୀକ ଉପସ୍ଥାପନ କରେ ଲାଲ ସୂତା।

କୁହାଯାଏ ଯେତେବେଳେ ଶିଶୁ ଜନ୍ମ ହୁଏ, ସେମାନଙ୍କ ଛୋଟ ଆଙ୍ଗୁଠିରେ ଏକ ଅଦୃଶ୍ୟ ଲାଲ ସୂତା ବନ୍ଧା ଯାଏ, ଯାହା ସେମାନଙ୍କୁ ଅନ୍ୟ ଜଣେ ବ୍ୟକ୍ତିଙ୍କ ସହିତ ସଂଯୋଗ କରେ। ଏହି ସୂତା କୌଣସି ପ୍ରକାରେ ସେମାନଙ୍କ ଜୀବନକୁ ସଂଯୋଗ କରେ। ଲୋକବିଶ୍ୱାସ ଏହା ମଧ୍ୟ କୁହେ ଯେ ଏହି ସୂତା ଆମ ହୃଦୟରୁ ଆମ ଛୋଟ ଆଙ୍ଗୁଠି ପର୍ଯ୍ୟନ୍ତ ରକ୍ତବାହୀର ଏକ ବିସ୍ତାରିତ ସଂପର୍କ। ଏହି ଲୋକକଥା କେବଳ ଭାଗ୍ୟ ବିଷୟରେ ଏକ କାଳ୍ପନିକ କଥା ନୁହେଁ; ଏହା ମାନବ ଜୀବନରେ ସମ୍ପର୍କର ଅନିବାର୍ଯ୍ୟତାର ଏକ ରୂପକ ବୋଲି ଧରାଯାଏ।

ମାନବ ଜୀବନ ସମ୍ପର୍କ ଉପରେ ନିର୍ମିତ। ଆମେ ନିଜକୁ ସ୍ୱାଧୀନ ବ୍ୟକ୍ତି ବୋଲି ଭାବିପାରୁ। କିନ୍ତୁ ଆମର ପରିଚୟ ଅନେକ ସମ୍ପର୍କ, ସ୍ମୃତି ଓ ଅଭିଜ୍ଞତା ଦ୍ୱାରା ଗଢ଼ି ଉଠିଥାଏ। ପରିବାର , ଆତ୍ମୀୟ ସ୍ୱଜନ, ବନ୍ଧୁତା, ସମାଜ, ସଂସ୍କୃତି ଓ ସର୍ବୋପରି ସହଭାଗୀ ଇତିହାସ ଆମର ଅସ୍ତିତ୍ୱକୁ ଆକାର ଦିଏ। ଏହି ସମ୍ପର୍କର ଏକ ବଡ଼ ଅଂଶ ଅଦୃଶ୍ୟ। କିନ୍ତୁ ସେମାନଙ୍କର ପ୍ରଭାବ ଜୀବନରେ ସ୍ଥିର ରହିଥାଏ। ଯେପରି ଏକ ଜାଲର ସୂକ୍ଷ୍ମ ସୂତ୍ରଗୁଡ଼ିକ ପରସ୍ପର ସହିତ ଜଡିତ ହୋଇ ସମଗ୍ର ଗଠନକୁ ଧରି ରଖେ, ସେହିପରି ଆମର ସମ୍ପର୍କ ମଧ୍ୟ ଜୀବନର ସମଗ୍ର ଗଠନକୁ ବଜାୟ ରଖେ। ଯଦି ଜୀବନକୁ ଏକ ରୂପକରେ ବୁଝିବା ହୁଏ, ତେବେ ନିଃସନ୍ଦେହରେ ଏହା ଏକ ରୂପକ ହେବ।

ଏହା ଏକ ସରଳ ରେଖା ପରି ନୁହେଁ, ବରଂ ସୂତାରେ ବୁଣାଯାଇଥିବା ଏକ ଜଟିଳ ଗଠନ ପରି। ପ୍ରତ୍ୟେକ ସମ୍ପର୍କ ଏକ ସୂତା ପରି, କେତେବେଳେ ମଜବୁତ, କେତେବେଳେ ଢିଲା, କେତେବେଳେ ଜଟିଳ , ପୁଣି କେତେବେଳେ ଖଣ୍ଡ ଖଣ୍ଡ ପଥର ଭଳି ଭାଙ୍ଗିବାକୁ ବସିଛି ସଂପର୍କ। କିନ୍ତୁ ସମ୍ପର୍କର ଏହି ଜଟିଳତା ଜୀବନକୁ ଅର୍ଥ ଓ ଆହ୍ୱାନ ଉଭୟ ଦିଏ।

ଆଜି ବିଶ୍ୱ ପୂର୍ବ ଅପେକ୍ଷା ଅଧିକ ସଂଯୁକ୍ତ। ପ୍ରଯୁକ୍ତିବିଦ୍ୟା, ଯୋଗାଯୋଗ ଓ ଡିଜିଟାଲ୍ ଗଣମାଧ୍ୟମ ପ୍ରାୟତଃ ସଂପର୍କର ଦୂରତାକୁ ଦୂର କରିଦେଇଛି। ଆମେ ଗୋଟିଏ କ୍ଲିକ୍ ମାଧ୍ୟମରେ ବିଶ୍ୱର ଯେକୌଣସି ଅଂଶ ସହିତ ସଂଯୋଗ କରିପାରିବା। ନିଜର ପରିବାର ଆତ୍ମୀୟ ସ୍ୱଜନ ଓ ବନ୍ଧୁ ବାନ୍ଧବଙ୍କ ସହିତ ବାର୍ତ୍ତାଳାପ କରିପାରିବା , ତଥାପି ଏହା ସତ୍ତ୍ୱେ, ମଣିଷ ଭିତରେ ନିଃସଙ୍ଗ ଏକାକୀତାର ଭାବନା କ୍ରମଶଃ ତୀବ୍ର ହେବାରେ ଲାଗିଛି। ଯାହା ଫଳରେ ଆମ ସମୟର ଏକ ପ୍ରମୁଖ ବିରୋଧାଭାସଃ ବାହ୍ୟ ସଂଯୋଗ ବଢ଼ୁଛି। କିନ୍ତୁ ଭାବପ୍ରବଣ ଦୂରତା ଗଭୀର ହେଉଛି। ଏପରି ସମୟରେ ଆମେ ସମସ୍ତେ ଅଦୃଶ୍ୟ ସୂତ୍ର ଦ୍ୱାରା ସଂଯୁକ୍ତ ଏହି ଧାରଣା ଆମକୁ ଆମର ଅସ୍ତିତ୍ୱର ଏକ ନୂତନ ବୁଝାମଣା ପ୍ରଦାନ କରେ।

ଅତୀତର ଅକ୍ଷୟ ସ୍ମୃତି ମଧ୍ୟ ଏହି ସୂତ୍ରଗୁଡ଼ିକର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ସେମାନେ ଆମ ଭିତରେ ଅତୀତର ଉପସ୍ଥିତି ବଜାୟ ରଖନ୍ତି। ଜଣେ ବ୍ୟକ୍ତିଙ୍କର ଏକ ଛୋଟିଆ ସ୍ମୃତି ମଧ୍ୟ ବର୍ଷ ବର୍ଷ ପରେ ହଠାତ୍ ପୁନର୍ଜୀବିତ ହୋଇପାରେ। ଆମକୁ ସେହି ମୁହୂର୍ତ୍ତଗୁଡ଼ିକୁ ଫେରାଇ ନେଇଯାଏ ଯାହାକୁ ଆମେ ଭାବିଥିଲୁ ଯେ ସେ ଚାଲିଯାଇଛନ୍ତି , କିନ୍ତୁ ସ୍ମୃତି ହୋଇ ଆମ ମନ ଓ ହୃଦୟ ରେ ଅଛନ୍ତି। ସେହିପରି, ସମ୍ପର୍କ ହରାଇବା କେବଳ ଜଣେ ବ୍ୟକ୍ତିଙ୍କଠାରୁ ଦୂରତା ନୁହେଁ, ବରଂ ଆମ ଜୀବନର ଏକ ସୂତ୍ର ଢିଲା ହେବା। ହୁଏତ ଏହି କାରଣରୁ ମଣିଷ ସମ୍ପର୍କ ପ୍ରତି ଏତେ ସମ୍ବେଦନଶୀଳତା ଭାବ ବେଳେ ବେଳେ ଭାବପ୍ରବଣ ଦ୍ୱାରା ମନକୁ ଭାରାକ୍ରାନ୍ତ କରିଦିଏ।

ଜୀବନର ଆଉ ଏକ ସତ୍ୟ ହେଉଛି ଏହାର ଅନିଶ୍ଚିତତା। ଆମେ ଯୋଜନା କରୁ ଓ ଲକ୍ଷ୍ୟ ସ୍ଥିର କରୁ, କିନ୍ତୁ ଜୀବନ ସବୁବେଳେ ଏକ ସରଳ ରେଖାରେ ଗତି କରେ ନାହିଁ। ଜୀବନର ଗତିପଥ ସର୍ପିଳ , ବହୁ ଘାତ ପ୍ରତିଘାତ, ଉଠାଣି ଗଡାଣି ଦେଇ ବକ୍ରତା ଭିତରେ ଯାତ୍ରା କରେ। କେତେବେଳେ ହଠାତ୍ ଆମ ଜୀବନରେ ଜଣେ ଅଜଣା ବ୍ୟକ୍ତି ପ୍ରବେଶ କରନ୍ତି ଓ ଆମର ଚିନ୍ତାଧାରାର ଦିଗ ପରିବର୍ତ୍ତନ କରନ୍ତି। କେତେବେଳେ ପୁଣି ସେହି ମଧୁର ସମ୍ପର୍କ ଧୀରେ ଧୀରେ ସମୟର କୁହୁଡ଼ିରେ ହଜିଯାଏ। ଏସବୁ ମଧ୍ୟରେ ଜୀବନ ଆମକୁ ଶିଖାଏ ଯେ ପ୍ରତ୍ୟେକ ଅଭିଜ୍ଞତା, ଆନନ୍ଦଦାୟକ ହେଉ କି ଦୁଃଖଦାୟକ, ଆମର ଆଭ୍ୟନ୍ତରୀଣ ଯାତ୍ରାର ଏକ ଅଂଶ। ଏହି ଅଭିଜ୍ଞତାଗୁଡ଼ିକ ଧୀରେ ଧୀରେ ଆମର ବୁଝାମଣାକୁ ଗଭୀର କରିଥାଏ। କଳା ଏହି ବୁଝାମଣାକୁ ଅନୁସନ୍ଧାନ କରିବାର ଏକ ମାଧ୍ୟମ। ରାତିର ଅନ୍ଧକାରରେ ଯାତ୍ରାରେ ଅଭିନୟ କରୁଥିବା ରାଜା ସକାଳର ଆଲୋକରେ ସାଧାରଣ ନୁଖୁରା ମଣିଷ ପାଲଟି ଯାଇଛି।

କଳାକାର କୌଣସି ପ୍ରକାରର ପ୍ରତୀକ କିମ୍ବା ରୂପ ମାଧ୍ୟମରେ କ୍ଷତି, ସ୍ମୃତି, ପ୍ରେମ ଓ ବିଚ୍ଛେଦର ବ୍ୟକ୍ତିଗତ ଅଭିଜ୍ଞତା ପ୍ରକାଶ କରନ୍ତି। ସେ ତାଙ୍କର ଅଭିଜ୍ଞତାଗୁଡ଼ିକୁ ଏପରି ଭାବରେ ଉପସ୍ଥାପନ କରନ୍ତି ଯେ ସେଗୁଡ଼ିକ କେବଳ ତାଙ୍କର ନିଜର ନୁହେଁ, ଏକ ସାଧାରଣ ମାନବୀୟ ହୋଇଯାଏ। ଯେତେବେଳେ ଆମେ କୌଣସି କଳାକୃତିକୁ ଦେଖୁ , ଆମେ କେବଳ କଳାକାରଙ୍କ ଜଗତକୁ ନୁହେଁ ବରଂ ଆମର ନିଜସ୍ୱ କାହାଣୀକୁ ମଧ୍ୟ ଦେଖୁ। ଏହା କଳାର ଶକ୍ତି। ଏହା ବ୍ୟକ୍ତିଗତକୁ ସାର୍ବଜନୀନ କରିଥାଏ। ବାସ୍ତବରେ ମାନବ ଭାବନା ବହୁତ ଭିନ୍ନ ନୁହେଁ। ଭିନ୍ନ ଭାଷା, ସଂସ୍କୃତି ଓ ଦେଶ ସତ୍ତ୍ୱେ, ପ୍ରେମ, ଦୁଃଖ, ଆଶା, ଭୟ ଓ ଅଭୁଲା ସ୍ମୃତି ଭଳି ଭାବନା ସବୁ ମଣିଷଙ୍କ ମଧ୍ୟରେ ସମାନ ଭାବରେ ଉପସ୍ଥିତ ହୋଇଥାଏ। ଏହା ଆମର ସାଧାରଣ ମାନବତା। ଆଜି ଯେତେବେଳେ ବିଶ୍ୱ ଧର୍ମ, ଜାତି, ବର୍ଣ୍ଣ ଓ ବିଚାରଧାରାକୁ ଆଧାର କରି ବହୁ ବିଭାଜନକୁ ଅନୁଭବ କରୁଛି। ଏକଥା ମନେ ରଖିବା ଆହୁରି ଗୁରୁତ୍ୱପୂର୍ଣ୍ଣ ହୋଇଯାଏ , ଆମେ ସମସ୍ତେ ସମାନ ମାନବ ଜଗତକୁ ଭାଗ କରୁଛେ।

ହୁଏତ ଏହା ଅଦୃଶ୍ୟ ସୂତ୍ରର ଅର୍ଥ। ସେମାନେ ଆମକୁ ମନେ ପକାଇ ଦିଅନ୍ତି ଯେ ଯଦିଓ ଆମେ ଅଲଗା , ତଥାପି ଆମେ ସଂଯୁକ୍ତ ଅଛୁ। ଜୀବନର ସର୍ବୋତ୍ତମ ସୌନ୍ଦର୍ଯ୍ୟ ଏହି ସରଳ କପଡ଼ା ଭିତରେ ଲୁଚି ରହିଛି। ଦୈନନ୍ଦିନ ଜୀବନର ଛୋଟ ଛୋଟ ମୁହୂର୍ତ୍ତ, ସାଧାରଣ ସାକ୍ଷାତ, ସ୍ମୃତିର କୋମଳ ଫୁସ୍‌ଫୁସ୍ ସମ୍ଭାଷଣ ଓ ସମ୍ପର୍କର ଉଷ୍ମତା ଜୀବନକୁ ଅର୍ଥ ପ୍ରଦାନ କରେ। କେତେକ ସମୟରେ କେବଳ ଆମକୁ ଏହି ଅଦୃଶ୍ୟ ସୂତ୍ରଗୁଡ଼ିକୁ ଚିହ୍ନିବା, ସେଗୁଡ଼ିକୁ ଆଦର କରିବା ଓ ଆମ ସମସ୍ତଙ୍କୁ ସଂଯୋଗ କରୁଥିବା ସହଭାଗୀ ମାନବତାକୁ ମନେ ରଖିବା



ନିହାତି ଆବଶ୍ୟକ। ହୁଏତ ଏହା ସେହି ଅଦୃଶ୍ୟ ଲାଲ ସୂତ୍ର , ସୂତା ଓ ଲାଲ ଡୋରି। ତେଣୁ ସଫଳତା କେବଳ ସୁଯୋଗର ଖେଳ ନୁହେଁ। ଲାଲ୍ ଡୋରିରେ ବାନ୍ଧି ହୋଇଥିବା ସଂପର୍କ। ମଣିଷ ମନ ଯାହା କଳ୍ପନା ଓ ବିଶ୍ୱାସ କରିପାରେ, ତାହା ନିଶ୍ଚିତ ଭାବରେ ହାସଲ କରିପାରିବ। ଏହା ଏକ ସରଳ ଦର୍ଶନ ନୁହେଁ, ବରଂ ବିଶ୍ୱର ଏକ ଅଟଳ ସତ୍ୟ, ଯାହା ବିଶ୍ୱର ସବୁଠାରୁ ସଫଳ ଲୋକଙ୍କ ଜୀବନ ବିଶ୍ଳେଷଣ କରି ଦେଖିଛି। ସଫଳତାର ଯାତ୍ରା କୌଣସି ବାହ୍ୟ ସଂଯୋଗ କିମ୍ବା ଭାଗ୍ୟର ଖେଳରୁ ଆରମ୍ଭ ହୁଏ ନାହିଁ। ବରଂ ଏହାର ମୂଳଦୁଆ ଆପଣଙ୍କ ମନର ଗଭୀରତମ କୋଣରେ ସ୍ଥାପିତ ହୁଏ, ଯେଉଁଠି ନୂତନ ଚିନ୍ତାଧାରା ଜନ୍ମ ନିଏ। ଯେତେବେଳେ ଆପଣ ଆପଣଙ୍କ ମନରେ କୌଣସି ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରଖନ୍ତି, ସେହି ଚିନ୍ତାଧାରା ଏକ ଚୁମ୍ବକୀୟ ଶକ୍ତିରେ ପରିଣତ ହୁଏ। ଯାହାକି ସେହି ଲକ୍ଷ୍ୟ ହାସଲ ପାଇଁ ଆବଶ୍ୟକ ପରିସ୍ଥିତି, ସମ୍ବଳ ଓ ଲୋକଙ୍କୁ ଆପଣଙ୍କ ଜୀବନକୁ ଆକର୍ଷିତ କରେ। ସେହି ଆକର୍ଷଣ ହିଁ ସଂପର୍କ ବଢ଼ାଏ ।

କେବଳ ଇଚ୍ଛା କରିବା ଯଥେଷ୍ଟ ନୁହେଁ, କାରଣ ସମସ୍ତେ ଇଚ୍ଛା କରନ୍ତି। କିନ୍ତୁ ଏହା ଏକ ଜ୍ୱଳନ୍ତ ଇଚ୍ଛାରେ ପରିଣତ ନହେବା ପର୍ଯ୍ୟନ୍ତ ଫଳପ୍ରଦ ହୁଏ ନାହିଁ। ଏହି ଜ୍ୱଳନ୍ତ ଇଚ୍ଛା ହେଉଛି ଇନ୍ଧନ। ଯାହା ଆପଣଙ୍କ ସଂକଳ୍ପକୁ ଅଟଳ ରଖେ ଓ ସମଗ୍ର ବିଶ୍ୱ ଆପଣଙ୍କ ବିରୁଦ୍ଧରେ ଠିଆ ହେଲେ ମଧ୍ୟ ଆପଣଙ୍କୁ ଆଗକୁ ବଢ଼ିବାକୁ ପ୍ରେରଣା ଦିଏ। ଏହି ସୁଦୀର୍ଘ ଯାତ୍ରାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଉପାଦାନ ହେଉଛି ଗଭୀର ଆତ୍ମବିଶ୍ୱାସ। କାରଣ ବିଶ୍ୱାସ ହେଉଛି ସେହି ରାସାୟନିକ ପଦାର୍ଥ ଯାହା ସାଧାରଣ ଚିନ୍ତାଧାରାକୁ ଆଧ୍ୟାତ୍ମିକ ଶକ୍ତିରେ ପରିଣତ କରେ। ଯଦି କେହି ନିଜର କ୍ଷମତା ଉପରେ ସନ୍ଦେହ କରେ, ତେବେ ସେ ଅଜାଣତରେ ନିଜ ବିଫଳତାର ବୀଜ ବୁଣେ। କାରଣ ତାଙ୍କର ଅବଚେତନ ମନ କେବଳ ଦୃଢ଼ ଭାବନା ସହିତ ନିଜେ ଦେଇଥିବା ନିର୍ଦ୍ଦେଶଗୁଡ଼ିକୁ ଅନୁସରଣ କରେ।

ତେଣୁ ତୁମର ମନକୁ ବିଜୟରଥ ଦର୍ଶନରେ ପରିପୂର୍ଣ୍ଣ କର। ନିଜକୁ ଏପରି କଳ୍ପନା କର ଯେପରି ତୁମେ ପୂର୍ବରୁ ତୁମର ଲକ୍ଷ୍ୟ ହାସଲ କରିସାରିଛ। ଯେତେବେଳେ ଚିନ୍ତାଧାରା ଓ ଆତ୍ମବିଶ୍ୱାସର ଏହି ମିଶ୍ରଣ ଘଟେ, ସେତେବେଳେ ସ୍ୱୟଂ-ପରାମର୍ଶର ଶକ୍ତି କାର୍ଯ୍ୟ କରିବା ଆରମ୍ଭ କରେ। ତୁମର ମସ୍ତିଷ୍କର ପ୍ରୋଗ୍ରାମିଂକୁ ପରିବର୍ତ୍ତନ କରେ। ଏହି ପରିବର୍ତ୍ତିତ ମାନସିକ ଅବସ୍ଥା ତୁମକୁ ତୁମର କାମ ଜାରି ରଖିବାକୁ ପ୍ରେରଣା ଦେବ। ଯେଉଁଠାରେ ସାମୟିକ ବିଫଳତା ପ୍ରତିରୋଧକ ନୁହେଁ। ବରଂ ଏକ ନୂତନ ଶିକ୍ଷା ଭାବରେ ଦେଖାଯାଏ। ପ୍ରକୃତରେ ପ୍ରତ୍ୟେକ ବିଫଳତା ତା' ସହିତ ସମାନ କିମ୍ବା ଆହୁରି ଅଧିକ ଲାଭର ବୀଜ ବହନ କରେ, ଯେମିତି କି ତୁମେ ହାର ନମାନି କ୍ଷେତ୍ର ପରିତ୍ୟାଗ ନକର , ଏଭଳି ସଂକଳ୍ପ ଭିତରେ ସ୍ଥିର ହେବାକୁ ପଡ଼ିବ।

ଜଣେ ମହାନ ବ୍ୟକ୍ତିଙ୍କୁ ପାଇବା ପାଇଁ , ଉତ୍ତମ ଶ୍ରେଷ୍ଠ ଜିନିଷ ହାସଲ କରିବା ପାଇଁ, ଆପଣଙ୍କୁ ଆପଣଙ୍କର ଚିନ୍ତାଧାରାକୁ ଏକ ଯୋଜନାବଦ୍ଧ କାର୍ଯ୍ୟାନ୍ୱୟନରେ ପରିଣତ କରିବାକୁ ହେବ। ଯେତେବେଳେ ଦୁଇ କିମ୍ବା ଅଧିକ ମନ ଏକ ଅଟଳ ଉଦ୍ଦେଶ୍ୟ ପାଇଁ ସମନ୍ୱୟରେ ମିଳିତ ହୁଅନ୍ତି, ସେତେବେଳେ ଏକ ତୃତୀୟ, ଅଦୃଶ୍ୟ ଶକ୍ତି ଜନ୍ମ ନିଏ। ଯାହା ମାନବିକ ସୀମାକୁ ଅତିକ୍ରମ କରେ। ଏହା ବୁଝିବା ଗୁରୁତ୍ୱପୂର୍ଣ୍ଣ ଯେ ସଫଳତା ଏକ ସଂଯୋଗ ନୁହେଁ, ବରଂ ଏକ ସୁଚିନ୍ତିତ ପ୍ରକ୍ରିୟା, ଯାହା ସ୍ପଷ୍ଟ ଲକ୍ଷ୍ୟ, ଅଟଳ ବିଶ୍ୱାସ, ନିରନ୍ତର ପ୍ରୟାସ ଓ ଏକ ସକାରାତ୍ମକ ମାନସିକତାର ମିଶ୍ରଣରୁ ଜନ୍ମିତ। ଯେଉଁମାନେ ଏହି ନୀତିଗୁଡ଼ିକୁ ଗ୍ରହଣ କରନ୍ତି ସେମାନେ କେବଳ ସେମାନଙ୍କର ସ୍ୱପ୍ନ ହାସଲ କରନ୍ତି ନାହିଁ , ବରଂ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇଯାଆନ୍ତି।

ଲକ୍ଷ୍ୟ ହାସଲ ପାଇଁ ନିଜକୁ ଉତ୍ସର୍ଗୀକୃତ କର। ଅନିଶ୍ଚିତତା ଭିତରେ ସଫଳତା ଓ ବିଫଳତା ସମସ୍ତଙ୍କ ଜୀବନରେ ଆସେ। ତେଣୁ ଏଥିରୁ ନିରାଶ ହୁଅ ନାହିଁ, ବରଂ ଏହାର ସାମ୍ନା କରିବାକୁ ପଡିପାରେ। ମହାମନ୍ତ୍ରର ସରଳ ସୂତ୍ର ହେଉଛି ଏହାକୁ ହାସଲ କରିବା ପାଇଁ, ଆପଣଙ୍କୁ ନିରନ୍ତର ପ୍ରୟାସ ଓ ସକାରାତ୍ମକ ମାନସିକତା ସହିତ ଆପଣଙ୍କ ଲକ୍ଷ୍ୟ ପ୍ରତି ସମର୍ପିତତା ପ୍ରଦର୍ଶନ କରିବାକୁ ପଡିବ। ଏହା କରିବା ଦ୍ୱାରା ଆପଣ କେବଳ ଆପଣଙ୍କର ସ୍ୱପ୍ନ ହାସଲ କରିବେ ନାହିଁ ବରଂ ଅନ୍ୟମାନଙ୍କ ପାଇଁ ପ୍ରେରଣା ମଧ୍ୟ ହେବେ।

ଅତଏବ ଜୀବନ ବଞ୍ଚିବାକୁ ଶିଖିବାକୁ ପଡିବ। ଜୀବନ ଏକ ସୁନ୍ଦର ଫୁଲ ସଦୃଶ୍ୟ। ସୁନ୍ଦର କାରଣ ଏହା ଅସୀମ ସମ୍ଭାବନାରେ ପରିପୂର୍ଣ୍ଣ। ଆଜି ତୁମକୁ ଯାହା ବି କଷ୍ଟ ଦେଉଛି, ତୁମେ ଯେକୌଣସି ଯନ୍ତ୍ରଣା ଅନୁଭବ କରୁଛ, ତୁମେ ଧୀରେ ଧୀରେ ତାକୁ ସମାଧାନ କରିପାରିବ। ତୁମେ ପ୍ରତିକୂଳ ପରିସ୍ଥିତିକୁ ନିଜ ସପକ୍ଷରେ ବଦଳାଇ ପାରିବ। ଯଦି ତୁମେ ଡିପ୍ରେସନର ଶିକାର ହୋଇଛ, ଏହାକୁ ତୁମେ ଧୀରେ ଧୀରେ ପରାସ୍ତ କରି ପୁଣି ଥରେ ନିଜକୁ ବିଶ୍ୱାସ କରିବା ଆରମ୍ଭ କରିପାରିବ। ଜୀବନର ଫୁଲ ବଗିଚାରେ ତୁମେ ପୁଣି ଥରେ ଖୁସିର ପ୍ରଜାପତିମାନଙ୍କୁ ପିଛା କରିପାରିବ। କାରଣ ଜୀବନର କୌଣସି ରଙ୍ଗ ନାହିଁ। ଆମେ ଏଥିରେ ରଙ୍ଗ ଯୋଡ଼ିଥାଉ। ତାହା ହେଉଛି ସଂପର୍କର ରଙ୍ଗ ଲାଲ ଡୋରି। ଜୀବନ ପରିସ୍ଥିତିକୁ ନେଇ ଗଠିତ। ସମସ୍ତ ପରିସ୍ଥିତି ନିଜେ ଉଦାସୀନ। ଆମେ ଆମର ଆଶା ଅନୁସାରେ ସେସବୁକୁ ଭଲ କିମ୍ବା ଖରାପ କରିଥାଉ। ଆମେ ଆମର ଆଶାନୁସାରେ ଘଟୁଥିବା ଘଟଣାଗୁଡ଼ିକୁ ଭଲ ଓ ଖରାପ ବୋଲି କହିଥାଉ।

ସୁଖୀ ଜୀବନ ପାଇଁ ଚାରୋଟି ଜିନିଷ ଅପରିହାର୍ଯ୍ୟ। ଅଧିକାଂଶ ଦୁଃଖ ଆମ ଅଜ୍ଞତାରେ ଲୁଚି ରହିଛି। ଖୁସି ହେବା ପାଇଁ ସଚେତନ ହେବା। ଆମ ସହିତ କ'ଣ ଘଟୁଛି ଓ କାହିଁକି ତାହା ଜାଣିବା ବୁଝିବା। ଯେପର୍ଯ୍ୟନ୍ତ ଆମେ ସର୍ବୋଚ୍ଚ ଶକ୍ତି ଈଶ୍ୱର ପ୍ରତି କୃତଜ୍ଞତା ନ ରଖିଥାଉ, ସେପର୍ଯ୍ୟନ୍ତ ଆମେ ଖୁସି ପାଇପାରିବା ନାହିଁ। ଯଦି ତୁମେ ନିଜକୁ ଭଲ ପାଉନ, ତେବେ ତୁମେ ଅନ୍ୟ କାହାକୁ ଭଲ ପାଇପାରିବ ନାହିଁ। ତେଣୁ ପ୍ରେମ ବିନା ଜୀବନରେ ଖୁସି କଳ୍ପନା ବାହାରେ। ପ୍ରକୃତି ଦ୍ୱାରା ଆମକୁ ଗଢ଼ି ତୋଳିଥିବା ପାଞ୍ଚଟି ଉପାଦାନ ଆମକୁ ଦିଆଯାଇଛି। ପ୍ରକୃତି ହେଉଛି ଆମର ମା। ଯେପରି ଏକ ଶିଶୁ ତା'ର ମା' ସହିତ ଯୋଡ଼ି ହୋଇ ଖୁସି ଓ ପୁଷ୍ଟିପ୍ରାପ୍ତ ହୁଏ, ସେହିପରି ଖୁସି ଓ ପୁଷ୍ଟିପ୍ରାପ୍ତ ହେବା ପାଇଁ, ଆମକୁ ପ୍ରକୃତି ସହିତ ଯୋଡ଼ି ରହିବାକୁ ହେବ। ଯଦି ଆମେ ଯେକୌଣସି ବଡ଼ ଜିନିଷ ଖୁସି ହେବା ପାଇଁ ଅପେକ୍ଷା କରିବା, ତେବେ ଆମର ଜୀବନ ନଷ୍ଟ ହୋଇଯିବ।

ସକାଳେ ଉଠିବା ପରେ ଯେତେବେଳେ ତୁମେ ଆଖି ଖୋଲିବ, ପ୍ରଥମ ନିଃଶ୍ୱାସ ନେବ, ପାଣି ପିଇବ, ଫୁଲ ଦେଖିବ, ପକ୍ଷୀଙ୍କ ମଧୁର ସଂଗୀତ ଶୁଣିବ, ବୁଲିବ, ସୂର୍ଯ୍ୟୋଦୟ ଦେଖିବ, ବନ୍ଧୁଙ୍କୁ ଭେଟିବ, ପିତାମାତାଙ୍କ ସହିତ କଥା ହେବ କିମ୍ବା ସୂର୍ଯ୍ୟାସ୍ତ ଦେଖିବା ଭଳି ଛୋଟ ଛୋଟ କଥାରେ ଖୁସି ହେବାକୁ ଶିଖିବ , ତେବେ ସହଜରେ ତୁମର ଜୀବନ ଖୁସିରେ ଭରି ହୋଇଯିବ। କୌଣସି ସମସ୍ୟା ଏତେ ବଡ଼ ନୁହେଁ ଯେ ଏହା ଆମ ଜୀବନକୁ ବାଧା ଦେଇପାରେ। ସତରେ ଜୀବନ ଅନିଶ୍ଚିତତାର ଲାଲ୍ ଡୋରିରେ ବନ୍ଧା ସଂପର୍କ ଓ ସମୟର ଛାୟାଚିତ୍ରରେ ଆମକୁ କେବଳ ବଞ୍ଚି ଶିଖିବାକୁ ପଡିବ...!!!

**ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪ ମୋବାଇଲ୍: ୯୦୪୦ ୧୫୧୪ ୭୫**

**ଜୀବନ ଅମୃତ ଅନୁଚିନ୍ତା**

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

# ଦଳବିରୋଧୀ ଆଇନର ପରିହାସ

ଭାରତୀୟ ସଂସଦୀୟ ଗଣତନ୍ତ୍ରରେ ୧୯୮୫ ମସିହାରେ ସମ୍ବିଧାନର ଦଶମ ଅନୁସୂଚୀ ଯୋଡ଼ିବା ସମୟରେ ଲକ୍ଷ୍ୟ ଥିଲା 'ଆୟାରାମ-ଗୟାରାମ' ସଂସ୍କୃତିକୁ ରୋକିବା ଏବଂ ରାଜନୈତିକ ସ୍ଥିରତା ବଜାୟ ରଖିବା। କିନ୍ତୁ ଆଜିର ରାଜନୈତିକ ପରିଦୃଶ୍ୟରେ, ଯେଉଁ ଦଳ ବିରୋଧୀ ଆଇନ ଦଳୀୟ ଅନୁଶାସନ ପାଇଁ ଏକ ଢାଲ ହେବା କଥା, ତାହାକୁ ନିଜ ସ୍ୱାର୍ଥରେ ପରିବର୍ତ୍ତନ କରି ରାଜନେତାମାନେ ଏହାର ପରିହାସ କରୁଛନ୍ତି।



ସଦ୍ୟତମ ରାଜନୈତିକ ଘଟଣାକ୍ରମକୁ ଦେଖିଲେ ମନେହୁଏ, ଏହି ଆଇନ ଏବେ କେବଳ ଏକ କାଗଜ ଘୋଡ଼ା ହୋଇ ରହିଯାଇଛି। ନିର୍ବାଚନ ପୂର୍ବରୁ ଗୋଟିଏ ଦଳର ଟିକେଟରେ ଜନତାଙ୍କ ଭୋଟ ପାଇ ଜିତିବା, ଏବଂ ଜିତିବା ପରେ ଅଧିକ କ୍ଷମତା କିମ୍ବା ଲାଭ ପାଇଁ ଅନ୍ୟ ଦଳକୁ ଡେଇଁବା ଏକ ସାଧାରଣ କଥା ହୋଇଗଲାଣି। ଯେତେବେଳେ ଜଣେ ଜନପ୍ରତିନିଧି ନିଜ ଦଳ ପରିତ୍ୟାଗ କରନ୍ତି, ସେ କେବଳ ରାଜନୈତିକ ଦଳ ନୁହେଁ, ବରଂ ନିଜକୁ ଭୋଟ ଦେଇଥିବା ଜନତାଙ୍କ ମତଦାନକୁ ମଧ୍ୟ ପ୍ରତାରଣା କରନ୍ତି।

ଆଇନରେ ଥିବା ଦୁର୍ବଳତାକୁ ରାଜନେତାମାନେ ଅତି ଚତୁରତାର ସହ ବ୍ୟବହାର କରୁଛନ୍ତି। ଆଇନ ଅନୁଯାୟୀ, ଯଦି କୌଣସି ଦଳର ଦୁଇ-ତୃତୀୟାଂଶ ସଦସ୍ୟ ଅନ୍ୟ ଦଳରେ ମିଶନ୍ତି, ତେବେ ତାହାକୁ 'ବିଲୟ' ବୋଲି ଧରାଯାଏ ଏବଂ ସେମାନଙ୍କ ସଦସ୍ୟତା ରଦ୍ଦ ହୁଏ ନାହିଁ। ଏହି ଧାରାକୁ ବ୍ୟବହାର କରି କ୍ଷମତାସୀନ ଦଳଗୁଡ଼ିକ ଛୋଟ ଦଳ କିମ୍ବା ବିରୋଧୀ ଦଳକୁ ଭାଙ୍ଗି 'ହୋଲସେଲ ଡିଫେକସନ' କରୁଛନ୍ତି। ଗୋଆରୁ ନେଇ ମହାରାଷ୍ଟ୍ର ଏବଂ ଓଡ଼ିଶାରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳିଛି।

ସବୁଠାରୁ ଚିନ୍ତାର ବିଷୟ ହେଉଛି, ଏହି ମାମଲାରେ ବିଧାନସଭା ବା ସଂସଦର ବାଚସ୍ପତିଙ୍କ ଭୂମିକା। ବାଚସ୍ପତି ସାଧାରଣତଃ ଶାସକ ଦଳର ସଦସ୍ୟ ହୋଇଥିବାରୁ, ଦଳ ବଦଳକାରୀଙ୍କ ବିରୁଦ୍ଧରେ ଆସିଥିବା ଅଭିଯୋଗ ଉପରେ ସେ ନିଷ୍ପତ୍ତି ନେବାରେ ଇଚ୍ଛାକୃତ ଭାବେ ବିଳମ୍ବ କରନ୍ତି। ସୁପ୍ରିମକୋର୍ଟ ସ୍ପଷ୍ଟ ଭାବେ କହିଛନ୍ତି ଯେ ଦଳ ବଦଳ ମାମଲାର ଶୁଣାଣି ୩ ମାସ ମଧ୍ୟରେ ସରିବା ଉଚିତ, କିନ୍ତୁ ବାଚସ୍ପତିମାନେ ଏହାକୁ ୫ ବର୍ଷର କାର୍ଯ୍ୟକାଳ ପର୍ଯ୍ୟନ୍ତ ଟାଣି ନେଉଛନ୍ତି। ଏହାଦ୍ୱାରା ଦଳତ୍ୟାଗୀମାନେ ପଦବୀ ଏବଂ କ୍ଷମତାର ସୁଫଳ ଭୋଗିଚାଲନ୍ତି, ଯାହା ଆଇନର ମୂଳ ଉଦ୍ଦେଶ୍ୟକୁ ଧୂଳିସାତ କରୁଛି।

ଏହି ସ୍ଥିତି ଗଣତନ୍ତ୍ରର ଭିତ୍ତିଭୂମିକୁ ଦୁର୍ବଳ କରୁଛି। ଯେଉଁଠି ରାଜନୀତି ସିଦ୍ଧାନ୍ତ ଓ ଆଦର୍ଶ ଉପରେ ଚାଲିବା କଥା, ସେଠାରେ ଏବେ 'ବେପାର' ଚାଲିଛି। ଜନତାଙ୍କ ଭୋଟର ମୂଲ୍ୟ କ୍ଷମତାରେ ପରିବର୍ତ୍ତିତ ହେଉଛି। ଫଳରେ, ସାଧାରଣ ନାଗରିକଙ୍କ ରାଜନୈତିକ ବ୍ୟବସ୍ଥା ଉପରୁ ବିଶ୍ୱାସ ଭାଙ୍ଗିଯାଉଛି। ସମୟ ଆସିଛି, ଏହି ଆଇନକୁ କଠୋର କରିବା ପାଇଁ ସଂଶୋଧନ କରାଯାଉ। ବାଚସ୍ପତିଙ୍କ ବଦଳରେ ନିର୍ବାଚନ କମିଶନ କିମ୍ବା କୌଣସି ସ୍ୱାଧୀନ ଟ୍ରିବ୍ୟୁନାଲକୁ ଦଳ ବଦଳ ମାମଲାର ଶୁଣାଣି କରିବାର ଅଧିକାର ଦିଆଯିବା ଉଚିତ। ଦଳତ୍ୟାଗ କରିଥିବା ସଦସ୍ୟଙ୍କୁ ପୁଣିଥରେ ଜନତାଙ୍କ ଅଦାଲତକୁ ଯିବାକୁ ପଡ଼ିବ ଏବଂ ସେହି କାର୍ଯ୍ୟକାଳ ପାଇଁ କୌଣସି ମନ୍ତ୍ରୀ ପଦ କିମ୍ବା ଲାଭଜନକ ପଦବୀ ପାଇବାରୁ ବଞ୍ଚିତ ହେବା ଉଚିତ। ଗଣତନ୍ତ୍ରରେ ବ୍ୟକ୍ତିଗତ ସ୍ୱାର୍ଥଠାରୁ ଦଳୀୟ ଆଦର୍ଶ ଏବଂ ତା'ଠାରୁ ବଡ଼ ହେଉଛି ଜନମତ। ଯଦି ରାଜନେତାମାନେ ନିଜ ସ୍ୱାର୍ଥ ପାଇଁ ଏହି ଆଇନକୁ ଖେଳନା କରନ୍ତି, ତେବେ ତାହା ଗଣତନ୍ତ୍ର ପାଇଁ ଏକ ବଡ଼ ବିପଦ।

# ଓଡ଼ିଶାର ଭାଇଚାରା ପାରମ୍ପରିକ ପର୍ବ ଅକ୍ଷୟ ତୃତୀୟା

ଡକ୍ଟର ଅମୂଲ୍ୟ କୁମାର ପଣ୍ଡା



ଓଡ଼ିଶାର ସଂସ୍କୃତି ଏବଂ ପରମ୍ପରା ଅତ୍ୟନ୍ତ ପବିତ୍ର ଏବଂ ସମୃଦ୍ଧ। ବର୍ଷସାରା ଏଠାରେ ବିଭିନ୍ନ ପର୍ବ ଆନନ୍ଦ ଏବଂ ଉତ୍ସାହର ସହିତ ପାଳନ କରାଯାଏ। ଏହି ସମସ୍ତ ପର୍ବ ମଧ୍ୟରୁ ଅକ୍ଷୟ ତୃତୀୟା ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ପବିତ୍ର ପର୍ବ। ଏହି ପର୍ବର ଓଡ଼ିଶାର ଧାର୍ମିକ, ସାମାଜିକ ଏବଂ କୃଷି ଜୀବନ ସହିତ ଗଭୀର ସମ୍ପର୍କ ରହିଛି। ଏହାକୁ ଅକ୍ଷୟ ତୃତୀୟା କୁହାଯାଏ କାରଣ ଏହି ଦିନରେ କରାଯାଇଥିବା ପୁଣ୍ୟ କାର୍ଯ୍ୟ କେବେ ଶେଷ ହୁଏ ନାହିଁ, ଅର୍ଥାତ୍ ସେଗୁଡ଼ିକ ଅବିନାଶୀ ରହିଥାଏ। ଅକ୍ଷୟ ଶବ୍ଦର ଅର୍ଥ ଯାହା କେବେ ଶେଷ ହୁଏ ନାହିଁ, ଏବଂ ତୃତୀୟା ଅର୍ଥ ଚନ୍ଦ୍ର ମାସର ତୃତୀୟ ଦିନ। ଏହି ପର୍ବ ବୈଶାଖ ମାସର ଶୁକ୍ଳ ପକ୍ଷର ତୃତୀୟ ଦିନରେ ପାଳନ କରାଯାଏ। ହିନ୍ଦୁ ଧର୍ମରେ ଏହାକୁ ଏକ ଅତ୍ୟନ୍ତ ଶୁଭ ଦିନ ଭାବରେ ବିବେଚନା କରାଯାଏ। ଏହି ଦିନ ନୂତନ କାର୍ଯ୍ୟ ଆରମ୍ଭ କରିବା, ଦାନ କରିବା ଏବଂ ପୂଜା କରିବା ଶୁଭ ବୋଲି ବିବେଚନା କରାଯାଏ। ଅନେକ ପୌରାଣିକ କାହାଣୀ ଅକ୍ଷୟ ତୃତୀୟା ସହିତ ଜଡ଼ିତ। କୁହାଯାଏ ଯେ ଚାରି ଯୁଗ ମଧ୍ୟରୁ ତ୍ରେତୟା ଯୁଗ ଏହି ଦିନ ଆରମ୍ଭ ହୋଇଥିଲା। ଏହା ସହିତ ମହାଭାରତରେ ଏହି ଦିନର ଉଲ୍ଲେଖ ମଧ୍ୟ ଅଛି ଯେ ଏହି ଦିନ ପାଣ୍ଡବମାନେ ଅକ୍ଷୟ ପାତ୍ର ପାଇଥିଲେ ଯାହା ଏକ ପାତ୍ର ସଦୃଶ। ଯେଉଁଥିରୁ ଖାଦ୍ୟ କେବେ ଶେଷ ହୁଏ ନାହିଁ। ଅନ୍ୟ ଏକ କାହାଣୀ ଅନୁସାରେ, ମାତା ଗଙ୍ଗା ଏହି ଦିନ ପୃଥିବୀରେ ଅବତରଣ କରିଥିଲେ। ତେଣୁ ଏହି ଦିନ ଗଙ୍ଗାରେ ସ୍ନାନ ଏବଂ ପୂଜା କରିବାର ବିଶେଷ ମହତ୍ତ୍ୱ ରହିଛି। ଓଡ଼ିଶାରେ ଅକ୍ଷୟ ତୃତୀୟା ମହା ଆନନ୍ଦ ଏବଂ ଭକ୍ତିର ସହିତ ପାଳନ କରାଯାଏ। ଏହି ଦିନ ଲୋକମାନେ ସକାଳେ ସ୍ନାନ କରି ମହାପ୍ରଭୁଙ୍କୁ ପୂଜା କରନ୍ତି। ପ୍ରତ୍ୟେକ ଘରେ ମହାପ୍ରସାଦ ପ୍ରସ୍ତୁତ କରାଯାଏ ଏବଂ ପରିବାରଗୁଡ଼ିକ ଏକାଠି ଭୋଜନ କରନ୍ତି। ଓଡ଼ିଶାରେ ଏହି ପର୍ବ କୃଷି ସହିତ ନିବିଡ଼ ଭାବରେ ଜଡ଼ିତ। ଏହି ଦିନ ଚାଷୀମାନେ ହଳ କରିବା ସହିତ ଏବଂ ନୂତନ ବିହନ ବୁଣିବା ଆରମ୍ଭ କରନ୍ତି। ଏହାକୁ ମୁହୂର୍ତ୍ତ ଚାଷ ମଧ୍ୟ କୁହାଯାଏ। ଚାଷୀମାନେ ଭଲ ଫସଲ ଏବଂ ସମୃଦ୍ଧ ଜୀବନ ପାଇଁ ଏହି ଦିନ ଭଗବାନଙ୍କୁ ପ୍ରାର୍ଥନା କରନ୍ତି। ଚାଷୀମାନେ ମାଟିକୁ ପବିତ୍ର ମନେ କରି ପୂଜା କରନ୍ତି ଓ ବଳଦ ଏବଂ କୃଷି ଉପକରଣ ମଧ୍ୟ ପୂଜା କରାଯାଏ। ଓଡ଼ିଶାରେ ଅକ୍ଷୟ ତୃତୀୟାର ଅନ୍ୟତମ ମହତ୍ତ୍ୱପୂର୍ଣ୍ଣ ଆକର୍ଷଣ ହେଉଛି ପୁରୀରେ ଶ୍ରୀଜଗନ୍ନାଥ ମନ୍ଦିରର ଉତ୍ସବ। ଏହି ଦିନରେ ରଥଯାତ୍ରା ପାଇଁ ରଥ ନିର୍ମାଣ କାମ ଆରମ୍ଭ ହୁଏ। ମହାରଣା ଓ କାରିଗରମାନେ ପୂଜା କରି କାଠ କାମ ଆରମ୍ଭ କରନ୍ତି। ଅକ୍ଷୟ ତୃତୀୟା ଶ୍ରୀମନ୍ଦିରର ଏକ ପ୍ରଧାନ ପର୍ବ । ଏହି ଦିନ ତିନି ରଥର ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ ହୋଇଥାଏ ଓ ବାହାର ଚନ୍ଦନ ଯାତ୍ରା ୨୧ ଦିନ ହୋଇଥାଏ । ଅକ୍ଷୟ ତୃତୀୟା ଦିନ ସକାଳ ଧୂପ ଶେଷ ପରେ ତିନିବାଡ଼ରେ ମଇଲମ ହୋଇ ମହାସ୍ନାନ ହେବା ପରେ ପୂର୍ବଦିନ ଭୋଗ ମଣ୍ଡପ ଘରେ ଅଧିବାସ କରାଯାଇବା ଚନ୍ଦନ ପିଙ୍ଗଣ ଓ ପରିଖିମାନ ଘଣ୍ଟ, ଛତା ଓ କାହାଳୀ ସହ ସଂପୃକ୍ତ ସେବକମାନେ ବଡ଼ ଦେଉଳକୁ ତିନିଘେରା ବୁଲାଇ ଭିତର ସିଂହାସନ ଉପରେ ତିନିବାଡ଼ରେ ସଜାଇ ରଖାଯାଏ। ଏ ଭୋଗରେ ଟେରା ପଡ଼େ ନାହିଁ । ଭୋଗ ପରେ ଶ୍ରୀଜୀଉମାନଙ୍କୁ ଅଳକା, ଚଉସରା, ୬ ମୂର୍ତ୍ତି ସୁନା ଅଳଙ୍କାର ଲାଗି ହୋଇ ବେଶ ବଢ଼େ । ଏହା ପରେ ପାଣି ପଡ଼ି ଧୋପଖାଳ ହେବା ପରେ ମଧ୍ୟାହ୍ନ ଧୂପ ଯାତ ଭୋଗ ସହ, ଘଣ୍ଟ, ଛତା, କାହାଳୀ ସହ ତଳିଛ ପଟୁଆରରେ ଛାମୁକୁ ଆସେ । ମୁଦିରସ୍ତଙ୍କ ପ୍ରସାଦ ଲାଗି, ଦକ୍ଷିଣ ଘରେ ଚନ୍ଦନ ସର୍ବାଙ୍ଗି ହୋଇ ଭୋଗ ଶେଷ ପରେ ରାମ, କୃଷ୍ଣ ଓ ମଦନମୋହନ ଭିତର ସିଂହାସନକୁ ବିଜେ କରନ୍ତି । ଏହା ପରେ ମଧ୍ୟାହ୍ନ ଧୂପ ହୁଏ । ପାଣି ପଡ଼ିବା ପରେ ପଣ୍ଡା, ପତି ଓ ମୁଦିରସ୍ତ ବନ୍ଦାପନା କରନ୍ତି । ପୂଜାପଣ୍ଡା ଆଜ୍ଞାମାଳ ଦେବା ପରେ ଝୁଲଣ ମଣ୍ଡପ ତଳେ ରହିବା ପାଲିଙ୍କିରେ ରାମକୃଷ୍ଣ ଓ ବିମାନରେ ଶ୍ରୀଦେବୀ, ଭୂଦେବୀ ଓ ମଦନମୋହନଙ୍କୁ ବିଜେ କରାଯାଏ । ବିଜେ କାହାଳୀ ବାଜିଲା ପରେ ବିମାନବଡୁମାନେ ଘଣ୍ଟ ଛତା ଓ କାହାଳୀ ସହ ପାଲିଙ୍କି ଓ ମଣିବିମାନକୁ ନେଇ ନରେନ୍ଦ୍ର ଚକଡ଼ାକୁ ଯାତ୍ରା କରନ୍ତି । ବାଟରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ସାମନାରେ ଅନୁକୂଳ ନୀତି ସକାଶେ ଅଟକି ରହନ୍ତି । ଏହାଙ୍କ ସହିତ ପଞ୍ଚ ମହାଦେବ, ଯମେଶ୍ୱର, ମାର୍କଣ୍ଡେୟ, ଲୋକନା, କପାଳମୋଚନ ଓ ନୀଳକଣ୍ଠଙ୍କର ବିଜେ ପ୍ରତିମାମାନ ସ୍ୱ ସ୍ୱ ବିମାନରେ ବିଜେ କରି ନରେନ୍ଦ୍ର ପୁଷ୍କରିଣୀକୁ ଯାତ୍ରା କରନ୍ତି । ଏହି ପଞ୍ଚମହାଦେବଙ୍କୁ ପଞ୍ଚପାଣ୍ଡବ କୁହାଯାଏ । ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ସାମନାରେ ଦେଉଳ ପୁରୋହିତ ରଥର ଅନୁକୂଳ ହୋମ କରନ୍ତି । ହୋମ ପରେ ମହାରଣାମାନଙ୍କର ଶାଢ଼ିବନ୍ଧା କାର୍ଯ୍ୟ ହୁଏ । ତିନୋଟି ରଥର କାଠଗଣ୍ଡିକୁ ପୂଜାପଣ୍ଡାମାନେ ଶ୍ରୀଜୀଉଙ୍କ ତିନୋଟି ଆଜ୍ଞାମାଳ ଦିଅନ୍ତି । ପବିତ୍ର ଅକ୍ଷୟ ତୃତୀୟା ଶ୍ରୀମନ୍ଦିରର ମହାନ ପରମ୍ପରା ମଧ୍ୟରେ ଅନ୍ୟତମ। ଧାର୍ମିକ ଦୃଷ୍ଟିକୋଣରୁ ଅକ୍ଷୟ ତୃତୀୟା ଦିନର ବିଶେଷ ଗୁରୁତ୍ୱ ରହିଛି। ଦାନ ହେଉଛି ଅକ୍ଷୟ ତୃତୀୟାରେ ଏକ ବିଶେଷ ପୂଜା। ଲୋକମାନେ ଗରିବ ଏବଂ ଦରିଦ୍ରମାନଙ୍କୁ ଖାଦ୍ୟ, ପୋଷାକ ଏବଂ ଅନ୍ୟାନ୍ୟ ଜିନିଷ ଦାନ କରନ୍ତି। ଏହାକୁ ଏକ ଅତ୍ୟନ୍ତ ପବିତ୍ର କାର୍ଯ୍ୟ ବୋଲି ବିବେଚନା କରାଯାଏ। କିଛି ଲୋକ ଭଗବାନଙ୍କ ଆଶୀର୍ବାଦ ପାଇବା ପାଇଁ ତୀର୍ଥଯାତ୍ରା ଏବଂ ମନ୍ଦିର ପରିଦର୍ଶନ କରନ୍ତି। ଅକ୍ଷୟ ତୃତୀୟା ଲୋକଙ୍କ ମଧ୍ୟରେ ଏକତା, ପ୍ରେମ ଏବଂ ଭାଇଚାରା ଭାବନାକୁ ବୃଦ୍ଧି କରେ। ଏହି ଦିନରେ ସମସ୍ତେ ଏକାଠି ପାଳନ କରନ୍ତି ଏବଂ ସମ୍ପର୍କକୁ ମଜବୁତ କରନ୍ତି। ଏହି ଦିନକୁ ବ୍ୟବସାୟ ପାଇଁ ମଧ୍ୟ ଶୁଭ ବୋଲି ବିବେଚନା କରାଯାଏ। ଅନେକ ଲୋକ ନୂତନ ବ୍ୟବସାୟ ଆରମ୍ଭ କରନ୍ତି। ସୁନା କିଣିବା ଏହି ଦିନ ମଧ୍ୟ ଏକ ପ୍ରଥାଗତ, କାରଣ ଏହାକୁ ଧନ ଏବଂ ସମୃଦ୍ଧିର ପ୍ରତୀକ ଭାବରେ ବିବେଚନା କରାଯାଏ। ଅକ୍ଷୟ ତୃତୀୟା ପର୍ବ ମଣିଷ ଏବଂ ପ୍ରକୃତି ମଧ୍ୟରେ ବନ୍ଧନକୁ ମଜବୁତ କରେ। ଚାଷୀମାନେ ପୃଥିବୀକୁ ମାତା ଭାବରେ ପୂଜା କରନ୍ତି। ଏହା ଆମକୁ ପ୍ରକୃତିକୁ ସମ୍ମାନ କରିବାକୁ ଶିଖାଏ। ଆଜିର ଆଧୁନିକ ସମାଜରେ ମଧ୍ୟ ଅକ୍ଷୟ ତୃତୀୟାର ଗୁରୁତ୍ୱ ଅତୁଟ ରହିଛି।

**ଅରଙ୍ଗାବାଦ, ବରୀ, ଯାଜପୁର**
**ମୋବାଇଲ:୮୨୪୯୫୦୨୭୭୬**

# 'ପରାର୍ଥେ ଜୀବନ'ର ମହାମାନ୍ତ୍ରିକ ମଧୁସୂଦନ



ପ୍ରହଲାଦ କୁମାର ସିଂହ

ଓଡ଼ିଆ ଅସ୍ମିତାର ମହାମାନ୍ତ୍ରିକ ଉତ୍କଳ ଗୌରବ ମଧୁସୂଦନ ପ୍ରାୟ ୮୬ବର୍ଷ ବୟସରେ ଇହଲୀଳା ସମ୍ବରଣ କରିବା ପର୍ଯ୍ୟନ୍ତ ଉତ୍କଳ ଜନନୀକୁ ଖୋଜୁଥିଲେ ଜନପଦ ଓ ଜଙ୍ଗଲରୁ ସମୁଦ୍ର ତଟ ପର୍ଯ୍ୟନ୍ତ। ଚାରିଆଡ଼େ ସେ ଉତ୍କଳ ଜନନୀଙ୍କ ପଦଚିହ୍ନ ଦେଖିଥିଲେ ବି କେଉଁଠି ତାଙ୍କୁ ଭେଟି ପାରିଲେ ନାହିଁ। ଭୁବନେଶ୍ୱରର ରାଜାରାଣୀ ମନ୍ଦିରରୁ ନୀଳାଚଳ ଧାମ ପୁରୀପର୍ଯ୍ୟନ୍ତ ଚାରିଆଡ଼େ ସେ ଖୋଜୁଥିଲେ ମା'ଙ୍କୁ। ତାଙ୍କୁ ତ ପାଇଲେ ନାହିଁ, ଭାଇମାନଙ୍କୁ ଡାକି ଡାକି ବି କାହାଠାରୁ କିଛି ଉତ୍ତର ଶୁଣିଲେ ନାହିଁ। ଏଥିରେ ହତାଶ ନହୋଇ ଗଭୀର ଆତ୍ମବିଶ୍ୱାସର ସହ ଉତ୍କଳ ଜନନୀଙ୍କ ଆବିର୍ଭାବକୁ ଅପେକ୍ଷା ରଖି ଉତ୍କଳ ଗୌରବ କହିଥିଲେ, "ଭୂମିକମ୍ପ ହେବ ଧରଣୀ ଫାଟିବ ଉଠିବେ ସହସ୍ର ଭୂଜା / ସେହି ତୋର ମାତା, ସେହି ତୋର ତ୍ରାତା କର ସେହି ପାଦ ପୂଜା।"

ତୃଷାରେ ଆତୁର ଚାତକ ପକ୍ଷୀ ଭଳି ଉତ୍କଳ ଜନନୀର କୋଟିଏ ସନ୍ତାନ ଗୋଟିଏ ସ୍ୱରରେ ମାତାଙ୍କ ଆବାହନ କଲେ ସେ ନିଶ୍ଚୟ ଆବିର୍ଭୂତା ହେବେ ବୋଲି ତାଙ୍କର ଦୃଢ଼ ବିଶ୍ୱାସ ଥିଲା। ଏଥିଲାଗି ସ୍ୱାର୍ଥକୁ ଆହୂତି ଦେଇ ଜାତି ପ୍ରେମ ବହ୍ନି ପ୍ରଜ୍ୱଳିତ କରିବା ପାଇଁ ମଧୁବାବୁଙ୍କ ଆକୁଳ ନିବେଦନ ଏବେ ଅଧିକ ପ୍ରାସଙ୍ଗିକ ମନେ ହେଉଛି। ଶୋଇ ପଡ଼ିଥିବା ଓଡ଼ିଆ ଜାତିକୁ ଉଠାଇବା ପାଇଁ ଜୀବନ ସାରା ସେ କାମ କରିଛନ୍ତି। କ୍ରନ୍ଦନରତା ଜନନୀର କ୍ଲେଶ ନିବାରଣ ପାଇଁ ବୀରତ୍ୱର ସହ କାମ କରିବା ପାଇଁ ଆହ୍ୱାନ ଦେଇ ମଧୁବାବୁ ବାରମ୍ବାର ଭୀରୁ, ଡରକୁଳା, କାପୁରୁଷ ଓ ତୋଷମଦକାରୀମାନଙ୍କୁ ଭର୍ତ୍ସନା କରିଛନ୍ତି। ବାକ୍ୟବୀର ନୁହେଁ, କର୍ମବୀର ହିଁ ଉତ୍କଳ ଜନନୀର କଷଣ ଦୂର କରିପାରିବେ ବୋଲି ତାଙ୍କର ଆଶା ଥିଲା। ତୋଷାମଦିଆମାନଙ୍କୁ ପାଗଳା କୁକୁର ସହ ତୁଳନା କରି ସେମାନଙ୍କ ଭିତରେ ସ୍ୱାର୍ଥ ଲୁଚି ବସିଥାଏ ବୋଲି ମଧୁବାବୁ ଚେତାଇ ଦେଇଯାଇଛନ୍ତି। କେବଳ ସେତିକି ନୁହେଁ, ସେ ପୁଣି କହିଛନ୍ତି, "ସ୍ୱାର୍ଥର ବନିତା ଅଟେ ତୋଷାମଦ ଭୟ, ମିଥ୍ୟା ତାଙ୍କ ପୁତ୍ର / ରାଜ୍ୟରେ ବିପ୍ଳବ ନିଶ୍ଚୟ ଘଟିବ ଏମାନେ ହେଲେ ଏକତ୍ର।"

ଯେଉଁମାନେ ସ୍ୱାର୍ଥକୁ ସେମାନଙ୍କ ଦୁନିଆ ବୋଲି ଭାବନ୍ତି ସେମାନେ କେବେ ହେଲେ ଜାତିର ଉନ୍ନତି କରିପାରିବେ ନାହିଁ। ଶାଗୁଣା, ବିଲୁଆ ଚିକିତ୍ସକ ହେଲେ ଶବର ଅବସ୍ଥା ଯାହା ହୁଏ ସ୍ୱାର୍ଥଲିପ୍ସୁଙ୍କ ହାତରେ ଜାତିର ଭାଗ୍ୟ ଡୋରି ଛାଡ଼ିଦେଲେ ଅବସ୍ଥା ତଦ୍ରୂପ ହୁଏ ବୋଲି ସେ ଚେତାବନୀ ଦେଇ ଯାଇଛନ୍ତି। ସ୍ୱାର୍ଥକୁ ସାରଥି କଲେ ଜାତି ନନ୍ଦିଘୋଷ ଗଡ଼ିବ ନାହିଁ କିମ୍ବା ଘୋଡ଼ା ମୁହଁରେ ଦାନାର ତୋବଡ଼ା ବନ୍ଧା ଥିଲେ ସେ ବି ଗାଡ଼ି ଟାଣେ ନାହିଁ ବୋଲି ମଧୁବାରିଷ୍ଟରଙ୍କ ଯୁକ୍ତି ଅଲଘଂନୀୟ। ତାଙ୍କର ଆଶା ଥିଲା ଜୀବନକାଳ ଭିତରେ ବିକଶିତ ଓଡ଼ିଶାର ଚିତ୍ର ଦେଖିବେ ବୋଲି। କିନ୍ତୁ ଓଡ଼ିଆଙ୍କ ଭିତରେ କର୍ତ୍ତବ୍ୟ ଜ୍ଞାନର ଅଭାବ ଯୋଗୁଁ କ୍ଷୋଭ ପ୍ରକାଶ କରି ଏହା ହୋଇପାରୁନଥିବାରୁ ସେ ଈଶ୍ୱରଙ୍କୁ ପ୍ରାର୍ଥନା କରିଛନ୍ତି। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଆୟୋଜନ କରିଥିବା ଉତ୍କଳ ସମ୍ମିଳନୀ ମଞ୍ଚରୁ ଓଡ଼ିଆମାନଙ୍କୁ ଆହ୍ୱାନ ଦେଇଛନ୍ତି ଜାତି-ପ୍ରାଣ-ସିନ୍ଧୁକୁ ସମୃଦ୍ଧ କରିବା ଲାଗି ପ୍ରତ୍ୟେକ ଓଡ଼ିଆ ଏଥିରେ ତାହାର ପ୍ରାଣବିନ୍ଦୁକୁ ମିଶାଇ ଦେବା ଲାଗି। ଜାତି ଗଠନ ପାଇଁ ନିଜ ଜୀବନକୁ ସମ୍ପୂର୍ଣ୍ଣ ସମର୍ପିତ କରିଦେଇ ହାଟବାଟରେ ଜାତୀୟ ଜୀବନର ଅନ୍ୱେଷଣ କରିବା ପରିବର୍ତ୍ତେ ସମର୍ପଣ ଭାବ ନେଇ କାମ କରିଯାଇଥିବା ମଧୁବାବୁ ମାତୃଗର୍ଭରେ ଥିବାବେଳେ ଦେଶ ମାତୃକା ପାଇଁ କାମ କରିବା ଲାଗି ପ୍ରେରଣା ପାଇଥିଲେ। ଯେଉଁ ମାତାଙ୍କ ସ୍ତନ୍ୟପାନ କରି ତାଙ୍କ ଶରୀର ପୁଷ୍ଟ ହୋଇଥିଲା ସେହି ମାତା 'ପରାର୍ଥେ ଜୀବନ' ଯାପନ କରିବା ଲାଗି ତାଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ଏ ପ୍ରସଂଗରେ ମଧୁବାବୁ ଲେଖିଛନ୍ତି, "ଜନ୍ମ ହେଲା କ୍ଷଣି ସ୍ତନ୍ୟ ଦାନ କରି ମାତା ମନ୍ତ୍ର ଦେଲେ 'ପରାର୍ଥେ ଜୀବନ' / ଶିଶୁକାଳ ବ୍ୟାପି ଥିଲି ମନ୍ତ୍ର ଜପି ସେ ମନ୍ତ୍ର ଭୁଲିଲି ଲଭିଣ ଯୌବନ / ଆଶା ଥିଲା ମନେ ଦେଖିବି ଜୀବନେ ଉତ୍କଳ ମାତାର ସହାସ୍ୟ ବଦନ / ସେ ଆଶା ତୁଟିଲା ସ୍ୱପନ ଭାଙ୍ଗିଲା ନଦେଖି ଉତ୍କଳେ କରତବ୍ୟ ଜ୍ଞାନ।"

ମଧୁବାବୁଙ୍କ ଜାତୀୟତା ଓ ଧର୍ମ ହେଉଛି ଉତ୍କଳ। ଓଡ଼ିଆ ଅସ୍ମିତାର ପୁନଃ ଜାଗରଣ, ଓଡ଼ିଶାର ଆର୍ଥିକ, ସାମାଜିକ, ବୌଦ୍ଧିକ, ସାଂସ୍କୃତିକ ଓ ନୈତିକ ବିକାଶ ସହିତ ଓଡ଼ିଆ ଜାତିର ସ୍ୱାଭିମାନ ତଥା ଓଡ଼ିଆ ଭାଷା ସାହିତ୍ୟର ଗର୍ବ ଓ ଗୌରବକୁ ବିସ୍ତାରିତ କରିବା ଲାଗି ଜୀବନ ପଣ କରି ଲଢୁଥିଲେ ମଧୁବାବୁ। କିଏ ତାଙ୍କୁ ପ୍ରଶଂସା କଲା କି ସମାଲୋଚନା କଲା କିମ୍ବା ତାଙ୍କ କୁଶପୁତ୍ତଳିକା ପୋଡ଼ିଲା ସେଥିପ୍ରତି ତାଙ୍କର ନିଘା ନଥିଲା। ସେ ଖ୍ରୀଷ୍ଟିଆନ୍ ବୋଲି ଆରୋପ କରି ତାଙ୍କୁ ପୈତୃକ ଘର ଭିତରକୁ ପ୍ରବେଶ ନଥିଲା। ସେ ଚର୍ଚ୍ଚିଆନ୍‌ମାନଙ୍କ ସମ୍ପର୍କରେ ପ୍ରତିକୂଳ ମନ୍ତବ୍ୟ ଦେଇଥିବାରୁ କଲିକତାରେ ତାଙ୍କୁ ଗୀର୍ଜା ପ୍ରବେଶ ଉପରେ କଟକଣା ଥିଲା। କିନ୍ତୁ ଓଡ଼ିଆ ଜାତିର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିରରେ ଗଜପତି ପରମ୍ପରାକୁ ସୁରକ୍ଷିତ ରଖିବା ପାଇଁ ସେ ବିନା ପାଉଣାରେ କଲିକତାରେ ମକଦ୍ଦମା ଲଢ଼ି ଜିଣିଥିଲେ।



୧୯୨୫ ଓ ୧୯୨୭ରେ ମହାତ୍ମା ଗାନ୍ଧୀ କଟକରେ ମଧୁବାବୁଙ୍କ ସହିତ ତାଙ୍କ ଘରେ ରହିଥିଲେ। ଏମିତିକି ଉତ୍କଳ ଟ୍ୟାନେରୀ ପରିଦର୍ଶନ ସହ ଏହାକୁ ଋଣ ବୋଝରୁ ରକ୍ଷା କରିବା ପାଇଁ ଉଦ୍ୟମ କରିଥିଲେ ବି ଓଡ଼ିଆ ଜାତିର ଏହି କୋଠ ସମ୍ପତ୍ତିକୁ ସେ ଅଣ ଓଡ଼ିଆଙ୍କ ହାତରେ ଟେକିଦେବାକୁ ମଙ୍ଗି ନଥିଲେ। ଏଠାରେ ଉଲ୍ଲେଖନୀୟ ଯେ ଏହି ଜୋତା କାରଖାନା ପ୍ରସଂଗରେ ଗାନ୍ଧୀଜୀ ଘନଶ୍ୟାମଦାସ ବିର୍ଲାଙ୍କୁ ରାଜି କରାଇଥିଲେ। ମଧୁବାବୁଙ୍କ ଦେହାନ୍ତ ପରେ ଗାନ୍ଧୀଜୀ ୧୯୩୪ ମଇ ମାସର ପଦଯାତ୍ରାରେ ମଧୁବାବୁଙ୍କ ଜନ୍ମପୀଠ ସତ୍ୟଭାମାପୁର ଘରର ଛାତ ଉପରେ ରାତ୍ରିଯାପନ କରିଥିଲେ। ମଧୁବାବୁ ଥିଲେ ଗାନ୍ଧୀଙ୍କ ପାଇଁ ଦ୍ୱିତୀୟ ଟଲଷ୍ଟଏ। ବିଭିନ୍ନ ପ୍ରସଂଗରେ ସେ ତାଙ୍କ ଆଖି ଖୋଲି ଦେଇଥିଲେ ବୋଲି ଗାନ୍ଧୀଜୀ ବହୁବାର ସ୍ୱୀକାର କରିଛନ୍ତି। ୧୮୪୮ ଏପ୍ରିଲ ୨୮ରେ ଜନ୍ମିତ ମଧୁବାବୁଙ୍କ ଦେହାବସାନ ଘଟିଥିଲା ୧୯୩୪ ଫେବୃଆରୀ ୪ରେ।

ବର୍ତ୍ତମାନ ପିଢ଼ିର ଲୁଟେରା ନେତାମାନଙ୍କ ଭଳି ପରଧନରେ ପୁନେଇ କରିବା ଥିଲା ମଧୁବାବୁଙ୍କ ସ୍ୱପ୍ନର ବାହାରେ। ସେ କହିଯାଇଛନ୍ତି, "ଉତ୍କଳର ଦେଶ ମିଶ୍ରଣ ଆନ୍ଦୋଳନ ପାଇଁ ମୁଁ ବ୍ୟାକୁଳ ଓ ଉତ୍କଣ୍ଠିତ। ମୋର ଅବସ୍ଥାକୁ ଘେନି ମୁଁ ବିଦୁରର ଖୁଦ ଗଣ୍ଡିଏ ମାତ୍ର ଦେଇଛି। ପରଠାରୁ ମାଗି ଦେଶ ସେବା କାର୍ଯ୍ୟ ମୁଁ ଜାଣେ ନାହିଁ। ଆମର ପାପ ଦୂର ନହେଲେ ଉତ୍କଳ ମାତାଙ୍କ ଦୁର୍ଦ୍ଦଶା ଦୂର ହେବନାହିଁ।" ବର୍ତ୍ତମାନର ପରାଙ୍ଗପୁଷ୍ଟ ଲୁଟିଖିଆ ଓ ମାଗଣାଖିଆମାନଙ୍କ ପାଇଁ ମଧୁବାବୁଙ୍କ ସେତେବେଳର ଗୁରୁମନ୍ତ୍ର ହେଉଛି, "ଯେଉଁ ହାତରେ ରୁଟି ଖାଉଛ, ସେହି ହାତର ପରିଶ୍ରମରେ ସେହି ରୁଟି ଉପାର୍ଜନ କରିବାକୁ ପଡ଼ିବ.... ଯିଏ ମରିବା ପାଇଁ ପ୍ରସ୍ତୁତ ନୁହେଁ, ସେ ଅନ୍ୟକୁ ବଞ୍ଚାଇବା ପାଇଁ ସଂଗ୍ରାମ କରିପାରିବ କିପରି?" ଉତ୍କଳ ଜନନୀ ପାଇଁ ପ୍ରତି ଓଡ଼ିଆ ଦିନକୁ ଅନ୍ତତଃ ୫ମିନିଟ୍ ଭାବିବାକୁ ତାଙ୍କ ଆହ୍ୱାନ ଏବେ ଅଧିକ ପ୍ରାସଙ୍ଗିକ। ପରସ୍ପରର ଗୋଡ଼ ଟଣାଟଣି ଓ ଗୋଇ ଖୋଳାଖୋଳିରେ ନମାତି ଉତ୍କଳ ସମ୍ମିଳନୀ ମଣ୍ଡପରେ ମଧୁବାବୁଙ୍କ ବାର୍ତ୍ତା ଥିଲା 'ସବୁ ଭୁଲ ମୋର।' ଅନ୍ୟକୁ ଦୋଷ ନଦେଇ ନିଜ ଦୋଷ ଦେଖିବା ସହ ଅଯଥା ସମାଲୋଚନାରୁ ଗୋଷ୍ଠୀ ବିବାଦ ବଢ଼ୁଥିବା ପରିପ୍ରେକ୍ଷୀରେ ଏହା ଥିଲା ତାଙ୍କର ଅନ୍ୟ ଏକ ଗୁରୁମନ୍ତ୍ର।

ପ୍ରତିକୂଳ ପରିସ୍ଥିତିରେ ମୁକାବିଲା କରି ମଧୁବାବୁ ନିଜ ଗୋଡ଼ରେ ନିଜେ ଛିଡ଼ାହୋଇ ଜଣେ ସଫଳ ଓକିଲ, ଆଦର୍ଶ ଲୋକ ପ୍ରତିନିଧି ତଥା ମନ୍ତ୍ରୀ, ଭାଷା ସୁରକ୍ଷା ଅଭିଯାନର ଅଗ୍ରଦୂତ, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ପ୍ରମୁଖ ବିନ୍ଧାଣୀ ଓ ଓଡ଼ିଆ ଅସ୍ମିତାର ପ୍ରତୀକ ଭାବେ ନିଜକୁ ପ୍ରତିଷ୍ଠିତ କରାଇଥିଲେ। ଗ୍ରାମାଞ୍ଚଳର ଉନ୍ନତି ଠାରୁ ଆରମ୍ଭ କରି ଲୁଣ ଉପରୁ ଟିକସ ଛାଡ଼, କୃଷି ଓ ଗ୍ରାମ୍ୟ ଶିଳ୍ପର ପ୍ରସାର, ବିପର୍ଯ୍ୟୟ ସମୟରେ ଦୁର୍ଗତ ଲୋକଙ୍କ ସେବା, ନାରୀ ଶିକ୍ଷାର ପ୍ରସାର, ମହିଳାମାନଙ୍କୁ ଓକିଲାତି କରିବାର ଅଧିକାର ପାଇଁ ଲଢ଼େଇ ଆଦି ବିଭିନ୍ନ କ୍ଷେତ୍ରରେ ସେ ସଫଳତା ସାଉଁଟିଥିଲେ।

ଓଡ଼ିଶା ଓ ଓଡ଼ିଆପ୍ରେମରେ ଉବୁଟୁବୁ ମଧୁବାବୁ ସାଧାରଣ କାମ ପାଇଁ ସ୍ୱଉପାର୍ଜିତ ଧନ ବାଣ୍ଟି ବାଣ୍ଟି ଦେବାଳିଆ ହୋଇଗଲେ ପଛେ ସାଲିସ କଲେ ନାହିଁ। ତାଙ୍କ ଘର ନିଲାମ ପର୍ଯ୍ୟନ୍ତ ବି କଥା ଗଲା। ଏ ସବୁ ସତ୍ତ୍ୱେ ସେ ଅନ୍ୟ କାହାର ଦୟା କି ଅନୁଗ୍ରହରେ ବଞ୍ଚିନଥିଲେ। କଟକ ସହରର କେଉଟ ସାହି ଅଞ୍ଚଳରେ ଲାଗି ରହିଥିବା ଜଳକଷ୍ଟ ସମସ୍ୟା ତାଙ୍କୁ ବ୍ୟଥିତ କରିବାରୁ ସେ ସେଠାରେ ଏକ ନଳକୂପ ବସାଇବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଅର୍ଥାଭାବରୁ ଏହା ହୋଇପାରିନଥିଲା। ତେବେ ମୃତ୍ୟୁର ଅଳ୍ପ କେଇଦିନ ପୂର୍ବରୁ ଏକ ପୁରୁଣା ମାମଲାର ପାଉଣା ବାବଦରେ ୮୦୦ ଟଙ୍କାର ବ୍ୟାଙ୍କ ଡ୍ରାଫ୍ଟଟିଏ ଜଣେ ମହକିଲ ପଠାଇଥିଲେ। ସେତେବେଳର କଟକ ପୌର ସଂସ୍ଥାର ଅଧ୍ୟକ୍ଷ ସ୍ୱାଧୀନତା ସଂଗ୍ରାମୀ ଭାଗୀରଥି ମହାପାତ୍ରଙ୍କ ହାତରେ ଏହି ଅର୍ଥ ପ୍ରଦାନ କରି ସେ ଏବେ ଶାନ୍ତିରେ ମରିପାରିବେ ବୋଲି ହସିହସି କହିଥିଲେ। ମୃତ୍ୟୁର ଦୁଇଦିନ ପୂର୍ବରୁ ପଣ୍ଡିତ ନୀଳକଣ୍ଠ ଦାସଙ୍କୁ କହିଥିଲେ, "ଯାଅ ଲୋକଙ୍କୁ କହିବ, ପେଟରେ ଯାହାକିଛି ମଇଳା ଅଛି ପରିଷ୍କାର କରନ୍ତୁ। ତାହା ହେଲେ ଆତ୍ମା ସହଜରେ ପରିଷ୍କୃତ ହୋଇଯିବ।" ୧୯୩୪ ଫେବୃଆରୀ ୪ରେ ତାଙ୍କର ମହାପ୍ରୟାଣ ଘଟିଲା ଏବଂ ଜାତି, ଧର୍ମ ନିର୍ବିଶେଷରେ ହଜାର ହଜାର ଲୋକ ମଧୁକୋଠିରୁ ଗୋରା କବର ପର୍ଯ୍ୟନ୍ତ ତାଙ୍କ ଖୋଲା କଫିନ୍‌କୁ ବୋହି ନେଇଥିଲେ। ଖ୍ରୀଷ୍ଟିଆନ୍ ରୀତିନୀତିରେ ତାଙ୍କର କବର ଦିଆଯାଇଥିଲେ ବି ଶ୍ରୀକ୍ଷେତ୍ର ପୁରୀରୁ ଜଗବନ୍ଧୁ ସିଂହ ଓ ଜଗନ୍ନାଥ ମିଶ୍ର ଆଣିଥିବା ଶ୍ରୀଜୀଉଙ୍କ ଅଙ୍ଗଲାଗି ବସ୍ତ୍ର, ଗଜରା ଓ କର୍ପୁର ତାଙ୍କ ଶରୀର ଉପରେ ଅର୍ପଣ କରାଯାଇଥିଲା। ସେଠାରେ କବରରେ ଥିବା କଫିନ୍ ଉପରେ ପ୍ରଥମ ମୁଠାକ ମାଟି ପକାଇଥିବା ତାଙ୍କ ଝିଆରୀ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ମା'ରମାଦେବୀ ଡାଏରୀରେ ଲେଖିଛନ୍ତି, "ମାଟି ମୁଠାକରେ କ'ଣ ଅଛି? ଯେ ତାଙ୍କ ଗୁଣ ଓ କାର୍ଯ୍ୟର ଉତ୍ତରାଧିକାରୀ ହୋଇପାରିବ ସେହି ଏକା ପ୍ରକୃତ ଦାୟଦ।" ଉତ୍କଳ ଇତିହାସର ଶତାବ୍ଦୀର ସୂର୍ଯ୍ୟ ଅସ୍ତମିତ ହେବାର ୯ ଦଶନ୍ଧି ଅତିକ୍ରମ କରିଯାଇଥିଲେ ବି ଅନ୍ଧକାରର ଗହ୍ୱର ଭିତରୁ ଏବେ ବି ମଧୁବାବୁଙ୍କ ଅମର ଆତ୍ମା ଏ ଜାତିକୁ ଉଦ୍ଧାର କରିବା ପାଇଁ ସଚ୍ଚା ଦାୟଦ ଖୋଜୁଛି।

**ମୋବାଇଲ୍:୯୪୩୭୦୧୭୩୯୫**

# ବଂଶୀ



ଡ. ଚନ୍ଦ୍ରକଳା ନାୟକ

ଶ୍ରୀ ଜଗନ୍ନାଥ ମହାପ୍ରଭୁ ଅପରୂପା ଏଭଳି ଠାକୁର ଆଉ କେଉଁଠି ଅଛନ୍ତି? ତାଙ୍କର ରୂପ ନାହିଁ ପୁଣି ରୂପ ଅଛି। ସେ ନିରାକାର ପୁଣି ବିଗ୍ରହରେ ବି ବିରାଜମାନ। ନଳାଦ୍ରୀ କନ୍ଦରରେ ବସିଛନ୍ତି ଲୀଳାମୟ ଶ୍ରୀ ଜଗନ୍ନାଥ। ତାଙ୍କ ଲୀଳାର ପଟାନ୍ତର ନାହିଁ ତାଙ୍କ ମହିମାର ଅନ୍ତ ବି ନାହିଁ ତାଙ୍କୁ ବୁଝିବାକୁ କାହାର ଶକ୍ତି ନାହିଁ ସେଥିପାଇଁ କୁହାଯାଇଛି 'ଦେବା ନ ଜାଣନ୍ତି କୁତଃ ମନୁଷ୍ୟା' ଭକ୍ତ କହେ ମୁଁ ତୋତେ କିଛି ମାଗୁନାହିଁ। ତଥାପି ଭାବରେ ଭାବରେ ଶରଧା ବାଲିରୁ ହାତେ ମାଗିଦିଏ। କିଏ ପୁଣି ଅରକ୍ଷିତ ପରି କାନ୍ଦି କାନ୍ଦି ଡାକେ - 'ଭାସିଗଲି ଭବ ଜଳେ ନାବ ଦିଅ କୂଳକୁ'। ସେ ହେଉଛନ୍ତି ଭାବ ବିନୋଦିଆ ଭାବର ଠାକୁର। କୁହାଯାଏ- 'ଭାବେ ପାଇ ଅଭାବେ ନପାଇ।' ତାଙ୍କ ଭାବ ନିକଟରେ ଜାତି, ପତି, ଧନୀ, ଦରିଦ୍ରର ଭେଦଭାବ ନଥାଏ। ସେଥିପାଇଁ ସେ ହାତ ବଢ଼ାଇ ଦାସିଆ ବାଉରୀର ନଡିଆକୁ ନେଇଗଲେ। ବନ୍ଧୁ ମହାନ୍ତିଙ୍କୁ ନିଜ ସୁବର୍ଣ୍ଣ ଥାଳିରେ ଖାଦ୍ୟ ପରଶି ଦେଲେ। ଦିଲ୍ଲୀ ମୁସଲମାନ ଦରଜିର ମୁଟୁଳାକୁ ଗ୍ରହଣ କଲେ। ଜୟଦେବଙ୍କ ଘର ଛପର କରିବା ଠାରୁ ତାଙ୍କ କାବ୍ୟର ପଦ ବି ପୁରଣ କରିଦେଲେ। ଏମିତି ଠାକୁର ଜଗତେ ନାହିଁ 'ସେ ତ ଭକତ ଭାବରେ ବନ୍ଧାରେ ସେ ତ ଭକତ ଜୀବନ ଧନ।' ସାତଶ ପଚାସ କୋଶରୁ ସାଲବେଗ ରଥରେ ତାଙ୍କୁ ଦର୍ଶନ କରିବାକୁ ଆସିବା ଯାଏ ବଳଗଣ୍ଡୀ ଠାରେ ରଥଚକକୁ ଅଟକାଇ ରଖିଲେ।

ସେହି ଜଗନ୍ନାଥ ମହାପ୍ରଭୁଙ୍କ ଅପାର କରୁଣା ମହାନତାକୁ ମୁଁ ଅନୁଭବ କରିଛି। ପିଲାଟି ଦିନରୁ ଶ୍ରୀ ଜଗନ୍ନାଥଙ୍କ ଚକା ଚକା ଆଖି ଦୁଇଟି ଭାବର ସ୍ରୋତ ମୋ ଅନ୍ତରରେ ପ୍ରବାହିତ। ଶ୍ରୀ ଜଗନ୍ନାଥଙ୍କ ଅନେକ ଅମୃତମୟ ମୁହୁର୍ତ୍ତକୁ ମୋ ଜୀବନ ଅନୁଭବ କରିଛି। ପ୍ରଭୁ ଶ୍ରୀ ଜଗନ୍ନାଥ ମୋତେ ସବୁ କ୍ଷେତ୍ରରେ ସେହି ଦିବ୍ୟ ଅନୁଭବକୁ ପରିସ୍ଫୁଟ କରାଇଛନ୍ତି। ଏହା ମଧ୍ୟରୁ ଗୋଟିଏ ଘଟଣା ଅତ୍ୟନ୍ତ ଅପୂର୍ବ ଏବଂ ଅଦ୍ଭୁତ ଥିଲା। ୨୦୨୫ ମସିହା ସରସ୍ୱତୀ ପୂଜାରେ ମୋ ଗ୍ରାମରେ ଜୟ ଜଗନ୍ନାଥ ମହୋତ୍ସବ ଅନୁଷ୍ଠିତ ହୁଏ। ଆଜକୁ ପ୍ରାୟ ୬ ବର୍ଷ ହେବ ଶ୍ରୀ ଜଗନ୍ନାଥଙ୍କ ନାମରେ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଧୁମଧାମରେ ଚାଲିଅଛି। ସରସ୍ୱତୀ ପୂଜା ଦିନରୁ କଳସ ଯାତ୍ରାରୁ ଏହି କାର୍ଯ୍ୟକ୍ରମର ଆରମ୍ଭ ହୁଏ। ଆମ ପରିବାରର ଆରାଧ୍ୟ ଦେବତା ରଶ୍ରୀ ଶ୍ରୀ ରାଧାକୃଷ୍ଣ ମହାପ୍ରଭୁଙ୍କ ମନ୍ଦିରର ବାର୍ଷିକୋତ୍ସବ ଅବସରରେ ଏହି ମହୋତ୍ସବ ଅନୁଷ୍ଠିତ ହୋଇଥାଏ। ଏଇଠି ମୋର ଗୋଟିଏ ପଦ ସ୍ମରଣ ହୁଏ- ଜଗନ୍ନାଥ ଏ ଶୋଳକଳା ତହୁଁ କଳାଏ ନନ୍ଦବାଳା। ମୁଁ ମୋର ଆରାଧ୍ୟ ଦେବତା ରାଧାକୃଷ୍ଣଙ୍କ ଭିତରେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କୁ ଅନୁଭବ କରେ। ରାଧାକୃଷ୍ଣ ମନ୍ଦିରର ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ମାଧ୍ୟମରେ ଶ୍ରୀ ଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର ହୋଇଥାଏ। ତିନିଦିନ ବ୍ୟାପୀ ହଜାର ହଜାର ଭକ୍ତଙ୍କ ସମାଗମ ହୁଏ। ଗ୍ରାମରେ କାହରି ଘରେ ଚୁଲି ଲାଗେନାହିଁ। ଆବାଳ ବୃଦ୍ଧ ବନିତା ଏହି ତିନିଦିନ ଦିବାରାତ୍ର ଏଠାରେ ପ୍ରସାଦ ସେବନ କରିଥାନ୍ତି। ଓଡ଼ିଶାର ବହୁ ପ୍ରତିଷ୍ଠିତ କଳାକାର, ନୃତ୍ୟାଙ୍ଗନା, ସଙ୍ଗୀତକାର ଶ୍ରୀ ଜଗନ୍ନାଥ ସଂସ୍କୃତିର ବିଭିନ୍ନ ଆଧ୍ୟାତ୍ମିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥାନ୍ତି। ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ସମର୍ପିତ ଥାଏ।



ଏ ବର୍ଷ ଠିକ ପୂର୍ଣ୍ଣାହୁତି ହେବା ପରଦିନ ଜଣା ପଡ଼ିଲା ଯେ ପ୍ରଭୁ ଶ୍ରୀକୃଷ୍ଣଙ୍କ ହାତରେ ତାଙ୍କର ଅତି ପ୍ରୀୟ ବଂଶୀଟି କେଉଁ ଆଡେ ଚାଲି ଯାଇଛି। ପ୍ରଭୁ ବିନା ବଂଶୀରେ ଶ୍ରୀହୀନ ଦେଖା ଯାଉଛନ୍ତି। ମୁଖ ମଣ୍ଡଳର କାନ୍ତି ସମ୍ପୂର୍ଣ୍ଣ ବଦଳି ଯାଇଛି। ରାଧାରାଣୀ ମଧ୍ୟ ଦୁଃଖରେ ମ୍ରିୟମାଣ। ଏପରି ପରିସ୍ଥିତିରେ ଆମ ପରିବାର ଦୁଃଖରେ ଭାଙ୍ଗି ପଡ଼ିଥିଲୁ। କାହିଁକି ଏପରି ଘଟିଲା, ପ୍ରଭୁଙ୍କର ବଂଶୀ କୁଆଡେ ଗଲା, ହାତରୁ କିପରି ଖସିଲା, ସେ ପ୍ରଶ୍ନର ସଠିକ ଉତ୍ତର ମଳି ପାରୁ ନଥିଲା। ଅନେକ ଆଲୋଚନା ଓ ପର୍ଯ୍ୟାଲୋଚନା ପରେ ଜଣା ପଡ଼ିଲା ଯେ ଠାକୁରଙ୍କ ଫୁଲହାର ଭିତରେ ବୋଧେ ବଂଶୀଟି ଅଜାଣତରେ ଖସି ପଡ଼ିଛି। ମାଳି ତିନିଦିନ ଯାକ ଯେଉଁ ତୁଳସୀ ମାଳ ପ୍ରଦାନ କରିଥାଏ, ସେଇ ମାଳ ଭିତରେ ବୋଧେ ବଂଶୀଟି ଚାଲି ଯାଇଛି। ଏହି ପ୍ରତ୍ୟକ୍ଷ ଠାକୁରଙ୍କ ଉପରେ ଭକ୍ତ ମହଲରେ ଅଟଳ ବିଶ୍ୱାସ ରହିଛି। ଦୁଃଖରେ ଆମେ ସମସ୍ତେ ମର୍ମାହତ ଥିଲୁ। ନିଜକୁ ଦୋଷୀ ପରି ଅନୁଭବ କରୁଥିଲୁ। ହେ ପ୍ରଭୁ କଣ ଭୂଲ ହେଲା, ଏପରି କାହିଁକି ହେଲା? ଆମର ବ୍ୟବହାରରେ, ଆଚାରରେ, ବିଚାରରେ କୌଣସି ତ୍ରୁଟି ରହିଲା କି? ସେ ଚିନ୍ତାରେ ସାରା ପରିବାର ଦୁଃଖରେ ଦୀର୍ଘଦିନ ନିରବି ରହିଥିଲୁ। ମୋ ମନରେ ଥିବା ବେଦନାକୁ ପ୍ରଭୁ ଜଗନ୍ନାଥଙ୍କୁ ଜଣାଇ ଥିଲି। ନିଜର ଅନ୍ତରଙ୍ଗ ମଣିଷ ପରି ନିରୋଳାରେ ରାତ୍ରିର ନିଶବ୍ଦ ମୁହୁର୍ତ୍ତରେ ପ୍ରଭୁଙ୍କୁ ମୁଁ ପ୍ରଶ୍ନ କରିଥିଲି- ହେ ପ୍ରଭୁ ଆମର କଣ ଭୁଲ ହେଲା? ତୁମେ ତୁମ ବଂଶୀଟି କେଉଁଠି ଲୁଚାଇ ରଖିଛ କୁହ ତ ? ମୋର ସ୍ୱାମୀ ମୋତେ ବାରମ୍ବାର କହୁଥାନ୍ତି, ଚାଲ କଟକ ଯାଇ ପ୍ରଭୁଙ୍କ ନୂଆ ବଂଶୀଟିଏ ଆଣିବା। ମୋ ମନ କିନ୍ତୁ ଯମା ମାନୁ ନଥାଏ। ଠାକୁରଙ୍କ ଛଡା ତୁଳସୀ ଏବଂ ଫୁଲମାଳ ଗୋଟିଏ ଟୋକେଇରେ ଯାଇ ପୋଖରୀରେ ପକାଯାଏ। ସେଥିପାଇଁ ମୋ ପରିବାରର ପ୍ରତ୍ୟେକ ବ୍ୟକ୍ତି ଓ ଗାଁର ଲୋକେ ଦିନସାରା ସେଇ ପୋଖରୀରେ ବଂଶୀକୁ ଖୋଜୁଥାନ୍ତି। ଠିକ ଦୁଇଦିନ ପରେ ମଧ୍ୟ ରାତ୍ରରେ ମୁଁ ଶୋଇଥିବା ବେଳେ କେହି ଜଣେ ମୋ ମୁଣ୍ଡକୁ ଆଉଁସି କହିଲେ, ତୁ ଚିନ୍ତା କରନା। ପୋଖରୀ ପାଣି ଭିତରୁ ହିଁ ବଂଶୀ ମିଳିବ। ହଠାତ ଉଠି ଦେଖେ ତ ପାଖରେ କେହି ନାହାନ୍ତି। କିନ୍ତୁ ଘରଟା ତୁଳସୀର ବାସ୍ନାରେ ମହକୁ ଥିଲା। ଏମିତି ପ୍ରାୟ ତିନି ତିନି ଥର ମଧ୍ୟ ରାତ୍ରରେ ମୁଁ ମୋ ପ୍ରଭୁଙ୍କୁ ଦେଖିଛି। ସେକଥା ସକାଳୁ ମଧ୍ୟ ମୁଁ ମୋର ସ୍ୱାମୀଙ୍କୁ ଜଣାଇଛି। ମୋର ବି ପୂର୍ଣ୍ଣ ବିଶ୍ୱାସ ପ୍ରଭୁ ଶ୍ରୀ ଜଗନ୍ନାଥ ବଂଶୀଟିକୁ ଫେରାଇ ଆଣିବେ।

ମୋ ପରିବାର ମାସେ କାଳ ଦୁଃଖ ଓ ଅନୁତାପରେ ଚିନ୍ତା ଗ୍ରସ୍ତ ହୋଇ ରହିଥିଲେ। କେବଳ ମୋର ଆତ୍ମ ବିଶ୍ୱାସ ଥିଲା, ସେଇ ପାଣିରୁ ବଂଶୀ ମିଳିବ। କାରଣ ପ୍ରଭୁ ମୋତେ ସ୍ୱପ୍ନରେ ତାହା କହିଛନ୍ତି।

ହଠାତ ଦିନେ ଆମ ଗାଁର ଅନୁସୂଚିତ ଜାତିର ଯୁବକ ନୀର ପ୍ରଭୁଙ୍କର ବଂଶୀଟିକୁ ଧରି ଉଦୁଉଦିଆ ଖରାବେଳଟାରେ ପହଞ୍ଚିଲା। ସମସ୍ତେ ତାକୁ ଦେଖି ହତବାକ। ସେ ନିଜେ ବି ଗୋଟା ଝାଳ ହୋଇ ଥରୁଥାଏ। ସେଇ ନୀର ଦିନ ଦିନ ଧରି ପୋଖରୀ ପାଣିରେ ବୁଡି ବଂଶୀ ଖୋଜିଛି। ହେଲେ ବଂଶୀ ମିଳେନାହିଁ। ଆଜି ମାର୍ଚ୍ଚ ମାସର ପ୍ରଚଣ୍ଡ ରୌଦ୍ରତାପରେ ଘରେ ଶୋଇ ଥିବା ବେଳେ ତାକୁ କେହି ଜଣେ ଅଜଣା ବ୍ୟକ୍ତି ପେଖରୀ କୂଳକୁ ଡାକି ନେଇଗଲା। ପେଖରୀରେ ବୁଡି ଖୋଜିଲେ ଆଜି ବଂଶୀ ନିଶ୍ଚୟ ମିଳିବ ବୋଲି ତାକୁ ପୂର୍ଣ୍ଣ ବିଶ୍ୱାସ ଦେଇଥିଲା। ନୀର ପାଣିରେ ଗୋଟିଏ ବୁଡ ମାରିବା ପରେ ତା ହାତରେ ପ୍ରଭୁଙ୍କର ବଂଶୀ ଧରାଦେଲା। ଅଣ ନିଶ୍ୱାସୀ ହୋଇ ସେ ଆମ ଘରେ ଆସି ପହଞ୍ଚି ଥିଲା। ସବୁଠାରୁ ବେଶି ଅଶ୍ଚର୍ଯ୍ୟ ଲାଗିଲା, ପ୍ରଭୁଙ୍କର ବଂଶୀ ମାସେ ପାଣିରେ ପଡ଼ିଲା, ହେଲେ ଟିକେ କାଦୁଅ ପଙ୍କ କିଛି ବି ଚିହ୍ନ ନଥିଲା। ଲୀଳାମୟଙ୍କର ଏ ବିଚିତ୍ର ଲୀଳା। ନୀରକୁ ଡାକି ନେଇଥିବା ବ୍ୟକ୍ତି ଜଣକ କିଏ ଏବଂ ସେ କୁଆଡେ ଗଲା ସେ କଥା ସେ ନିଜେ ବି ଜାଣି ପାରିଲା ନାହିଁ। ଶ୍ରୀ ଜଗନ୍ନାଥଙ୍କ ପ୍ରତ୍ୟକ୍ଷ କରୁଣାକୁ ସେଦିନ ମୁଁ ଅନୁଭବ କରିଥିଲି। ଆଖିରୁ ଧାର ଧାର ହୋଇ ଲୁହ ଗଡ଼ି ଚାଲିଥିଲା। ଶ୍ରୀ ଜଗନ୍ନାଥ ବାସ୍ତବରେ କେବଳ ପ୍ରତୀମା ନୁହନ୍ତି ବରଂ ସେ ଭକ୍ତର ଆଶା ଓ ଭରସାର ପ୍ରତୀକ। ସେଇ ଶୂନ୍ୟ ସତ୍ତାଙ୍କୁ ମନରେ ଧ୍ୟାନ କରି ମୁଁ ତାଙ୍କୁ ହୃଦୟଙ୍ଗମ କରିଛି। କାଳର ବିବର୍ତ୍ତନରେ ସେ ଗ୍ରହଣ କରଥିବା ମହାକାଳ ରୂପ ସମ୍ପର୍କରେ ଚିନ୍ତନ କଲେ ସ୍ୱତଃ ମନ ଆହ୍ଲାଦିତ ହୋଇଥାଏ। ସତରେ ପ୍ରଭୁଙ୍କ ଲୀଳାକୁ କିଏ ବା ବୁଝିବ।

**ଭୁବନପୁର, ମଧୁପୁରଗଡ଼, ଜେନାପୁର, ଧର୍ମଶାଳା, ଯାଜପୁର,**
**ମୋବାଇଲ୍:୯୪୩୭୯୫୭୬୧୭**

# କଂଗ୍ରେସ କର୍ମୀଙ୍କ ହତ୍ୟା ନେଇ ବର୍ଷିଲେ ରାହୁଲ

ନୂଆଦିଲ୍ଲୀ,୨୬।୪: ପଶ୍ଚିମବଙ୍ଗର ଆସାନସୋଲରେ କଂଗ୍ରେସ କର୍ମୀ ଦେବଦୀପ ଚାଟାର୍ଜୀଙ୍କ ହତ୍ୟା ସମ୍ପର୍କ ଉଠାଇ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ତୃଣମୂଳ ନେତ୍ରୀ ମମତା ବାନାର୍ଜୀଙ୍କ ଉପରେ ବର୍ଷିଛନ୍ତି। ଦେବଦୀପଙ୍କ ହତ୍ୟା ପାଇଁ ତୃଣମୂଳ କଂଗ୍ରେସ କର୍ମୀଙ୍କୁ ଦାୟୀ କରି କଂଗ୍ରେସ ସାଂସଦ କହିଛନ୍ତି ଯେ, ପଶ୍ଚିମବଙ୍ଗରେ ଗଣତନ୍ତ୍ର ନାହିଁ। ଟିଏମସି



ସେଠାରେ ଗୁଣ୍ଡାଗିରି ଚଳାଇଛି। ରାହୁଲ ଗାନ୍ଧୀ ରବିବାର ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଲେଖିଛନ୍ତି ଯେ, ଟିଏମସି ସହିତ ଜଡିତ ଗୁଣ୍ଡାମାନଙ୍କ ଦ୍ୱାରା କଂଗ୍ରେସ କର୍ମୀ ଦେବଦୀପ ଚାଟାର୍ଜୀଙ୍କ ନିର୍ବାଚନ ପରବର୍ତ୍ତୀ ହତ୍ୟା ଅତ୍ୟନ୍ତ ନିନ୍ଦନୀୟ। କଂଗ୍ରେସ ରାଜନୀତି କେବେ ହିଂସା ଉପରେ ଆଧାରିତ ହୋଇନାହିଁ, ଏବଂ କେବେ ହେବ ନାହିଁ। ଆମେ ମଧ୍ୟ ଆମର କର୍ମୀମାନଙ୍କୁ ହରାଇଛୁ, ତଥାପି ଆମେ ସର୍ବଦା ଅହିଂସା ଏବଂ ସମ୍ବିଧାନର ପଥ ବାଛିଛୁ। ଏହା ଆମର ଐତିହ୍ୟ, ଏହା ଆମର ସଂକଳ୍ପ। ଏହା ସହିତ ରାହୁଲ ଗାନ୍ଧୀ ପ୍ରାଣ ହରାଇଥିବା କଂଗ୍ରେସ କର୍ମୀଙ୍କ ପରିବାର ପାଇଁ ପୂର୍ଣ୍ଣ ସୁରକ୍ଷା ଏବଂ କ୍ଷତିପୂରଣ ଦାବି କରିଛନ୍ତି। ସେ ପୋଷ୍ଟରେ ଲେଖିଛନ୍ତି, ମୋର ଦାବି ସ୍ପଷ୍ଟ। ସମସ୍ତ ଦୋଷୀଙ୍କୁ ତୁରନ୍ତ ଗିରଫ କରାଯାଉ। କଠୋରତମ ଦଣ୍ଡ ଦିଆଯାଉ। ଦେବଦୀପଙ୍କ ପରିବାର ପାଇଁ ପୂର୍ଣ୍ଣ ସୁରକ୍ଷା ଏବଂ କ୍ଷତିପୂରଣ ସୁନିଶ୍ଚିତ କରାଯାଉ। ସୂଚନାଯୋଗ୍ୟ ଦେବଦୀପଙ୍କୁ ଶାସକ ତୃଣମୂଳ କଂଗ୍ରେସ ସହିତ ଜଡିତ ଦୁର୍ବୃତ୍ତମାନେ ଆକ୍ରମଣ କରି ନିର୍ମମ ଭାବରେ ମାଡ଼ ମାରିଥିଲେ ବୋଲି କଂଗ୍ରେସର ପଶ୍ଚିମବଙ୍ଗ ୟୁନିଟ୍ ଅଭିଯୋଗ କରିଥିଲା। ଏହାର କିଛି ସମୟ ପରେ ତାଙ୍କର ଆଘାତ ଯୋଗୁଁ ମୃତ୍ୟୁ ହୋଇଥିଲା। ରାଜ୍ୟ ୟୁନିଟ୍ ଅନୁଯାୟୀ, ଦେବଦୀପ ଚାଟାର୍ଜୀ ଆସାନସୋଲ୍ ଉତ୍ତରରୁ କଂଗ୍ରେସ ପ୍ରାର୍ଥୀ ପ୍ରସେନଜିତ ପୁଇତାଣ୍ଡିଙ୍କ ସହିତ ମିଶିକି କାମ କରୁଥିବା ନେଇ ପରିଚିତ ଥିଲେ।

# ମମତାଙ୍କୁ ମୋଦି ଓ ଶାହଙ୍କ ଆଟାକ୍

## ଟିଏମସି ଜଙ୍ଗଲ ରାଜର ପ୍ରାଥମିକ ଶିକାର ହୋଇଛନ୍ତି ବଙ୍ଗର ମହିଳା: ମୋଦି

## ମମତା ଏବଂ କଂଗ୍ରେସ ଆତଙ୍କବାଦୀଙ୍କୁ ଉଦାରତା ଦେଖାଉଛନ୍ତି: ଶାହ



କୋଲକାତା, ୨୫।୪: ପଶ୍ଚିମବଙ୍ଗ ନିର୍ବାଚନରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଖେଇ ଆସୁଛି। ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ମମତାଙ୍କ ଗଡ଼ ରୂପେ ପରିଚିତ ନଦିଆ ଓ ଉତ୍ତର ୨୪ ପ୍ରଗଣାରେ ହାଇଭୋଲ୍ଟେଜ ଲଢେଇ ହେବାକୁ ଯାଉଛି। ଏହାରି ଭିତରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ରବିବାର ନଦିଆରେ ନିର୍ବାଚନୀ ସଭାକୁ ସମ୍ବୋଧିତ କରିଛନ୍ତି। ସଭାରେ ସେ ଉଭୟ ତୃଣମୂଳ କଂଗ୍ରେସ ଓ ଭାରତୀୟ ଜାତୀୟ କଂଗ୍ରେସକୁ ନିଶାଣ କରିଛନ୍ତି। ଶାହ କହିଛନ୍ତି ଯେ, ୨୦୧୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କ୍ଷମତାକୁ ଆସିବା ପରଠାରୁ, ଭାରତ ସର୍ଜିକାଲ ଏବଂ ଏୟାର ଷ୍ଟ୍ରାଇକ୍ ଭଳି କାର୍ଯ୍ୟ ସହିତ ଆତଙ୍କବାଦୀ ଆକ୍ରମଣର ନିର୍ଣ୍ଣାୟକ ଜବାବ ଦେଇଛି। ସରକାର ଆତଙ୍କବାଦକୁ ଦୂର କରିଛନ୍ତି ବୋଲି ଦାବି କରି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ କଂଗ୍ରେସ ଆତଙ୍କବାଦୀଙ୍କ ପ୍ରତି ଉଦାର ଦେଖାଉଥିବା ଅଭିଯୋଗ କରିଛନ୍ତି। ଶାହ ଆହୁରି କହିଛନ୍ତି ଯେ, ଯେତେବେଳେ ମମତା ବାନାର୍ଜୀ ଏବଂ କଂଗ୍ରେସ ସରକାର କ୍ଷମତାରେ ଥିଲେ ସେମାନେ ଆତଙ୍କବାଦୀଙ୍କୁ ବିରିୟାନି ଖୁଆଇଥିଲେ।

ସେହିପରି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ତୃଣମୂଳ କଂଗ୍ରେସ (ଟିଏମସି) ସରକାରଙ୍କ ଉପରେ ଏକ କଡ଼ା ଆକ୍ରମଣ କରିଛନ୍ତି। ଟିଏମସି ରାଜ୍ୟର ମହିଳାମାନଙ୍କ ପ୍ରତି ବିଶ୍ୱାସଘାତକ କରୁଥିବା ଅଭିଯୋଗ କରି ବିଜେପି କ୍ଷମତାକୁ ଆସିଲେ ଗୁଣ୍ଡା ଏବଂ ବଳାତ୍କାରୀଙ୍କୁ ଖୋଜି ବାହାର କରିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ମମତାଙ୍କ ଗଡ଼ ରୂପେ ପରିଚିତ ଉତ୍ତର ୨୪ ପ୍ରଗଣାରେ ଏକ ବିଶାଳ ଜନସମାବେଶକୁ ସମ୍ବୋଧିତ କରି ମୋଦୀ ମମତା ସରକାରଙ୍କ କାର୍ଯ୍ୟକାଳକୁ ଜଙ୍ଗଲ ରାଜ ବୋଲି କହିଛନ୍ତି ଏବଂ ମହିଳା ସଶକ୍ତିକରଣ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ମୋଦୀ କହିଛନ୍ତି, ବଙ୍ଗର ମହିଳାମାନେ ଟିଏମସିର ଜଙ୍ଗଲ ରାଜର ପ୍ରାଥମିକ ଶିକାର। ସେମାନଙ୍କ ଉପରେ ସବୁଠାରୁ ବଡ଼ ବିଶ୍ୱାସଘାତକତା କରାଯାଇଛି। ସନ୍ଦେଶଖାଲିରେ ଆମର ଭଉଣୀମାନଙ୍କ ଉପରେ ଅତ୍ୟାଚାର କରାଯାଇଛି। ମହିଳାମାନଙ୍କୁ ବାକ୍ ନିର୍ଯାତନାର ଶିକାର କରାଯାଇଥିଲା। ଟିଏମସିର ଜଙ୍ଗଲ ରାଜ ଅଧୀନରେ, ଯୁବତୀମାନେ ନିଖୋଜ ହେଉଛନ୍ତି। ମେ ୪ ପରେ, ବିଜେପି ସରକାର ପ୍ରତ୍ୟେକ ଗୁଣ୍ଡା ଏବଂ ବଳାତ୍କାରୀଙ୍କୁ ଖୋଜି ସେମାନଙ୍କୁ ଦଣ୍ଡ ଦେବ। ବିଜେପି ମହିଳାଙ୍କୁ ସୁରକ୍ଷା ଏବଂ ସୁଯୋଗ ଉଭୟ ପ୍ରଦାନ କରିବ ବୋଲି ସେ କହିଛନ୍ତି। ମହିଳାଙ୍କୁ ପ୍ରତିଶ୍ରୁତି ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ପଶ୍ଚିମବଙ୍ଗରେ ବିଜେପି ସରକାର ଆସିଲେ ମହିଳାଙ୍କ ଆକାଉଣ୍ଟରେ ବାର୍ଷିକ ୩୬,୦୦୦ ଟଙ୍କା ଜମା କରିବ। ଏହା ବ୍ୟତୀତ ସେ ସରକାରୀ ଚାକିରିରେ ମହିଳାଙ୍କ ପାଇଁ ୩୩% ସଂରକ୍ଷଣ ଘୋଷଣା କରିଛନ୍ତି। ସ୍ୱାସ୍ଥ୍ୟ କେନ୍ଦ୍ରରେ ୮୦% ରିହାତି ସହ ସ୍ତନ କର୍କଟ ଏବଂ ଗର୍ଭାଶୟ କର୍କଟ ପାଇଁ ମାଗଣାରେ ପରୀକ୍ଷା ଏବଂ ଟୀକା ଘୋଷଣା କରିଛନ୍ତି। ଗର୍ଭାବସ୍ଥାରେ ୨୧,୦୦୦ ଟଙ୍କା ଏବଂ ଝିଅମାନଙ୍କୁ ସ୍ନାତକ ପାଇଁ ୫୦,୦୦୦ ଟଙ୍କା ଘୋଷଣା କରିଛନ୍ତି।

# ଭାରତୀୟ ସାମରିକ ଅଧିକାରୀଙ୍କୁ ଫସାଉଛି ଚୀନ୍

ନୂଆଦିଲ୍ଲୀ, ୨୫।୪: ଚୀନ୍ ଗୁପ୍ତଚରମାନେ ପୂର୍ବତନ ଭାରତୀୟ ସାମରିକ ଅଧିକାରୀମାନଙ୍କୁ ଆର୍ଟିକିଲ୍ ଲେଖିବା ବାହାନାରେ ପ୍ରଲୋଭିତ କରିବାକୁ ଚେଷ୍ଟା କରୁଛନ୍ତି। ପୂର୍ବତନ ପାଇଲଟ୍ ଏବଂ ନୌସେନା ଅଧିକାରୀମାନଙ୍କୁ ଭୂ-ରାଜନୀତି, ପ୍ରତିରକ୍ଷା କ୍ରୟ, ସାମରିକ ଅଭ୍ୟାସ ଏବଂ ଦେଶର ଯୁଦ୍ଧ ପଦ୍ଧତି ଉପରେ ଲେଖା ଏବଂ ଗବେଷଣା ପତ୍ର ଲେଖିବାକୁ ପ୍ରସ୍ତାବ ଦିଆଯାଉଛି ବୋଲି ୟୁରେସିଆନ୍ ଟାଇମ୍ସ ପ୍ରକାଶ କରିଛି। ସେମାନଙ୍କୁ ସେମାନଙ୍କର ଅଭିଜ୍ଞତା ଏବଂ ସାମରିକ ସୂଚନା ସେୟାର କରିବାକୁ ପ୍ରଚୁର ପରିମାଣର ଟଙ୍କା ଦେଇ ପ୍ରଲୋଭିତ କରାଯାଉଥିବା ଏହା ସୂଚନା ଦେଇଛି। ସୂଚନାଯୋଗ୍ୟ, ଦୁଇଜଣ ପୂର୍ବତନ ଆମେରିକୀୟ ବାୟୁସେନା ଲଢୁଆ ପାଇଲଟ୍ ଚୀନ୍ ଗୁପ୍ତଚରଙ୍କ ଜାଲରେ ଫସିଛନ୍ତି ଏବଂ ବର୍ତ୍ତମାନ ବିଚାରାଧୀନ ଅଛନ୍ତି। ସେମାନଙ୍କ ବିରୋଧରେ ଆମେରିକା ବାୟୁସେନା ତାଲିମ କାର୍ଯ୍ୟକ୍ରମ ଏବଂ ଯୁଦ୍ଧ ବିମାନ ରଣନୀତି ବିଷୟରେ ଚୀନ୍‌କୁ ସୂଚନା ପ୍ରଦାନ କରିବାର ଅଭିଯୋଗ ରହିଛି। ଆମେରିକା ନ୍ୟାୟ ବିଭାଗ ଦୁଇ ଅଭିଯୁକ୍ତ ପାଇଲଟ୍‌ଙ୍କ ବିରୋଧରେ ବିଚାର ନିର୍ଦ୍ଦେଶ



ଦେଇଛି। ଏହା ସତ୍ତ୍ୱେ ଚୀନ୍ ଥମିନାହିଁ। ବରଂ ନେଟୱାର୍କ ବିସ୍ତାର କରି ଭାରତ ସମେତ ଅନ୍ୟ ଅନେକ ଦେଶର ପୂର୍ବତନ ସାମରିକ ଅଧିକାରୀମାନଙ୍କୁ ଟାର୍ଗେଟ କରୁଥିବା ୟୁରେସିଆନ୍ ଟାଇମ୍ସ ପ୍ରକାଶ କରିଛି। ଚୀନ୍ ଗୁପ୍ତଚରମାନେ ପୂର୍ବତନ ସାମରିକ ଅଧିକାରୀମାନଙ୍କୁ ଫସାଇବା ପାଇଁ ଲିଙ୍କଡିନ୍, ଇନଡିଡ୍, ଏବଂ ନୌକରୀ ଡଟ୍ କମ୍ ଭଳି ବୃତ୍ତିଗତ ପ୍ଲାଟଫର୍ମ ବ୍ୟବହାର କରୁଛନ୍ତି। ୟୁରେସିଆନ୍ ଟାଇମ୍ସ ଅନୁଯାୟୀ, ଚୀନ୍ ନିଯୁକ୍ତିଦାତାମାନେ ପ୍ରାୟତଃ ପିଏଚ୍‌ଡି ଛାତ୍ର କିମ୍ବା ଥିଙ୍କ୍ ଟ୍ୟାଙ୍କ ଇଣ୍ଟର୍ଣ୍ଣ ଭାବରେ ନିଜକୁ ପରିଚୟ ଦେଉଛନ୍ତି। ଚୀନ୍ ଗୁପ୍ତଚରମାନେ ପ୍ରତି ତଥ୍ୟ ପାଇଁ ୩୦୦ ଡଲାରରୁ ୫୦୦ ଡଲାର ପ୍ରଦାନ କରୁଛନ୍ତି, ଯାହା ଏକ ଗୁରୁତ୍ୱପୂର୍ଣ୍ଣ ପରିମାଣ। ସେମାନେ ପରାମର୍ଶଦାତା ଭାବରେ ଏକ ଆଇନଗତ ଚୁକ୍ତିନାମା ସ୍ୱାକ୍ଷର କରିବାର ସୁଯୋଗ ମଧ୍ୟ ପ୍ରଦାନ କରୁଛନ୍ତି।

# ଆଜି ଭାରତ-ନ୍ୟୁଜିଲ୍ୟାଣ୍ଡ ମୁକ୍ତ ବାଣିଜ୍ୟ ଚୁକ୍ତିନାମା

ନୂଆଦିଲ୍ଲୀ, ୨୬।୪: ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ସୋମବାର ଏକ ମୁକ୍ତ ବାଣିଜ୍ୟ ଚୁକ୍ତିନାମା (ଏଫଟିଏ) ସ୍ୱାକ୍ଷରିତ ହେବ। ଏହି ଚୁକ୍ତି ଦୁଇ ଦେଶ ମଧ୍ୟରେ ବାଣିଜ୍ୟକୁ ଦ୍ୱିଗୁଣିତ କରିବ ବୋଲି ଆଶା କରାଯାଉଛି। ଏହି ଏଫଟିଏ ଭାରତୀୟ କମ୍ପାନୀଗୁଡ଼ିକୁ ନ୍ୟୁଜିଲ୍ୟାଣ୍ଡରେ ଶୁଳ୍କମୁକ୍ତ ପ୍ରବେଶ ପ୍ରଦାନ କରିବ ଏବଂ ଆଗାମୀ ୧୫ ବର୍ଷ ମଧ୍ୟରେ ୨୦ ବିଲିୟନ ଡଲାର ନିବେଶ ଆକର୍ଷିତ କରିବ। ଦିଲ୍ଲୀର ଭାରତ ମଣ୍ଡପମରେ ଏଫ୍‌ଟିଏ ସ୍ୱାକ୍ଷରିତ ହେବ ଏବଂ ଏଥିରେ କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ ଏବଂ ନ୍ୟୁଜିଲ୍ୟାଣ୍ଡର ବାଣିଜ୍ୟ ଏବଂ ନିବେଶ ମନ୍ତ୍ରୀ ଟଡ୍ ମ୍ୟାକଲେ ଯୋଗଦେବେ। ୨୦ ବିଲିୟନ ଡଲାର ନିବେଶ ଆସିବା ସହ ଏହା ଜରିଆରେ ଭାରତୀୟ ବୃତ୍ତିଗତଙ୍କ ପାଇଁ ଅସ୍ଥାୟୀ ନିଯୁକ୍ତି ଭିସା ସୁବିଧା ବୃଦ୍ଧି କରାଯିବ। ସେଭଳି ଭାରତୀୟ ଔଷଧ ଏବଂ ଚିକିତ୍ସା ଉପକରଣର ରପ୍ତାନିକୁ ମଧ୍ୟ ସହଜ କରାଯିବ। ଅନ୍ୟପକ୍ଷରେ,ଯଦି ଆମେ ନ୍ୟୁଜିଲ୍ୟାଣ୍ଡ ବିଷୟରେ ଆଲୋଚନା କରିବା, ତେବେ ଭାରତ ଏହାର ପ୍ରାୟ ୯୫% ଉପରେ ଶୁଳ୍କ ହ୍ରାସ କରିବ କିମ୍ବା ସମାପ୍ତ କରିବ। ଏହି ସାମଗ୍ରୀଗୁଡିକ ଭିତରେ ଉଲ୍, କୋଇଲା, ୱାଇନ୍, ଆଭୋକାଡୋ ଏବଂ ବ୍ଲୁବେରି ଭଳି ସାମଗ୍ରୀ ରହିଛି।

# ସ୍ୱିସ୍ ବିମାନ ଇଞ୍ଜିନରେ ନିଆଁ ଲାଗି ୬ ଆହତ



ନୂଆଦିଲ୍ଲୀ,୨୬।୪: ରବିବାର ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ଏକ ବଡ଼ ବିମାନ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛି ସ୍ୱିସ୍ ଏୟାର ବିମାନ। ସ୍ୱିସ୍ ଇଣ୍ଟରନ୍ୟାସନାଲ୍ ଏୟାର ଲାଇନ୍ସର ଏଲଏକ୍ସ୧୪୭ ବିମାନ ଉଡ଼ାଣ ସମୟରେ ଯାନ୍ତ୍ରିକ ତ୍ରୁଟିର ସାମ୍ନା କରିଥିଲା। ଫଳରେ ଇଞ୍ଜିନରେ ନିଆଁ ଲାଗିଯାଇଥିଲା। ତେବେ ପାଇଲଟଙ୍କ ସମୟୋଚିତ ପଦକ୍ଷେପ ଯୋଗୁ ଶହଶହ ଯାତ୍ରୀଙ୍କ ଜୀବନ ରକ୍ଷା ହୋଇଥିଲା। ଏହି ଘଟଣାରେ ଛଅ ଜଣ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବିମାନଟିରେ ମୋଟ ୨୨୮ ଜଣ ଯାତ୍ରୀ ଏବଂ ଚାରି ଜଣ ପିଲା ଥିଲେ।

# ଆପ୍‌ର ପ୍ରଭାବ, ୬ କଂଗ୍ରେସ ବିଧାୟକ ଧରିବେ ପଦ୍ମ!

ପାଟନା,୨୬।୪: ରାଘବ ଚଡ଼ାଙ୍କ ସମେତ ଆପ୍‌ର ସାତଜଣ ସାଂସଦ ବିଜେପିରେ ଯୋଗଦେବା ପରେ ବିହାର କଂଗ୍ରେସରେ ଏହି ଘଟଣାର ପୁନରାବୃତ୍ତି ହୋଇପାରେ ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଇଛି। ଏ ବିଷୟଟି ଏବେ କେବଳ ଏକ ଆନୁମାନିକ ପର୍ଯ୍ୟାୟରେ ରହିଥିବା ବେଳେ ଏହାକୁ ନେଇ କିନ୍ତୁ ବିହାର କଂଗ୍ରେସ ଭିତରେ ମୃଦୁ କମ୍ପନ ତ୍ୱରାନ୍ୱିତ ହେଉଥିବା ଜାଣିବାକୁ ମିଳିଛି। ଶୁକ୍ରବାର କଂଗ୍ରେସ ବିଧାୟକ ଅଭିଷେକ ରଞ୍ଜନ ବିହାରର ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କୁ ଭେଟିବା ପରେ



ଏପରି ଏକ ଆଲୋଚନା ଭ୍ରୁଣ ଧରିଛି। ଏହା ବ୍ୟତୀତ ଶନିବାର କଂଗ୍ରେସ ବିଧାୟକ ସମୀର କୁମାର ସିଂହ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ପହଞ୍ଚି ସମ୍ରାଟ ଚୌଧୁରୀଙ୍କ ସହ ବାର୍ତ୍ତାଳାପ କରିଛନ୍ତି। ଦୁଇ କଂଗ୍ରେସ ନେତା ଏବଂ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ବୈଠକ ପରେ ରାଜନୈତିକ ମହଲରେ ଦଳ ଭିତରେ ସମ୍ଭାବ୍ୟ ବିଭାଜନର ଗନ୍ଧ ଉଠିଛି। ପ୍ରତିକ୍ରିୟା ସ୍ୱରୂପ, କଂଗ୍ରେସ ବିଧାୟକ ସମୀର କୁମାର ସିଂହ ଏକ ବିବୃତ୍ତି ଜାରି କରିଛନ୍ତି। ଆପ୍ ସାଂସଦଙ୍କ ପରି ବିହାର କଂଗ୍ରେସ ବିଧାୟକମାନେ ଭାଜପାରେ ମିଶିପାରନ୍ତି ବୋଲି ସୃଷ୍ଟି ହୋଇଥିବା ଗୁଜବକୁ ପ୍ରତ୍ୟାଖ୍ୟାନ କରି ସେ କହିଛନ୍ତି, ଏପରି କୌଣସି ଆଲୋଚନା ଆମ ନଜରକୁ ଆସିନାହିଁ। ଆମେ କେବଳ ଏସବୁ ଗଣମାଧ୍ୟମରୁ ଶୁଣୁଛୁ। ଏ ଦାବି ପଛରେ କୌଣସି ସତ୍ୟତା ନାହିଁ।

# ୪୫ ବର୍ଷ ତଳେ ହିଲଟନରେ ରେଗାନଙ୍କୁ ବି ହୋଇଥିଲା ଗୁଳି

ୱାଶିଂଟନ, ୨୫।୪: ଶନିବାର ବିଳମ୍ବିତ ସନ୍ଧ୍ୟାରେ ହ୍ୱାଇଟ୍ ହାଉସ୍ ହିଲଟନ ହୋଟେଲରେ ଆୟୋଜିତ କରେନ୍ସପଣ୍ଡେଟ୍ ଡିନର ଅବସରରେ ଗୁଳିମାଡ଼ ହେବା ଘଟଣା ସମ୍ପ୍ରତି ଚର୍ଚ୍ଚାରେ ରହିଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ପ୍ରଥମ ମହିଳା ମେଲାନିଆ ଟ୍ରମ୍ପ, ଉପରାଷ୍ଟ୍ରପତି ଜେ.ଡି. ଭାନ୍ସ ଏବଂ ବରିଷ୍ଠ କ୍ୟାବିନେଟ୍



ସଦସ୍ୟମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଠିକ୍ ସେହି ମୁହୂର୍ତ୍ତରେ, ଭେଂକ୍ୱେଟ୍ ବାହାରେ ଜଣେ ୩୧ ବର୍ଷୀୟ ସଶସ୍ତ୍ର ଯୁବକ ଭୋଜି ଗୁଳି ଚଳାଇ ଥିଲେ। ସିକ୍ରେଟ୍ ସର୍ଭିସ୍ ତୁରନ୍ତ ଟ୍ରମ୍ପଙ୍କ ସମେତ ସମସ୍ତଙ୍କୁ ସୁରକ୍ଷିତ ସ୍ଥାନକୁ ନେଇ ଯାଇଥିଲେ। ତୁରନ୍ତ ଆକ୍ରମଣକାରୀଙ୍କୁ ଗିରଫ କରାଯାଇଛି। ତେବେ ହ୍ୱାଇଟ୍ ହାଉସ୍ ହିଲଟନ ହୋଟେଲରେ ଆୟୋଜିତ କରେନ୍ସପଣ୍ଡେଟ୍ ଡିନର ବେଳେ ଯାହା ଘଟିଲା, ତାହା କୌଣସି ନୂଆକଥା କିମ୍ବା ପ୍ରଥମ ଘଟଣା ନୁହେଁ। ବରଂ ଇତିହାସ ହିଁ ନିଜକୁ ପୁଣିଥରେ ଦୋହରାଇଛି। ୪୫ ବର୍ଷ ପୂର୍ବେ ତତ୍କାଳୀନ ମାର୍କିନ ରାଷ୍ଟ୍ରପତି ରୋନାଲ୍ଡ ରେଗାନଙ୍କୁ ଆମେରିକାର ଏହି ଭବ୍ୟ ସୁରକ୍ଷା ସମ୍ପନ୍ନ ଏଲିଟ୍ ହୋଟେଲରେ ଗୁଳିମାଡ଼ ହୋଇଥିଲା। ତଥ୍ୟ ଅନୁଯାୟୀ, ୧୯୮୧ ମସିହାରେ ରୋନାଲ୍ଡ ରେଗାନ୍ ୱାଶିଂଟନ ହିଲଟନରୁ ବାହାରକୁ ଆସୁଥିବା ବେଳେ ଜଣେ ବ୍ୟକ୍ତି ତାଙ୍କ ଉପରକୁ ଗୁଳି ଚଳାଇଥିଲା। ରେଗାନଙ୍କ ଛାତିରେ ଗୋଟିଏ ଗୁଳି ବାଜିଥିଲା, ଯଦିଓ ସେ ବର୍ତ୍ତୀ ଯାଇଥିଲେ। ଏଫବିଆଇର ଆର୍କାଇଭ ଅନୁଯାୟୀ, ଜନ୍ ହିଙ୍କଲି ଜୁନିଅର ନାମକ ଜଣେ ଆତତାୟୀ ରେଗାନଙ୍କ ଉପରକୁ ଛଅଟି ଗୁଳି ଚଳାଇ ଥିଲେ।



## ଶୁଟର କମ୍ପ୍ୟୁଟର ସାଇନ୍ସରେ ମାଷ୍ଟର ଓ ଭିଡିଓ ଗେମ୍ ଡେଭଲପର

ୱାଶିଂଟନର ହିଲଟନ ହୋଟେଲରେ ହ୍ୱାଇଟ୍ ହାଉସ୍ କରେସପଣ୍ଡେଣ୍ଟଙ୍କ ରାତ୍ରୀଭୋଜନ ସମୟରେ ଗୁଳି ଚଳାଇଥିବା ସନ୍ଦିଗ୍ଧ ବ୍ୟକ୍ତି କୋଲ୍ ଥମାସ ଆଲେନ୍ ହେଉଛନ୍ତି କମ୍ପ୍ୟୁଟର ସାଇନ୍ସରେ ମାଷ୍ଟର ଡିଗ୍ରୀଧାରୀ ଯୁବକ। ୩୧ ବର୍ଷୀୟ ଆଲେନ ହେଉଛନ୍ତି ଲସ୍ ଆଞ୍ଜେଲସ୍ ନିକଟସ୍ଥ ଟୋରାନ୍ସ ଅଞ୍ଚଳର ବାସିନ୍ଦା। ସେ ବୃତ୍ତିରେ ଜଣେ ଶିକ୍ଷକ ଏବଂ ଭିଡିଓ ଗେମ୍ ଡେଭଲପର। ଆଲେନଙ୍କ ଲିଙ୍କଡ ଇନ୍ ପ୍ରୋଫାଇଲ୍ ଅନୁସାରେ, ସେ ସି'ଟୁ 'ଏଜୁକେସନ୍' ନାମକ ଏକ ଟ୍ୟୁସନ କମ୍ପାନୀରେ ପାର୍ଟ ଟାଇମ୍ ଶିକ୍ଷକ ଭାବରେ କାର୍ଯ୍ୟ କରୁଥିଲେ। କମ୍ପାନୀର ସୋସିଆଲ ମିଡିଆ ପୋଷ୍ଟରୁ ଜଣାପଡିଛି ଯେ, ଡିସେମ୍ବର ୨୦୨୪ ରେ ତାଙ୍କୁ 'ଟିଚର ଅଫ୍ ଦ ମନ୍ଥ' ଭାବରେ ସମ୍ମାନିତ କରାଯାଇଥିଲା। ଆଲେନ୍ ୨୦୧୭ ରେ କାଲିଫର୍ଣ୍ଣିଆ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (କାଲଟେକ୍)ରୁ ମେକାନିକାଲ୍ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିଥିଲେ। ଏଥିସହିତ ସେ ଗତବର୍ଷ 'କାଲିଫର୍ଣ୍ଣିଆ ଷ୍ଟେଟ୍ ୟୁନିଭର୍ସିଟି-ଡୋମିଙ୍ଗୁଏଜ୍ ହିଲ୍ସ'ରୁ କମ୍ପ୍ୟୁଟର ସାଇନ୍ସରେ ମାଷ୍ଟର ଡିଗ୍ରୀ ହାସଲ କରିଥିଲେ। ଆଲେନ ରାଜନୀତିରେ ରୁଚି ରଖୁଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଫେଡେରାଲ ନିର୍ବାଚନ କମିଶନ (ଏଫଇସି) ରେକର୍ଡ ଅନୁଯାୟୀ, କୋଲ୍ ଥମାସ ଆଲେନ ୨୦୨୪ ଅକ୍ଟୋବରରେ କମଳା ହାରିସଙ୍କ ରାଷ୍ଟ୍ରପତି ଅଭିଯାନ ପାଇଁ ୨୫ ଡଲାର ଦାନ କରିଥିଲେ।

# ଡେଟିଂ ଆପ୍‌ରେ ସାଥୀ ଖୋଜିବାକୁ ଟଙ୍କା ଦେଉଛି ଜାପାନ



ନୂଆଦିଲ୍ଲୀ, ୨୬।୪:ଦ୍ରୁତଗତିରେ ଜନସଂଖ୍ୟା ହ୍ରାସ ପାଉଥିବାରୁ ଜାପାନ ସରକାର ଚିନ୍ତା ପ୍ରକଟ କରିଛନ୍ତି। ଏଥିପାଇଁ ଦେଶର ଯୁବପିଢ଼ିଙ୍କୁ ଡେଟିଂ ଆପ୍‌ର ଉପଯୋଗ ପାଇଁ ପ୍ରୋତ୍ସାହିତ କରୁଛନ୍ତି। ଅଧିକରୁ ଅଧିକ ଲୋକ ଏହି ପ୍ଲାଟ୍‌ଫର୍ମଗୁଡ଼ିକ ସହ ଯୋଡ଼ି ହେବାକୁ ଓ ସମ୍ପର୍କ ଗଢ଼ିବାକୁ ସରକାର ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି। ଏହାର ଉଦ୍ଦେଶ୍ୟ ଯୁବପିଢ଼ିଙ୍କୁ ବିବାହ ଓ ପରିବାର ବଢ଼ାଇବା ଲାଗି ପ୍ରେରିତ କରିବା। ଜାପାନର କୋଚି ପ୍ରାନ୍ତ 'ମିଟିଂ ସପୋର୍ଟ ପ୍ରୋଜେକ୍ଟ ଗ୍ରାଣ୍ଟ୍' ଆରମ୍ଭ କରିଛି। ଅବିବାହିତ ଯୁବାଙ୍କୁ ଡେଟିଂ ଆପ୍ ଜରିଆରେ ଯୋଡ଼ିବା ଏହି ଯୋଜନାର ଉଦ୍ଦେଶ୍ୟ। ସରକାର ଚାହାନ୍ତି, ଯୁବବର୍ଗ ଏହି ପ୍ଲାଟ୍‌ଫର୍ମ ଉପଯୋଗ କରି ପରସ୍ପରକୁ ଜାଣନ୍ତୁ ଏବଂ ବିବାହ କରନ୍ତୁ। ସାମାଜିକ ବନ୍ଧନକୁ ବଢ଼ାଇବା ଦିଗରେ ଏହି ପଦକ୍ଷେପ ହାତକୁ ନିଆଯାଇଛି। ଜାପାନରେ ସମ୍ପର୍କ ପ୍ରତି ଲୋକଙ୍କ ଉଦାସୀନତା ବଢୁଛି। ଅନେକ ଯୁବା ଆର୍ଥିକ ଅସ୍ଥିରତା ଯୋଗୁ ବିବାହ ଓ ସନ୍ତାନ ଜନ୍ମଠୁ ଦୂରେଇ ରହୁଛନ୍ତି। ସରକାରଙ୍କ ନୂଆ ଯୋଜନାରେ ଯୋଗ୍ୟ ଅବିବାହିତଙ୍କୁ ବର୍ଷକୁ ପ୍ରାୟ ୧୧,୭୫୨ ଟଙ୍କା ଯାଏ ସବ୍‌ସିଡି ମିଳିବ ବୋଲି ଜଣାଯାଇଛି। ଏହି ରାଶି ଡେଟିଂ ଆପ୍‌ରେ ପଞ୍ଜିକରଣ ଓ ସବ୍‌ସ୍କ୍ରିପ୍‌ସନ ପାଇଁ ଦିଆଯାଉଛି।

# ପାକିସ୍ତାନର ଶାନ୍ତି ମଧ୍ୟସ୍ଥତାରେ ଭାରତର ପ୍ରତିଷ୍ଠା କ୍ଷୁଣ୍ଣ ହେବନି: ଥରୁର

ନୂଆଦିଲ୍ଲୀ, ୨୫।୪: ଇରାନ ଓ ଆମେରିକା ମଧ୍ୟରେ ପାକିସ୍ତାନ ମଧ୍ୟସ୍ଥତା କରିବା ଦ୍ୱାରା ଭାରତର ବିଶ୍ୱସ୍ତରୀୟ ପ୍ରତିଷ୍ଠା କ୍ଷୁର୍ଣ୍ଣ ହେବ ନାହିଁ ବୋଲି ଶଶି ଥରୁର କହିଛନ୍ତି। ପାକିସ୍ତାନର ବିଶ୍ୱସନୀୟତା ଉପରେ ଗମ୍ଭୀର ପ୍ରଶ୍ନ ଉଠାଇ ଥରୁର କହିଛନ୍ତି ଯେ, ପାଶ୍ଚାତ୍ୟ ଦେଶଗୁଡ଼ିକ ଓସାମା ବିନ୍ ଲାଡେନ ଭଳି ପ୍ରସଙ୍ଗରେ ପାକିସ୍ତାନକୁ କ୍ଷମା କରିଦେଇଛନ୍ତି ଯଦିଓ ସେ ବର୍ଷ ବର୍ଷ



ଧରି ସେଠାକାର ସେନା ନାକ ତଳେ ଲୁଚି ରହିଥିଲେ। ଏହା ପାକିସ୍ତାନର "ଦ୍ୱୈତ ମାନଦଣ୍ଡ"କୁ ସୂଚାଉଛି ବୋଲି ସେ କଟାକ୍ଷ କରିଛନ୍ତି। ମୁମ୍ବାଇ ୨୬/୧୧ ଆକ୍ରମଣର ପର୍ଯ୍ୟାପ୍ତ ପ୍ରମାଣ ସତ୍ତ୍ୱେ ପାକିସ୍ତାନ ଅପରାଧୀଙ୍କୁ ଦଣ୍ଡ ଦେବାରେ ବିଫଳ ହୋଇଛି। ସୀମାପାର ଆତଙ୍କବାଦ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନହେବା ପର୍ଯ୍ୟନ୍ତ ଭାରତ କୌଣସି ପ୍ରକାର ଆଲୋଚନା କିମ୍ବା କୂଟନୈତିକ ଅନୁକମ୍ପା ଦେଖାଇବା ଉଚିତ ନୁହେଁ ବୋଲି ସେ ଜୋର ଦେଇ କହିଛନ୍ତି। ଇରାନ ଓ ଆମେରିକା ମଧ୍ୟରେ ଉତ୍ତେଜନା ପ୍ରସଙ୍ଗରେ ଭାରତର ଭୂମିକାକୁ ନେଇ ଥରୁର କହିଛନ୍ତି ଯେ, ଭାରତର ସମସ୍ତ ପ୍ରମୁଖ ରାଷ୍ଟ୍ରଙ୍କ ସହ ସୁସମ୍ପର୍କ ରହିଛି, ଯାହା ପାକିସ୍ତାନ ପାଖରେ ନାହିଁ । ଯଦି ପାକିସ୍ତାନ ମଧ୍ୟସ୍ଥତା କରିବାକୁ ଚେଷ୍ଟା କରେ, ତେବେ ଏହା ଭାରତର ଗୁରୁତ୍ୱକୁ ହ୍ରାସ କରିବ ନାହିଁ। ଅନ୍ୟପକ୍ଷରେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭାରତ ବିରୋଧୀ ବିବାଦୀୟ 'ନର୍କ' ମନ୍ତବ୍ୟ ଉପରେ ସରକାରଙ୍କୁ ସଂଯମ ରହିବାକୁ ସେ ପରାମର୍ଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ୨୦୧୬ ଉରି ଏବଂ ୨୦୧୯ ପୁଲୱାମା ଆକ୍ରମଣ ପରଠାରୁ ଭାରତ ସ୍ପଷ୍ଟ କରିସାରିଛି ଯେ ଆତଙ୍କବାଦ ଏବଂ ଆଲୋଚନା ଏକାଠି ଚାଲିପାରିବ ନାହିଁ।

# ଉଚ୍ଚ ତାପମାତ୍ରା ସୃଷ୍ଟି କରୁଛି ଉତ୍କଟ ମରୁଡ଼ି

ନୂଆଦିଲ୍ଲୀ,୨୬।୪: ଦିନ ଥିଲା ଯେତେବେଳେ ଉତ୍କଟ ବର୍ଷା ଅଭାବ ଯୋଗୁ ହିଁ ମରୁଡ଼ି ସ୍ଥିତି ଉପୁଜୁଥିଲା। କିନ୍ତୁ ଏବେ ଏହାର ସଂଜ୍ଞା ବଦଳିଯାଇଛି। ବର୍ଷା ସ୍ୱାଭାବିକ ଥିଲେ ବି ଉଚ୍ଚ ତାପମାତ୍ରାରୁ ବଢୁଥିବା ଭୂପୃଷ୍ଠ ତାତିରୁ ଭୟଙ୍କର

## ନେଚର୍ ରିଭ୍ୟୁଜ୍ ଆର୍ଥ ଜର୍ଣ୍ଣାଲ ରିପୋର୍ଟ

ମରୁଡ଼ି ସ୍ଥିତି ଉପୁଜୁଛି। ଏହା ଉଷ୍ମ ମରୁଡ଼ି ଭାବେ ଜଣା, ଯେଉଁଠି ଉଚ୍ଚ ତାପମାତ୍ରା ମାଟିରୁ ବାଷ୍ପୀକରଣ ଏବଂ ଉଦ୍ଭିଦରୁ ବାଷ୍ପ ନିର୍ଗମନକୁ ତ୍ୱରାନ୍ୱିତ କରେ। ମଧ୍ୟମ ବୃଷ୍ଟିପାତରେ ବି ଏହା ଭୂପୃଷ୍ଠକୁ ଦ୍ରୁତ ବେଗରେ ଶୁଷ୍କ କରିଦିଏ। ସରଳ ଭାଷାରେ କହିଲେ, ତାପମାତ୍ରା ବଢ଼ିବା ଦ୍ୱାରା ପରିବେଶର ଜଳ ଚାହିଦା ବଡ଼ ମାତ୍ରାରେ ବୃଦ୍ଧି ପାଏ। ଯଦିଓ ବର୍ଷା ସ୍ୱାଭାବିକ ରୁହେ, ଜଳ ପାଇଁ ପରିବେଶର ଅଧିକ ଚାହିଦା ଭୂପୃଷ୍ଠ ଜଳକୁ ବାଷ୍ପୀଭୂତ କରିଦିଏ ଏବଂ ମାଟିକୁ ପୁନର୍ବାର ପୂରଣ କରିବା ଅପେକ୍ଷା



ଏହାକୁ ଅଧିକ ଶୁଷ୍କ କରିଦିଏ। ପାରମ୍ପରିକ ମରୁଡ଼ି ବର୍ଷା ଅଭାବ ଯୋଗୁ ହେଉଥିଲା କିନ୍ତୁ ଆଧୁନିକ ଉଷ୍ମ ମରୁଡ଼ି ଅତ୍ୟଧିକ ତାତି ବା ଉଚ୍ଚ ତାପମାତ୍ରା ଯୋଗୁ ହୋଇଥାଏ। ଶୁଖିଲା ମାଟି ଅଧିକ ସୌର ବିକିରଣ ଶୋଷଣ କରେ ଏବଂ ଆହୁରି ଉତ୍ତପ୍ତ ହୁଏ, ଉଚ୍ଚ-ଚାପ ପ୍ରଣାଳୀ ସୃଷ୍ଟି କରେ, ଯାହା ବର୍ଷାକୁ ଦମନ କରେ ଏବଂ ତାପକୁ ବୃଦ୍ଧି କରେ। ଏହିଭଳି ଭାବେ ଏକ ସ୍ୱୟଂ- ଉଷ୍ମତା ଚକ୍ର ସୃଷ୍ଟି ହୁଏ।

ନେଚର୍ ରିଭ୍ୟୁଜ୍ ଆର୍ଥ ଆଣ୍ଡ୍ ଏନ୍‌ଭାଇରନ୍‌ମେଣ୍ଟ ପତ୍ରିକାରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ, ୨୦୨୫ ଶେଷ ସୁଦ୍ଧା ବିଶ୍ୱ ଭୂପୃଷ୍ଠର ୩୦% ମରୁଡ଼ିଗ୍ରସ୍ତ ଥିଲା। ଏହା ୧୯୯୦ରେ ରେକର୍ଡ କରାଯାଇଥିବା ମରୁଡ଼ି ସ୍ତରର ୩ ଗୁଣା। ୯୦ ଦଶକରେ ୧୦% ଭୂପୃଷ୍ଠ ମରୁଡ଼ି ପ୍ରଭାବିତ ଥିଲା। ୧୯୫୦ରୁ ଏଯାବତ୍ ୨୦୨୫ ଷଷ୍ଠ ବୃହତ୍ ମରୁଡ଼ି ପ୍ରଭାବିତ ବର୍ଷ ପାଲଟିଛି। ୨୦୨୫ରେ ମରୁଡ଼ି ଦ୍ୱାରା ପ୍ରଭାବିତ ୩୦% ଭୂପୃଷ୍ଠ ମଧ୍ୟରୁ ପ୍ରାୟ ୧.୨% ଅତିରିକ୍ତ ମରୁଡ଼ିଗ୍ରସ୍ତ ଥିଲା। ରିପୋର୍ଟ ଅନୁସାରେ, ୨୦୨୫ରେ ବିଶ୍ୱ ଭୂପୃଷ୍ଠ ତାପମାତ୍ରା ତୃତୀୟ ବୃହତ୍ ସ୍ତରରେ ପହଞ୍ଚିଥିଲା। ଏହି ବର୍ଷ ମରୁଡ଼ିର ପଦଚିହ୍ନ ବ୍ୟାପକ ଏବଂ ଭୟଙ୍କର ଥିଲା। ଏସିଆ, ଆଫ୍ରିକା, ୟୁରୋପ, ଦକ୍ଷିଣ ଆମେରିକା ଏବଂ ଉତ୍ତର ଆମେରିକା ପ୍ରାୟ ସମସ୍ତ ମହାଦେଶ ଏହା ଦ୍ୱାରା ପ୍ରଭାବିତ ହୋଇଥିଲେ। ୨୦୨୫ ଅଗଷ୍ଟ ସୁଦ୍ଧା ଭାରତର ୧୯% ଭାଗ ମରୁଡ଼ି କିମ୍ବା ମରୁଡ଼ି ପରିସ୍ଥିତିର ସାମ୍ନା କରିଥିବା ଜଣାପଡ଼ିଛି।

# ଜାତୀୟ ବୋଲିଂ ଚାମ୍ପିଅନ୍‌ସିପ୍‌ରେ ଓଡ଼ିଶାକୁ ସ୍ୱର୍ଣ୍ଣ

ନୂଆଦିଲ୍ଲୀ, ୨୪।୪: ସ୍ଥାନୀୟ ଜୋରେକୋ ଆର୍ କ୍ୟୁବ୍ ମଲ୍‌ରେ ୨୦ ତାରିଖଠାରୁ ୨୪ ତାରିଖ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଅଲିମ୍ପିକ୍ସ ଜାତୀୟ ବୋଲିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୧୭ଟି ରାଜ୍ୟର ୧୨୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଓଡ଼ିଶାରୁ ୪ ଜଣ (୨ ପୁରୁଷ ଏବଂ ୨ ମହିଳା) କ୍ରୀଡ଼ାବିତ୍ ଏହି ଜାତୀୟ ବୋଲିଂ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଦେବାଶିଷ ଏବଂ ସତ୍ୟବ୍ରତ ଦାଶ ପୁରୁଷ ଡବଲ୍ସ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସାଗରିକା ଏବଂ ସୁଶ୍ରୀ ସଙ୍ଗୀତା ମହିଳା ଡବଲ୍ସ ଇଭେଣ୍ଟରେ କାଂସ୍ୟ ପଦକ ଜିତିଥିଲେ। ସତ୍ୟବ୍ରତ ପୁରୁଷ ଏକକ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଏବଂ ସୁଶ୍ରୀ ସଙ୍ଗୀତା ମହିଳା ଏକକ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତି ଓଡ଼ିଶାକୁ ଗର୍ବିତ କରିଥିଲେ।



ଅଭିଜ୍ଞ ଗୀତା ପଣ୍ଡା ମୁଖ୍ୟ ପ୍ରଶିକ୍ଷକ ଦାୟିତ୍ୱ ତୁଲାଇଥିବା ବେଳେ ଲକ୍ଷ୍ମଣ ଗୌଡ଼ ସହ ପ୍ରଶିକ୍ଷକ ଥିଲେ। ଓଡ଼ିଶାରେ ଏହି କ୍ରୀଡ଼ାର ଭିତ୍ତିଭୂମି ଅଭାବ ଥିବା ସତ୍ତ୍ୱେ ଏହି ସଫଳତା ଖେଳାଳି ଓ ପ୍ରଶିକ୍ଷକମାନଙ୍କର ସଂଘର୍ଷପୂର୍ଣ୍ଣ ମନୋଭାବକୁ ପ୍ରତିଫଳିତ କରୁଛି ବୋଲି କୁହାଯାଉଛି। ସ୍ୱତନ୍ତ୍ର ଅଲିମ୍ପିକ୍ ଓଡ଼ିଶାର ଅଧ୍ୟକ୍ଷା ସୁନୀତା ମୁଣ୍ଡ, କ୍ଷେତ୍ର ନିର୍ଦ୍ଦେଶକ ପ୍ରକାଶ ରଥ, ଉପାଧ୍ୟକ୍ଷ ଉମାକାନ୍ତ ଷଡ଼ଙ୍ଗୀ, କ୍ରୀଡ଼ା ନିର୍ଦ୍ଦେଶକ ସସ୍ମିତା ମହାପାତ୍ର, ରାଜ୍ୟ ସଂଯୋଜକ ଅର୍ପିତା ମହାପାତ୍ର, କୋଷାଧ୍ୟକ୍ଷ ସୁରେଶ ଖୁଣ୍ଟିଆ, ମନସ୍ତତ୍ତ୍ୱବିତ୍ ମନତୋଷ ବେହେରା, କ୍ରୀଡ଼ାବିତ୍ ପ୍ରତିନିଧି ସରିତା ରାଉତରାୟ, ଅଭିଭାବକ ପ୍ରତିନିଧି ଦୀପ୍ତି ରାଉତ ପ୍ରମୁଖ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଓଲଟି ପଡ଼ିଲା ମେଲୋଡ଼ି ଗାଡ଼ି



ବଲାଙ୍ଗୀର,୨୬।୪(ସଂଚାର ବ୍ୟୁରୋ): ଆଜି ବଲାଙ୍ଗୀର ଜିଲ୍ଲା ସଇଁତଲା ଥାନା ଅନ୍ତର୍ଗତ ଜାତୀୟ ରାଜପଥ-୨୬ କନ୍ଧକେଲ ଗାଁ ଛକ ନିକଟରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଏକ ମେଲୋଡ଼ି ଗାଡ଼ି ରାସ୍ତାରେ ଆସୁଥିବା ବେଳେ ଅଚାନକ କୌଣସି କାରଣରୁ ରାସ୍ତା ଉପରେ ଓଲଟି ପଡ଼ିଥିଲା। ଫଳତଃ ଏଥିରେ ବସିଥିବା ପ୍ରାୟ ୩୦ ଜଣଙ୍କ ମଧ୍ୟରୁ ୫ ଜଣ ଗୁରୁତର ଭାବେ ଆହତ ହୋଇଥିଲେ ହେଁ ଅନ୍ୟ ୨୫ ଜଣ ଯାତ୍ରୀଙ୍କର କୌଣସି କ୍ଷତି ହୋଇନାହିଁ। ମିଳିଥିବା ସୂଚନାନୁଯାୟୀ, ବରଗଡ଼ ଜିଲ୍ଲା ବିର୍ଜାମ ଗାଁର 'ମା ଲଙ୍କେଶ୍ୱରୀ ମେଲୋଡ଼ିର ଦୁଲ୍‌ଦୁଲି ପାର୍ଟି' ଜୁନାଗଡ଼ରେ ଏକ ବିବାହ ଉତ୍ସବରେ ଯୋଗଦେବା ପାଇଁ ଯାଉଥିଲେ। ତେବେ କନ୍ଧକେଲ ଗାଁ ଛକ ନିକଟରେ ଏହା କୌଣସି କାରଣବଶତଃ ନିୟନ୍ତ୍ରଣ ହରାଇ ଓଲଟି ପଡ଼ିଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଜନସାଧାରଣ ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ସଇଁତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଏହି ଦୁର୍ଘଟଣାକୁ ନେଇ ସଇଁତଲା ପୁଲିସ ଅଧିକ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।

## ଛାତ୍ର ନିଖୋଜ, ପୁଲିସ୍‌ର ଦ୍ୱାରସ୍ଥ ହେଲେ ପରିବାର

ଭଦ୍ରକ,୨୬।୪(ସଂଚାର ବ୍ୟୁରୋ): ଭଦ୍ରକ ସହରାଞ୍ଚଳ ଥାନା ଅଧୀନସ୍ଥ ଚାରିଘରିଆ ଆଦିବାସୀ କଲୋନୀରେ ରହୁଥିବା ଜଣେ ୧୯ ବର୍ଷର ଯୁବକର ନିଖୋଜ ନେଇ ତାର ପରିବାର ଲୋକେ କାନ୍ଦି କାନ୍ଦି ପୁଲିସ୍‌ର ଦ୍ୱାରସ୍ଥ ହୋଇଛନ୍ତି। ପରିବାର ଲୋକଙ୍କ ଅଭିଯୋଗ ମୂଳେ ଆଦିବାସୀ କଲୋନୀର ରମାକାନ୍ତ ମଳିକଙ୍କ ପୁତ୍ର ବୀରେନ ଯୁକ୍ତ ୨ ପଢ଼ିବା ପରେ ନିଟ୍ ଲାଗି ପ୍ରସ୍ତୁତି ଆରମ୍ଭ କରିଥିଲା। ତେବେ ଗୁରୁବାର ସନ୍ଧ୍ୟାରେ ସେ ଘରୁ ବାହାରକୁ ଯାଇ ଆଉ ଫେରିନଥିଲା। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ତାର କୌଣସି ସାଙ୍ଗ, ବନ୍ଧୁବାନ୍ଧବଙ୍କ ଘରୁ ନିରାଶ ହୋଇଥିଲେ। ତେବେ ବୀରେନ ଘରୁ ଯିବାବେଳେ ତାର ଫୋନ୍ କିମ୍ବା କୌଣସି ଜିନିଷପତ୍ର ନେଇନଥିଲା। ସେଦିନ ରାତିରେ ବୀରେନ ଆରଡିଛକରୁ ଏକ ବାଇକ୍‌ରୁ ଲିଫ୍ଟ ମାଗି ବନ୍ତକ୍ଷେତ୍ରକୁ ଆସିଥିବା ବିଷୟ ଜଣେ ବ୍ୟକ୍ତି କହିଥିବାବେଳେ ସେଦିନ ରାତି ୧୦ଟାରୁ ସେଠାରୁ କେଉଁଆଡେ ନିଖୋଜ ହୋଇଯାଇଥିବାର ଜଣାପଡ଼ିଛି। ପୁଲିସ୍ ବିଭିନ୍ନ ସିସିଟିଭି ଯାଞ୍ଚ କରିବା ପରେ ମଧ୍ୟ ତା'ର କୌଣସି ପତ୍ତା ପାଇପାରିନାହିଁ।

## ପଞ୍ଚାୟତ କାର୍ଯ୍ୟାଳୟରୁ ଚୋରି ମାମଲାରେ ୪ ଗିରଫ

ଭଦ୍ରକ,୨୬।୪(ସଂଚାର ବ୍ୟୁରୋ): ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ଅଧୀନ ବାରୋ ପଞ୍ଚାୟତ କାର୍ଯ୍ୟାଳୟରୁ ବିଭିନ୍ନ ସାମଗ୍ରୀ ଚୋରି ହୋଇଥିଲା। ତିହିଡ଼ି ପୋଲିସ ଶନିବାର ଏହି ସାମଗ୍ରୀକୁ ଜବତ କରିବା ସହ ଚୋରିରେ ସମ୍ପୃକ୍ତ ଥିବା ୪ ଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଉଛନ୍ତି ବାରୋ ପଞ୍ଚାୟତ କଲ୍ୟାଣୀନଗର ଗ୍ରାମର ଜଗନ୍ନାଥ ଦାସ ଓ ପ୍ରଶାନ୍ତ କୁମାର ଦାଶ, ଝିଙ୍କିରିଆ ଗ୍ରାମର ଲମ୍ବୋଦର ଦାସ ଏବଂ ନନ୍ଦପୁର ଗ୍ରାମର ଗୋରା ସାହା। ପ୍ରକାଶ ଯେ ବାରୋ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ନଳକୂପ ଜଣେ ଠିକାଦାରଙ୍କ ମାଧ୍ୟମରେ ବସା ଯାଉଥିଲା। କାର୍ଯ୍ୟାଳୟରେ ନଳକୂପର ଯନ୍ତ୍ରାଂଶ ସହ ଅନ୍ୟ ସାମଗ୍ରୀ ରଖାଯାଇଥିଲା। ଗତ ୨୩ତାରିଖରେ ସେହି ସାମଗ୍ରୀସବୁ ଚୋରି ହୋଇ ଯାଇଥିବା ଠିକାଦାର ମନୋଜ ରାୟ ଜାଣିବା ପରେ ତିହିଡ଼ି ଥାନାରେ ଏ ସମ୍ପର୍କରେ ଅଭିଯୋଗ କରିଥିଲେ। ପୋଲିସ ଏହି ଘଟଣାରେ ଏକ ମାମଲା (ନଂ ୧୪୨/୨୬)ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ଆଇଆଇସି ଲୋପାମୁଦ୍ରା ନାୟକ ଚୋରମାନଙ୍କୁ ଠାବ କରି ଗିରଫ କରିବା ପରେ ସେମାନେ ସାମଗ୍ରୀ ସବୁକୁ ନନ୍ଦପୁର ବଜାରସ୍ଥିତ ଏକ କବାଡ଼ିଆ ଦୋକାନରେ ବିକ୍ରି କରିଥିବା ପ୍ରକାଶ କରିଥିଲେ। ପରେ ପୁଲିସ ସେହି ଦୋକାନ ଉପରେ ଚଢ଼ାଉ କରି ଚୋରି ସାମଗ୍ରୀକୁ ଜବତ କରିଥିବା ଜଣାଯାଇଛି। ତେବେ ତଦନ୍ତ ପରେ ଜଗନ୍ନାଥଙ୍କ ନାଁରେ ପୂର୍ବରୁ ୨ଟି ମାମଲା ଥିବା ଆଇଆଇସି ନାୟକ ସୂଚନା ଦେଇଛନ୍ତି।

■ ହିମନ୍ତ ବିଶ୍ୱଶର୍ମାଙ୍କ ପତ୍ନୀଙ୍କ ନାମରେ ଅଭିଯୋଗ ମାମଲା

# ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେଲେ ଖେଡ଼ା

ଗୁଆହାଟୀ, ୨୫।୪: ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ପତ୍ନୀଙ୍କ ନାମରେ ଅଭିଯୋଗ ମାମଲାରେ ଗୁଆହାଟୀ ହାଇକୋର୍ଟ ଆଗୁଆ ଜାମିନ ଦେବାକୁ ମନା କରିବାପରେ କଂଗ୍ରେସ ନେତା ପଵନ ଖେଡ଼ା ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। ଗିରଫଦାରୀରୁ ବର୍ତ୍ତିବାକୁ ଗୁଆହାଟୀ ହାଇକୋର୍ଟଙ୍କ ରାୟକୁ ଚାଲେଞ୍ଜ କରି ଖେଡ଼ା ରବିବାର ସର୍ବୋଚ୍ଚ ନ୍ୟାୟାଳୟରେ ଏକ ସ୍ୱତନ୍ତ୍ର ଲିଭ୍ ପିଟିସନ୍ ଦାଖଲ କରିଛନ୍ତି। ବିଶ୍ୱଶର୍ମାଙ୍କ ପତ୍ନୀଙ୍କ ନିକଟରେ ତିନିଟି ଦେଶର ପାସପୋର୍ଟ ଥିବା ଓ ବିଦେଶରେ କୋଟି କୋଟି ଟଙ୍କାର ବ୍ୟବସାୟ ଥିଲେ ମଧ୍ୟ ବିଶ୍ୱଶର୍ମା ତାଙ୍କ ନିର୍ବାଚନୀ ସତ୍ୟପାଠରେ ଏସବୁ ଉଲ୍ଲେଖ ନଥିବା ଖେଡ଼ା ଅଭିଯୋଗ କରିଥିଲେ। ଏହି ଘଟଣା ପରେ



ବିଶ୍ୱଶର୍ମାଙ୍କ ପତ୍ନୀ ରିନିକି ଭୂୟାଁ ଶର୍ମା ଖେଡ଼ାଙ୍କ ନାଁରେ ଗୁଆହାଟୀ କ୍ରାଇମ ବ୍ରାଞ୍ଚ ପୁଲିସ ଷ୍ଟେସନରେ ବିଏନ୍‌ଏସ୍‌ର ବିଭିନ୍ନ ଧାରାରେ ଅପରାଧିକ ମାମଲା ରୁଜୁ କରିଥିଲେ। ଆସାମ ପୁଲିସ ଏପ୍ରିଲ ୭ ତାରିଖରେ ଖେଡ଼ାଙ୍କ ଦିଲ୍ଲୀ ବାସଭବନକୁ ଯାଇଥିଲେ ମଧ୍ୟ ସେ ସେଠାରେ ତାଙ୍କୁ ପାଇ ନଥିଲେ। ଖେଡା ଗିରଫଦାରୀରୁ ବର୍ତ୍ତିବାକୁ ତେଲଙ୍ଗାନା ହାଇକୋର୍ଟରୁ ୭ ଦିନିଆ ଟ୍ରାଞ୍ଜିଟ୍ ଆଗୁଆ ଜାମିନ୍ ପାଇଥିଲେ। କିନ୍ତୁ ଆସାମ ପୁଲିସ ଏହାକୁ ସୁପ୍ରିମକୋର୍ଟରେ ଚାଲେଞ୍ଜ କରିଥିଲେ। ଏପ୍ରିଲ ୧୫ ତାରିଖରେ ସର୍ବୋଚ୍ଚ ନ୍ୟାୟାଳୟ ତେଲଙ୍ଗାନା ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଖାରଜ କରିଦେଇଥିଲେ। ସୁପ୍ରିମକୋର୍ଟ କହିଥିଲେ ଯେ ଯଦି ଖେଡ଼ା ଆସାମର ଏକ କୋର୍ଟରେ ଆଗୁଆ ଜାମିନ ଆବେଦନ କରନ୍ତି, ତେବେ ତାଙ୍କର ମଧ୍ୟବର୍ତ୍ତୀକାଳୀନ ଆଦେଶ ତାଙ୍କ ଆବେଦନର ବିଚାରକୁ ପ୍ରଭାବିତ କରିବ ନାହିଁ। ପରେ ଖେଡ଼ା ତାଙ୍କ ଟ୍ରାଞ୍ଜିଟ୍ ଆଗୁଆ ଜାମିନ ଉପରେ ସ୍ଥଗିତାଦେଶ ପ୍ରତ୍ୟାହାର କରିବାକୁ ଚେଷ୍ଟା କରିଥିଲେ, କିନ୍ତୁ କୋର୍ଟ ତାହା ପ୍ରତ୍ୟାଖ୍ୟାନ କରି ତାଙ୍କୁ ଗୁଆହାଟୀ ହାଇକୋର୍ଟକୁ ଯିବାକୁ କହିଥିଲେ। ଗୁଆହାଟୀ ହାଇକୋର୍ଟ ଖେଡ଼ାଙ୍କୁ ଆଗୁଆ ଜାମିନ୍ ଦେବାକୁ ମନାକରିଦେବା ପରେ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

● ଜୀବିକା ମିଶନ ଧ୍ୱଂସ ପାଇଁ ଉଦ୍ୟମ

# ରାଜରାସ୍ତାକୁ ଓହ୍ଲାଇବେ ମହିଳା ଗୋଷ୍ଠୀ



ଭୁବନେଶ୍ୱର,୨୬।୪(ସଂଚାର ବ୍ୟୁରୋ): ଆଜି ନିଖିଳ ଓଡ଼ିଶା ଜୀବିକା ମିଶନ ଇସି ସଂଘର ରାଜ୍ୟସ୍ତରୀୟ ବୈଠକ ସ୍ଥାନୀୟ ଭଗବତୀ ଭବନଠାରେ ଅନୁଷ୍ଠିତ ହୋଇଛି। ଏଥିରେ ଓଡ଼ିଶା ସରକାର ଜୀବିକା ମିଶନକୁ ଧ୍ୱଂସ କରିବା ପାଇଁ ଯେଉଁ ପୁନର୍ଗଠନ ପ୍ରକ୍ରିୟା ଆରମ୍ଭ କରିଛନ୍ତି, ତାହାକୁ ଜିଲ୍ଲା ନେତୃବୃନ୍ଦ ବିରୋଧ କରିଛନ୍ତି। ଓଡ଼ିଶା ଜୀବିକା ମିଶନ ମାଧ୍ୟମରେ ପ୍ରତି ବର୍ଷ ୭ ଲକ୍ଷରୁ ଅଧିକ ମହିଳା ଏସ୍‌ଏଚ୍‌ଜି ମାଧ୍ୟମରେ ୭୦ ଲକ୍ଷରୁ ଉର୍ଦ୍ଧ୍ୱ ମହିଳାଙ୍କୁ ଜୀବିକାର୍ଜନ ପାଇଁ ଦେଢ଼ ଲକ୍ଷରୁ ଉର୍ଦ୍ଧ୍ୱ ଇସି ସଦସ୍ୟ ଘରକୁ ଘର ଯାଇ ଗୃହିଣୀମାନଙ୍କୁ ପ୍ରବର୍ତ୍ତାଇ ଘର କାମ ସହ ହସ୍ତଶିଳ୍ପ, କୁଟୀର ଶିଳ୍ପ, ବ୍ୟବସାୟ, ବାଣିଜ୍ୟ ପାଇଁ ବ୍ୟାଙ୍କ ମାଧ୍ୟମରେ ଆବଶ୍ୟକ ଋଣ ନେଇ ଆତ୍ମନିର୍ଭରଶୀଳ ହେବାକୁ ପ୍ରବର୍ତ୍ତାଇ ମହାସଂଘର ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷମାନେ ନିଜେ ଋଣ ଆଣି ଏହି ମହିଳାମାନଙ୍କୁ ଯୋଗାଇ ଦେଇଥାଆନ୍ତି। ମହିଳାମାନେ ଏହି ଋଣ ନେଇ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ହସ୍ତଶିଳ୍ପ, କୁଟୀର ଶିଳ୍ପ, କ୍ଷୁଦ୍ର ବ୍ୟବସାୟ ବାଣିଜ୍ୟ କରି ଜୀବିକା ଅର୍ଜନ ସହ ଆତ୍ମନିର୍ଭରଶୀଳ ହୋଇଥାଆନ୍ତି। ସଠିକ ସମୟରେ ଋଣ ପରିଶୋଧ କଲେ ଓଏଲ୍‌ଏମ୍ ସୁଧର ମଧ୍ୟ ଭରଣା କରିଥାଏ। ଏହାହିଁ ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତିକୁ ଏକ ବିଶାଳ ମହାଦ୍ରୁମରେ ପରିଣତ କରିଥିଲା।

କିନ୍ତୁ ରାଜ୍ୟରେ ବିଜେପି କ୍ଷମତାକୁ ଆସିବା ପରେ ଗତବର୍ଷ ଏପ୍ରିଲରୁ ଏହି ଋଣ ସୁପାରିସ୍ ବନ୍ଦ କରି ୭୦ ଲକ୍ଷ ମହିଳାଙ୍କ ଜୀବିକାର୍ଜନର ରାହା ବନ୍ଦ କରିଦେଇଛନ୍ତି। ରାଜ୍ୟର ୨୧ ଲକ୍ଷ ମହିଳା କର୍ମୀ ଓ ଏଥିରୁ କର୍ମଜୀବୀ ଭୂମିକା ନେଇଥିବା ଦେଢ଼ ଲକ୍ଷରୁ ଅଧିକ ଇସି ସଦସ୍ୟାଙ୍କୁ ହଟାଇ ବିଜେପି ଦଳୀୟ କର୍ମୀଙ୍କ ହାତରେ ଏହାକୁ ଟେକି ଦେବା ପାଇଁ ଓଏଲ୍‌ଏମ୍ ପୁନର୍ଗଠନ ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ସରକାରଙ୍କ ଏହି ବେଆଇନ୍ ପୁନର୍ଗଠନ ପ୍ରକ୍ରିୟା ଉପରେ ଓଡ଼ିଶା ହାଇକୋର୍ଟ ମଧ୍ୟ ୨୦୨୫ ଏପ୍ରିଲ ମଧ୍ୟଭାଗରୁ ରହିତାଦେଶ ଦେଇଥିଲେ ମଧ୍ୟ ସରକାର ମହିଳା ଏସ୍‌ଏଚ୍‌ଜି, ମହାସଂଘର ସଞ୍ଚୟ ଜମା ଖାତା ସମେତ ଅନ୍ୟାନ୍ୟ ବ୍ୟାଙ୍କ ଖାତାର ଅପରେଟର ପରିବର୍ତ୍ତନ ପାଇଁ ବ୍ୟାଙ୍କମାନଙ୍କୁ ବେଆଇନ୍ ନିର୍ଦ୍ଦେଶ ଦେଇଛନ୍ତି। ମକଦ୍ଦମାକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରତ୍ୟେକ ଜିପିଏଲ୍‌ଏଫ୍, ବିଏଲ୍‌ଏଫ୍ ଓ ଡିଏଲ୍‌ଏଫ୍‌ମାନେ ତୁରନ୍ତ ନିଜ ନିଜ ଓକିଲଙ୍କ ସହ ଯୋଗସୂତ୍ର ରକ୍ଷା କରିବାକୁ ସଂଘ ପକ୍ଷରୁ ପରାମର୍ଶ ଦିଆଯାଇଛି। ଏହି କର୍ମଜୀବୀ ମହିଳା ଇସି ସଦସ୍ୟମାନେ ଆସନ୍ତା ପହିଲାରେ ନିଜ ବ୍ଲକ୍‌ରେ 'ଆନ୍ତର୍ଜାତିକ ଶ୍ରମିକ ଦିବସ' ପାଳନ କରି 'କର୍ମଜୀବୀ ମହିଳା ଏକତା ଓ ସଂଘର୍ଷର ସଂକଳ୍ପ' ନେବା ପାଇଁ ପ୍ରସ୍ତାବ ଦିଆଯାଇଛି।

## ୨୦ କେଜି ଗଞ୍ଜେଇ ଜବତ, ୩ ଗିରଫ

ଝାରସୁଗୁଡ଼ା,୨୬।୪(ସଂଚାର ବ୍ୟୁରୋ): ଝାରସୁଗୁଡ଼ା ପୁଲିସ ଏକ ଆନ୍ତଃଜିଲ୍ଲା ଗଞ୍ଜେଇ ଚୋରା ଚାଲାଣ ଚକ୍ରକୁ ଧ୍ୱଂସ କରି ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ସଦର ଥାନା ପୁଲିସର ଏକ ବିଶେଷ ଟିମ୍ ଚଢ଼ାଉ କରି ଏହି ସଫଳତା ଲାଭ କରିଥିଲା। ଚଢ଼ାଉ ସମୟରେ ଅଭିଯୁକ୍ତମାନଙ୍କ ନିକଟରୁ ୨୦ କିଲୋ ୪୨୫ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଏଥିସହ ୨ଟି ବାଇକ, ୩ଟି ମୋବାଇଲ ଫୋନ୍ ଏବଂ ନଗଦ ୩୨୫୦ ଟଙ୍କା ମଧ୍ୟ ଜବତ ହୋଇଛି। କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ଓ ସାକ୍ଷୀଙ୍କ ଉପସ୍ଥିତିରେ ଏନଡ଼ିପିଏସ ଆଇନ ଅନୁଯାୟୀ ସମସ୍ତ ନିଷିଦ୍ଧ ସାମଗ୍ରୀକୁ ଜବତ କରାଯାଇଥିଲା। ଗିରଫ ଅଭିଯୁକ୍ତମାନେ ସମ୍ବଲପୁର ଜିଲ୍ଲାର ଦିବ୍ୟ ଶଙ୍କର ନାଏକ (୫୬), ସନତ ନାଏକ (୨୪) ଏବଂ ସମୀର ପ୍ରଧାନ (୧୯) ବୋଲି ପରିଚୟ ମିଳିଛି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ଅଭିଯୁକ୍ତମାନେ ବାହାର ଜିଲ୍ଲାରୁ ଗଞ୍ଜେଇ ଆଣି ଝାରସୁଗୁଡ଼ା ଅଞ୍ଚଳରେ ବିକ୍ରି କରୁଥିଲେ ଓ ବିଶେଷକରି ଯୁବପିଢ଼ିଙ୍କୁ ଲକ୍ଷ୍ୟ କରୁଥିଲେ। ରବିବାର ସେମାନଙ୍କୁ କୋର୍ଟରେ ହାଜର କରାଯାଇଛି।



# ବସ୍ ଭଡ଼ା, ନିୟମ ମାନୁନାହାନ୍ତି

ଭୁବନେଶ୍ୱର,୨୬।୪: ରାଜ୍ୟ ପରିବହନ ବିଭାଗ ଦ୍ୱାରା ଜାରି ହୋଇଥିବା ଭଡ଼ା ନିୟମକୁ ପ୍ରାୟତଃ କୌଣସି ବସ୍ ମାନୁ ନାହାନ୍ତି। ନିୟମ ଅନୁଯାୟୀ ଏମାନେ ବସ୍ ଭିତରେ ଭଡ଼ା ସଂକ୍ରାନ୍ତରେ ସ୍ପଷ୍ଟ ଭାବେ ଉଲ୍ଲେଖ କରୁନାହାନ୍ତି କି ପରିବହନ ବିଭାଗ ମଧ୍ୟ ବିଭିନ୍ନ ବସ୍ ରହଣୀ ସ୍ଥାନରେ ଯାତ୍ରୀଙ୍କ ଅବଗତି ନିମନ୍ତେ ଏହା ପ୍ରଦର୍ଶନ କରୁନାହିଁ।



ପରିବହନ ବିଭାଗର ନିୟମ ରହିଛି ଯେ ଯାତ୍ରୀବାହୀ ଯାନ ବିଶେଷକରି ବସ୍‌ଗୁଡ଼ିକ କିମି ପିଛା ଧାର୍ଯ୍ୟ ହୋଇଥିବା ଦର ଓ କେଉଁ ବର୍ଗ ପାଇଁ କେତେ ରିହାତି ବ୍ୟବସ୍ଥା ରହିଛି, ତାହାକୁ ବସ୍ ଭିତରେ ଲୋକେ ଦେଖିପାରିଲା ଭଳି ସ୍ଥାନରେ ଲଗାଇବେ ଓ ସେହି ଅନୁଯାୟୀ ଭଡ଼ା ମଧ୍ୟ ଆଦାୟ କରିବେ। ଯେଉଁ ବସ୍ ମାଲିକ ଏହାକୁ ଅମାନ୍ୟ କରିବେ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏପରିକି ସେମାନଙ୍କର ପରମିଟ୍‌କୁ ମଧ୍ୟ କର୍ତ୍ତୃପକ୍ଷ ବାତିଲ କରିଦେଇପାରିବେ।

ଏହାଛଡ଼ା କଣ୍ଡକ୍ଟର ଟିକଟ ପ୍ରଦାନ ନ କଲେ, ଅବୈଧ ଟିକଟ ଜାରି କଲେ, କମ୍ ମୂଲ୍ୟର ଟିକଟ ଦେଲେ, ଭଡ଼ା ସଠିକ୍ ଭାବେ ଗ୍ରହଣ କରିବାକୁ ଅସ୍ୱୀକାର କଲେ, ମୋଟର ଯାନ ଅଧିନିୟମ ୧୯୮୮ର ଧାରା ୧୭୮(୨) ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ନିୟମିତ ଭାବେ ଏନଫୋର୍ସମେଣ୍ଟ ଚଢ଼ାଉ ହେଉ ନ ଥିବାରୁ ଏଭଳି କାର୍ଯ୍ୟାନୁଷ୍ଠାନ ପ୍ରାୟତଃ ଦେଖିବାକୁ ମିଳୁନାହିଁ।

ଯେହେତୁ ଯାତ୍ରୀମାନେ ସେମାନଙ୍କ ଯାତ୍ରା ପାଇଁ କେତେ ଭଡ଼ା ଦେବାକୁ ପଡ଼ିବ ତାହା ଜାଣିପାରୁ ନାହାନ୍ତି, ତେଣୁ କଣ୍ଡକ୍ଟର ଯାହା ମାଗିଲେ ସେମାନଙ୍କୁ ତାହା ଦେବାକୁ ପଡୁଛି। କୌଣସି ବସ୍ ଭିତରେ ଏଭଳି ମୂଲ୍ୟ ତାଲିକା ଦେଖିବାକୁ ମିଳୁନାହିଁ। ବସ୍‌ଷ୍ଟାଣ୍ଡ, ବସ୍ ରହଣୀ ସ୍ଥାନ ଆଦିରେ ବି ଏହା ପ୍ରଦର୍ଶନ ହେଉନାହିଁ। ପରିବହନ ବିଭାଗ ନିଜର ୱେବସାଇଟ୍‌ରେ ଭଡ଼ା ତାଲିକା ଦେଇ ଏକପ୍ରକାର କାମ ସାରିଦେଇଛନ୍ତି। ଯାହାକୁ ଦେଖିବା ଗାଁଗହଳିର ଯାତ୍ରୀମାନଙ୍କ ପାଇଁ ଆଦୌ ସମ୍ଭବ ନୁହେଁ। ସେହିଭଳି ଅଧିକାଂଶ ବସ୍‌ରେ ଟିକଟ ଦେବାର ବ୍ୟବସ୍ଥା ଉଠିଗଲାଣି। କଣ୍ଡକ୍ଟର କେବଳ ଯାତ୍ରୀମାନଙ୍କଠାରୁ ଅର୍ଥ ଆଦାୟ କରୁଛନ୍ତି।

ବସ୍ ଯାତ୍ରୀମାନେ କିଭଳି କଣ୍ଡକ୍ଟରଙ୍କ ମନମାନୀରେ ଭଡ଼ା ଗଣୁଛନ୍ତି, ତାହା ଅନ୍ୟ କୌଣସି ସ୍ଥାନରେ ନୁହେଁ, ଖୋଦ୍ କଟକ-ଭୁବନେଶ୍ୱର ରାସ୍ତାରେ ଯାତ୍ରା କଲେ ଯେ କେହି ଜାଣିପାରିବେ। ୨୫ କିମି ରାସ୍ତାପାଇଁ ଏଠାରେ ଯାତ୍ରୀଙ୍କଠାରୁ ୪୦ ରୁ ୫୦ ଟଙ୍କା ଆଦାୟ କରାଯାଉଛି। ପ୍ରତିବାଦ କଲେ ବସ୍ କର୍ତ୍ତୃପକ୍ଷ ଯାତ୍ରୀଙ୍କୁ ଅପମାନିତ କରିବା ସହ ବସ୍‌ରୁ ଓହ୍ଲାଇଯିବାକୁ ବାଧ୍ୟ କରିଥାନ୍ତି। କେବଳ ଏହି ଗୋଟିଏ ରାସ୍ତା ନୁହେଁ, କଟକର ନେତାଜୀ ବସଷ୍ଟାଣ୍ଡ ଓ ଭୁବନେଶ୍ୱରର ବାବା ସାହେବ ଆମ୍ବେଦକର ବସ୍‌ଷ୍ଟାଣ୍ଡରୁ ଦୈନିକ ଚଳାଚଳ କରୁଥିବା ବସ୍‌ଗୁଡିକରେ ଯାତ୍ରୀ କରୁଥିବା ବହୁ ଯାତ୍ରୀ ମଧ୍ୟ ଅଧିକ ଭଡ଼ା ଗଣୁଛନ୍ତି।

ପରିବହନ ବିଭାଗ ଏନଫୋର୍ସମେଣ୍ଟ କଥା କହୁଥିବା ବେଳେ କାଁଭାଁ ଚଢ଼ାଉ ହୋଇଥାଏ। ଚଢ଼ାଉରେ କେବଳ ଗାଡ଼ିର ଫିଟ୍‌ନେସ୍, ପରମିଟ୍ ସହ ଡ୍ରାଇଭର, କଣ୍ଡକ୍ଟରଙ୍କ ପୋଷାକ ଯାଞ୍ଚ ହୋଇଥାଏ। ଯାତ୍ରୀମାନେ ଭଡ଼ା ବାବଦରେ କେତେ ଅର୍ଥ ଦେଉଛନ୍ତି ଓ ସେମାନଙ୍କର କେତେ ଟଙ୍କାର ଟିକଟ ମିଳିଛି ତାହାର ଯାଞ୍ଚ ପ୍ରାୟତଃ ହୁଏ ନାହିଁ। ତେଣୁ ଏହାର ସୁଯୋଗ ନେଇ ବସ୍ କର୍ତ୍ତୃପକ୍ଷ ମନଇଚ୍ଛା ଭଡ଼ା ଆଦାୟ କରୁଥିବା ବେଳେ ପରିବହନ ବିଭାଗ କର୍ତ୍ତୃପକ୍ଷ ସବୁ ଜାଣି ନ ଜାଣିଲା ଭଳି ବହୁ ସ୍ଥାନରେ ରହିଯାଉଥିବା ଦେଖିବାକୁ ମିଳୁଛି। (ତଥ୍ୟ)

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନୈଶଭୋଜିରେ...

ଗମ୍ଭୀରତାର ସହ ନେଇଛନ୍ତି। ଟ୍ରୁଥ୍ ସୋସିଆଲରେ ସେ କହିଛନ୍ତି ଯେ ହ୍ୱାଇଟ୍ ହାଉସ୍ କରେସପଣ୍ଡେଣ୍ଟଙ୍କ ରାତ୍ରିଭୋଜନରେ ଯାହା ଘଟିଲା, ତାହା ହ୍ୱାଇଟ୍ ହାଉସ୍‌ରେ ବର୍ତ୍ତମାନ ନିର୍ମାଣାଧୀନ 'ସାମରିକ ଟପ୍ ସିକ୍ରେଟ୍ ବଲ୍‌ରୁମ୍'ରେ କେବେ ବି ଘଟି ନଥାନ୍ତା। ସେଥିଲାଗି ଦୀର୍ଘ ୧୫୦ ବର୍ଷ ଧରି ଆମେରିକାର ସେନା ଓ ପ୍ରତ୍ୟେକ ରାଷ୍ଟ୍ରପତି ହ୍ୱାଇଟ୍ ହାଉସରେ ଏକ ବୃହତ୍, ନିରାପଦ ତଥା ସୁରକ୍ଷିତ ବଲରୁମ୍ ନିର୍ମାଣ କରିବାକୁ ଦାବି କରି ଆସୁଛନ୍ତି। ଏଣିକି ଶକ୍ତିଶାଳି ବଲ ହାଉସ୍ ନିର୍ମାଣ କ୍ଷେତ୍ରରେ କାହାର ହସ୍ତକ୍ଷେପକୁ ଗୁରୁତ୍ୱ ଦିଆଯିବନି ବୋଲି ସେ ସ୍ପଷ୍ଟ କରିଦେଇଛନ୍ତି। ପ୍ରାଥମିକ ତଦନ୍ତ ସୂତ୍ରକୁ ଆଧାର କରି ଆମେରିକାର ଆଟର୍ଣ୍ଣି ଜେନେରାଲ ଟଡ଼ ବ୍ଲାଙ୍କ କହିଛନ୍ତି ଯେ ସନ୍ଦିଗ୍ଧ ବନ୍ଧୁକଧାରୀ ଟ୍ରମ୍ପ ପ୍ରଶାସନର ସଦସ୍ୟମାନଙ୍କୁ ଟାର୍ଗେଟ କରିବାକୁ ଯୋଜନା କରିଥିଲା। ଏହାକୁ ଏକ ବଡ଼ ଧରଣର ସୁରକ୍ଷାଜନିତ ତ୍ରୁଟି ବୋଲି ବିବେଚନା କରାଯାଉଛି। ରବିବାର ସିବିଏସ ନ୍ୟୁଜକୁ ସାକ୍ଷାତକାର ଦେଇ ସେ କହିଛନ୍ତି ଯେ ସନ୍ଦିଗ୍ଧ ଜଣଙ୍କ ତଦନ୍ତ ପ୍ରକ୍ରିୟାରେ ଠିକ୍ ଭାବେ ସହଯୋଗ କରୁନାହିଁ। ତେବେ ସୋମବାର ତାକୁ କୋର୍ଟରେ ହାଜର କରାଯିବ। ଅପରପକ୍ଷରେ, ସନ୍ଦିଗ୍ଧର କାଲିଫର୍ଣ୍ଣିଆସ୍ଥିତ ଘରେ ରବିବାର ଆମେରିକାର ଆଇନ୍ ପ୍ରବର୍ତ୍ତନକାରୀମାନେ ଛାନଭିନ୍ କରିଛନ୍ତି। ଆମେରିକାର ଗଣମାଧ୍ୟମ ସୂତ୍ରଗୁଡ଼ିକୁ ଉଦ୍ଧାର କରି ସିଏନଏନ ଓ ଏନବିସି ଜଣାଇଛନ୍ତି ଯେ, ଗତକାଲି ଗୁଳିକାଣ୍ଡରେ ଆହତ ହୋଇଥିବା ସିକ୍ରେଟ ସର୍ଭିସର ଅଧିକାରୀଙ୍କୁ ଆଜି ହସ୍ପିଟାଲରୁ ରିଲିଜ୍ କରାଯାଇଛି। ଶନିବାର ରାତିରେ ହ୍ୱାଇଟ୍ ହାଉସ୍ କରେସପଣ୍ଡେଣ୍ଟଙ୍କ ଡିନରରେ ହୋଇଥିବା ଗୁଳିକାଣ୍ଡ ଘଟଣାକୁ ନେଇ ଆମେରିକାରେ ଅବସ୍ଥାପିତ ବ୍ରିଟେନର ରାଷ୍ଟ୍ରଦୂତ କିମ୍ ଡାରୋକ୍ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏଭଳି ଏକ ଭବ୍ୟ କାର୍ଯ୍ୟକ୍ରମରେ ଗୁଳିକାଣ୍ଡ ଘଟିବା ନିଶ୍ଚିତ ଭାବେ ସୁରକ୍ଷାଗତ ଦୁର୍ବଳତା ଆଡ଼କୁ ଆଙ୍ଗୁଳି ନିର୍ଦ୍ଦେଶ କରୁଛି ବୋଲି ଡାରୋକ୍ ବିବିସିକୁ କହିଛନ୍ତି। ଅନ୍ୟପକ୍ଷରେ ସନ୍ଦିଗ୍ଧ ଟ୍ରମ୍ପଙ୍କୁ ଆକ୍ରମଣ କରିବାକୁ ଟାର୍ଗେଟ୍ କରିଥିଲା କି ନା ତାହା ଜଣାପଡ଼ି ନଥିବା ବେଳେ ଏହା କିନ୍ତୁ ଟ୍ରମ୍ପଙ୍କୁ ପ୍ରଥମ ଆକ୍ରମଣ ଘଟଣା ନୁହେଁ। ଗତ ୨୦୨୪ ଜୁଲାଇରେ ପେନସିଲଭାନିଆର ବଟଲରଠାରେ ଏକ ପ୍ରଚାର ର୍‍ୟାଲି ବେଳେ ମଧ୍ୟ ଟ୍ରମ୍ପଙ୍କ ଉପରକୁ ଗୁଳିମାଡ଼ ହୋଇଥିବା ବେଳେ ଗୁଳି ତାଙ୍କ ଡାହାଣ କାନରେ ବାଜିଥିଲା। ଏହି ଘଟଣାରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ମଧ୍ୟ ହୋଇଥିଲା। ପୁଣି ମାସକ ପରେ ସେପ୍ଟେମ୍ବରରେ ଫ୍ଲୋରିଡାର ୱେଷ୍ଟ ପାମ୍ ବିଚ୍‌ରେ ଥିବା ଟ୍ରମ୍ପଙ୍କ ଗଲ୍ଫ କ୍ଲବ୍ ନିକଟରେ ଜଣେ ସନ୍ଦିଗ୍ଧ ବନ୍ଧୁକଧାରୀଙ୍କୁ ଠାବ କରାଯାଇଥିଲା। ୨୦୨୬ ଫେବ୍ରୁଆରୀରେ ଟ୍ରମ୍ପଙ୍କ ମାର୍-ଆ-ଲାଗୋ ବାସଭବନରେ ଜଣେ ସଶସ୍ତ୍ର ବ୍ୟକ୍ତି ପ୍ରବେଶ କରି ତାଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲା, ଯଦିଓ ଟ୍ରମ୍ପ ସେତେବେଳେ ୱାଶିଂଟନ ଡିସିରେ ଥିଲେ।

### ଭୀଷଣ ଖରାରେ...

ଆଜି ମଧ୍ୟ ତାପମାତ୍ରା ୪୫ ଡିଗ୍ରୀ ପାଖାପାଖି ହୋଇଥିବାରୁ ଏହା ଲୋକଙ୍କ ପାଇଁ ଅସହ୍ୟ ହୋଇପଡ଼ିଛି। ତେବେ ଏହି କ୍ରମରେ ଆଜି ଶ୍ରୀ ଏକ୍କା ଜରଡ଼ା ଗ୍ରାମରେ ତାଙ୍କ ଜନଗଣନା ଦାୟିତ୍ୱ ତୁଲାଉଥିବା ସମୟରେ ଅଚାନକ ବେହୋସ୍ ହୋଇ ତଳେ ପଡ଼ିଯାଇଥିଲେ। ତାଙ୍କୁ ତୁରନ୍ତ ପରିବାର ଲୋକ ଓ ସ୍ଥାନୀୟ ଲୋକେ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତରମାନଙ୍କ ଯାବତୀୟ ଉଦ୍ୟମ ସତ୍ତ୍ୱେ ଶ୍ରୀ ଏକ୍କାଙ୍କୁ ବଞ୍ଚାଯାଇପାରିନଥିଲା। ତାଙ୍କ ମୃତ୍ୟୁର ଠୋସ୍ କାରଣ ଜଣାପଡ଼ି ନ ଥିଲେ ହେଁ ଏହା ହୃଦ୍‌ଘାତଜନିତ ହୋଇଥିବା ସନ୍ଦେହ କରାଯାଉଛି। କିନ୍ତୁ ଶ୍ରୀ ଏକ୍କାଙ୍କ ମୃତ୍ୟୁ ପରେ ସ୍ଥାନୀୟ ଅଞ୍ଚଳରେ ଜନଗଣନା କାର୍ଯ୍ୟରେ ନିୟୋଜିତ ଶିକ୍ଷକମାନଙ୍କ ମନରେ ଭୟଭାବ ଜାତ ହୋଇଛି।

### ସୁନ୍ଦରଗଡ଼ରେ ଥମୁନି...

ତାପମାତ୍ରା ୩୦.୮ ଡିଗ୍ରୀ ରହିଥିବା ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଆଗାମୀ ଦୁଇ ଦିନ ପର୍ଯ୍ୟନ୍ତ ଜନସାଧାରଣଙ୍କୁ ଏହି ତାତିରୁ ତ୍ରାହି ମିଳିବ ନାହିଁ ବୋଲି ପାଣିପାଗ ବିଭାଗ ମଧ୍ୟ ସତର୍କ କରାଇଦେଇଛି। କିନ୍ତୁ ଦକ୍ଷିଣ ଓଡ଼ିଶାର ଜିଲ୍ଲାଗୁଡ଼ିକୁ ସାମାନ୍ୟ ଆଶ୍ୱସ୍ତି ମିଳିବ। କାରଣ ଆଗାମୀ ୨୪ ଘଣ୍ଟା ମଧ୍ୟରେ ଉପକୂଳ ଓ ଦକ୍ଷିଣ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ଜିଲ୍ଲାଗୁଡ଼ିକର ଜନସାଧାରଣ ସମସ୍ତ ପ୍ରକାର ସତର୍କତା ଅବଲମ୍ବନ କରିବାକୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି।

### ବୁଥ୍‌କୁ ଯିବେ...

ଯାଇ ସେଠାରେ ବୈଠକ କରିବେ। ସରକାରୀ ଯୋଜନା ସାଙ୍ଗକୁ ତୃଣମୂଳ ସ୍ତରରେ ସଂଗଠନକୁ କିଭଳି ମଜବୁତ କରାଯାଇପାରିବ, ସେନେଇ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ରିପୋର୍ଟ ଦେବେ ବୋଲି ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ ସୂଚନା ଦେଇଛନ୍ତି।

### ଜଗନ୍ନାଥପ୍ରେମୀଙ୍କୁ...

ନେଉଥିବା ଦେଖିବାକୁ ମିଳିଛି। ଏହା ଶାସ୍ତ୍ରବିରୋଧୀ ବୋଲି ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକମାନେ ଅଭିଯୋଗ କରିଛନ୍ତି। ଏହା କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ଭାବନାକୁ ଆଘାତ ଦେଇଛି। ତେବେ ଏନେଇ ଇସ୍କନ କର୍ତ୍ତୃପକ୍ଷଙ୍କର କୌଣସି ପ୍ରତିକ୍ରିୟା ମିଳିପାରିନି।

ନିକଟରେ ଇସ୍କନକୁ ଚରମବାଣୀ ଶୁଣାଇଥିଲେ ଗଜପତି ମହାରାଜା। ଆଗାମୀ ଦିନରେ ଇସ୍କନ୍ କୌଣସି ସ୍ଥାନରେ ଅଦିନିଆ ରଥଯାତ୍ରାର ଆୟୋଜନ କଲେ, ତା' ବିରୋଧରେ ଆଇନର ଆଶ୍ରୟ ନିଆଯିବ ବୋଲି ଚେତାଇ ଦେଇଥିଲେ। ହେଲେ ଗଜପତିଙ୍କ ବାରମ୍ବାର ଚିଠି ସତ୍ତ୍ୱେ ଇସ୍କନ ମାନୁନି କି ତିଳେ ହେଲେ ଖାତିର୍ ବି କରୁନି। ୨୦୨୬ ମସିହାରେ ଇସ୍କନ ବିଶ୍ୱର ୮୦ଟି ସ୍ଥାନରେ ରଥଯାତ୍ରା ଓ ୧୦ଟି ସ୍ଥାନରେ ସ୍ନାନଯାତ୍ରାର ଆୟୋଜନ ପାଇଁ ତାରିଖ ବି ସ୍ଥିର କରିଛି।

### ମୁଖ୍ୟମନ୍ତ୍ରୀଙ୍କୁ ବଦନାମ...

ନାହିଁ ବୋଲି କହିଛନ୍ତି ବିଜେପି ଜିଲ୍ଲା ସଭାପତି ପ୍ରତାପ ମିଶ୍ର। ସେ ସିଧାସଳଖ କହିଛନ୍ତି ଯେ ମହାବାତ୍ୟାରେ ଧ୍ୱସ୍ତବିଧ୍ୱସ୍ତ ଏରସମାର ପୁନରୁଦ୍ଧାରରେ ଦାମ ରାଉତଙ୍କ ଅବଦାନକୁ ଏରସମାବାସୀ କେବେ ଭୁଲିପାରିବେ ନାହିଁ, ଯେଉଁଥିପାଇଁ ଏରସମାବାସୀଙ୍କ ସହମତିରେ ଶିଆଳି ବାଲିଯାତ୍ରା କମିଟି ପକ୍ଷରୁ ତାଙ୍କ ପ୍ରତିମୂର୍ତ୍ତୀ ନିର୍ମାଣ କରାଯାଇଥିଲା। ଏହି ବେଳାଭୂମିର ଉନ୍ନତିକରଣ ମଧ୍ୟ ତାଙ୍କ ପାଇଁ ସମ୍ଭବ ହୋଇଥିଲା। କିନ୍ତୁ କିଛି ଚକ୍ରାନ୍ତକାରୀ ହୀନ ରାଜନୈତିକ ଉଦ୍ଦେଶ୍ୟ ରଖି ମୁଖ୍ୟମନ୍ତ୍ରୀଙ୍କୁ ବଦନାମ କରିବାକୁ ପ୍ରତିମୂର୍ତ୍ତୀକୁ ଭାଙ୍ଗିଛନ୍ତି। ଏହାର ତଦନ୍ତ ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି ମଧ୍ୟ କରିଛନ୍ତି। ସେହିଭଳି ବିଜେପି ସାଂସଦ ବିଭୁପ୍ରସାଦ ତରାଇ ମଧ୍ୟ ଏଭଳି ହୀନ ରାଜନୀତିକୁ ସମାଲୋଚନା କରିଛନ୍ତି। ଆଜି ମଧ୍ୟ ସେ ଏହାକୁ ନିନ୍ଦା କରିଛନ୍ତି। ସେ ନିଜେ ଡିଏଫଓଙ୍କ ସହ କଥା ହେବା ପରେ ମଧ୍ୟ କାହା ଚାପରେ ଜଙ୍ଗଲ ବିଭାଗ ଏଭଳି କାର୍ଯ୍ୟ କରିଛି ବୋଲି ସାଧାରଣରେ ଅଭିଯୋଗ ହେଉଛି। ଦାମ ରାଉତଙ୍କ ଫଟୋରେ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ଜଙ୍ଗଲ ବିଭାଗ ବିରୋଧରେ ସ୍ଲୋଗାନବାଜି କରିଥିଲେ ସେଠାକାର ବାସିନ୍ଦା। ସାଂସଦ କହିଛନ୍ତି ଯେ ବିଜେପି ସରକାର ସବୁବେଳେ ପୂଜ୍ୟପୂଜାକୁ ସମ୍ମାନ ଦେଇଆସିଛି। ଏଥିପ୍ରତି ମୁଖ୍ୟମନ୍ତ୍ରୀ ସବୁବେଳେ ସଚେତନ। କିନ୍ତୁ କିଏ କାହିଁକି ଏହାକୁ ଭାଙ୍ଗିଲା, ତା'ର ତଦନ୍ତ ହେବା ଦରକାର ବୋଲି ସେ କହିଛନ୍ତି। ସବୁଠାରୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ସ୍ଥାନୀୟ ଡିଏଫଓଙ୍କ ଆଭିମୁଖ୍ୟ ଉପରେ। କାହା ନିର୍ଦ୍ଦେଶରେ ଡିଏଫଓ ପ୍ରତମୂର୍ତ୍ତୀକୁ ଭାଙ୍ଗିଛନ୍ତି, ତାହା ସେ ଏପର୍ଯ୍ୟନ୍ତ ସ୍ପଷ୍ଟ କରିନାହାଁନ୍ତି। ଏପରିକି ପ୍ରତିମୂର୍ତ୍ତୀ ଭାଙ୍ଗିବା ପୂର୍ବରୁ ଶିଆଳି ବାଲିଯାତ୍ରା କମିଟିକୁ ମଧ୍ୟ ଏ ସମ୍ପର୍କରେ ଅବଗତ କରାଯାଇନାହିଁ।

### ଜନସମ୍ବାଦର ମାଧ୍ୟମ...

ଜନଗଣନା ୨୦୨୭' ପାଇଁ ଯେଉଁ ଆହ୍ୱାନ ଦେଇଛନ୍ତି, ତାହା ଦେଶର ପ୍ରଗତି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ସମସ୍ତେ ଏହି ମହତ୍ ଅଭିଯାନର ଅଂଶବିଶେଷ ହୋଇ ବିକଶିତ ଭାରତର ସଂକଳ୍ପକୁ ସାକାର କରିବା ପାଇଁ ଶ୍ରୀ ପ୍ରଧାନ ଆହ୍ୱାନ ଦେଇଛନ୍ତି। ଗସ୍ତ କାଳରେ ଶ୍ରୀ ପ୍ରଧାନ ତାଙ୍କ ଗ୍ରାମର ଗୁରୁଜନ ଓ ଆତ୍ମୀୟସ୍ୱଜନଙ୍କୁ ଭେଟି ସୌଜନ୍ୟମୂଳକ ଆଲୋଚନା କରିଥିଲେ। ସେ କହିଥିଲେ ଯେ ଗାଁ ମାଟିର ସ୍ନେହ ଓ ଗୁରୁଜନମାନଙ୍କ ଆଶୀର୍ବାଦ ସବୁବେଳେ ପ୍ରେରଣା ହୋଇ ରହିବ। ସେମାନଙ୍କ ସହ କିଛି ସମୟ ଅତିବାହିତ କରି ଭାରି ଖୁସି ଅନୁଭବ କରୁଛି। ଏହି ଗସ୍ତ କାଳରେ କେନ୍ଦ୍ର ମନ୍ତ୍ରୀ ଗ୍ରାମର କୁଳଦେବତା ଶ୍ରୀଶ୍ରୀ ନୃସିଂହ ଦେବଙ୍କ ଦର୍ଶନ କରି ସମସ୍ତଙ୍କ ମଙ୍ଗଳ କାମନା କରିବା ସହ ତାଳଚେର କଣିହାଁଠାରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପବିତ୍ର ମୋହନ ପ୍ରଧାନଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

### କିମ୍ବଦନ୍ତୀ ଫଟୋଗ୍ରାଫର...

ସୋସିଆଲ ମିଡିଆ ମାଧ୍ୟମରେ ତାଙ୍କ ମୃତ୍ୟୁ ଖବର ଘୋଷଣ କରାଯାଇଥିବା ବେଳେ ଆଜି ଅପରାହ୍ଣରେ ରଘୁ ରାୟଙ୍କ ଅନ୍ତିମ ସଂସ୍କାର ନୂଆଦିଲ୍ଲୀର ଲୋଧି ଶ୍ମଶାନରେ କରାଯାଇଛି। ତାଙ୍କ ପରିବାରରେ ସ୍ତ୍ରୀ ଗୁରମିତ, ପୁଅ ନୀତିନ ଓ ଝିଅ ଲଗାନ, ଅବନୀ ଓ ପୂର୍ବାଇ ଅଛନ୍ତି। ରଘୁ ରାୟ ୧୯୬୫ରେ ମାତ୍ର ୨୩ ବର୍ଷ ବୟସରେ ତାଙ୍କର ଫଟୋଗ୍ରାଫି ଯାତ୍ରା ଆରମ୍ଭ କରିଥିଲେ। ଗୋଟିଏ ବର୍ଷ ପରେ ୧୯୬୬ରେ ସେ 'ଦି ଷ୍ଟେଟସମ୍ୟାନ' ଖବରକାଗଜର ମୁଖ୍ୟ ଫଟୋଗ୍ରାଫର ଭାବେ ଯୋଗ ଦେଇଥିଲେ। ପ୍ରାୟ ଏକ ଦଶନ୍ଧି ପର୍ଯ୍ୟନ୍ତ ପ୍ରକାଶନ ସହିତ ଜଡ଼ିତ ରହିଥିଲେ ସେ। ପରବର୍ତ୍ତୀ ସମୟରେ ସେ କୋଲକାତାରୁ ପ୍ରକାଶିତ ଏକ ସାପ୍ତାହିକ ପତ୍ରିକାର ଚିତ୍ର ସମ୍ପାଦକ ଭାବେ କାର୍ଯ୍ୟ କରିଥିଲେ। ୧୯୭୧ରେ ତାଙ୍କର ପ୍ରତିଭାକୁ ବିଶ୍ୱ ପ୍ରସିଦ୍ଧ ଫଟୋଗ୍ରାଫର ହେନରୀ କାର୍ଟିୟର-ବ୍ରେସନ ସ୍ୱୀକୃତି ଦେଇଥିଲେ। ସେ ତାଙ୍କୁ ପ୍ରତିଷ୍ଠିତ ଏଜେନ୍ସି, ମ୍ୟାଗନମ ଫଟୋସରେ ସଦସ୍ୟତା ପାଇଁ ମନୋନୀତ କରିଥିଲେ। ୧୯୭୧ ଭାରତ-ପାକିସ୍ତାନ ଯୁଦ୍ଧ, ବାଂଲାଦେଶୀ ଶରଣାର୍ଥୀଙ୍କ ଦୁର୍ଦ୍ଦଶା ଓ ସଂଘର୍ଷ ସମୟରେ ପାକିସ୍ତାନର ଆତ୍ମସମର୍ପଣକୁ ଡକ୍ୟୁମେଣ୍ଟେସନ କରିଥିବା ତାଙ୍କ କାର୍ଯ୍ୟ ପାଇଁ ୧୯୭୨ରେ ତାଙ୍କୁ ପଦ୍ମଶ୍ରୀ ପ୍ରଦାନ କରାଯାଇଥିଲା। ଏଥିସହ ୧୯୯୨ରେ ସେ ଯୁକ୍ତରାଷ୍ଟ୍ରରେ ଫଟୋଗ୍ରାଫର ପୁରସ୍କାର ପାଇଥିଲେ। ପରବର୍ତ୍ତୀ ସମୟରେ ୨୦୦୯ରେ ଫ୍ରାନ୍ସ ସରକାର ମଧ୍ୟ ତାଙ୍କୁ ସମ୍ମାନିତ କରିଥିଲେ। ପ୍ରାୟ ଏକ ଦଶନ୍ଧି ପରେ ୧୯୮୨ରେ ଶ୍ରୀ ରାୟ ତାଙ୍କ ବୃତ୍ତିଗତ ଯାତ୍ରାରେ ଏକ ନୂତନ ପର୍ଯ୍ୟାୟ ଆରମ୍ଭ କରିଥିଲେ। ସେ ଇଣ୍ଡିଆ ଟୁଡେ ପତ୍ରିକାରେ ପିକ୍‌ଚର ଏଡିଟର-କମ-ଭିଜୁଆଲାଇଜର-କମ-ଫଟୋଗ୍ରାଫର ଭାବେ କାମ କରିବା ଆରମ୍ଭ କରିଥିଲେ।

### ଭାଇରାଲ ହେଉଛି...

ସାମ୍ନାରେ ଓ ଦୁଇପଟ ଗେଟକୁ ଦଖଲ କରି ବସିଛନ୍ତି କିଛି ଯାତ୍ରୀ। ଏହି ଯାତ୍ରୀମାନେ ଯେ ବୈଧ ଟିକେଟ କରିଛନ୍ତି, ତାହା ବି ସନ୍ଦେହରେ। ଟ୍ରେନରେ ବିନା ଟିକେଟରେ କେହି ଯାତ୍ରା କଲେ ଜରିମାନା କରାଯିବ ବୋଲି ରେଳବାଇ ପକ୍ଷରୁ ଘୋଷଣା କରାଯାଇଥିଲା। ଏପରିକି ଟ୍ରେନରେ ନିୟମିତ ପୁଲିସ ଓ ଆରପିଏଫ ପଇଁତରା ମାରିବେ ବୋଲି ମଧ୍ୟ କୁହାଯାଇଥିଲା। ହେଲେ ଏ ଦୃଶ୍ୟ ବୟାନ କରୁଛି ଯେ ଏବେ ବି ଟ୍ରେନରେ ବିନା ଟିକେଟରେ ଲୋକେ ଯାତ୍ରା କରୁଛନ୍ତି ଆଉ ଏହାଦ୍ୱାରା ବୈଧ ଟିକେଟ କରିଥିବା ଯାତ୍ରୀ ଅସୁବିଧାରେ ପଡୁଛନ୍ତି। ରେଳବାଇ ଯାତ୍ରୀଙ୍କ ସୁବିଧା ପାଇଁ ଯାହା ଘୋଷଣା କରୁଛି ତାହା କାର୍ଯ୍ୟକାରୀ ହେଉ ନ ଥିବାରୁ ପ୍ରଶାନ୍ତି ଏକ୍ସପ୍ରେସ ଭଳି ସ୍ଥିତି ସୃଷ୍ଟି ହୋଇଛି। ଏଥିପ୍ରତି ମନ୍ତ୍ରଣାଳୟ ଯତ୍ନବାନ ହେବାକୁ ଯାତ୍ରୀମାନେ ଦାବି କରିଛନ୍ତି।

## ବାଣ ନିଆଁରେ ଜଳିଗଲା ୬ ବଖରା



**କୋରେଇ, ୨୬।୪ (ସଂଚାର ବ୍ୟୁରୋ)ଃ** କୋରେଇ ନିର୍ବାଚନ ମଣ୍ଡଳୀର ପାଣିକୋଇଲି ଥାନା ଅଧୀନ ଶଂଖଚିଲା ଫାଣ୍ଡି ଅନ୍ତର୍ଗତ ଠାକୁରପାଟଣା ଗ୍ରାମର ମଣି ମନ୍ଦିର ନିକଟର ମାଝୀସାହିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ମଝୀସାହି ଭିତର ରାସ୍ତା ଦେଇ ଆଜି ଦିନ ବେଳେ ଯାଉଥିବା ଏକ ବରଯାତ୍ରୀ ମାନଙ୍କ ଶୋଭାଯାତ୍ରାରେ ଫୁଟାଯାଉଥିବା ବାଣର ନିଆଁ ଛିଟିକା ଯୋଗୁଁ ଏହି ସାହିରେ ଥିବା ଚାଳ ଛପର ଘର ଉପରେ ନିଆଁ ଛିଟିକା ପଡ଼ି ୬ ଗୋଟି ଘର ପୋଡି ପାଉଁଶ ହୋଇଯାଇଥିବା ଜଣାପଡିଛି। ଉକ୍ତ ଘର ଗୁଡିକରେ ଥିବା ପରିବାର ଲୋକଙ୍କ ଲକ୍ଷ ଲକ୍ଷ ଟଙ୍କାର ସମ୍ପତି ପୋଡି ପାଉଁଶ ହୋଇଯାଇଛି। ଘଟଣା ସ୍ଥଳରେ ଯାଜପୁର ରୋଡ୍ ଅଗ୍ନିଶମ ବିଭାଗର କର୍ମଚାରୀମାନେ ପହଞ୍ଚି ଅଗ୍ନିକୁ ଆୟତ କରିଥିଲେ।

## ବିରୂପାରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**ମାହାଙ୍ଗା, ୨୬।୪ (ସଂଚାର ବ୍ୟୁରୋ)ଃ** ମାହାଙ୍ଗା ଥାନା ଅନ୍ତର୍ଗତ ମୂଳବସନ୍ତ ପଞ୍ଚାୟତ ଗୁଣୁପୁର ଠାରେ ଶନିଦେବଙ୍କ ଯାତ୍ରା ଦେଖିବାକୁ ଯିବା ସମୟରେ ବିରୂପା ନଦୀରେ ବୁଡି ଜନୈକ ଯୁବକଙ୍କ ଅକାଳ ମୃତ୍ୟୁ ହୋଇଥିବା ଜଣାଯାଇଛି। ମୃତକ ଜଣକ ହେଲେ କାଳିଅଣ୍ଡି ଗ୍ରାମର ପଦ୍ମଲୋଚନ ଜେନା (୧୮)। ପଦ୍ମଲୋଚନ ନଦୀ ମଧ୍ୟରେ ପାଣିରେ ପହଁରି ଯାଉଥିବା ସମୟରେ ନଦୀର ଗଭୀର ଜଳ ସ୍ରୋତରେ ବୁଡି ଯାଇଥିଲେ। ସେଠାରେ ଜଳାଭିଷେକ କରୁଥିବା କିଛି ଯୁବକ ଦୌଡି ଯାଇ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ପାଇ ପାରିନଥିଲେ। ପ୍ରାୟ କିଛି ସମୟ ପରେ ପଦ୍ମଲୋଚନ ନଦୀ ମଧ୍ୟରେ ଭାସୁଥିବା ଦେଖିବାକୁ ପାଇଥିଲେ। ସ୍ଥାନୀୟ ଯୁବକଙ୍କ ଦ୍ୱାରା ତାଙ୍କୁ ନଦୀରୁ ଉଦ୍ଧାର କରାଯାଇ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବ୍ତ କରିବା ସହ ଥାନା କେସ ନଂ ୫/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ କଟକ ପଠାଯାଇଥିବା ଜଣାଯାଇଛି। ତାଙ୍କ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ବେହେଡ଼ା ତାରିଣୀ ମନ୍ଦିରରୁ ଚୋରି



**ଉମରକୋଟ, ୨୬।୪ (ସଂଚାର ବ୍ୟୁରୋ)ଃ** ଉମରକୋଟ ଥାନା ବେହେଡା ସ୍ଥିତ ତାରିଣୀ ମନ୍ଦିରର ଗର୍ଭ ଗୃହ କବାଟ ଭାଙ୍ଗି ଦୁର୍ବୃତ୍ତ ମାନେ ମା'ଙ୍କର ରୁପାରେ ତିଆରି ଆଭୂଷଣ ସହ ଦାନ ହୁଣ୍ଡି ବାକ୍ସ ଭାଙ୍ଗି ଟଙ୍କା ନେଇଯାଇଥିବା ଘଟଣା ସମ୍ପର୍କରେ ଆଜି ଉମରକୋଟ ଥାନାରେ ଅଭିଯୋଗ ହେଇଛି। ଏ ନେଇ କମିଟି ସଭାପତି ଓ ସଦସ୍ୟ ମାନେ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଶନିବାର ରାଜିରେ ମନ୍ଦିରର କବାଟ ତାଲା ଭାଙ୍ଗି ଗର୍ଭଗୃହରେ ମା'ଙ୍କର ପ୍ରତିମାକୁ ଦୁର୍ବୃତ୍ତମାନେ ଭାଙ୍ଗି ଚାନ୍ଦିର ଖୋଚିତ ଆଖି, ମଥାର ରୁପା ମୁକୁଟ, ମୁଖ ଶୃଙ୍ଗାର ଉଦ୍ଦିଷ୍ଟ ରୁପାର ସାମଗ୍ରୀ ଲୁଟିବା ସହ ହୁଣ୍ଡି ବାକ୍ସ ଭାଙ୍ଗି ୫୦,୦୦୦ରୁ ଉର୍ଦ୍ଧ୍ୱ ଟଙ୍କା ନେଇଯାଇଛନ୍ତି ବୋଲି କମିଟି ସଦସ୍ୟ କହିଛନ୍ତି। ମନ୍ଦିରର ପୂର୍ବ ପୂଜାରୀଙ୍କ କାର୍ଯ୍ୟ ଉପରେ ସନ୍ଦେହ ରହିଛି ବୋଲି ଏତଲାରେ ଦର୍ଶାଯାଇଥିବା ବେଳେ ଉମରକୋଟ ପୁଲିସ ଘଟଣାସ୍ଥଳରେ ପହଞ୍ଚିି ଅନୁସନ୍ଧାନ କରିଥିବା ଜଣାପଡିଛି।

## ସ୍ତ୍ରୀକୁ ହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ



**ଫୁଲବାଣୀ, ୨୬।୪ (ସଂଚାର ବ୍ୟୁରୋ)ଃ** ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ସୁଡ୍ରେଜୁ ଗାଁରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ପରକ୍ରୀୟା ପ୍ରୀତି ସନ୍ଦେହକୁ କେନ୍ଦ୍ର କରି ସ୍ୱାମୀ ନିଜ ସ୍ତ୍ରୀଙ୍କୁ ହତ୍ୟା କରିଥିବା ନେଇ ପରିବାର ପକ୍ଷରୁ ଅଭିଯୋଗ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ସୁଡ୍ରେଜୁ ଗାଁର ଆଲୋକ ସାହୁ ପ୍ରାୟ ୧୧ ବର୍ଷ ପୂର୍ବେ ଦୂତିପଡ଼ା ଗାଁର ମମତା ସାହୁଙ୍କୁ ବିବାହ କରିଥିଲେ। ଏହି ଦମ୍ପତିଙ୍କର ଏକ ପୁତ୍ର ସନ୍ତାନ ଅଛି। ତେବେ ଗତ କିଛି ଦିନ ହେବ ଆଲୋକଙ୍କର ଅନ୍ୟ ଜଣେ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ଥିବା ନେଇ ମମତା ସନ୍ଦେହ କରୁଥିଲେ। ଏହି କଥାକୁ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ପ୍ରାୟତଃ ବିବାଦ ଲାଗି ରହୁଥିଲା। ଗତ ବୁଧବାର ବିଳମ୍ବିତ ରାତିରେ ଏହି ପାରିବାରିକ କଳହ ଉଗ୍ର ରୂପ ନେଇଥିଲା। ଆଲୋକ ନିଜ ସ୍ତ୍ରୀ ମମତାଙ୍କୁ ହତ୍ୟା କରିବା ପରେ ମୃତଦେହକୁ ଘର ଭିତରେ ଝୁଲାଇ ଦେଇ ଏହାକୁ ଆତ୍ମହତ୍ୟାର ରୂପ ଦେବାକୁ ଉଦ୍ୟମ କରିଥିଲା। ଘଟଣା ପରେ ଅଭିଯୁକ୍ତ ଆଲୋକ ସେଠାରୁ ଫେରାର ହୋଇଯାଇଥିଲା। ଖବର ପାଇ ମୃତ ମମତାଙ୍କ ପରିବାରବର୍ଗ ଘଟଣାସ୍ଥଳରେ ପହଞ୍ଚିଥିଲେ ଏବଂ ସଦର ଥାନାରେ ହତ୍ୟା ଅଭିଯୋଗ କରିଥିଲେ। ପୁଲିସ ତୁରନ୍ତ ଥାନା କେସ ନଂ ୭୯/୨୬ ରୁଜୁ କରି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ପରେ ପୁଲିସ ଆଲୋକକୁ ଗିରଫ କରି ଆଜି ତାଙ୍କୁ କୋର୍ଟ ଚାଲାଣ କରିଥିବା ଜଣାପଡିଛି।

## ୧୫ ଦିନ ହେଲା ଶାନ୍ତିସ୍ତୂପ ଲିଫ୍ଟ ଅଚଳ



**ବାଲିଅନ୍ତା, ୨୬।୪ (ସଂଚାର ବ୍ୟୁରୋ)ଃ** ଧଉଳି ଶାନ୍ତିସ୍ତୂପରେ ବୟସ୍କ ନାଗରିକ ଏବଂ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ଯାତାୟତ ଲାଗି ଥିବା ଲିଫ୍ଟ ଦୀର୍ଘ ୧୫ ଦିନ ହେବ ଅଚଳ ହୋଇଯାଇଛ । ତେଣୁ ବରିଷ୍ଠ ଓ ଦିବ୍ୟାଙ୍ଗ ପର୍ଯ୍ୟଟକମାନେ ଯାତାୟତ କ୍ଷେତ୍ରରେ ବଡ଼ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଧିକ ଗହଳିଚହଳି ଭିତରେ ସିଡ଼ିରେ ଯିବା ଆସିବା କରିବା ବରିଷ୍ଠ ନାଗରିକ ଏବଂ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ପକ୍ଷେ ମଧ୍ୟ ସମ୍ଭବ ହେଉ ନାହିଁ । ସେନେଇ ଅନେକ ଏହି ବର୍ଗର ପର୍ଯ୍ୟଟକ ଶାନ୍ତିସ୍ତୂପ ବୁଲିନପାରି ଫେରିଯିବାକୁ ବାଧ୍ୟ ହେଉଛନ୍ତି। ସୂଚନା ଅନୁସାରେ ୧ ମାସ ତଳେ କାଳ ବୈଶାଖୀ ମେଘ ପବନ ବେଳେ ପ୍ରଚଣ୍ଡ ବଜ୍ରପାତ ହେବା ଫଳରେ ସର୍ଟ ସର୍କିଟ ଘଟି ଲିଫ୍ଟ ମଟର ଏବଂ ଏଥି ସଂଯୋଗ ଇଲେକ୍ଟ୍ରି ସୁଇଚ ପୋଡ଼ି ଯାଇଥିଲା। ଏହା ମଧ୍ୟରେ ଦୀର୍ଘଦିନ ବିତିଯାଇଥିଲେ ମଧ୍ୟ ଲିଫ୍ଟ ସଜଡ଼ା ଯାଉନାହିଁ।

### ବିଜେପିର ମହିଳା ଆକ୍ରୋଶ ସମାବେଶ

# ରାହୁଲ, ନବୀନ, ମମତାଙ୍କ କୁଶପୁତ୍ତଳିକା ଦାହ



**କେନ୍ଦ୍ରାପଡ଼ା, ୨୬।୪(ସଂଚାର ବ୍ୟୁରୋ)ଃ** କେନ୍ଦ୍ରାପଡା ଜିଲ୍ଲା ବିଜେପି ପକ୍ଷରୁ ସହରର ନୂଆବସଷ୍ଟାଣ୍ଡ ପରିସରରେ ମହିଳା ଆକ୍ରୋଶ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଜେପିର ନାରୀନେତ୍ରୀମାନେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ବିଜେଡି ସଭାପତି ନବୀନ ପଟ୍ଟନାୟକ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ କୁଶପୁତଳିକା ଦାହ କରିଥିଲେ।

ଏହି ଅବସରରେ ବିଜେପି ନେତ୍ରୀ ତଥା କାର୍ଯ୍ୟକ୍ରମ ସଂଯୋଜିକା ଡ. ଜ୍ୟୋସ୍ନାରାଣୀ ଜେନା ଉପରୋକ୍ତ ୩ ନେତାଙ୍କ ସମେତ ସମାଜବାଦୀ ପାର୍ଟି ନେତା ତଥା ସାଂସଦ ଅଖିଳେଶ ଯାଦବ, ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ.କେ. ଷ୍ଟାଲିନଙ୍କ କୁଶପୁତଳିକାରେ ନିଆଁ ଲଗାଇ କହିଥିଲେ ଏହି ନେତାମାନେ ହେଉଛନ୍ତି ମହିଳା ବିରୋଧୀ। ପ୍ରଧାନମନ୍ତ୍ରୀ ଯେତେବେଳେ ସଂସଦରେ ମହିଳାମାନଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ କରିବା ପାଇଁ ବିଲ ଉପସ୍ଥାପନ କଲେ ସେହି ବିଲକୁ ଉପରୋକ୍ତ ନେତାମାନେ ବିରୋଧ କଲେ। ଏହି ଘଟଣାରୁ ସ୍ପଷ୍ଟ ହେଲା ଯେ ଉପରୋକ୍ତ ନେତାମାନେ ନାରୀ ଶସକ୍ତିକରଣ ବିରୋଧୀ।

ଏହି ସମାବେଶରେ ରାଜକ୍ୟ ମହିଳା ବିଜେପି ସଭାନେତ୍ରୀ ଐଶ୍ୱର୍ଯ୍ୟା ବିଶ୍ୱାଳ, ରାଜ୍ୟ ଉପସଭାପତି ତଥା କେନ୍ଦ୍ରାପଡା ଜିଲ୍ଲା ପ୍ରଭାରୀ ଅଶୋକ କୁମାର ମିଶ୍ର, ପୂର୍ବତନ ସାଂସଦ ଅର୍ଚ୍ଚନା ନାୟକ, ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରିୟଦର୍ଶିନୀ ନନ୍ଦ, କେନ୍ଦ୍ରାପଡା ବିଧାନସଭା ନେତ୍ରୀ ଗୀତାଞ୍ଜଳି ସେଠୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ରଶ୍ମି ମହାପାତ୍ର, ମହାକାଳପଡା ବ୍ଲକ ଅଧ୍ୟକ୍ଷା ମୀରାରାଣୀ ମହାନ୍ତି, ଜିଲ୍ଲା ଉପସଭାପତି ମନିଷା ପଣ୍ଡା, ଜିଲ୍ଲା ସମ୍ପାଦିକା ଝିଲିରାଣୀ ଦାଶ, ନମିତା ବଳ, ତିଲୋମା ବରାଳ ଓ ଜିଲ୍ଲା କୋଷାଧ୍ୟକ୍ଷା ସସ୍ମିତା ସାହୁ, ବରିଷ୍ଠ ନାରୀନେତ୍ରୀ ମନିଷା ବେହେରା, ରାଜ୍ୟ ସମ୍ପାଦିକା ସୁଚିସ୍ମିତା ପାତ୍ର, ସାମାଜିକ ଗଣମାଧ୍ୟମ ସମ୍ପାଦିକା ବିଜୟଲକ୍ଷ୍ମୀ ନନ୍ଦ, ବିଶିଷ୍ଟ ସମାଜସେବୀ ସସ୍ମିତା ପାଢୀ, ସ୍ୱର୍ଣ୍ଣପ୍ରଭା ମହାସୁଆରଙ୍କ ସମେତ ୨ହଜାରରୁ ଉର୍ଦ୍ଧ୍ୱ ମହିଳା ଉପସ୍ଥିତ ଥିଲେ ।

'ସଂଚାର' ପ୍ରଭାବ

## ନୂଆ ବିଦ୍ୟୁତ ଖୁଣ୍ଟ ବସାଇଲା ବିଭାଗ



**ମହାକାଳପଡା, ୨୬।୪ (ସଂଚାର ବ୍ୟୁରୋ)ଃ** ମହାକାଳପଡା ବ୍ଲକ ଅଧୀନ ରାଜଗଡ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ନଛିପଡା ଗ୍ରାମରେ ବିଦ୍ୟୁତ ଖୁଣ୍ଟ ଗୁଡିକ ବିପର୍ଯ୍ୟସ୍ତ ହୋଇପଡିଥିଲା। ପୁରୁଣା ଲୁହା ଖୁଣ୍ଟ ଗୁଡିକର ମୂଳ କଳଙ୍କି ଲାଗି କଣା ହୋଇଯାଇଥିବାରୁ ସାମ୍ଭାବ୍ୟ ଦୁର୍ଘଟଣା ନେଇ ଗ୍ରାମର ଲୋକମାନେ ଆଶଙ୍କାରେ ପଡିଥିଲେ। ଏନେଇ ଲୋକେ ଅଭିଯୋଗ କରୁଥିଲେ ମଧ୍ୟ ବିଦ୍ୟୁତ ବିଭାଗ କର୍ଣ୍ଣପାତ କରୁନଥିଲା। ଏନେଇ ୧୪ ଡିସେମ୍ବର ଦିନ 'ସଂଚାର'ରେ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ବିଭାଗ ତରଫରୁ ବିପର୍ଯ୍ୟସ୍ତ ଖୁଣ୍ଟ ଗୁଡ଼ିକ ହଟାଇ ନୂତନ ବିଦ୍ୟୁତ ଖୁଣ୍ଟ ବସାଇଛି ବିଦ୍ୟୁତ ବିଭାଗ। ଏହି କାର୍ଯ୍ୟ ପରେ ଗ୍ରାମବାସୀ 'ସଂଚାର'କୁ ଧନ୍ୟବାଦ ଜଣାଇଛନ୍ତି

# ବିଜେପି ପକ୍ଷରୁ 'ଗାଁକୁ ଚାଲ' ଅଭିଯାନ ଶୁଭାରମ୍ଭ



**ରାଜକନିକା, ୨୬।୪(ସଂଚାର ବ୍ୟୁରୋ)ଃ** ଗ୍ରାମାଞ୍ଚଳରେ ସଂଗଠନକୁ ଶକ୍ତିଶାଳୀ କରିବା ସହିତ ସରକାରୀ ଯୋଜନାଗୁଡିକୁ ଲୋକମାନଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଭରତୀୟ ଜନତା ପାର୍ଟି ପକ୍ଷରୁ ରାଜକନିକା ବ୍ଲକ ଜାଗୁଲାଇପଡ଼ା ଗ୍ରାମପଞ୍ଚାୟତରୁ "ଗାଁ କୁ ଚାଲ" ଅଭିଯାନ ଶୁଭାରମ୍ଭ କରାଯାଇଛି।

ଏହି କାର୍ଯ୍ୟକ୍ରମ ଅଧୀନରେ ପାର୍ଟିର ନେତା ଓ କର୍ମୀମାନେ ଗାଁଗୁଡିକୁ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହ ସର୍ବସାଧାରଣ ଆଲୋଚନା କରୁଛନ୍ତି। ସେମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ କଲ୍ୟାଣମୂଳକ ଯୋଜନା ସମ୍ବନ୍ଧରେ ସଚେତନତା ସୃଷ୍ଟି କରୁଥିବା ବେଳେ, ଲୋକମାନଙ୍କ ଅସୁବିଧା ଓ ସମସ୍ୟାଗୁଡିକୁ ସଂଗ୍ରହ କରି ସମାଧାନ ପାଇଁ ପଦକ୍ଷେପ ନେବାର ଆଶ୍ୱାସନ ଦେଉଛନ୍ତି। ସ୍ଥାନୀୟ ସ୍ତରରେ ବୈଠକ, ଘରେ ଘରେ ସମ୍ପର୍କ ଅଭିଯାନ ଓ ଛୋଟ ଛୋଟ ସଭାମାନଙ୍କ ମାଧ୍ୟମରେ ଲୋକଙ୍କ ସହ ନିକଟତା ବଢ଼ାଇବା ଉପରେ ଜୋର ଦିଆଯାଇଛି। ଏହା ସହ ଯୁବ ଓ ମହିଳାମାନଙ୍କ ସକ୍ରିୟ ଅଂଶଗ୍ରହଣ ମଧ୍ୟ ଦେଖିବାକୁ ମିଳୁଛି।

ପାର୍ଟି ପକ୍ଷରୁ କୁହାଯାଇଛି ଯେ, "ଗାଁ କୁ ଚାଲ" ଅଭିଯାନ ମାଧ୍ୟମରେ ଗ୍ରାମୀଣ ଭିତ୍ତିକୁ ଆହୁରି ମଜବୁତ କରାଯିବ ଏବଂ ସମାଜର ସମସ୍ତ ଶ୍ରେଣୀର ଲୋକଙ୍କ ସହ ସରାସରି ସମ୍ପର୍କ ସ୍ଥାପନ ହେବ। ଏଥିରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ଶତାଧିକ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ହୋଇ ଜାଗୁଲାଇପଡ଼ା ସ୍କୁଲ ସମ୍ମୁଖରେ ଅବସ୍ଥିତ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ କରି ଜାଗୁଲାଇପଡ଼ା, ଏକତଳା, ମାଟିଆ, ଲଙ୍ଗଳଭଞ୍ଜା ଓ ବଡିହ ଗ୍ରାମ ପଦଯାତ୍ରା କରିଥିଲେ।

## ଶିଆଳିରେ ମେଳି ହେଲେ ଦାମ ପ୍ରେମୀ



**ପାରାଦୀପ, ୨୬।୪ (ସଂଚାର ବ୍ୟୁରୋ)ଃ** ଆଜି ଶିଆଳି ରେ ମେଳି ହୋଇଛନ୍ତି ଦାମ ପ୍ରେମୀ । ପ୍ରତିମୂର୍ତ୍ତି ଭଙ୍ଗା ଘଟଣାର କରିଛନ୍ତି ତୀବ୍ର ପ୍ରତିବାଦ। ଜଗତସିଂହପୁର ଜିଲ୍ଲା ଶିଆଳି ଠାରେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଦାମ ରାଉତଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ହେବା ପୂର୍ବରୁ ଏହା ଜଙ୍ଗଲ କିସମ ଜମିରେ ନିର୍ମାଣ ହୋଇଥିବା ଦର୍ଶାଇ ବନ ବିଭାଗ ପ୍ରତିମୂର୍ତ୍ତିକୁ ଭାଙ୍ଗି ଦେବା ଘଟଣାକୁ ନେଇ ବିଭିନ୍ନ ମହଲରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି।

ଜଗତସିଂହପୁର ଜିଲା ଶିଆଳି ବେଳାଭୂମି ଠାରେ ବାଲିଯାତ୍ରା କମିଟି ପକ୍ଷରୁ ଦାମ ରାଉତଙ୍କର ଏକ ପ୍ରତିମୂର୍ତ୍ତି ସ୍ଥାପନ କରାଯିବା ସହ ଆଜି ଉନ୍ମୋଚନ କରାଯାଇଥାନ୍ତା। ଏଥି ନିମନ୍ତେ ଫଳକ ଲେଖା ସରିଥିବା ସହ ନିମନ୍ତ୍ରଣ ପତ୍ର ମଧ୍ୟ ଛପା ହୋଇ ବଣ୍ଟା ସାରିଥିଲା । ହେଲେ ଗତ ୨୪ତାରିଖ ଦିନ ହଠାତ ବନ ବିଭାଗ ପକ୍ଷରୁ ଏହି ପ୍ରତିମୂର୍ତ୍ତି କୁ ଭାଙ୍ଗି ଦିଆଯାଇଛି । ଜଙ୍ଗଲ ଜମିରେ ବିନା ଅନୁମତିରେ ପ୍ରତିମୂର୍ତ୍ତି ନିର୍ମାଣ କରାଯାଇଥିବାରୁ ଏହାକୁ ଭଙ୍ଗା ଯାଇଥିବାର ବନ ବିଭାଗ ପକ୍ଷରୁ କୁହାଯାଇଛି। ଆରପଟେ ଏହାର ପ୍ରତିବାଦରେ ଆଜି ଦାମ ପ୍ରେମୀମାନେ ଶିଆଳି ଠାରେ ଏକତ୍ରିତ ହେବା ସହ ଦାମଙ୍କ ଫଟୋ ରଖି ପୂଜା କରିଛନ୍ତି । ଏହି ପ୍ରତିବାଦ ସଭାରେ ସାଂସଦ ବିଭୁପ୍ରସଦ ତରାଇ, ବିଜେପି ଜିଲା ସଭାପତି ପ୍ରତାପ ମିଶ୍ର ସହ ସ୍ଥାନୀୟ ଅଞ୍ଚଳର ବହୁ ବରିଷ୍ଠ ନାଗରିକ,ବୁଦ୍ଧିଜୀବି ଓ ସ୍ଥାନୀୟ ଜନ ଆଧାରଣ ଯୋଗ ଦେଇ ଏହି ପ୍ରତିମୂର୍ତ୍ତି ଭଙ୍ଗା ଘଟଣାକୁ ତୀବ୍ର ପ୍ରତିବାଦ ଓ ନିନ୍ଦା କରିଥିଲେ। ଏଥିରେ ସମ୍ପୃକ୍ତ ରାଜନଗର ଡି ଏଫ ଓ ଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସାଂସଦ ଶ୍ରୀ ତରାଇ ଦାବି କରିଥିବା ସହ ମେଲ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଙ୍କୁ ଅବଗତ କରାଯାଇଥିବାର ବିଜେପି ଜିଲ୍ଲା ସଭାପତି କହିଛନ୍ତି ।

# ଘରୁ ଠାକୁର କଂସା ବାସନ ଚୋରି, ୩ ଗିରଫ



**ମହାକାଳପଡ଼ା, ୨୬।୪(ସଂଚାର ବ୍ୟୁରୋ)ଃ** ଘରେ କେହି ନଥିବା ସୁଯୋଗରେ ୩ ଯୁବକ ସିଡିଘର ସ୍କାଏ ଲାଇଟ୍ ଭାଙ୍ଗି ଘରୁ ଠାକୁରଙ୍କ ପିତ୍ତଳ କଂସା ବାସନ ଚୋରି କରିଥିଲେ। ଏହି ଘଟଣାରେ ଅଭିଯୋଗ ପରେ ମହାକାଳପଡ଼ା ପୁଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି ଅଦାଲତକୁ ପଠାଇ ଦେଇଛି।

ସୂଚନା ମୁତାବକ ମହାକାଳପଡ଼ା ଥାନା ଅଧୀନ ଗଉଡବାଡପୁର ଗ୍ରାମର ପ୍ରତାପ କିଶୋର ମଲ୍ଲଙ୍କ ଘରୁ ୨୫ ଏପ୍ରିଲ ଦିନ ଦୁର୍ବୃତ୍ତମାନେ ଚୋରି କରିଥିବା ନେଇ ତାଙ୍କ ପୁଅ ବିକାଶ କୁମାର ମଲ୍ଲ ମହାକାଳପଡ଼ା ଥାନାରେ ରାତିରେ ଲିଖିତ ଅଭିଯୋଗ କରିଥିଲେ। ବିକାଶ ପାରାଦୀପ ରେଳ ଷ୍ଟେସନରେ ଜଣେ ଲୋକୋ ପାଇଲଟ୍ ଭାବରେ କାର୍ଯ୍ୟ କରୁଛନ୍ତି ଏବଂ ତାଙ୍କ ପରିବାର ସଦସ୍ୟଙ୍କ ସହ ସେ ପାରାଦ୍ୱୀପରେ ରହି ଆସୁଛନ୍ତି। ତାଙ୍କ ଘର ବନ୍ଦ ରହିଥିବାର ସୁଯୋଗ ନେଇ ୨୫ ଏପ୍ରିଲ ଅପରାହ୍ନ ୧ଟାରୁ ୨ଟା ମଧ୍ୟରେ ତାଙ୍କ ଘର ସ୍କାଏ ଲାଇଟ୍ ଭାଙ୍ଗି ଦୁର୍ବୃତ୍ତମାନେ ତାଙ୍କ ଘରୁ ଠାକୁରଙ୍କ ମୂର୍ତ୍ତି ସମେତ ପିତ୍ତଳ ବାସନ ଓ ଗୋଟିଏ ଟେବୁଲ ଫ୍ୟାନ୍ ଚୋରି କରିନେଇଥିବା ସେ ତାଙ୍କ ଅଭିଯୋଗରେ ଉଲ୍ଲେଖ କରିଥିଲେ। ଏତଲା ଆଧାରରେ ମହାକାଳପଡ଼ା ପୁଲିସ ତଦନ୍ତ କରି ରବିବାର ସେହି ଗ୍ରାମର ସ୍ୱାଧୀନ ସେଠି ଓରଫ୍ ଧନ(୧୯), ଜଗନ ସେଠି(୩୪) ଏବଂ ନିକଟସ୍ଥ ଗୋପାଳପୁର ଗ୍ରାମର ନଙ୍ଗୁଳି ଚରଣ ପ୍ରଧାନ ଓରଫ୍ ନଙ୍ଗୁ(୩୬)ଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଥାନା ଅଧିକାରୀ ମାନସ ମଲ୍ଲିକଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗିରଫ ଅଭିଯୁକ୍ତମାନେ ଚୋରି କରିଥିବା ସାମଗ୍ରୀକୁ କେନାଲ ବ୍ରିଜ୍ ଠାରେ ଥିବା ମାର୍ଶାଘାଇ ଥାନା ଅନ୍ତର୍ଗତ ତୁଳସୀପୁର ଗ୍ରାମର ଅରକ୍ଷିତ ଦାସ(୫୮) ନାମକ ଜଣେ କବାଡିଆ ଦୋକାନୀଙ୍କୁ ବିକ୍ରୟ କରି ତାଙ୍କ ଠାରୁ ୫,୫୦୦ ଟଙ୍କା ଆଣିଥିଲେ ଏବଂ ସେ ଟଙ୍କାକୁ ନିଜ ନିଜ ମଧ୍ୟରେ ବାଣ୍ଟି ନେଇଥିଲେ। ପର୍ଯ୍ୟାପ୍ତ ପ୍ରାଥମିକ ପ୍ରମାଣ ଆଧାରରେ ଅଭିଯୁକ୍ତଙ୍କ ବିରୁଦ୍ଧରେ ଧାରା ୩୩୧(୩)/୩୦୫(କ)/୩(୫) ବିଏନଏସ ଅନୁଯାୟୀ ସେମାନଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

ଚୋରି ହୋଇଥିବା ପିତ୍ତଳ ବାସନକୁ ସମ୍ପୃକ୍ତ ଦୋକାନୀଙ୍କ ଠାରୁ ଜବତ କରି ସାକ୍ଷୀମାନଙ୍କ ଉପସ୍ଥିତିରେ ଉପଯୁକ୍ତ ରାଜିନାମା ସହିତ ଅଭିଯୋଗକାରୀ ବିକାଶ କୁମାର ମଲ୍ଲଙ୍କୁ ହସ୍ତାନ୍ତର କରାଯାଇଛି।

## ରସରାଜପୁରରେ ଉପବାଚସ୍ପତିଙ୍କ ଦ୍ୱାରା ନୂଆବଜାର ଲୋକାର୍ପିତ




**ସୁନ୍ଦରଗଡ଼, ୨୬।୪(ସଂଚାର ବ୍ୟୁରୋ)ଃ** ଏପ୍ରିଲ ୨୬ ତାରିଖ ରସରାଜପୁର ଅଞ୍ଚଳ ବାସୀଙ୍କର ବହୁ ପ୍ରତିକ୍ଷିତ ସାପ୍ତାହିକ ହାଟ ବା ବଜାର ଲୋକାର୍ପିତ ହୋଇଯାଇଛି। ତେବେ ଏହି ବଜାର ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ତଳସରା ବିଧାୟକ ତଥା ଓଡିଶା ବିଧାନସଭାର ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ ଯୋଗ ଦେଇଥିଲା ବେଳେ ସମ୍ମାନିତ ଅତିଥି ଭାବେ ସଦର ଥାନା ଅଧିକାରୀ ସୌଦାମିନୀ ନାଗ ଓ କରମଡିହି ଗ୍ରାମ ପଞ୍ଚାୟତ ସରପଞ୍ଚ ସସ୍ମିତା କୁଜୁର ପ୍ରମୁଖ ଯୋଗ ଦେଇଥିଲେ। ତେବେ ଏହି ହାଟ ବା ବଜାର ହେବାର ପ୍ରମୁଖ ଭୂମିକା କରମଡିହି ସରପଞ୍ଚ ନିଭାଇ ଥିବାରୁ ଅଞ୍ଚଳବାସୀ ଏହି ମହତ କାମ ପାଇଁ ତାଙ୍କୁ ଶ୍ରେୟ ଦେଇଛନ୍ତି।

## ଶ୍ରୀ ଭାରତୀକୃଷ୍ଣ ଗଣିତ ପ୍ରତିଭା ପରୀକ୍ଷାରେ ସପ୍ତମ ସ୍ଥାନରେ ବଳରାମପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ର



**ବାଲିଆପାଳ, ୨୬।୪ (ସଂଚାର ବ୍ୟୁରୋ)ଃ** ଶିକ୍ଷା ବିକାଶ ସମିତି ଓଡିଶାଙ୍କ ଦ୍ୱାରା ପରିଚାଳିତ ଶ୍ରୀ ଭାରତୀକୃଷ୍ଣ ଗଣିତ ପ୍ରତିଭା ପରୀକ୍ଷାରେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବଳରାମପୁରର ଛାତ୍ର ଶ୍ରୀମାନ୍ ଜଗତକଲ୍ୟାଣ ଭୂୟାଁ ସାରା ଓଡ଼ିଶାରେ ୭ମ ସ୍ଥାନ ଅଧିକାର କରିଛନ୍ତି। ନିଜର କଠିନ ଅଧ୍ୟବସାୟ ଅଦମ୍ୟ ଚେଷ୍ଟା ସର୍ବୋପରି ପିତା ମାତାଙ୍କ ସହଯୋଗ ଓ ପ୍ରେରଣା ତାଙ୍କୁ ଏ ସଫଳତା ଆଣି ଦେଇପାରିଛି। ତାଙ୍କର ଏ ସଫଳତା ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଶ୍ରୀ ହରିହର ପଣ୍ଡା ତଥା ସମସ୍ତ ଗୁରୁଜୀ ଗୁରୁମାଙ୍କ ସମେତ ତାଙ୍କ ବାପା, ମା, ବଡ଼ବାପା ବଡ ମାଆଙ୍କ ଅକ୍ଲାନ୍ତ ପରିଶ୍ରମ ଯୋଗୁଁ ସମ୍ଭବ ହୋଇ ପାରିଛି। ଶିଶୁ ମନ୍ଦିରର ପରିଚାଳନା ସମିତି ତଥା ଅବିଭାବକ ଏବଂ ବୁଦ୍ଧିଜୀବିଙ୍କ ମହଲରେ ଜଗତକଲ୍ୟାଣଙ୍କ ସଫଳତା ପାଇଁଇ ଶୁଭେଚ୍ଛାର ସୁଅ ଛୁଟିଛି। ସମସ୍ତେ ତାଙ୍କର ଉଜ୍ୱଳ ଭବିଷ୍ୟତ ଏବଂ ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି।

# ଖୋର୍ଦ୍ଧା ବିଜେପିର 'ଜନ ଆକ୍ରୋଶ ମହିଳା ସମାବେଶ'




**ଖୋର୍ଦ୍ଧା, ୨୬।୪ (ସଂଚାର ବ୍ୟୁରୋ)ଃ** ଖୋରଧା ଜିଲ୍ଲା ବିଜେପି ପକ୍ଷରୁ ଗୀତା ଭବନ ପଡ଼ିଆ ଠାରେ "ଜନ ଆକ୍ରୋଶ ମହିଳା ସମାବେଶ" ଅନୁଷ୍ଠିତ ହୋଇଯାଇଛି। ସଂସଦରେ ୩୩% ମହିଳା ସଂରକ୍ଷଣ ବିଲ୍ (ନାରୀ ଶକ୍ତି ବନ୍ଦନ ଅଧିନିୟମ ) ପାସ ନହେବା ପ୍ରତିବାଦରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିମେଣ୍ଟ ଆଇନକୁ ବାଧା ଦେବା ପାଇଁ ଦାୟୀ କରାଯାଇଥିଲା। ଏହା ଗ୍ରାମରୁ ସଂସଦ ପର୍ଯ୍ୟନ୍ତ "ଭାରତର ମହିଳାମାନଙ୍କ ପ୍ରତି ସିଧାସଳଖ ବିଶ୍ୱାସଘାତକତା" ବୋଲି ଅଭିଯୋଗ କରିଛନ୍ତି।

ବିଲ କୁ ସମର୍ଥନ ନକରିବା ପାଇଁ ବିଜେପି ମହିଳା ନେତ୍ରୀମାନେ କଂଗ୍ରେସ, ଡିଏମକେ, ଟିଏମସି, ସମାଜବାଦୀ ଏବଂ ଆମ ଆଦମୀ ପାର୍ଟିକୁ ସକ୍ରିୟ ଭାବରେ ଦୟୀ କରିଛନ୍ତି। ବିଜେପି ମହିଳା ମୋର୍ଚ୍ଚାର ରାଜ୍ୟ ସମ୍ପାଦକ ପିଙ୍କି ପ୍ରଧାନ ବିରୋଧୀ ଦଳଗୁଡ଼ିକ ଉପରେ ଏକ କଡ଼ା ଆକ୍ରମଣ କରି ସଂସଦରେ "ନାରୀ ଶକ୍ତି ବନ୍ଦନା ଆଇନ"କୁ ବାଧା ଦେବା ଏବଂ ମହିଳାଙ୍କ ଆକାଂକ୍ଷାକୁ ବିଶ୍ୱାସଘାତ କରିବା ଅଭିଯୋଗ କରିଥିଲେ। ବିଜେପି ଖୋର୍ଦ୍ଧା ଜିଲ୍ଲା ସଭାପତି ବିଶ୍ୱରଞ୍ଜନ ବଡ଼ଜେନା କହିଛନ୍ତି ଯେ ବିଲ୍ ଉପରେ ସଂସଦୀୟ ବିତର୍କ ଦେଶର ଭବିଷ୍ୟତକୁ ପୁନଃଗଠିତ କରିବାର ସମ୍ଭାବନା ରଖିଛି କିନ୍ତୁ ବିରୋଧୀ ଦଳଗୁଡ଼ିକ ଦ୍ୱାରା ଏହାକୁ ଅଟକାଇ ଦିଆଯାଇଛି। ସେମାନଙ୍କ କାର୍ଯ୍ୟ ମହିଳାମାନଙ୍କ ପ୍ରତି ଅନ୍ୟାୟ ପରି ଯାହାକୁ ଭୋଟରମାନେ କ୍ଷମା କରିବେ ନାହିଁ। ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିକୁଞ୍ଜ କିଶୋର ପଟ୍ଟନାୟକ ମଧ୍ୟ ଦଳଗୁଡ଼ିକୁ ମହିଳା ବିରୋଧୀ ବୋଲି ବର୍ଣ୍ଣନା କରି ସମାଲୋଚନା କରିଛନ୍ତି। ବୈଠକରେ ବିଜେପି କାର୍ଯ୍ୟକାରିଣୀ କମିଟି ସଦସ୍ୟ ରଶ୍ମିମୟୀ ପଟ୍ଟନାୟକ, ରୋଜିନା ରାଣୀ ଦାଶ, ଉର୍ମିଳା ମହାପାତ୍ରଙ୍କ ସମେତ ଅନେକ ବରିଷ୍ଠ ନେତା ଯୋଗ ଦେଇଥିଲେ।

# ପଞ୍ଚାୟତ ସମିତି ଦଖଲ ପାଇଁ ବିଜେଡିର ରଣନୀତି ଆରମ୍ଭ



**ଯାଜପୁର, ୨୬।୪(ସଂଚାର ବ୍ୟୁରୋ)ଃ** ଆସନ୍ତା ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ବିଜେଡି ତାହାର ରଣନିତି ଆରମ୍ଭ କରି ଦେଇଛି। କେଉଁଠି ବନ୍ଧୁମିଳନ ନାଁରେ ଦଳୀୟ ସଂଗଠନକୁ ସୁଦୃଢ଼ କରିବାକୁ ବୈଠକ ଜାରି ରଖିଛି, ଆଉ କେଉଁଠି ସରକାରଙ୍କ ଅପାରଗତାକୁ ଲୋକଲୋଚନକୁ ଆଣି ସାଧାରଣ ଜନତାଙ୍କ ନିକଟତର ହେବାକୁ ବିଜେଡି ଉଦ୍ୟମ ଆରମ୍ଭ କରିଛି। ଯାହାକୁ ନେଇ ବିଜେପି କର୍ମୀଙ୍କ ଠାରେ ଚିନ୍ତାର କାରଣ ହୋଇଛି। କାରଣ ବିଜେପିକୁ ଯେଭଳି ଭାବରେ ଗତ ସାଧାରଣ ନିର୍ବାଚନରେ ଭୋଟର ସମର୍ଥନ ଜଣାଇଥିଲେ ତାହା ଏବେ ଧିରେ ଧିରେ ହ୍ରାସ ପାଉଥିବା ଦେଖାଯାଉଛି। ଯାହାର ସୁବିଧା ହାତେଇଛରି ବିଜେଡି ନେତା ଓ କର୍ମୀ। ତେଣୁ କିପରି ଭାବରେ ପଞ୍ଚାୟତ ନିର୍ବାଚନରେ ବିଜେଡି ପୁନର୍ବାର ପଞ୍ଚାୟତ ସମିତି ତଖଲ କରିବ ସେ ସମ୍ପର୍କରେ ପୂର୍ବତନ ମନ୍ତ୍ରୀ ଇଂ ପ୍ରୀତିରଞ୍ଜନ ଘଡ଼ାଇ (ଡାନି) ବୈଠକରେ କର୍ମୀମାନଙ୍କୁ ଗୁରୁମନ୍ତ୍ର ଦେଉଛନ୍ତି।

ଆଜି ଯାଜପୁର ଜିଲା ସୁକିନ୍ଦା ନିର୍ବାଚନ ମଣ୍ଡଳୀ ଦାନଗଦୀ ବ୍ଲକ ଓସ୍ତପାଳ ପଞ୍ଚାୟତରେ ଆୟୋଜିତ ସାଂଗଠନିକ ବୈଠକରେ ଯୋଗଦେଇ ଦଳୀୟ ସଂଗଠନକୁ ଆହୁରି ସୁଦୃଢ଼ କରିବା ଓ ମୂଳ ଭିତ୍ତିକୁ ଶକ୍ତିଶାଳୀ କରିବା ପାଇଁ ଏହି ଅବସରରେ କର୍ମୀମାନଙ୍କ ସହ ଆଗାମୀ ରଣନୀତି, ଜନସମସ୍ୟାର ସମାଧାନ ଓ ଲୋକମାନଙ୍କ ଆକାଂକ୍ଷା ପୂରଣ ପାଇଁ ଗଠନମୂଳକ ଆଲୋଚନା ହୋଇଛି। ନିଜ ନିଜ ମଧ୍ୟରେ ମନୋମାଳିନ୍ୟ ନ ରଖି କିପରି ଦଳୀୟ ସଂଗଠନକୁ ଅଧିକ ଶକ୍ତିଶାଳୀ କରାଯାଇ ପାରିବ, ତାହା ଉପରେ ପୂର୍ବତନ ମନ୍ତ୍ରୀ ଇଂ ପ୍ରତିରଞ୍ଜନ ଘଡ଼ାଇ ଏଥିରେ ଯୋଗ ଦେଇ ଗୁରୁତ୍ୱାରୋପ କରିଛନ୍ତି ।

ଏଥିରେ ଓସ୍ତପାଳ ପଞ୍ଚାୟତର ବିଜେଡି କାର୍ଯ୍ୟକାରୀ ସଭାପତି ଅଭୟ ଜେନା, ଯୁବ ବିଜେଡି ସଭାପତି ସରୋଜ ବେହେରା, ସଗଂଠକ ସରୋଜ ଜେନା, ସଗଂଠକ ଅମିୟ ନାୟକଙ୍କ ସମେତ ଶତାଧିକ ବିଜେଡିକର୍ମୀ ଯୋଗଦାନ କରିଥିଲେ।

## ସଙ୍ଗୀତ ମହାବିଦ୍ୟାଳୟର ନୃତ୍ୟ ସଙ୍ଗୀତ ଉତ୍ସବ ଉଦ୍‌ଯାପିତ




**ସତ୍ୟବାଦୀ, ୨୬।୪(ସଂଚାର ବ୍ୟୁରୋ)ଃ** ସତ୍ୟବାଦୀର ବହୁ ପୁରାତନ ଏକମାତ୍ର ନୃତ୍ୟ, ସଂଗୀତ ଓ ଚିତ୍ରକଳା ଶିକ୍ଷାନୁଷ୍ଠାନ ଏବେ ୫୦ ବର୍ଷରେ ପଦାର୍ପଣ କରିବାକୁ ଯାଉଛି। ଏହି ଅବସରରେ ସତ୍ୟବାଦୀ ବକୁଳ ବନ ସ୍ଥିତ ପଞ୍ଚସଖା ମୁକ୍ତାକାଶ ରଙ୍ଗମଞ୍ଚରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।

ଦୁଇ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମ ର ଉଦଯାପନୀ ସଂଧ୍ୟାରେ ମଖ୍ୟଅତିଥି ଭାବେ ସତ୍ଯବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, ସମ୍ମାନିତ ଅତିଥି ଭାବେ ସତ୍ଯବାଦୀ ମହୋତ୍ସବ କମିଟିର ସମ୍ପାଦକ ତଥା ଜୟପୁର ସମିତି ସଭ୍ୟ ଦୀପକ ଶତପଥୀ, ବାଦ୍ୟ ଗୁରୁ ଧନେଶ୍ୱର ସ୍ୱାଇଁ, ସୁକାନ କୁମାର କୁଣ୍ଡୁ , ନାଟ୍ୟକାର ଦୋଳଗୋବିନ୍ଦ ରଥ, ସତ୍ଯବାଦୀ ସଂଗୀତ ମହାବିଦ୍ୟାଳୟ ସଭାପତି ଦୁର୍ଗା ପ୍ରସାଦ ମହାପାତ୍ର ଓ ଅନୁଷ୍ଠାନ ର ସମ୍ପାଦକ ବଦ୍ରିନାରାୟଣ ଖୁଣ୍ଟିଆ ଜଗନ୍ନାଥଙ୍କ ମୂର୍ତ୍ତି ଏବଂ ଅନୁଷ୍ଠାନର ପ୍ରତିଷ୍ଠାତା ସ୍ୱର୍ଗତ ରାମକୃଷ୍ଣ ଖୁଣ୍ଟିଆଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରି ଆନୁଷ୍ଠାନିକ ଭାବେ ମଞ୍ଚ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଅନୁଷ୍ଠାନ ପକ୍ଷରୁ ଅତିଥି ମାନଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା।

ବିଳମ୍ବିତ ରାତି ପର୍ଯ୍ୟନ୍ତ ମହାବିଦ୍ୟାଳୟ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶକ ମାନେ ମନଭରି ଓଡ଼ିଶୀନୃତ୍ୟ ଉପଭୋଗ କରିଥିଲେ।

ସଂଚାର THE SANCHAR

## ସିଟି salad

### ପଦ୍ମ ପୋଖରୀରେ ପ୍ରଭାତଙ୍କ ମନ



ସଦ୍ୟ ଖଇରିଆ ରଙ୍ଗରୁ ଧଳା ରଙ୍ଗକୁ ପୋଷାକ ବଦଳ କରିଥିବା କଟକୀ ନେତା ବାବୁ ପ୍ରଭାତଙ୍କ ମନ ଏବେ ପଦ୍ମ ପୋଖରୀରେ। ପୋଖରୀର ପଦ୍ମଫୁଲଗୁଡିକର ଆପର୍ଷଣରେ ସିଏ ଟାଣି ହୋଇ ଯାଉଛନ୍ତି। ଖାଲି କେଉଁଦିନ ପୋଖରୀରେ ପଶିବେ ସେହି କଥା ଭାବି ନିଦ ହେଉନାହିଁ। ଅବଶ୍ୟ ପୋଖରୀରେ ପଶିବା ପୂର୍ବରୁ ବାବୁ କୁଆଡେ ଦେହରୁ ସିବିଆଇ ଦାଗ ଛଡାଇବାପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏହାଛଡା ନିକଟରେ କଟକ ଯାଇଥିବା ପଦ୍ମ ଦଳର ମୁଖ୍ୟମନ୍ତ୍ରୀ ବାବୁ ମୋହନ ମାଝୀଙ୍କୁ ଉପରେ ପଡି ସ୍ୱାଗତ କରିଛନ୍ତି। ଅବଶ୍ୟ ସାଙ୍ଗରେ କଟକ-ଚୌଦ୍ୱାର ବିଧାୟକ ପୁଅ ସୌଭିକ ବି ଥିଲେ। ତେବେ ଯେବେଠାରୁ ନବୀନ ନିବାସ ଭିତରେ ପରାକାଷ୍ଠା ପ୍ରଦର୍ଶନ କରି ବାବୁ ବିଜେଡିରୁ ବିତାଡିତ ହେଲେଣି ସେବେଠାରୁ ପଦ୍ମ ପୋଖରୀରେ ପଶିବାପାଇଁ ଯୋଜନା କରିଛନ୍ତି। ଏହି ଯୋଜନାକୁ ସଫଳ କରିବାପାଇଁ ବାବୁ କୁଆଡେ ନିବାସରେ ପ୍ରାୟୋଜିତ ପାଟିତୁଣ୍ଡ କରିଥିଲେ ବୋଲି ତାଙ୍କର କିଛି ଚେଲା କହି ବୁଲୁଛନ୍ତି। ହେଲେ ବାବୁ ସିନା ପୋଖରୀରେ ପଶି ପଦ୍ମଫୁଲ ସହିତ ଘଷି ମାଜି ହେବେ, କିନ୍ତୁ ପିତୃ ଧର୍ମ ପାଳନ କରିଥିବା ପୁତ୍ର କୁଆଡେ ଯିବେ ସେହି ଚିନ୍ତାରେ ଏବେ ପ୍ରଭାତ ବାବୁ ପଡିଛନ୍ତି। କାରଣ ଯାହା ଆଇନ୍ ବ୍ୟବସ୍ଥା ରହିଛି ପିତା ଧର୍ମ ପାଳନ କରିଥିବା ପୁତ୍ର ଯଦି ପିତାଙ୍କ ସହିତ ପଦ୍ମ ପୋଖରୀକୁ ଡେଇଁବେ ତେବେ ବିଧାୟକ ଚାକରିଟି ଚାଲିଯିବ। ତେଣୁ ସବୁଯାଉ ବିଧାୟକ ଚାକିରି ଥାଉ ନୀତିରେ ପୁଅ କୁଆଡେ ପଦ୍ମ ପୋଖରୀ ଠାରୁ ଦୂରେଇ ରହୁଛନ୍ତି।

### ଖେଳ କରୁଛନ୍ତି ଜିଲ୍ଲାପାଳଙ୍କ ବାପା



ରାଜ୍ୟରେ ଏବେ ଶିଳ୍ପାୟନକୁ ନେଇ ଚାଲିଥିବା ଗଣ୍ଡଗୋଳ ଆଦିବାସୀ ଅଞ୍ଚଳରୁ ଭୁବନେଶ୍ୱର ବାଟ ଦେଇ ଦିଲ୍ଲୀରେ ପହଞ୍ଚିବାପରେ ଏହାର ଅସଲ ମାଷ୍ଟରମାଇଣ୍ଡଙ୍କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ହେଉଥିବା ଆଲୋଚନା ଅନୁଯାୟୀ ଆଦିବାସୀ ଅଞ୍ଚଳରେ ଚାଲିଥିବା ଏହି ଖେଳ ପଛରେ ଜଣେ ଜିଲ୍ଲାପାଳଙ୍କ ବାପା ରହିଛନ୍ତି। ତାଙ୍କରି ପ୍ରଭାବରେ ଜିଲ୍ଲାପାଳ ଗୋଟିଏ କମ୍ପାନୀ ପାଇଁ ଓକିଲାତି କରୁଛନ୍ତି। ଜିଲ୍ଲାପାଳଙ୍କ ବାପା ଯେଉଁ କମ୍ପାନୀର କାର୍ଯ୍ୟ କରୁଛନ୍ତି ସେହି କମ୍ପାନୀ ଏବେ ବେଦାନ୍ତ ପଛରେ ପଡିଛି। ବେଦାନ୍ତ ହାତକୁ ଖଣି ଚାଲିଗଲେ ସେହି କମ୍ପାନୀ କ୍ଷତିଗ୍ରସ୍ତହେବ ବୋଲି ଆଶଙ୍କା କରୁଛନ୍ତି। ଯେହେତୁ ଜିଲ୍ଲାପାଳଙ୍କ ବାପା କମ୍ପାନୀରେ ଉଚ୍ଚ ପଦବୀରେ ରହିଛନ୍ତି ତେଣୁ ତାଙ୍କରି ଜରିଆରେ କମ୍ପାନୀ ଜିଲ୍ଲାପାଳଙ୍କୁ ପ୍ରଭାବିତ କରିବାରେ ସଫଳ ହୋଇଛି। ଫଳରେ ଜିଲ୍ଲାପାଳ ଗଣ୍ଡଗୋଳର ସମାଧାନ ପରିବର୍ତ୍ତେ ନିଆଁରେ ଘିଅ ଢାଳିବା ଭଳି କାର୍ଯ୍ୟ କରୁଛନ୍ତି। କିଛିଦିନ ତଳେ ଏଭଳି ଖେଳର ସୁରାକ ପାଇବାପରେ ତତ୍କାଳୀନ ମୁଖ୍ୟ ଶାସନ ସଚିବ ଜିଲ୍ଲାପାଳଙ୍କୁ ଡାକି କଡା ତାଗିଦା କରିଥିଲେ। ହେଲେ ମୁଖ୍ୟ ସଚିବ ବଦଳିବାପରେ ଜିଲ୍ଲାପାଳ ପୁଣି ପୁରୁଣା ଖେଳ ଆରମ୍ଭ କରିଛନ୍ତି। ଆଦିବାସୀଙ୍କ ନାଁରେ ଯେଭଳି କମ୍ପାନୀ ଲଢେଇ ଚାଲିଛି ଓ ବାପାଙ୍କ ପାଇଁ ଜିଲ୍ଲାପାଳ ପକ୍ଷଭୁକ୍ତ ହେଉଛନ୍ତି ତୁରନ୍ତ ତାହାର ପ୍ରତିକାର ନକଲେ ଓଡିଶାରେ ଶିଳ୍ପ ପ୍ରତିଷ୍ଠା ନେଇ ଭୁଲ ବାର୍ତ୍ତା ବାହାରକୁ ଯିବ। ଖୋଦ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବ ଏଥିରେ ହସ୍ତକ୍ଷେପ କରିବାକୁ ଦାବି ହେଉଥିବାବେଳେ ଜିଲ୍ଲାପାଳ ଓ ତାଙ୍କ ବାପାଙ୍କ କାର୍ଯ୍ୟକଳାପର ତଦନ୍ତ ପାଇଁ ବି ମତ ପ୍ରକାଶ ପାଇଲାଣି।

### ଜୟ-ଟଙ୍କଙ୍କ ପାଇଁ ଗାମୁଛା ନାହିଁ



ସଭାରେ ମଞ୍ଚରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଥିଲେ। ମନ୍ତ୍ରୀ ସୁରେଶ ପୂଜାରୀ ଓ ରବି ନାଏକ ବି ଥିଲେ। ଏମାନଙ୍କ ସହିତ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଓ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ଥିଲେ। କାର୍ଯ୍ୟକ୍ରମଟି ଥିଲା ଗୋଟିଏ ବୃହତ୍ ଶିଳ୍ପସଂସ୍ଥାର ପୁଞ୍ଜିନିବେଶ ରାଜିନାମା ସ୍ୱାକ୍ଷରକୁ ନେଇ। ସମ୍ବଲପୁର ଜିଲ୍ଲାରେ ଜାପାନର ଏହି ସର୍ବବୃହତ୍ ନିବେଶ କାର୍ଯ୍ୟକ୍ରମରେ ମଞ୍ଚ ଉପରେ ଉପସ୍ଥିତ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିବାବେଳେ ଦୁଇ ବିଧାୟକଙ୍କ ପାଇଁ କିନ୍ତୁ ଗାମୁଛା ନଥିଲା। ଏମାନେ ମଞ୍ଚରେ ମନମରା ହୋଇ ବସିଲେ। ସଭା ସରିଲା ବେଳକୁ ମଞ୍ଚରୁ ଓହ୍ଲାଇଲା ବେଳକୁ ଜୟ-ଟଙ୍କ ରାଗରେ ଫଁ ଫଁ ହେଲେ। ଅସ୍ଥାୟୀ ଅଭ୍ୟର୍ଥନା କକ୍ଷରେ ଦୁଇ ବିଧାୟକ ରାଗ ଶୁଝାଇଲେ। ତେବେ ଘଟଣା ଆଗକୁ ବଢିବା ପୂର୍ବରୁ ମୁଖ୍ୟମନ୍ତ୍ରୀ ଆସି ବୁଝାଇବାରୁ ବୁଝିଗଲେ। ତେବେ ଏମାନଙ୍କ ପାଇଁ ଗାମୁଛା ଆସିନଥିଲା ନା ଆସିନଥିଲା ତାହା ଚର୍ଚ୍ଚାର ବିଷୟ ପାଲଟିଛି। କମ୍ପାନୀ କର୍ତ୍ତୃପକ୍ଷ ଯେଉଁଠାରେ ପୁଞ୍ଜି ଖଟାଉଛନ୍ତି ସେଠାକାର ବିଧାୟକଙ୍କୁ ଏମିତି ଅପମାନିତ କରିବାକୁ ସାହସ କଲେ କେମିତି ? କଥାଟି ଏବେ ପଶ୍ଚିମଓଡିଶାରେ ଚର୍ଚ୍ଚାର ବିଷୟ ପାଲଟିଥିବାବେଳେ ନିଜ ନିଜ ଅଞ୍ଚଳରେ ଶେର୍ ବୋଲାଉଥିବା ଦୁଇ ବିଧାୟକଙ୍କୁ କମ୍ପାନୀ ପକ୍ଷରୁ ଗାମୁଛା ଖଣ୍ଡେ ଦିଆନଯିବା ଓ ଉପସ୍ଥିତ ମନ୍ତ୍ରୀ ଓ ଅଫିସରମାନେ ଏହା ଦେଖି ଚୁପ୍ ରହିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ତେବେ ଦୁଇ ବିଧାୟକଙ୍କ ପାଇଁ ଆହୁରି ଆଶ୍ଚର୍ଯ୍ୟକର କଥାଟି ହୋଇଛି ଏହି ସଭାର ସଚିତ୍ର ଖବରରେ ଦୁଇ ବିଧାୟକଙ୍କ ଫଟୋ ଅଧିକାଂଶ ସ୍ଥାନରେ ଦେଖିବାକୁ ମିଳୁନାହିଁ।

### ଭାରୀ ପଡୁଛନ୍ତି ଓଡ଼ିଆ ଜୋଇଁ




ବଙ୍ଗଳାରେ ନିର୍ବାଚନ ପ୍ରଚାର କରିବାପାଇଁ ଏବେ ଓଡିଶା ନେତାଙ୍କ ଧାଡି ଲାଗିଛି। ସେପଟୁ ଡାକରା ଆସୁ କି ନଆସୁ ହାଜିରା ପକାଇବାପାଇଁ କିନ୍ତୁ ଧାଉଁଛନ୍ତି। ଏଥିରେ ଅବଶ୍ୟ ଏହି ନେତାମାନଙ୍କର ଦୁଇ ପ୍ରକାର ଲାଭ ହେଉଛି। ଗୋଟିଏ ହେଲା ବଡ ନେତାଙ୍କ ଆଗରେ ନିଜର ଉପସ୍ଥିତି ଓ ଅନ୍ୟଟି ହେଲା ନିଜ ଏରିଆରୁ ପାଣ୍ଠି ସଂଗ୍ରହ। ତେବେ ଏହି ନେତାଙ୍କ ଉପରେ କଲିକତାରେ ଭାରି ପଡିଛନ୍ତି ଜଣେ ଓଡିଆ ଜୋଇଁ। ଏହି ଜୋଇଁ ହେଉଛନ୍ତି ଓଡିଶାର। ଶ୍ୱଶୁର ଘର କଲିକତାରେ। ତେଣୁ ସେଠାକୁ ଯାଇଛନ୍ତି ତୃଣମୂଳ ସପକ୍ଷରେ ପ୍ରଚାର କରିବାକୁ। ଓଡିଶା ରାଜନୀତିର ଆଗଧାଡିର ଏହି ନେତା ଜଣଙ୍କ କଲିକତାର ଓଡିଆଙ୍କ ମଧ୍ୟରେ ବେଶ୍ ପରିଚିତ। ଉଭୟ ଓଡିଆ ଓ ବଙ୍ଗଳା ଭାଷାରେ ତାଙ୍କର ଦକ୍ଷତା ରହିଛି। ଶ୍ୱଶୁର ଘର ହୋଇଥିବାରୁ ସେଠାରେ ତାଙ୍କର ଜୋରଦାର ଖାତିର। ଜୋଇଁ ଯେଉଁଠି ଭାଷଣ ଦେଉଛନ୍ତି ସେଠାକୁ ଓଡିଶାରୁ ଯାଇଥିବା ନେତାମାନେ ପ୍ରଚାର କରିବାକୁ ଡରୁଛନ୍ତି। କାରଣ ଜୋଇଁ ଏମାନଙ୍କ ଗୋହି ଖୋଳୁଛନ୍ତି। ସମସ୍ତଙ୍କ ଗୁମର ଖୋଲି ଦେଉଛନ୍ତି। ତେଣୁ କିଛି ଓଡିଶା ନେତା ତାଙ୍କୁ ଭିତିରିଆ ଖବର ପଠାଇ ଓଡିଶା ଫେରିଯିବାକୁ ଫୁସୁଲାଉଛନ୍ତି। ହେଲେ କଲିକତା ରାଜନୀତି ସହିତ ବେଶ୍ ପରିଚିତ ଓ ମମତାଙ୍କ ସହିତ ସିଧାସଳଖ ସମ୍ପର୍କ ଥିବାରୁ ଜୋଇଁପୁଅ ଏବେ ସେଠାରେ ଓଡିଆ ଭୋଟରଙ୍କ ମୋର୍ଚ୍ଚା ସମ୍ଭାଳିଥିବାବେଳେ ଓଡିଶା ନେତାଙ୍କୁ ପାଣି ପିଆଉଥିବାର ଚର୍ଚ୍ଚା ଜୋର ଧରିଛି।

### ମୁକେଶଙ୍କ ଚାମ୍ବରରେ ବାସ୍ତୁଦୋଷ



ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଦପ୍ତରରେ ବାସ୍ତୁଦୋଷ। ଏହି ଦୋଷ ପାଇଁ ଏବେ ମନ୍ତ୍ରୀଙ୍କ ହାତରେ ଥିବା ଦୁଇ ଦୁଇଟି ବିଭାଗରେ ବିବାଦ ଲାଗି ରହୁଛି। ତେବେ ବାସ୍ତୁଦୋଷଟି ମନ୍ତ୍ରୀଙ୍କ ସଚିବାଳୟ ଚାମ୍ବରରେ ନା ଆବାସିକ ଚାମ୍ବରରେ ରହିଛି ତାହାକୁ ନେଇ ମନ୍ତ୍ରୀଙ୍କ ପାଖଲୋକମାନେ ଆଲୋଚନା କରୁଛନ୍ତି। ଏହି ଆଲୋଚନା ଅନୁଯାୟୀ ରାଜ୍ୟ ମନ୍ତ୍ରୀମଣ୍ଡଳର ଟାଣୁଆ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଏବେ ନିଜ ବିଭାଗକୁ ନେଇ ଚିନ୍ତିତ। ତାଙ୍କ ହାତରେ ରହିଥିବା ଦୁଇ ଦୁଇଟି ବିଭାଗକୁ ବିବାଦ ପିଛା ଛାଡୁନାହିଁ। ସ୍ୱାସ୍ଥ୍ୟ ବିଭାଗ କଥାନ କହିଲେ ଭଲ। ବିଭାଗ ଦାୟିତ୍ୱ ନେଉ ନେଉ ରାଜଧାନୀ ଉପକଣ୍ଠରେ ଝାଡା ବାନ୍ତି ନୟାନ୍ତ କରିଥିଲା। ସେଥିରୁ ମୁକୁଳିଲା ବେଳକୁ ଏସସିବି ଅଗ୍ନିକାଣ୍ଡ। ଏହି ଘଟଣାରେ ବିରୋଧିଦଳକୁ ବୁଝାଇବାକୁ ସରକାର ନାକେଦମ ହେଲେ। ସ୍ୱାସ୍ଥ୍ୟ ବିଭାଗର ସ୍ୱାସ୍ଥ୍ୟକୁ ସଜାଡୁ ସଜାଡୁ ଏବେ ଆଇଟି ବିଭାଗର ଝାମେଲା ମନ୍ତ୍ରୀଙ୍କୁ ନାକେଦମ କଲାଣି। ବିଦ୍ୟାଳୟରେ ସ୍ମାର୍ଟ କ୍ଲାସରୁମ୍ ନିର୍ମାଣରେ ୧୦୦୦ କୋଟି ଟଙ୍କାର ଟେଣ୍ଡର ଜାଲି କମ୍ପାନୀକୁ ଦେଇଥିବାର ଅଭିଯୋଗ ଆଣି କଂଗ୍ରେସ ରାସ୍ତାଘାଟ କମ୍ପାଇବାରେ ଲାଗିଛି। ମନ୍ତ୍ରୀ ବି ସଫେଇ ଦେବା ଆରମ୍ଭ କରିଛି। ହେଲେ ଯାହା ଦେଖାଯାଉଛି କଂଗ୍ରେସର ଯୁବନେତାମାନେ ଯେଉଁ ମୁଡ୍‌ରେ ଅଛନ୍ତି ଓ ମନ୍ତ୍ରୀଙ୍କ ସହିତ ଯେଭଳି ସଚିବଙ୍କୁ ଏହି ମାମଲା ଭିତରକୁ ଟାଣିବା ଆରମ୍ଭ କରିଛନ୍ତି ସେମାନେ ସହଜରେ ଛାଡିବେ ନାହିଁ। ମନ୍ତ୍ରୀଙ୍କ ପାଖଲୋକମାନଙ୍କ କହିବାକଥା ଯେ ସରଳିଆ ମହାଲିଙ୍ଗର ଏଭଳି ଅବସ୍ଥା କେବଳ ବାସ୍ତୁଦୋଷ ପାଇଁ ହେଉଛି। ଏହାର ତୁରନ୍ତ ପ୍ରତିକାର କରାଯିବା ଆବଶ୍ୟକ।

---

**ପ୍ଲଟ୍ ବ୍ୟବସାୟୀ ସୁଧିର ପାତ୍ର ଅପହରଣ ଓ ହତ୍ୟା ମାମଲା**

# ୫ ଅଭିଯୁକ୍ତଙ୍କୁ ନେଇ ସିନ୍ ରିକ୍ରିଏଟ୍ କଲା ପୁଲିସ

**ଆଜି ହେବ ୯ ଅଭିଯୁକ୍ତଙ୍କ ମୁହାଁମୁହିଁ ଜେରା**



ବ୍ରହ୍ମପୁର,୨୬।୪(ସଂଚାର ବ୍ୟୁରୋ): ପ୍ଲଟ ବ୍ୟବସାୟୀ ସୁଧିର ପାତ୍ରଙ୍କୁ କିଭଳି ଅପହରଣ ଓ ପରେ ହତ୍ୟା କରାଯାଇଥିଲା, ସେନେଇ ଆଜି ୫ ଅଭିଯୁକ୍ତ ପୁଲିସ ଉପସ୍ଥିତିରେ ସିନ ରିକ୍ରିଏଟ୍ କରିଛନ୍ତି। ପ୍ରଥମେ ବଣଗାଁ ନିକଟରେ ଥିବା ଭଲିବଲ୍ କୋର୍ଟରୁ ରେକି ଓ ପରେ ପ୍ରେମ ଅଫିସ ଛକ କିଭଳି ଅପହରଣ କରିଥିଲେ, ସେନେଇ ଅଭିଯୁକ୍ତ କାଳୁ ଚରଣ ପ୍ରଧାନ ଓ ସୂର୍ଯ୍ୟ ପ୍ରତାପ ସିଂ ପୁଲିସକୁ ଡେମୋ ଦେଖାଇଥିଲେ। ପରେ ବୁଗୁଡ଼ା ରାମନାଦ ଜଙ୍ଗଲ ନିକଟରେ ସୁଧିରଙ୍କୁ ହତ୍ୟା କରିବା ସ୍ଥାନ ଓ ଶେଷରେ ସୋରଡ଼ା ଜଙ୍ଗଲରେ ତାଙ୍କ ମୃତଦେହକୁ ଅଭିଯୁକ୍ତମାନେ କିଭଳି ଫୋପାଡ଼ିଥିଲେ, ସେନେଇ ମଧ୍ୟ ରେକି କରିଥିଲେ ଅଭିଯୁକ୍ତ। ଗତକାଲି ୫ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ପଚରାଉଚରା ଓ ଆଜି କ୍ରାଇମ ସିନ୍ ରିକ୍ରିଏସନ ପରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରମାଣ ପୁଲିସ ହାତରେ ଲାଗିଥିବା ଜଣାପଡ଼ିଛି। ସେପଟେ ଆଜି ଅପହରଣର କିଛି ସମୟ ପୂର୍ବରୁ ସୁଧିର ମୋଟର ସାଇକେଲରେ ଯାଉଥିବା ଭିଡିଓ ମଧ୍ୟ ଭାଇରାଲ ହୋଇଛି। ପୁଲିସ ଆଜି ପ୍ରଥମେ ଏହି ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ତଥା ସୁଧିରଙ୍କ ଝିଆରୀ ନିବେଦିତାଙ୍କ ପୁରୁଷବନ୍ଧୁ କାଳୁ ଚରଣ ପ୍ରଧାନଙ୍କୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ବଣଗାଁ ନିକଟରେ ଥିବା ଭଲିବଲ କୋର୍ଟକୁ ନେଇଥିଲା। ସେଠାରେ କିଭଳି ସୁଧିରଙ୍କୁ ଅପହରଣ କରାଯାଇଥିଲା, ତା'ର ରେକି କରିଥିଲା କାଳୁ। ଏହାର କିଛି ସମୟ ପରେ ପୁଣି ପୁଲିସ ସୁରତର ସାର୍ପ ସୁଟର ସୂର୍ଯ୍ୟ ପ୍ରତାପ ସିଂଙ୍କୁ ଅପହରଣ ସ୍ଥାନକୁ ନେଇଥିଲା। ସେଠାରେ ସୂର୍ଯ୍ୟ, ନାରାୟଣ ପ୍ରଧାନ, ଆଶିଷ ମହାପାତ୍ର ଓ ଜିତୁନ ପଲେଇ କିଭଳି ବୋଲେରୋରେ ସୁଧିରଙ୍କୁ ଅପହରଣ କରିଥିଲେ, ତା'ର ଡେମୋ ଦେଖାଇଥିଲା ସୂର୍ଯ୍ୟ। ୫ ଅଭିଯୁକ୍ତଙ୍କୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ବୁଗୁଡ଼ା ରାମନାଦ ଜଙ୍ଗଲକୁ ନେଇ ସେଠାରେ ସୁଧିରଙ୍କୁ କିଭଳି ତଳେ ପକାଇ ଲାତ ଗୋଇଠା ସହ ଫାଙ୍କା ଗୁଳିଚାଳନା କରିଥିଲେ, ତା'ର ସିନ ରିକ୍ରିଏସନ ହୋଇଥିଲା। ଶେଷରେ ସୋରଡ଼ାରୁ ୨୦ କିମି ଦୂରବର୍ତ୍ତୀ ଜଙ୍ଗଲରେ ସୁଧିରଙ୍କ ମୃତଦେହକୁ କିଭଳି ଫିଙ୍ଗି କେଉଁଆଡ଼େ ଫେରାର ହୋଇଯାଇଥିଲେ, ସେନେଇ ଡେମୋ କରି ଦେଖାଇଥିଲେ ୫ ଅଭିଯୁକ୍ତ। ଗତକାଲି ୫ ଅଭିଯୁକ୍ତଙ୍କୁ ୩ଦିନିଆ ରିମାଣ୍ଡ ଆଣିଥିବା ପୁଲିସ ପ୍ରଥମ ଦିନରେ ୫ ଘଣ୍ଟାରୁ ଅଧିକ ସମୟ ଜେରା କରିଥିଲା। ଆଜି କ୍ରାଇମ ସିନ ରିକ୍ରିଏସନ କରିଥିବା ବେଳେ ଆସନ୍ତାକାଲି ଅଭିଯୁକ୍ତଙ୍କୁ ମୁହାଁମୁହିଁ ଜେରା କରାଯିବ।

## ୫ ସୁନା ଲୁଟେରା ଗିରଫ

● ସୁନା ଦୋକାନରୁ ଚୋରି କରିଥିଲେ



ସମ୍ବଲପୁର,୨୬।୪(ସଂଚାର ବ୍ୟୁରୋ): ଆଜି ଧନୁପାଲି ପୁଲିସକୁ ମିଳିଛି ବଡ଼ ସଫଳତା। ସମ୍ବଲପୁରର ଏକ ହୋଟେଲରୁ ୫ ଜଣ ସୁନା ଚୋର ଧନୁପାଲି ପୁଲିସ ହାତରେ ଗିରଫ ହୋଇଛନ୍ତି।ମିଳିଥିବା ସୂଚନାନୁସାରେ, ଛତିଶଗଡ଼ର କୋରବା ଜିଲ୍ଲାର ଏକ ସୁନା ଦୋକାନରୁ ୫ ଜଣ ପୁରୁଷ ଓ ମହିଳା ସୁନା ଗହଣା ଦେଖିବା ପାଇଁ ଯାଇଥିଲେ। ସେତେବେଳେ ଦୋକାନରେ ଯଥେଷ୍ଟ ଭିଡ଼ ଥିଲା। ଏହାର ସୁଯୋଗ ନେଇ ଏହି ପୁରୁଷ ଓ ମହିଳାମାନେ ତଞ୍ଚକତା କରି ସେଠାରୁ ଦୁଇଟି ସୁନା ଚେନ ଓ ଗୋଟିଏ ଲକେଟ ଚୋରି କରି ସେଠାରୁ ଖସି ପଳାଇଥିଲେ। ଏହାପରେ ସେମାନେ ଆଉ କୋରବାରେ ନ ରହି ସମ୍ବଲପୁର ଚାଲିଆସିଥିଲେ। ଘଟଣା ଜଣାପଡ଼ିବା ପରେ କୋରବା ପୁଲିସ ଏହାର ତଦନ୍ତ କରି ସମ୍ବଲପୁର ପହଞ୍ଚିଥିଲା। ଏଠାରେ ଧନୁପାଲି ପୁଲିସ ଉକ୍ତ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କୁ କୋରବା ପୁଲିସକୁ ହସ୍ତାନ୍ତର କରିଛି। ସେମାନଙ୍କ ନିକଟରୁ ପୁଲିସ୍ ୫ଟି ଚୋରି ସୁନା ଚେନ୍, ୨ଟି ମୁଦି, ୫ଟି ମୋବାଇଲ ଓ ନଗଦ ୧୨ ହଜାର ଟଙ୍କା ଜବତ କରିଛି।

## ଫୋର୍ବସ ତାଲିକାରେ ବାଲେଶ୍ୱର ଫଟୋଗ୍ରାଫର୍ ଶ୍ରୀତମ



ବାଲେଶ୍ୱର,୨୬।୪(ସଂଚାର ବ୍ୟୁରୋ): ବାଲେଶ୍ୱରର ଯୁବ ଫଟୋଗ୍ରାଫର ଶ୍ରୀତମ ସେଠୀ ଜିଲ୍ଲା ପାଇଁ ସୁନାମ ଅର୍ଜନ କରିଛନ୍ତି। ସେ ବହୁଚର୍ଚ୍ଚିତ ଫୋର୍ବସ୍ ପତ୍ରିକାରେ ସ୍ଥାନ ପାଇଛନ୍ତି। ଏହି ପତ୍ରିକାରେ ବିଶ୍ୱର ମୋଟ ୧୨ ଜଣ ଫଟୋଗ୍ରାଫରଙ୍କୁ ସ୍ଥାନ ମିଳିଥିବା ବେଳେ ସେମାନଙ୍କ ମଧ୍ୟରେ ସାମିଲ୍ ହୋଇଛନ୍ତି ଶ୍ରୀତମ। ଏହି ପତ୍ରିକାରେ ସ୍ଥାନିତ ତାଙ୍କ ଫଟୋ ବିଶ୍ୱର ବିଭିନ୍ନ ରାଷ୍ଟ୍ରରୁ ପ୍ରଶଂସା ସାଉଁଟିଛି।

ନିକନ୍ କମେଡି ୱାଇଲ୍ଡଲାଇଫ୍ ପୁରସ୍କାର ପାଇବା ସକାଶେ ତାଙ୍କ ଫଟୋ ପଠାଯାଇଥିଲା। ପ୍ରତିବର୍ଷ ଏହି ପ୍ରତିଯୋଗିତା ବ୍ରିଟେନ୍‌ରେ ଅନୁଷ୍ଠିତ ହୁଏ। ବିଶ୍ୱସ୍ତରୀୟ ସ୍ୱୀକୃତିପ୍ରାପ୍ତ ଫଟୋଗ୍ରାଫରମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥା'ନ୍ତି। ପ୍ରକୃତି କୋଳରେ ଜୀବଜନ୍ତୁଙ୍କ ବିଚରଣ, ହସଖୁସି କିମ୍ବା ବିପଦପୂର୍ଣ୍ଣ ସମୟର ଫଟୋ ଉପରେ ଗୁରୁତ୍ୱ ଦିଆଯାଇଥାଏ। ଉପରୋକ୍ତ ତିନୋଟି ବିଭାଗ ପାଇଁ ବିଭିନ୍ନ ଦେଶର ଫଟୋଗ୍ରାଫର ସେମାନଙ୍କ ଫଟୋ ପଠାଇଥିଲେ। ଏହି ପ୍ରତିଯୋଗିତା ପାଇଁ ଶ୍ରୀତମ ମଧ୍ୟ ଗତ ୨୦୨୪ରେ ନିଜ ଘର ପଛପଟେ ଉଠାଇଥିବା କିଡ୍‌ନୀ ଗାର୍ଡେନ୍ ସ୍ପାଇଡର୍ ଫଟୋଟିକୁ ପଠାଇଥିଲେ। ଏହି ଫଟୋର ବିଶେଷତ୍ୱ ଥିଲା ଯେ କିଡ୍‌ନୀ ଗାର୍ଡେନ୍ ସ୍ପାଇଡର ଶରୀରରେ ପ୍ରାକୃତିକ ଚିହ୍ନ ଯାହା ମଣିଷର ମୁହଁ ସହ ନିଶ ପରି ଦେଖାଯାଏ। କିଡ୍‌ନୀ ଗାର୍ଡେନ୍ ସ୍ପାଇଡର ଏହି ଅନନ୍ୟ ସୌନ୍ଦର୍ଯ୍ୟ ପ୍ରାୟତଃ ଅଧିକାଂଶ ଲୋକ ଦେଖିବାକୁ ପାଇ ନ ଥାନ୍ତି। ଏହି ଫଟୋକୁ ଚୟନ କମିଟି ସଦସ୍ୟମାନେ ଗ୍ରହଣ କରିଥିଲେ। ଫୋର୍ବସ୍ ପତ୍ରିକାରେ ଏହି ଫଟୋକୁ ସ୍ଥାନିତ କରିବା ସହ ତଳେ କ୍ୟାପସନରେ ଲେଖା ହୋଇଛି 'ନିଶ' ବା 'ମୁଛ' ଦେଖି ପ୍ରତାରିତ ହୁଅନ୍ତୁ ନାହିଁ। ଏହି ଉଦ୍ୟାନ ରକ୍ଷକ ଖାଦ୍ୟ ବିକ୍ରି କରୁନି। ଅନୁକରଣର ଆକର୍ଷଣୀୟ କଳା, ମିମିକ୍ରି, ପ୍ରାକୃତିକ ଜଗତରେ ଆମ ଚାରିପାଖରେ ଉପସ୍ଥିତ।' ପ୍ରତିଷ୍ଠିତ ଫୋର୍ବସ୍ ପତ୍ରିକାରେ ଶ୍ରୀତମଙ୍କ ଫଟୋ ସ୍ଥାନିତ ହେବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି। ତାଙ୍କର ଏଭଳି ଏକ ସଫଳତାକୁ ପ୍ରଶଂସା କରାଯାଉଛି। ବାଲେଶ୍ୱର ସହରସ୍ଥ ଶୋଭାରମପୁର ଅଞ୍ଚଳର ବାସିନ୍ଦା ୨୬ ବର୍ଷୀୟ ଶ୍ରୀତମ ନେଚର ଆଣ୍ଡ ମାଇକ୍ରୋ ୱାଇଲ୍ଡଲାଇଫ୍ ଫଟୋଗ୍ରାଫର ଭାବେ ଜଣାଶୁଣା। ବିଭିନ୍ନ ଅଜଣା କିମ୍ବା ଅଣଦେଖା ପ୍ରଜାତିରୁ କ୍ଷୁଦ୍ରରୁ କ୍ଷୁଦ୍ରତର ଇକୋସିଷ୍ଟମର ଜଟିଳ ସୌନ୍ଦର୍ଯ୍ୟକୁ ନିଜ କ୍ୟାମେରାରେ କଏଦ କରିଥାନ୍ତି ସେ। ଫାର୍ମାସୀରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିବା ଶ୍ରୀତମଙ୍କୁ ଫଟୋଗ୍ରାଫି ପାଇଁ ପୂର୍ବରୁ ବିବିସି ୱାଇଲ୍ଡଲାଇଫ୍, ଇଣ୍ଟରନ୍ୟାସନାଲ୍ ଫଟୋଗ୍ରାଫି ପୁରସ୍କାର, ସ୍ମିଥସାନିଆନ୍ ଇନଷ୍ଟିଚ୍ୟୁସନ୍, ୟୁନେସ୍କୋ, ନ୍ୟାସନାଲ୍ ଜିଓଗ୍ରାଫିକ୍ ଭଳି ସଙ୍ଗଠନ ପକ୍ଷରୁ ଅନ୍ତର୍ଜାତୀୟ ସ୍ୱୀକୃତି ମିଳିଛି।

## ଭୁଲ୍ ଇଞ୍ଜେକସନ୍ ନେଲା ନାବାଳକଙ୍କ ଜୀବନ

**ଡାକ୍ତରଖାନାରେ ପରିବାର ଲୋକଙ୍କ ଭଙ୍ଗାରୁଜା**



ବାସୁଦେବପୁର,୨୬।୪(ସଂଚାର ବ୍ୟୁରୋ): ଭୁଲ୍ ଇଞ୍ଜେକସନ୍ ଯୋଗୁଁ ଜଣେ ନାବାଳକଙ୍କ ଜୀବନ ଚାଲିଯାଇଥିବା ଅଭିଯୋଗ ହୋଇଛି। ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ପଦ୍ମପୁର ମେଳକସାହିର ଏଭଳି ଘଟଣା ଦେଖିବାକୁ ମିଳିଛି। ଏହି ସାହିର ଦେବକାନ୍ତ ବାରିକଙ୍କ ୧୫ ବର୍ଷର ପୁଅ ରକି ବାଡ଼ିରେ ଖେଳୁଥିବା ସମୟରେ ତାଙ୍କ ଆଣ୍ଠୁରେ ଏକ ବାଉଁଶ କଣ୍ଟା ପଶିଥିଲା। ଆଜି ବାସୁଦେବପୁର ଡାକ୍ତରଖାନାରେ ପହଞ୍ଚି ଡ୍ରେସିଂ ହୋଇ ଡାକ୍ତରଙ୍କ ପ୍ରେସ୍‌କ୍ରିପ୍‌ସନ୍ ଲିଖିତ ଅନୁଯାୟୀ ଇଞ୍ଜେକସନ୍ ନେଇଥିଲା। କିନ୍ତୁ ଇଞ୍ଜେକସନ୍ ନେବାର କିଛି ସମୟ ପରେ ହଠାତ୍ ତା'ର ମୃତ୍ୟୁ ହୋଇଯାଇଥିଲା। ତେବେ ଭଲ ଥିବା ନାବାଳକ ଜଣଙ୍କର ହଠାତ୍ ମୃତ୍ୟୁକୁ ନେଇ ତାଙ୍କ ପରିବାର ଲୋକେ ସମ୍ପୃକ୍ତ ଡାକ୍ତରଙ୍କୁ ଦୋଷ ଦେଇଥିଲେ। ଏନେଇ ସେମାନେ ଡାକ୍ତରଖାନାରେ ହୋହଲ୍ଲା କରିବା ସହ ଭଙ୍ଗାରୁଜା କରିଛନ୍ତି। ଏନେଇ ଖବର ପାଇବା ପରେ ବାସୁଦେବପୁର ପୁଲିସ ଡାକ୍ତରଖାନାରେ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାସୁଝା କରିବାକୁ ଉଦ୍ୟମ କରିଥିଲା। କିନ୍ତୁ ଖବର ଲେଖାଯିବା ପର୍ଯ୍ୟନ୍ତ ଡାକ୍ତରଖାନାରେ ଉତ୍ତେଜନା ଲାଗିରହିଥିଲା।

## ଏମବିଏ ଛାତ୍ରୀଙ୍କୁ ଦୁଷ୍କର୍ମ ଅଭିଯୋଗରେ ଜଣେ ଗିରଫ



ଭୁବନେଶ୍ୱର,୨୬।୪(ସଂଚାର ବ୍ୟୁରୋ): ରାଜଧାନୀରେ ପୁଣିଥରେ ଘଟିଛି ଲଜ୍ଜାଜନକ ଘଟଣା। ଜନୈକା ଏମବିଏ ଛାତ୍ରୀଙ୍କୁ ଦୁଷ୍କର୍ମ ହୋଇଥିବା ଅଭିଯୋଗ ଆସିଛି। ରୁମମେଟ୍ ନ ଥିବାର ସୁଯୋଗ ନେଇ ଅଭିଯୁକ୍ତ ଜଣଙ୍କ ତାଙ୍କୁ ଦୁଷ୍କର୍ମ କରିଛି। ଇନ୍‌ଫୋସିଟି ଥାନା ଅନ୍ତର୍ଗତ ଗଙ୍ଗପଡ଼ାରେ ଘଟିଛି ଏଭଳି ଘଟଣା। ସମ୍ପୃକ୍ତା ପୀଡ଼ିତାଙ୍କ ଘର ଛତିଶଗଡ଼ ବିଳାସପୁର ଅଞ୍ଚଳର ବୋଲି ଜଣାପଡ଼ିଛି। ଏହି ଅଭିଯୋଗକୁ ଭିତ୍ତି କରି ଅଭିଯୁକ୍ତ ଦୀପକ ପ୍ରଧାନକୁ ଗିରଫ କରିଛି ଇନ୍‌ଫୋସିଟି ଥାନା ପୁଲିସ। ଅଭିଯୁକ୍ତ ଜଣକ ଗଙ୍ଗପଡ଼ାର ନିବାସୀ ହୋଇଥିବା ବେଳେ ସେଠାରେ ତା'ର ଏକ ଗ୍ରସରୀ ଦୋକାନ ରହିଛି। ତା'ର ଦୋକାନ କଡ଼କୁ ଲାଗି ରହିଛି ଏକ ଲେଡିଜ ହଷ୍ଟେଲ। ତେବେ ଗତ ୨୪ ତାରିଖରେ ସମ୍ପୃକ୍ତା ଛାତ୍ରୀ ଜଣଙ୍କ ରୁମ୍‌ରେ ଏକାକୀ ଥିବାର ସୁଯୋଗ ନେଇ ହଷ୍ଟେଲରେ ପଶି ତାଙ୍କୁ ଦୀପକ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ପୁଲିସ୍ ଏନେଇ ଅଭିଯୁକ୍ତକୁ ଗିରଫ କରିବା ସହ ପୀଡ଼ିତାଙ୍କର ଡାକ୍ତରୀ ମାଇନା କରାଇଛି। ଏନେଇ ପୁଲିସ୍ ମଧ୍ୟ ୧୪୦/୨୬ ନମ୍ବରରେ ଏକ ଦୁଷ୍କର୍ମ ମାମଲା ରୁଜୁ କରିଥିବା ଜଣାପଡ଼ିଛି।

## ଓଭରଟେକ୍ ସମୟରେ ରାସ୍ତାକଡ଼କୁ ଖସିଗଲା ବସ୍



ବାଲିଗୁଡ଼ା,୨୬।୪(ସଂଚାର ବ୍ୟୁରୋ): ଏକ ଘରୋଇ ଯାତ୍ରୀବାହୀ ବସ୍ କାର୍‌କୁ ରକ୍ଷା କରିବାକୁ ଯାଇ ରାସ୍ତାକଡ଼କୁ ଖସିଯାଇଛି। ତେବେ ଏଥିରେ ଥିବା ୪୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଅଳ୍ପକେ ଏକ ବଡ଼ ଧରଣର ଦୁର୍ଘଟଣାରୁ ବର୍ତ୍ତିଯାଇଛନ୍ତି। କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ କ. ନୂଆଗାଁ ଥାନା ଅନ୍ତର୍ଗତ ରାଜ୍ୟ ରାଜପଥ ନଂ.୧ ମୁଖ୍ୟ ରାସ୍ତାର ପାଇବର ସାହି ନିକଟରେ ଏହି ଦୁର୍ଘଟଣା ଘଟିଛି। ମିଳିଥିବା ସୂଚନାନୁସାରେ, ଫୁଲବାଣୀରୁ ମୋହନଗିରୀ ଅଭିମୁଖେ ମା' ତାରିଣୀ ନାମକ ଘରୋଇ ଯାତ୍ରୀବାହୀ ବସ୍ ଯାଉଥିଲା। ତେବେ ପାଇବର ସାହି ନିକଟରେ ବିପରୀତ ଦିଗରୁ ଆସୁଥିବା ଦୀପକ ନାମକ ଘରୋଇ ବସ୍‌କୁ ଏକ କାର୍ ଓଭରଟେକ୍ କରିଥିଲା। ଏହି ସମୟରେ ଉକ୍ତ କାର୍‌ଟି ବସ୍ ସାମ୍ନାକୁ ଚାଲିଆସିବାରୁ ବସ୍ ଡ୍ରାଇଭର୍ ଜଣଙ୍କ ହଠାତ୍ ବ୍ରେକ୍ ମାରିଥିଲେ। ଫଳତଃ ବସ୍‌ଟି ରାସ୍ତା କଡ଼ରେ ଥିବା ଗାର୍ଡୱାଲରେ ପିଟି ହୋଇ ରାସ୍ତା ତଳକୁ ଖସିଯାଇଥିଲା। କିନ୍ତୁ ସୌଭାଗ୍ୟବଶତଃ ଏହି ଦୁର୍ଘଟଣାରେ ବସ୍ ଓ କାର୍‌ର କୌଣସି ଯାତ୍ରୀଙ୍କର କିଛି କ୍ଷତି ହୋଇନାହିଁ। ଖବର ପାଇ କ. ନୂଆଗାଁ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

**ପୂର୍ବ ଶତ୍ରୁତାରୁ ଗଣ୍ଡଗୋଳର ସୂତ୍ରପାତ**

# ଦୁଇ ପରିବାରରେ ଖଣ୍ଡଯୁଦ୍ଧ: ୬ ଗୁରୁତର




ଦିଗପହଣ୍ଡି,୨୬।୪(ସଂଚାର ବ୍ୟୁରୋ): ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ ଜକର ଗ୍ରାମରେ ପାରିବାରିକ ହିଂସା କାରଣରୁ ଦୁଇ ପରିବାର ମଧ୍ୟରେ ଖଣ୍ଡଯୁଦ୍ଧ ଘଟିଛି। ଆକ୍ରମଣ ଓ ପ୍ରତିଆକ୍ରମଣରେ ଉଭୟ ପରିବାରର ୬ ଜଣ ଗୁରୁତର ଭାବେ ଆହତ ହୋଇଥିବା ଜଣାପଡ଼ିଛି। ଜକର ଗ୍ରାମର ନୂଆସାହିରେ ରହୁଥିବା ଟୁଟୁ ଗୌଡ଼ଙ୍କ ବଡ଼ପୁଅ ରବୀନ୍ଦ୍ରଙ୍କ ସହ ଗ୍ରାମର ତଳ ସାହି ବାସିନ୍ଦା ଘନ ଗୌଡ଼ଙ୍କ ଝିଅ ଲିଜାଙ୍କର ବିବାହ ହୋଇଥିଲା। ତେବେ ଲିଜାଙ୍କୁ ଶାଶୂଘର ଲୋକେ ନିର୍ଯାତନା ଦେବା କାରଣରୁ ଗତ ପ୍ରାୟ ୪ ମାସ ହେଲା ସେ ବାପ ଘରେ ରହିଆସୁଛନ୍ତି। ଏନେଇ ଉଭୟ ପରିବାର ମଧ୍ୟରେ ଶତ୍ରୁତା ଲାଗି ରହିଥିଲା। ଉଭୟ ପରିବାର ଟ୍ରାକ୍ଟର ରଖି ବାଲି,ପଥର ବ୍ୟବସାୟ କରୁଥିବା ବେଳେ ଗାଁ ନିକଟ ନଦୀରୁ ବାଲି ଚାଲାଣକୁ ନେଇ ପୂର୍ବରୁ ମଧ୍ୟ ଦୁଇ ପରିବାର ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ତେବେ ଗ୍ରାମବାସୀଙ୍କ ବୁଝାଶୁଝା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା।

କିନ୍ତୁ ଗତ ଶୁକ୍ରବାର ରାତିରେ ଘନ ଓ ତାଙ୍କ ପୁଅ କିରଣ ଏବଂ କିଛି ସହଯୋଗୀ ୨ଟି ବାଇକରେ ଟୁଟୁଙ୍କ ଘରେ ପହଞ୍ଚି ଗାଳିଗୁଲଜ କରିବା ସହ ଠେଙ୍ଗାରେ ତାଙ୍କ ଦୁଇ ପୁଅ ରବୀନ୍ଦ୍ର ଓ ସୁନୀଲଙ୍କୁ ଆକ୍ରମଣ କରିଥିଲେ। ଏପରିକି ରବୀନ୍ଦ୍ରଙ୍କ ବଡ଼ବାପା ବାବୁ ଗୌଡ଼ ଛଡ଼ାଇବାକୁ ଆସିବା ସମୟରେ ସେ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ଟୁଟୁ ଓ ତାଙ୍କ ପରିବାର ଲୋକେ ଘନ ଓ ତାଙ୍କ ପୁଅ କିରଣଙ୍କୁ ଆକ୍ରମଣ କରିଥିଲେ। ଏହି ଆକ୍ରମଣ ଓ ପ୍ରତି ଆକ୍ରମଣରେ ଟୁଟୁଙ୍କ ସମେତ ବଡ଼ ଭାଇ ବାବୁ, ଦୁଇ ପୁଅ ରବୀନ୍ଦ୍ର ଓ ସୁନୀଲ ଏବଂ ଅନ୍ୟ ପକ୍ଷର ଘନ ଓ ତାଙ୍କ ପୁଅ କିରଣ ଆହତ ହୋଇଥିବା ପୁଲିସ ପକ୍ଷରୁ କୁହାଯାଇଛି। ଏନେଇ ଉଭୟ ପରିବାର ପକ୍ଷରୁ କେ. ନୂଆଗାଁ ଥାନାରେ ଏତଲା ଦେବା ପରେ ଏହାକୁ ଭିତ୍ତିକରି ଆଇଆଇସି ବିଶ୍ୱଜିତ ନାୟକ ୧୦୬/୨୬ ଓ ୧୦୭/୨୬ରେ ପୃଥକ୍ ମାମଲା ରୁଜୁ କରିଥିବା ଜଣାପଡ଼ିଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar ସମ୍ପାଦକ: ହିମାଂଶୁ ଭୂଷଣ କର

Chief Editor: Ajit Kumar Dash ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ଭାରତର ଅର୍ଥନୀତିକୁ ବିପଦରେ ପକାଇଛି ଅଶୋଧିତ ତେଲ ଦର

ନୂଆଦିଲ୍ଲୀ, ୨୬।୪ଃ ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ସମେତ ହର୍ମୁଜ ପ୍ରଣାଳୀରେ ଜାହାଜ ଚଳାଚଳ ବାଧାପ୍ରାପ୍ତ ହେବା ଏବଂ ଅଶୋଧିତ ତେଲ ଦର ଉଚ୍ଚସ୍ତରରେ ରହିବା ଭାରତର ଅର୍ଥନୀତିକୁ ବିପଦରେ ପକାଇଛି। ଅଶୋଧିତ ତେଲ ଦର ଉଚ୍ଚସ୍ତରରେ ରହିବା ଫଳରେ ମୁଦ୍ରାସ୍ଫୀତି, ଟଙ୍କାର ବିନିମୟ ମୂଲ୍ୟ ଏବଂ ଚଳନ୍ତି ଖାତା ଉପରେ ଚାପ ସମ୍ଭାବନା ସୃଷ୍ଟି କରିଛି ବୋଲି ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏହାର ରିପୋର୍ଟରେ ଦର୍ଶାଇଛି।

ବ୍ୟାଙ୍କ ପକ୍ଷରୁ 'ଫ୍ରମ୍ ହର୍ମୁଜ ଟୁ ଦ ରୁପିଃ ୱାର, ଅଏଲ ଆଣ୍ଡ ଗ୍ଲୋବାଲ ରିପ୍ରାଇସିଂ ଅଫ୍ ରିସ୍କ' ଶୀର୍ଷକ ରିପୋର୍ଟରେ କୁହାଯାଇଛି ହର୍ମୁଜ ପ୍ରଣାଳୀ ବସ୍ତୁତଃ ଏବେ ବି ବନ୍ଦ ରହିଛି। ଅଶୋଧିତ ତେଲ ବ୍ୟାରେଲ ପିଛା ୧୦୦ ଡଲାର ଉପରେ ରହିଛି। ଏସବୁ ପୃଷ୍ଠଭୂମି ଭାରତ ସମେତ ବିଶ୍ୱ ଅର୍ଥନୀତି ଓ ବଜାର ପାଇଁ ଭଲ ନୁହେଁ ବୋଲି କୁହାଯାଇଛି।

ଅଶୋଧିତ ତେଲ ଦର ଉଚ୍ଚସ୍ତରରେ ରହିବା ଫଳରେ ମୁଦ୍ରାସ୍ଫୀତି ସମସ୍ୟା ଲାଗି ରହିଛି। ଏଥିପାଇଁ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ମୁଦ୍ରାନୀତି କୋହଳ କରିବା ବିଳମ୍ବ ହେବ। ଚଳନ୍ତି ଖାତା ଉପରେ ଚାପ ପଡ଼ିବ। ବିଶେଷକରି ଭାରତ ଭଳି ଶକ୍ତି ଆମଦାନିକାରୀ ରାଷ୍ଟ୍ରଗୁଡ଼ିକ ପାଇଁ ବିପଦ ଅଧିକ ବୋଲି କୁହାଯାଇଛି। ଭାରତ ଏହାର ଅଶୋଧିତ ତେଲ ଆବଶ୍ୟକତାର ପ୍ରାୟ ୮୫ ପ୍ରତିଶତ ଆମଦାନି କରିଥାଏ। ତେଣୁ ଭାରତରେ ଏହାର ପ୍ରଭାବ ଦୃଶ୍ୟମାନ ହେଉଛି। ହର୍ମୁଜରେ ଜାହାଜ ଚଳାଚଳ ବାଧାପ୍ରାପ୍ତ ହେବା କାରଣରୁ ଅଶୋଧିତ ତେଲ ଦର



ବ୍ୟାରେଲ ପିଛା ୧୦୦ ଡଲାର ଅତିକ୍ରମ କରିଛି। ଏଥିପାଇଁ ଅର୍ଥନୀତି ଉପରେ ଶକ୍ତି ଜନିତ ବୋଝ ପଡ଼ିଛି। ଏଥିସହିତ ଡଲାର ତୁଳନାରେ ଟଙ୍କା ମଧ୍ୟ ଦୁର୍ବଳ ହୋଇଛି। ୧ ଡଲାର ପାଇବା ପାଇଁ ବର୍ତ୍ତମାନ ପାଖାପାଖି ୯୫ ଟଙ୍କା ଦେବାକୁ ପଡୁଛି। ସେହିଭଳି ଚଳନ୍ତି ଖାତା ନିଅଣ୍ଟ ବଢ଼ିବା ଏବଂ ମୁଦ୍ରାସ୍ଫୀତି ବଢ଼ିବା ଆଶଙ୍କାରେ ପୁଞ୍ଜିବଜାର ମଧ୍ୟ ନିମ୍ନମୁଖୀ ହେଉଛି। ବିଶ୍ୱରେ ଦେଖାଦେଇଥିବା ପ୍ରତିକୂଳ ପରିସ୍ଥିତି ପାଇଁ ଭାରତୀୟ ମୁଦ୍ରା ଚାପରେ ରହିଛି। ମୁଦ୍ରା ମୂଲ୍ୟରେ ଅସ୍ଥିରତାକୁ ହ୍ରାସ କରିବା ପାଇଁ ରିଜର୍ଭ ବ୍ୟାଙ୍କ ଅନେକ ପଦକ୍ଷେପ ନେଇଛି। ସୁନା, ରୁପା ଓ ଅଶୋଧିତ ତେଲ ଆମଦାନି କମିବା କାରଣରୁ ସାମଗ୍ରୀ କ୍ଷେତ୍ରରେ ବାଣିଜ୍ୟ ନିଅଣ୍ଟ ମାର୍ଚ୍ଚ ମାସରେ ୨୦.୭ ବିଲିଅନ ଡଲାରକୁ କମିଛି।

ଏସବୁ ସତ୍ତ୍ୱେ ବିପଦର ମାତ୍ରା ବଢ଼ିଯାଇଛି। ଯଦି ମଧ୍ୟପ୍ରାଚ୍ୟ ଓ ହର୍ମୁଜ ପ୍ରଣାଳୀରେ ସମସ୍ୟା ଲାଗି ରହେ ତା'ହେଲେ ଅଶୋଧିତ ତେଲ ଦର ବ୍ୟାରେଲ ପିଛା ୧୦୦ରୁ ୧୧୦ ଡଲାର ସ୍ତରରେ ରହିପାରେ। ଏହାହେଲେ ପେଟ୍ରୋଲ, ଡିଜେଲ ଦର ବଢ଼ିବା ସହିତ ଖାଉଟି ମୁଦ୍ରାସ୍ଫୀତି ୪ ପ୍ରତିଶତ ଉପରେ ରହିବା ଆଶଙ୍କା ରହିଛି। ବ୍ୟାରେଲ ପିଛା ଅଶୋଧିତ ତେଲ ଦର ୧୦ ଡଲାର ବୃଦ୍ଧି ଘଟିଲେ ଚଳନ୍ତି ଖାତା ନିଅଣ୍ଟ ଓ ମୁଦ୍ରାସ୍ଫୀତି ଉପରେ ଏହାର ବଡ଼ଧରଣର ପ୍ରଭାବ ପଡ଼ିବ। ମଧ୍ୟପ୍ରାଚ୍ୟ ଯୁଦ୍ଧ ଆଗକୁ କି ରୂପ ନେଉଛି ଏବଂ ଅଶୋଧିତ ତେଲ ଓ ବିଶ୍ୱ ଆର୍ଥିକ ସ୍ଥିତି କିପରି ରହୁଛି ତାହା ଉପରେ ଭାରତୀୟ ଅର୍ଥନୀତିର ଭବିଷ୍ୟତ ଦୃଶ୍ୟପଟ ନିର୍ଭର କରୁଛି ବୋଲି ରିପୋର୍ଟରେ କୁହାଯାଇଛି।




# ୨୮ ଦିନିଆ ଶସ୍ତା ଗେମିଂ ପ୍ଲାନ ଲଞ୍ଚ କଲା ଜିଓ

ନୂଆଦିଲ୍ଲୀ,୨୬।୪ଃ ଜିଓ ପୁଣି ଥରେ ଲକ୍ଷ ଲକ୍ଷ ଉପଭୋକ୍ତାଙ୍କ ପାଇଁ ଏକ ସୁଲଭ ଯୋଜନା ଲଞ୍ଚ କରିଛି। ଜିଓର ଏହି ପ୍ରିପେଡ୍ ରିଚାର୍ଜ ପ୍ଲାନ ସ୍ୱତନ୍ତ୍ର ଭାବରେ ଯୁବପିଢ଼ିଙ୍କ ପାଇଁ ଲଞ୍ଚ କରାଯାଇଛି। କମ୍ପାନୀ ଏହି ପ୍ଲାନକୁ ୟୁଥ ଏବଂ ଗେମିଂ ପ୍ଲାନ ନାମ ଦେଇଛି। ଯାହା ଅଧୀନରେ ଉପଭୋକ୍ତାମାନେ ୬୧ଜିବି ପର୍ଯ୍ୟନ୍ତ ଡାଟା, ଅସୀମିତ କଲିଂ ଏବଂ ଓଟିଟି ଆପ୍ସ ପାଇପାରିବେ। ଏହି ପ୍ରିପେଡ୍ ରିଚାର୍ଜ ଯୋଜନା ୨୮ ଦିନର ବୈଧତା ସହିତ ଆସିଥାଏ। ରିଲାଏନ୍ସ ଜିଓର ଏହି ସୁଲଭ ରିଚାର୍ଜ ପ୍ଲାନର ବୈଧତା ୨୮ ଦିନର। ଏହି ପ୍ରିପେଡ୍ ପ୍ଲାନର ମୂଲ୍ୟ ୪୫୯ଟଙ୍କା। ଲାଭ ଦୃଷ୍ଟିରୁ, ଉପଭୋକ୍ତାମାନେ ପ୍ରତିଦିନ ୨ ଜିବି ହାଇ-ସ୍ପିଡ୍ ଡାଟା ସହିତ ୧୦୦ଟି ମାଗଣା ଏସଏମଏସ ପାଆନ୍ତି। କମ୍ପାନୀ ଏହି ପ୍ଲାନ ସହିତ ଅତିରିକ୍ତ ୫ଜିବି ଡାଟା ପ୍ରଦାନ କରୁଛି। ବ୍ୟତୀତ, ଉପଭୋକ୍ତାମାନଙ୍କୁ ସାରା ଭାରତରେ ଅସୀମିତ କଲିଙ୍ଗ ଏବଂ ମାଗଣା ଜାତୀୟ ରୋମିଂ ପ୍ରଦାନ କରାଯାଏ। ଏହି ସମୟରେ, 5ଜି ସ୍ମାର୍ଟଫୋନ୍ ଥିବା ବ୍ୟବହାରକାରୀମାନେ ଏହି ଜିଓ ପ୍ରିପେଡ୍ ରିଚାର୍ଜ ଯୋଜନାରେ ଅସୀମିତ ଡାଟା ପାଇବେ। ଏହା ସହିତ, କମ୍ପାନୀ ବ୍ୟବହାରକାରୀମାନଙ୍କୁ ଅନେକ ଓଟିଟି ଆପ୍ ଆକ୍ସେସ୍ ପ୍ରଦାନ କରୁଛି। ଏହି ପ୍ଲାନ ସହିତ, ବ୍ୟବହାରକାରୀମାନେ ଜିଓ ଗେମ୍ସ, ଫ୍ୟାନ କୋଡ, ସ୍ନାପଚାଟ୍+, ଜିଓ ଟିଭି, ଏବଂ ଜିଓ ଏଆଇ କ୍ଲାଉଡ ବ୍ୟବହାର କରିପାରିବେ। ସେହିପରି ବ୍ୟବହାରକାରୀମାନଙ୍କୁ ଜିଓ ହଟଷ୍ଟାର୍‌ର ତିନି ମାସର ସବସ୍କ୍ରିପସନ୍ ପ୍ରଦାନ କରାଯାଉଛି। ଅନ୍ୟପଟେ ଗୁଗୁଲ ଜେମିନି ପ୍ରୋର ୧୮ ମାସର ସବସ୍କ୍ରିପସନ୍ ଅନ୍ତର୍ଭୁକ୍ତ। ଯାହା ବ୍ୟବହାରକାରୀମାନଙ୍କୁ ୫୦୦୦ଜିବି କ୍ଲାଉଡ୍ ଷ୍ଟୋରେଜର ସୁବିଧା ପ୍ରଦାନ କରେ।

## ଭାରତୀୟ ସୋଲାର ପ୍ୟାନେଲ୍ ରପ୍ତାନିକାରୀଙ୍କୁ ବଡ଼ ଧକ୍କା

# ଆମେରିକା ଲାଗୁ କଲା ୧୨୩% ଆଣ୍ଟି-ଡମ୍ପିଂ ଡ୍ୟୁଟି

ୱାଶିଂଟନ, ୨୬।୪ଃ ଭାରତୀୟ ସୋଲାର ପ୍ୟାନେଲ୍ ଏବଂ ସୋଲାର ସେଲ୍ ପ୍ରସ୍ତୁତକାରୀ କମ୍ପାନୀଗୁଡ଼ିକ ପାଇଁ ଆମେରିକା ବଜାରରୁ ଏକ ଖରାପ ଖବର ଆସିଛି। ଆମେରିକା ସରକାର ଭାରତରୁ ଆମଦାନୀ ହେଉଥିବା ସୋଲାର ସେଲ୍ ଉପରେ ୧୨୩ ପ୍ରତିଶତ 'ଆଣ୍ଟି-ଡମ୍ପିଂ ଡ୍ୟୁଟି' ଲାଗୁ କରିବାକୁ ଘୋଷଣା କରିଛନ୍ତି। ଏହି ପଦକ୍ଷେପ ଫଳରେ ଆମେରିକା ବଜାରରେ ଭାରତୀୟ ସୋଲାର ଉତ୍ପାଦର ମୂଲ୍ୟ ବୃଦ୍ଧି ପାଇବା ସହ ବ୍ୟବସାୟ ଗୁରୁତର ଭାବେ ପ୍ରଭାବିତ ହେବାର ଆଶଙ୍କା ଦେଖାଦେଇଛି। ନିମ୍ନ ମୂଲ୍ୟରେ ବିକ୍ରିର ଅଭିଯୋଗଃ ଆମେରିକାର ବାଣିଜ୍ୟ ବିଭାଗ ର ତଦନ୍ତ ଅନୁଯାୟୀ, ଭାରତର ସୋଲାର କମ୍ପାନୀଗୁଡ଼ିକ ସେମାନଙ୍କ ଉତ୍ପାଦକୁ ଆମେରିକା ବଜାରରେ ଉଚିତ୍ ମୂଲ୍ୟଠାରୁ ଯଥେଷ୍ଟ କମ୍ ଦାମରେ ବିକ୍ରି କରୁଥିଲେ। ମୁନ୍ଦ୍ରା ସୋଲାର ପିଭି, ମୁନ୍ଦ୍ରା ସୋଲାର ଏନର୍ଜି, ୱାରୀ କମ୍ପାନୀ ଏବଂ ପ୍ରିମିୟର ଏନର୍ଜି ଫୋଟୋଭୋଲ୍ଟାଇକ୍ ଭଳି ବଡ଼ କମ୍ପାନୀଗୁଡ଼ିକ ଏହି ଟିକସ ପରିସରଭୁକ୍ତ ହୋଇଛନ୍ତି। ସେମାନଙ୍କ ପାଇଁ ଡମ୍ପିଂ ମାର୍ଜିନ୍ ୧୨୩.୦୭ ପ୍ରତିଶତ ଧାର୍ଯ୍ୟ କରାଯାଇଛି। ପୂର୍ବରୁ ଲାଗୁ ହୋଇଥିବା କାଉଣ୍ଟରଭେଲିଂ ଡ୍ୟୁଟିକୁ ଆଡଜଷ୍ଟ କରିବା ପରେ ଏବେ ଏହି ଆଣ୍ଟି-ଡମ୍ପିଂ ଡ୍ୟୁଟିର ପ୍ରଭାବୀ ହାର ପ୍ରାୟ ୧୦୭.୭୭ ପ୍ରତିଶତ ରହିବ।

ବିଶେଷଜ୍ଞଙ୍କ ଅନୁସାରେ, ସମସ୍ତ ପ୍ରକାରର ଶୁଳ୍କକୁ ମିଶାଇଲେ ଭାରତୀୟ ସୋଲାର ଆମଦାନୀ ଉପରେ ସମୁଦାୟ ଟିକସ ୨୩୪ ପ୍ରତିଶତରେ ପହଞ୍ଚିପାରେ। ଏହା ଇଣ୍ଡୋନେସିଆ (୧୭୮%) ଏବଂ ଲାଓସ୍ (୧୦୩%) ତୁଳନାରେ ଯଥେଷ୍ଟ ଅଧିକ।

ସ୍ଥାନୀୟ ଶିଳ୍ପର ସୁରକ୍ଷାଃ ଯେତେବେଳେ କୌଣସି ଦେଶ ନିଜର ଘରୋଇ ଉତ୍ପାଦନ ଖର୍ଚ୍ଚ ଠାରୁ କମ୍ ମୂଲ୍ୟରେ ବିଦେଶକୁ ସାମଗ୍ରୀ ରପ୍ତାନି କରେ, ସେହି ପ୍ରକ୍ରିୟାକୁ 'ଡମ୍ପିଂ' କୁହାଯାଏ। ଏହାଦ୍ୱାରା ଆମଦାନୀ କରୁଥିବା ଦେଶର ସ୍ଥାନୀୟ ବ୍ୟବସାୟୀ କ୍ଷତି ସହନ୍ତି। ଏହାକୁ ରୋକିବା ପାଇଁ ସରକାର ଅତିରିକ୍ତ ଟିକସ ବା ଆଣ୍ଟି-ଡମ୍ପିଂ ଡ୍ୟୁଟି ଲଗାଇଥାନ୍ତି। ଏହାର ଉଦ୍ଦେଶ୍ୟ ବ୍ୟବସାୟ ବନ୍ଦ କରିବା ନୁହେଁ, ବରଂ ବଜାରରେ ସମସ୍ତଙ୍କ ପାଇଁ ଏକ ସମାନ ପ୍ରତିଯୋଗିତାମୂଳକ ପରିବେଶ ସୃଷ୍ଟି କରିବା।




୨୦୨୫ରୁ ଚାଲିଛି ପ୍ରକ୍ରିୟାଃ ଜୁଲାଇ ୨୦୨୫ରେ ଏକ ଶିଳ୍ପ ସଂଘ ପକ୍ଷରୁ ଅଭିଯୋଗ ହୋଇଥିଲା ଯେ ଭାରତ, ଇଣ୍ଡୋନେସିଆ ଏବଂ ଲାଓସ୍ ନିଜ ସୋଲାର ଉତ୍ପାଦକୁ ଆମେରିକାରେ ଡମ୍ପିଂ କରୁଛନ୍ତି। ଏହି ଅଭିଯୋଗ ଆଧାରରେ ଫେବୃଆରୀ ୨୦୨୬ରେ ଆମେରିକା ବାଣିଜ୍ୟ ବିଭାଗ ପ୍ରାରମ୍ଭିକ ଭାବେ ଭାରତୀୟ ଆମଦାନୀ ଉପରେ ପ୍ରାୟ ୧୨୬ ପ୍ରତିଶତ କାଉଣ୍ଟରଭେଲିଂ ଡ୍ୟୁଟି ଲାଗୁ କରିଥିଲା। ଆମେରିକାର ଏହି କଡ଼ା ଆଭିମୁଖ୍ୟ ଭାରତର ସୋଲାର ଶିଳ୍ପକୁ କିଭଳି ପ୍ରଭାବିତ କରିବ, ସେ ନେଇ ଏବେ ବ୍ୟବସାୟିକ ମହଲରେ ଚିନ୍ତା ବଢ଼ିବାରେ ଲାଗିଛି।

# ଖୁବ୍‌ଶୀଘ୍ର ଆସୁଛି ଭାରତର ପ୍ରଥମ ସ୍ୱଦେଶୀ ବୁଲେଟ ଟ୍ରେନ୍

ନୂଆଦିଲ୍ଲୀ, ୨୬।୪ଃ ଚୀନ ଘଣ୍ଟା ପ୍ରତି ୭୦୦ କିମି ବେଗର ଟ୍ରେନ୍ ଚଳାଇବାକୁ ସଫଳ ପରୀକ୍ଷା କରିଥିବା ବେଳେ ଭାରତ ୨୦୨୭ରେ ବୁଲେଟ ଟ୍ରେନ୍ ଚଳାଇବାକୁ ପ୍ରସ୍ତୁତ ହେଉଛି। ଏହି ବୁଲେଟ ଟ୍ରେନ୍ ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ହେବ। ଏହାର ଘଣ୍ଟାପ୍ରତି ବେଗ ରହିବ ୨୫୦ କିଲୋମିଟରରୁ ବି ଅଧିକ। ଆତ୍ମନିର୍ଭର ଭାରତ ଅଭିଯାନରେ ଏହା ଏକ ବଡ଼ ଉପଲବ୍ଧି ସାବ୍ୟସ୍ତ ହେବ। ବର୍ତ୍ତମାନ ଚାଲୁଥିବା ଅହମଦାବାଦ-ଦୁବାଇ ବୁଲେଟ ଟ୍ରେନ୍ ପ୍ରୋଜେକ୍ଟ ସହିତ ଏଇ ସ୍ୱଦେଶୀ ଟ୍ରେନ ଭାରତୀୟ ରେଳବାଇ ଭବିଷ୍ୟତର ଚିତ୍ର ବଦଳାଇ ଦେବ। ମିଡିଆ ରିପୋର୍ଟ ଅନୁସାରେ, ଏହି ଟ୍ରେନକୁ ଇଣ୍ଟିଗ୍ରାଲ କୋଚ୍ ଫ୍ୟାକ୍ଟ୍ରି (ଆଇସିଏଫ୍) ଦ୍ୱାରା ଭାରତୀୟ ରେଳବାଇର ସହଯୋଗରେ ବିକଶିତ କରାଯାଉଛି। ଅଧିକାରୀମାନଙ୍କ କହିବା ଅନୁସାରେ, ହାଇ ସ୍ପିଡ୍ ଟ୍ରେନ୍ର ପ୍ରୋଟୋଟାଇପର ଡେଭଲପ କାମ ଜାରି ରହିଛି। ଏହା ଘଣ୍ଟା ପ୍ରତି ୨୮୦ କିମି ବେଗରେ ଯାଇପାରିବ ବୋଲି ଅଧିକାରୀମାନେ କହିଥିବା ମିଡିଆ ରିପୋର୍ଟରେ ସାମ୍ନାକୁ ଆସିଛି। ତେବେ ସୁରକ୍ଷା ଓ ଦକ୍ଷତାକୁ ଧ୍ୟାନରେ ରଖି ଏହାର ଅପରେସନାଲ ସ୍ପିଡ୍ ସାମାନ୍ୟ କମ ରହିପାରେ ବୋଲି ମିଡିଆରେ କୁହାଯାଇଛି।

ଏହି ସ୍ୱଦେଶୀ ବୁଲେଟ୍ ଟ୍ରେନ୍ ଭବିଷ୍ୟତର ହାଇ-ସ୍ପିଡ୍ କରିଡରରେ ନିୟୋଜିତ ହେବ ବୋଲି ଆଶା କରାଯାଉଛି। ବର୍ତ୍ତମାନ ଏଭଳି ଟ୍ରେନ୍ ପାଇଁ ରୁଟ୍ ତିଆରି କରିବାକୁ ଯୋଜନା ମଧ୍ୟ ଚାଲିଛି। ଭାରତ ପୂର୍ବରୁ ଜାପାନୀ ଶିଙ୍କାନସେନ୍ ଟେକ୍ନୋଲୋଦୀ ବ୍ୟବହାର କରି ମୁମ୍ବାଇ-ଅହମ୍ମଦାବାଦ ହାଇ-ସ୍ପିଡ୍ ରେଳ ପ୍ରକଳ୍ପରେ କାମ କରୁଥିବା ବେଳେ ଏହି ସ୍ୱଦେଶୀ ପଦକ୍ଷେପ, ଘରୋଇ ବିଶେଷଜ୍ଞତା ହାସଲ କରିବାରେ ସହଯୋଗ କରିବ। ଫଳରେ ଭାରତକୁ ଆଉ ବିଦେଶୀ ସିଷ୍ଟମ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ ବୋଲି ଟାଇମ୍ସ ଅଫ୍ ଇଣ୍ଡିଆରେ ଖବର ପ୍ରକାଶ ପାଇଛି। ଅଧିକାରୀଙ୍କ ଅନୁଯାୟୀ, ଏହି ଟ୍ରେନରେ ଆଧୁନିକ ସୁବିଧା, ଯାତ୍ରୀଙ୍କ ପାଇଁ ଉନ୍ନତ ଆରାମ ଏବଂ ଆଡଭାନ୍ସ ସେଫ୍ଟି ବ୍ୟବସ୍ଥା ରହିବ। ଏହାକୁ ଭାରତର ଜଳବାୟୁ ଏବଂ ପରିଚାଳନା ପରିସ୍ଥିତିକୁ ଧ୍ୟାନରେ ରଖି ଡିଜାଇନ୍ କରାଯାଉଛି। ଫଳରେ ଆମଦାନୀ ପ୍ରଡକ୍ଟ ଅପେକ୍ଷା ଏହା ଅଧିକ ଅନୁକୂଳ ହୋଇପାରିବ। ଭାରତୀୟ ରେଳବାଇର ଏହି ନୂଆ ରୁପା ଦେଶର ରେଳ ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ "ମେକ୍ ଇନ୍ ଇଣ୍ଡିଆ" ପଦକ୍ଷେପକୁ ପ୍ରୋତ୍ସାହିତ କରିବା ପାଇଁ ଏକ ବ୍ୟାପକ ପ୍ରୟାସ ବୋଲି କୁହାଯାଉଛି। ତା' ଛଡ଼ା ସ୍ୱଦେଶୀ ହାଇ-ସ୍ପିଡ୍ ଟ୍ରେନ୍ ନିର୍ମାଣ କେବଳ ସମୟ ସହିତ ଖର୍ଚ୍ଚ ହ୍ରାସ କରିବ ନାହିଁ, ବରଂ ରପ୍ତାନି ଏବଂ ଟେକ୍ନୋଲୋଜୀ ଉନ୍ନତି ପାଇଁ ନୂଆ ସୁଯୋଗ ମଧ୍ୟ ଖୋଲିବ ବୋଲି ବୋଲି ବିଶେଷଜ୍ଞମାନେ ଆଶା ବ୍ୟକ୍ତ କରିଛନ୍ତି। ପ୍ରୋଟୋଟାଇପ୍ ଉପରେ କାର୍ଯ୍ୟ ସ୍ଥିର ଗତିରେ ଚାଲିଛି, ଇଞ୍ଜିନିୟରମାନେ ବିଶେଷକରି ଡିଜାଇନ୍, ଏରୋଡାଇନାମିକ୍ସ ଏବଂ ସୁରକ୍ଷା ମାନଦଣ୍ଡ ପାଳନ ଉପରେ ଧ୍ୟାନ ଦେଉଛନ୍ତି। ଟ୍ରେନ୍ ସର୍ବସାଧାରଣଙ୍କ ପାଇଁ ଚାଲିବା ପୂର୍ବରୁ ଏହାର ସଫଳ ପରୀକ୍ଷଣ କରାଯିବ ବୋଲି ସୂଚନା ମିଳିଛି। ଭାରତର ପ୍ରଥମ ବୁଲେଟ୍ ଟ୍ରେନ୍, 'ବି୨୮', ବେଙ୍ଗାଲୁରୁରେ ଥିବା ବିଇଏମଏଲର ଆଦିତ୍ୟ ପ୍ଲାଣ୍ଟରେ ନିର୍ମିତ ହେବ। ଶନିବାର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହାର ଶୁଭ ଉଦଘାଟନ କରିଥିଲେ। ତାଙ୍କ ଗସ୍ତ ସମୟରେ, କେନ୍ଦ୍ରମନ୍ତ୍ରୀ କହିଥିଲେ ଯେ ହାଇ-ସ୍ପିଡ୍ ରେଳ ଟେକ୍ନୋଲୋଜୀ ଜଟିଳ ଏବଂ ଦେଶ ମଧ୍ୟରେ ଏହାକୁ ବିକଶିତ କରିବା ସ୍ୱଦେଶୀ ଇଞ୍ଜିନିୟରିଂ ପାଇଁ ଏକ ପ୍ରମୁଖ ମାଇଲଖୁଣ୍ଟ। ନୂଆ ଉଦ୍ଘାଟିତ ଆଦିତ୍ୟ କମ୍ପ୍ଲେକ୍ସ ବର୍ତ୍ତମାନ ବି୨୮ କୋଚ୍ ତିଆରି ପାଇଁ ଡିଜାଇନ୍ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।



# ପେଟିଏମ୍ ପେମେଣ୍ଟ୍ସ ବ୍ୟାଙ୍କରେ ପଡ଼ିରହିଛି ୮୦୦ କୋଟି

ନୂଆଦିଲ୍ଲୀ, ୨୬।୪ଃ ପେଟିଏମ୍ ପେମେଣ୍ଟ୍ସ ବ୍ୟାଙ୍କର ଲାଇସେନ୍ସ ନିକଟରେ ଭାରତୀୟ ରିଜର୍ଭ ବ୍ୟାଙ୍କ ରଦ୍ଦ କରିଛି। ତେବେ ଏହି ବ୍ୟାଙ୍କରେ ଜମାକାରୀମାନଙ୍କର ଏବେ ବି ୮୦୦ କୋଟି ଟଙ୍କା ପଡ଼ି ରହିଛି। ଏଥିରୁ ୪୦୦ କୋଟି ଟଙ୍କା ଅଚଳ ଆକାଉଣ୍ଟରେ ଥିବାବେଳେ ଆଉ ୪୦୦ କୋଟି ଟଙ୍କାର କେହି ଦାବିଦାର ନାହାନ୍ତି। ଅତୀତରେ ଟଙ୍କା ଉଠାଇ ନେବାକୁ କିମ୍ବା ଟ୍ରାନ୍ସଫର କରିନେବାକୁ ବ୍ୟାଙ୍କ ପକ୍ଷରୁ ଏକାଧିକ ସୁଯୋଗ ଦିଆଯାଇଥିଲେ ମଧ୍ୟ ଏ କ୍ଷେତ୍ରରେ ସେତେଟା ସଫଳତା ମିଳିନାହିଁ। ନିୟମ ପାଳନ ନକରିବା ଫଳରେ ଏହି ବ୍ୟାଙ୍କ ବିରୋଧରେ ରିଜର୍ଭ ବ୍ୟାଙ୍କ ପ୍ରଥମେ ୨୦୨୨ ମସିହାରେ କାର୍ଯ୍ୟାନୁଷ୍ଠାନ ନେବା ଆରମ୍ଭ କରିଥିଲା। ପ୍ରଥମେ ନୂଆ ଗ୍ରାହକଙ୍କ ଖାତା ନଖୋଲିବା ଏବଂ ପରେ ନୂଆ ଜମା ଗ୍ରହଣ ନକରିବାକୁ କହିଥିଲା। କଟକଣା ଆରମ୍ଭ ହେବା ପୂର୍ବରୁ ବ୍ୟାଙ୍କରେ ଲୋକଙ୍କର ୫୫୦୦ କୋଟି ଟଙ୍କାରୁ ଅଧିକ ଜମାରାଶି ରହିଥିଲା। ଉଲ୍ଲେଖଯୋଗ୍ୟ, ୨୦୧୭ ମସିହା ମେ ମାସରେ ପେଟିଏମ୍ ପେମେଣ୍ଟ୍ସ ବ୍ୟାଙ୍କ ଏହାର କାର୍ଯ୍ୟ ଆରମ୍ଭ କରିଥିଲା। ଏହା କେବଳ ପେମେଣ୍ଟ ବ୍ୟାଙ୍କ ଭାବେ କାର୍ଯ୍ୟ କରିବାକୁ ଅନୁମତି ପାଇଥିଲା। ୨୦୧୫-୧୬ରେ ଯେଉଁ ୧୧ଟି ବ୍ୟାଙ୍କକୁ ପେମେଣ୍ଟ ବ୍ୟାଙ୍କ ଲାଇସେନ୍ସ ମଞ୍ଜୁର ହୋଇଥିଲା ସେଥିରେ




ପେଟିଏମ୍ ପେମେଣ୍ଟ୍ସ ବ୍ୟାଙ୍କ ଅନ୍ୟତମ ଥିଲା। କିନ୍ତୁ ବର୍ତ୍ତମାନ ସୁଦ୍ଧା ସେଥିରୁ ଅଧାରୁ ବ୍ୟାଙ୍କ ବନ୍ଦ ହୋଇଗଲେଣି କମ୍ବା ଲାଇସେନ୍ସ ସରେଣ୍ଡର କରିସାରିଲେଣି। ପେଟିଏମ୍ ପେମେଣ୍ଟ୍ସ ବ୍ୟାଙ୍କର ଲାଇସେନ୍ସ ରଦ୍ଦ ହେବା ପରେ ବର୍ତ୍ତମାନ ଏୟାରଟେଲ ପେମେଣ୍ଟ୍ସ ବ୍ୟାଙ୍କ, ଇଣ୍ଡିଆ ପୋଷ୍ଟ ପେମେଣ୍ଟ୍ସ ବ୍ୟାଙ୍କ, ଫିନୋ ପେମେଣ୍ଟ୍ସ ବ୍ୟାଙ୍କ, ଜିଓ ପେମେଣ୍ଟ୍ସ ବ୍ୟାଙ୍କ ଏବଂ ଏନ୍‌ଏସ୍‌ଡିଏଲ ପେମେଣ୍ଟ୍ସ ବ୍ୟାଙ୍କ ଅଛନ୍ତି।



# ଆଜିର ସୁନା ଦର

ତବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୪,୦୪୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୧,୨୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୪,୦୪୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ହଜାର ୧,୪୧,୨୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୪,୦୪୦ ଟଙ୍କା ଓ ୨୨ କ୍ୟାରେଟ ମୂଲ୍ୟ ୧,୪୧,୨୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରଟେ୍ ୧,୫୪,୧୯୦ ଟଙ୍କା ଓ ୨୨ କ୍ୟାରେଟ ୧,୪୧,୩୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୪, ୯୧୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୨,୦୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୪,୦୪୦ ଓ ୨୨ କ୍ୟାରଟ ମୂଲ୍ୟ ୧,୪୧,୨୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୬୦,୦୦୦ ଟଙ୍କା ହୋଇଛି।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୯ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୭୭ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି।




SANCHAR ସଂଚାର ସୋମବାର ୨୭ ଏପ୍ରିଲ ୨୦୨୬

# ସ୍ୱାସ୍ଥ୍ୟ

## ଭଲ ନିଦ ମଣିଷକୁ ନିରୋଗ ରଖେ



ରାତିରେ ୭ରୁ ୮ ଘଣ୍ଟା ଭଲ ନିଦ ହୋଇଗଲେ, ପୁରା ଦିନ ଫ୍ରେଶ ଲାଗେ। ଯଦି ନିଦ ନହୁଏ ତେବେ ପୁରା ଦିନଟା ଚିଡଚିଡା ଲାଗେ। କିଛି ଭଲ ଲାଗେ ନାହିଁ। ଲେଟ ନାଇଟ ଯାଏ ଚେଇଁ ରହିବା, ଠିକ ପୋଜିସନରେ ନଶୋଇବା ଭଳି କିଛି ବଦ ଅଭ୍ୟାସ ଯୋଗୁଁ ଆଖିକୁ ଆରାମଦାୟକ ନିଦ ଆସେ ନାହିଁ। ତେଣୁ ଏସବୁକୁ ବଦଳାଇବା ଉଚିତ। ତେବେ କେଉଁ ସବୁ ଅଭ୍ୟାସ ଛାଡିବା ଏବଂ ଆପଣାଇବା ଦ୍ୱାରା ଭଲ ନିଦ ହୁଏ ଆସନ୍ତୁ ଜାଣିବା।

ଶୋଇବା ପୂର୍ବରୁ ଗାଧୋଇବା ଦ୍ୱାରା ଭଲ ନିଦ ହୁଏ। ଏଥିସହ ଡିମ ଲାଇଟ କିମ୍ବା ସ୍ଲୋ ମ୍ୟୁଜିକ ଲଗାଇ ଶୋଇଲେ ମଧ୍ୟ ଭଲ ନିଦ ହୋଇଥାଏ। ତେବେ ଶୋଇବା ପୂର୍ବରୁ ଯଦି ଆପଣଙ୍କ ଗପବା ଅଭ୍ୟାସ ରହିଛି ତା'ହେଲ ତାକୁ ବଦଳାଇ ଦିଅନ୍ତୁ। ଏହାଦ୍ୱାରା ନିଦ ହୋଇନଥାଏ। ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ଭଲ ନିଦ ମଣିଷକୁ ଦୀର୍ଘ ସମୟ ଯାଏ ସୁସ୍ଥ ରଖିଥାଏ। ପ୍ରତିଦିନ ରାତିରେ ଶୋଇବା ପାଇଁ ଏକ ରୁଟିନ ଟାଇମ ସେଟ୍ କରନ୍ତୁ। ଏକ ନିର୍ଦ୍ଧିଷ୍ଟ ଟାଇମ ସେଟ କରିବା ଦ୍ୱାରା ମସ୍ତିଷ୍କ ଆପେ ଆପେ ସେହି ଟାଇମରେ ଶୋଇବା ମୁଡରେ ଆସିଯାଏ ଏବଂ ଶୀଘ୍ର ନିଦ ହୋଇଥାଏ। ତେଣୁ ଗୋଟିଏ ଟାଇମ ସିଡ୍ୟୁଲରେ ହିଁ ଯେତେ ସମ୍ଭବ ଶୋଇବାକୁ ଚେଷ୍ଟା କରନ୍ତୁ। ଏହା ଏକ ଭଲ ଅଭ୍ୟାସ। ଏହାଦ୍ୱାରା ଭଲ ନିଦ ହୋଇଥାଏ। ସୂର୍ଯ୍ୟାଲୋକ କମ ହେବା ଏବଂ ଅନ୍ଧାର ହେବା ଦ୍ୱାରା ଶରୀରରେ ମେଲାଟୋନିନ ଯୁକ୍ତ ରସାୟନିକ ପଦାର୍ଥ ମୁକ୍ତ ହେବାକୁ ଲାଗେ ଏବଂ ଆପେ ଆପେ ଆଖିକୁ ନିଦ ଆସେ। ତେଣୁ ଶୋଇବା ସମୟରେ ବେଡରୁମରେ ଲାଇଟ ବ୍ୟବହାର କରିବା ଉଚିତ ନୁହେଁ। ଶୋଇବା ଘରର ଲାଇଟ ପୁରା ଡିମ ରଖନ୍ତୁ ଏବଂ ଯେତେ ସମ୍ଭବ ମୋବାଇଲ କିମ୍ବା ଲାପଟପ ଭଳି ଗ୍ୟାଜେଟଠୁ ଦୂରେଇ ରୁହନ୍ତୁ। ପରିବେଶ ଶାନ୍ତ ରହିଲେ ମଧ୍ୟ ଭଲ ନିଦ ହୋଇଥାଏ।

ରାତିରେ କମ ଖାଦ୍ୟ ଖାଆନ୍ତୁ। ରାତିରେ ଅଧିକ କିମ୍ବା ମସଲା ଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ଶରୀରରେ ହଜମ ଶକ୍ତି କାମ କମିଯାଏ। ପାଚନ ପ୍ରଣାଳୀ ରାତିସାରା କାମ କରେ। ଫଳର ଭଲ ନିଦ ହୁଏ ନାହିଁ। ସେହିପରି ରାତିରେ କ୍ୟାଫିନ କିମ୍ବା ନିକୋଟିନ ଯୁକ୍ତ ଖାଦ୍ୟ ଯେପରିକି କଫି କିମ୍ବା ଚା' ପିଅନ୍ତୁ ନାହିଁ। ଏହା ଶରୀରର ଶୋଇବା କ୍ଷମତାରେ ବାଧା ସୃଷ୍ଟି କରିଥାଏ ଏବଂ ଆ ?ଖିକୁ ଗଭୀର ନିଦ ଆସେ ନାହିଁ।

ଅଧିକ ଶବ୍ଦ ନିଦର ଗୁଣବତ୍ତା ଖରାପ କରିଥାଏ। ଯାହାଦ୍ୱାରା ଆପଣଙ୍କୁ ଅଧିକ ଥକା ଲାଗିପରେ। ତେଣୁ ଶୋଇବା ପୂର୍ବରୁ ଆପଣ କ'ଣ ଦେଖୁଛନ୍ତି ଏବଂ କ'ଣ ଶୁଣୁଛନ୍ତି ତାହା ମଧ୍ୟ ଗୁରୁତ୍ୱ ରଖେ। ଏକ ଶାନ୍ତ ପରିବେଶ ଏବଂ ଅଳ୍ପ ଶବ୍ଦରେ ମଧୁର ମ୍ୟୁଜିକ ଶୁଣିବା ଦ୍ୱାରା ଆରାମ ମିଳିଥାଏ। ମନ ଶାନ୍ତ ହେବା ସହ ଶୀଘ୍ର ନିଦ ହୋଇଯାଏ।

ବସି ବସି ଶୋଇପଡ଼ିବା ବା କୌଣସି ଯାତ୍ରା ବେଳେ ଶୋଇବା ଅନେକ ଲୋକଙ୍କ ଅଭ୍ୟାସ ରହିଛି। ତେଣୁ ଏଭଳି ଅଭ୍ୟାସକୁ ବଦଳାଇବା ଉଚିତ। ଦିନରେ ଅଧିକାଂଶ ସମୟ ଢୁଳେଇବା ଭଳି ଅଭ୍ୟାସ ଥିଲେ ଏହାକୁ ଶୀଘ୍ର ବଦଳାନ୍ତୁ। ଏହାଦ୍ୱାରା ରାତି ନିଦ୍ରାରେ ବାଧା ସୃଷ୍ଟି ହୋଇଥାଏ ବୋଲି ବିଶେଷଜ୍ଞମାନେ ମତ ଦିଅନ୍ତି। ସକାଳୁ ସକାଳୁ ଉତ୍ତମ ଖାଦ୍ୟ ଏବଂ ଭିଟାମିନ ବି-୬ ଏବଂ ୫ରୁ ୧୦ ମିନିଟ ସୂର୍ଯ୍ୟାଲୋକ ଶରୀରର ଅନେକ ରୋଗକୁ ଭଲ କରିଥାଏ। ଏଥିସହ ଭଲ ନିଦ୍ରା କ୍ଷମତାକୁ ବଢ଼ାଇଥାଏ।

## ଶୀତଦିନେ ଅଧିକ ସମୟ ଗରମ ପାଣିରେ ଗାଧୋଇବା ମନା

ଶୀତ ଦିନ ଆସିବା ମାତ୍ରେ ଆମ ଶରୀରର ମିଜାଜ ବଦଳିଯାଏ। ଏହି ସମୟରେ ଥଣ୍ଡା, ଜ୍ୱର ବା ଇନ୍‌ଫେକସନ୍ ହେବା ନେଇ ଅଧିକ ଆଶଙ୍କା ରହିଥାଏ। ଏଥିପାଇଁ ଶୀତ ଦିନେ ଲୋକେ ଗରମ ଗରମ ଖାଦ୍ୟ ଖାଇବା, ଗରମ ପୋଷାକ ପିନ୍ଧିବା, ଗରମ କଫି କିମ୍ବା ଚା' ପିଇବା ସହ ଗରମ ପାଣିରେ ଗାଧୋଇବା ପାଇଁ ଭଲ ପା'ନ୍ତି। ତେବେ ଏସବୁ ଆମ ଶରୀର ପାଇଁ କେତେ ଭଲ ଏବଂ କେତେ କ୍ଷତିକାର ହୋଇପାରେ ଜାଣିଛନ୍ତି କି। ଆସନ୍ତୁ ସେ ଉପରେ ନଜର ପକାଇବା।



✪ ଶୀତ ଦିନେ ଅଧିକ ସମୟ ଯାଏଁ ଗରମ ପାଣିରେ ଗାଧୋଇବା ସ୍ୱାସ୍ଥ୍ୟ ପାଇଁ ହିତକର ନୁହେଁ। ଏହା ଆମ ଶରୀର ଏବଂ ମସ୍ତିଷ୍କ ଉପରେ ଖରାପ ପ୍ରଭାବ ପକାଇଥାଏ। ଗରମ ପାଣି ଆମ ତ୍ୱଚାରେ ଥିବା କେରାଟିନ ନାମକ ସେଲ୍ସକୁ ନଷ୍ଟ କରିଦିଏ। ଏହା ଦ୍ୱାରା ତ୍ୱଚାରେ କୁଣ୍ଡେଇ ହେବା, ଶୁଷ୍କ ହୋଇଯିବା ତଥା ଲାଲ ପଡ଼ିଯିବା ଭଳି ସମସ୍ୟା ଦେଖାଦେଇଥାଏ ବିଶେଷଜ୍ଞମାନେ ମତ ଦିଅନ୍ତି।

✪ ଶୀତ ଦିନେ ନିଜକୁ ଗରମ ରଖିବା ଭଲ କଥା, କିନ୍ତୁ ଗରମ ରଖିବା ଚକ୍କରରେ ଅଧିକ ପୋଷାକ ପିନ୍ଧିବା ଉଚିତ ନୁହେଁ। ଏଭଳି କରିବା ଦ୍ୱାରା ଆପଣଙ୍କ ଶରୀର ଓଭର ହିଟିଂର ଶିକାର ହୋଇପାରେ। ଅଧିକ ଗରମ ହେବା ଯୋଗୁଁ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ କାମ କରିବା ବନ୍ଦ କରିଦିଏ।

✪ ଶୀତ ଦିନେ ସାଧାରଣତଃ ଅଧିକ ଭୋକ ହୁଏ। ଏଭଳି ସ୍ଥିତିରେ ଲୋକ ନିଜ ସ୍ୱାସ୍ଥ୍ୟ ଚିନ୍ତା ନକରି ଅଧିକ ଖାଦ୍ୟ ଖାଇଥା'ନ୍ତି। ଫାଷ୍ଟଫୁଡ ଖାଦ୍ୟ ପ୍ରତି ମନ ବଳାଇଥାନ୍ତି। ଫଳରେ ଓଜନ ବଢ଼ିବା ସହ ଶରୀରରେ ଅନେକ ରୋଗ ସମସ୍ୟା ମଧ୍ୟ ବଢ଼ିଥାଏ। ତେଣୁ ଶୀତଦିନେ ଭୋକ ହେଲେ ଫଳ କିମ୍ବା ହାଇ ଫାଇଭର ଯୁକ୍ତ ପରିବା ଖାଇବା ଉଚିତ।

✪ ଶୀତ ଦିନେ ଶରୀରକୁ ଗରମ ରଖିବା ପାଇଁ ଲୋକେ ଚା' କିମ୍ବା କଫି ପିଇବା ପାଇଁ ପସନ୍ଦ କରନ୍ତି। କନ୍ତୁ ଏଥିରେ ଥିବା କେଫିନ ଶରୀର ପାଇଁ କ୍ଷତିକାରକ ପ୍ରମାଣିତ ହୋଇପାରେ। ତେଣୁ ଶୀତଦିନେ ଅତି ବେଶୀରେ ଦିନରେ ୨ କିମ୍ବା ୩ କପ୍‌ରୁ ଅଧିକ ଚା' କିମ୍ବା କଫି ପିଇବା ଉଚିତ ନୁହେଁ।

✪ ଶୀତ ଦିନେ କମ୍ ଶୋଷ ହୁଏ, ଫଳରେ ଲୋକେ କମ୍ ପାଣି ପିଅନ୍ତି। ପାଣି ନ ପିଇବା ଯୋଗୁଁ ଶରୀରରେ ଡିହାଇଡ୍ରେସନ ସମସ୍ୟା ଦେଖାଦିଏ। ଏହାଦ୍ୱାରା କିଡ୍‌ନୀ ଜନିତ ସମସ୍ୟା ଏବଂ ହଜମ ଶକ୍ତି କମିବାକୁ ଲାଗେ। ପେଟ ଜନିତ ସମସ୍ୟା ଦେଖାଦିଏ। ତେଣୁ ଶୀତଦିନେ ଅଧିକରୁ ଅଧିକ ପାଣି ପିଇବା ଉଚିତ।

## ମୁହଁର ଦାଗ ପାଇଁ ଚିନ୍ତିତ କି ?



ମହୁ: ପିଇବା ପାଣିରେ ନିୟମିତ ଏକ ଚାମଚ ମହୁ ମିଶାଇ ପିଇବା ଦ୍ୱାରା ମୁହଁ ଚର୍ମ ନରମ ହେବା ସହ ଚମିକ ଥାଏ।

ପୁଦିନା ପତ୍ର: ପୁଦିନା ପତ୍ରର ପାଣି ପିଇବା ଦ୍ୱାରା ପେଟ ସଫା ହୋଇଥାଏ। ରକ୍ତ ପରିଷ୍କାର କରିଥାଏ। ଫଳରେ ମୁହଁରେ ଦାଗ ଦୂର ହୋଇଥାଏ।

ଡ଼ାଲଚିନି: ପାଣିରେ ଅଳ୍ପ ଡ଼ାଲଚିନି ଗୁଣ୍ଡ ପକାଇ ଏହାକୁ ଫୁଟାଇ ଦିଅନ୍ତୁ। ଏହା ପରେ ଏହାକୁ ଛାଣି ଦେଇ ପିଅନ୍ତୁ। ଏହା ମୁହଁର ବିଭିନ୍ନ ଦାଗକୁ ଦୂର କରିବା ସହ ମୁହଁ ଉଜ୍ୱଳ କରିଥାଏ।

ଲେମ୍ବୁ ରସ: ପିଇବା ପାଣିରେ କିଛି ଲେମ୍ବୁ ରସ ମିଶାଇ ପିଇବା ଦ୍ୱାରା ପାଚନ କ୍ରିୟା ସୁସ୍ଥ ରହିବା ସହ ଦୂଷିତ ପଦାର୍ଥ ଶରୀରରୁ ବାହାର କରି ଦେଇଥାଏ। ଫଳରେ ମୁହଁର ଦାଗ ମଧ୍ୟ ଦୂର ହୋଇଥାଏ।

ଲିଚୁ: ପିଇବା ପାଣିରେ ଲିଚୁର ରସ ମିଶାଇ ପିଇବା ଦ୍ୱାରା ମଧ୍ୟ ଏହା ମୁହଁର ସମସ୍ତ ଦାଗକୁ ଦୂର କରିଥାଏ। ଏଥିରେ ଥିବା ଭିଟାମିନ ସି ଓ ଆଣ୍ଟିଅକ୍ସିଡ଼ାଣ୍ଟ ମୁହଁର ରଙ୍ଗ ଗୋରା କରିଥାଏ।

## ସ୍ୱାସ୍ଥ୍ୟ ପାଇଁ ସୋରିଷ ତେଲ କେତେ ଭଲ ?

ବିଶେଷକରି ଭାରତୀୟ ବ୍ୟଞ୍ଜନରେ ସୋରିଷ ତେଲକୁ ବ୍ୟବହାର କରାଯାଇଥାଏ। ଖାଦ୍ୟର ସ୍ୱାଦ ବଢ଼ାଇବା ପାଇଁ ଅନେକଙ୍କ ଘରେ ଏହି ତେଲ ବ୍ୟବହାର ହୁଏ। ସୋରିଷ ତେଲ ସ୍ୱାସ୍ଥ୍ୟ ପାଇଁ ଏଥିରେ ମୋନୋସାଚୁରେଟେଡ୍ ଫ୍ୟାଟି ଏସିଡ୍ ରହିଛି ଯାହା ହୃଦ ରୋଗର ସମ୍ଭାବନା କମ କରିଥାଏ। ତେବେ ସୋରିଷ ତେଲର ପାର୍ଶ୍ୱ ପ୍ରତିକ୍ରିୟା ମଧ୍ୟ ରହିଛି। ତେବେ ଆମ ଶରୀର ପାଇଁ ସୋରିଷ ତେଲ କେତେ ଭଲ ଓ କେତେ ଖରାପ ଆସନ୍ତୁ ଜାଣିବା।

● ଅନେକ ଗବେଷଣାରୁ ଜଣାପଡ଼ିଛି ଯେ ସୋରିଷ ତେଲରେ ବହୁ ମାତ୍ରାରେ ଏରିକ ଏସିଡ ଅଛି ଯାହା ଅତ୍ୟନ୍ତ ବିଷାକ୍ତ। ଏରିଟିକ ଏସିଡର ଉଚ୍ଚ ସ୍ତର ହୃଦୟକୁ ପ୍ରଭାବିତ କରିଥାଏ। ଅଧିକ ସୋରିଷ ତେଲ ଖାଇବା ହୃଦୟରେ ମେଦ ବଢ଼ିଯାଇଥାଏ। ଫଳରେ ହୃଦରୋଗ ଜନିତ ସମସ୍ୟା ବଢ଼ିବା ଅଶଙ୍କା ରହିଥାଏ।

● ହୃଦ ସମ୍ବନ୍ଧୀୟ ସମସ୍ୟା ବଢ଼ାଇବା ସହ ଏହା ଫୁସଫୁସ ପାଇଁ ମଧ୍ୟ ସମସ୍ୟା ସୃଷ୍ଟି କରିଥାଏ। ପ୍ରାରମ୍ଭିକ ଚରଣରେ ଏହା ଶ୍ୱାସ ତନ୍ତ୍ରକୁ ପ୍ରଭ୍ୱିତ କରିଥାଏ ଯେଉଁଥିପାଇଁ ନିଶ୍ୱାସ ନେବାରେ ଅସୁବିଧା ହୋଇଥାଏ। ଅଧିକ ସମୟ ଧରି ସୋରିଷ ତେଲ ସେବନ କଲେ ଫୁସଫୁସ କ୍ୟାନସର ହେବା ସମ୍ଭାବନା ରହିଛି।



● ସୋରିଷ ତେଲରେ ଆଉ ଏକ ହାନିକାରକ ରାସାୟନିକ ପଦାର୍ଥ ରହିଛି ଯାହାକୁ ଏଲିଲ୍ ଆଇସୋଥିଓସିଆନେଟ୍ କୁହାଯାଏ। ଏହା ଫୁସଫୁସ, ପାକସ୍ଥଳୀ, ଅନ୍ତନଳୀ ଇତ୍ୟାଦିରେ କ୍ଷତ ସୃଷ୍ଟି କରିପାରେ।

▫ ସୋରିଷ ତେଲ ତ୍ୱଚାକୁ ମଧ୍ୟ ପ୍ରଭାବିତ କରିଥାଏ। ଅଧ୍ୟୟନରୁ ଜଣାପଡ଼ିଛି ଯେ ଏହା ତ୍ୱଚାର କାର୍ଯ୍ୟକୁ ପ୍ରତିରୋଧ କରିଥାଏ। ଯାହାଦ୍ୱାରା ଏପିଡର୍ମାଲ୍ କେରାଟିନୋସାଇଟ୍ ଗଠନରେ ବାଧା ସୃଷ୍ଟି ହୋଇଥାଏ।

● ସୋରିଷ ତେଲରୁ ତ୍ୱଚାରେ ଆଲର୍ଜି ଭଳି ସମସ୍ୟା ମଧ୍ୟ ଦେଖାଦିଏ। ମୁଖ୍ୟତଃ ଇମ୍ୟୁନୋଗ୍ଲୋବୁଲିନ୍ ଇ କିମ୍ବା ଆଇଜିଆଇ ମଧ୍ୟସ୍ଥତା ଭଳି ଆଲର୍ଜି ସୃଷ୍ଟି କରିଥାଏ। ଫଳରେ କୁଣ୍ଡେଇ ହେବା, ତ୍ୱଚା ନାଲି ପଡ଼ିଯିବା, ତ୍ୱଚା ଶୁଷ୍କ ହୋଇଯିବା ଭଳି ସମସ୍ୟା ଦେଖାଦେଇଥାଏ।

● ଅତ୍ୟଧିକ ସୋରିଷ ତେଲ ଖାଇବା ଦ୍ୱାରା ରାଇନାଇଟିସ୍ ହେବା ସମ୍ଭାବନା। ଶ୍ୱାସ ନଳୀରେ ଥିବା କୋଷଗୁଡ଼ିକରେ ଛିଦ୍ର ସୃଷ୍ଟି ହୋଇଥାଏ। ଫଳରେ କାଶ, ଛିଙ୍କ, ନାକ ବୋହିବା ଭଳି ସମସ୍ୟା ଦେଖାଥାଏ।

● ଗର୍ଭବତୀ ମହିଳା ସୋରିଷ ତେଲ ସେବନ କରିବା ଉଚିତ ନୁହେଁ। କାରଣ ଏଥିରେ ଥିବା କିଛି ରାସାୟନିକ ପଦାର୍ଥ ଭ୍ରୂଣ ସହ ଗର୍ଭବତୀ ମହିଳାଙ୍କ ପାଇଁ ହାନିକାରକ ହୋଇଥାଏ।

## କଳା ହଳଦୀ: କ୍ୟାନସର୍ ଓ ଶ୍ୱାସରୋଗ ପାଇଁ ଉପକାରୀ



ଘରେ ହଳଦିଆ ରଙ୍ଗର ହଳଦୀ ଥିବା ଦେଖିଥିବେ କିନ୍ତୁ କେବେ କ'ଣ କଳା ରଙ୍ଗର ହଳଦୀ ବିଷୟରେ ଶୁଣଇଛନ୍ତି କି। ବେଶ କମ୍ ସ୍ଥାନରେ ହିଁ କଳା ହଳଦୀ ଦେଖିବାକୁ ମିଳେ। ଏହା ସାଧାରଣ ହଳଦୀଠାରୁ ମଧ୍ୟ ଅନେକ ଲଭାଦାୟ। ଆଣ୍ଟିବାୟୋଟିକ ରୂପେ ବ୍ୟବହାର ହେଉଥିବା ଏହି କଳା ହଳଦୀକୁ ବିଭିନ୍ନ ରୋଗର ଉପଚାର ପାଇଁ ବ୍ୟବହାର କରାଯାଏ। ବିଶେଷ କରି ଓଡ଼ିଶା, ପଶ୍ଚିମବଙ୍ଗ, ମଧ୍ୟପ୍ରେଦଶ, ଉତ୍ତରପୂର୍ବ ଅଞ୍ଚଳରେ ମିଳୁଥିବା ଏହି ଦୁର୍ଲଭ ହଳଦୀକୁ ବ୍ୟବହାର କରି କ୍ୟାନସର ଏବଂ ଆସ୍ଥାମ ଭଳି ରୋଗର ଉପଚାର କରାଯାଇଥାଏ।

➲ ଏହି ହଳଦୀରେ ଇଭୁପ୍ରୋଭିନ ଅଧିକ ମାତ୍ରାରେ ରହିଛି। ଏହାଦ୍ୱାରା ପୁରୁଣା ଅର୍ଥରାଇଟିସ ଯନ୍ତ୍ରଣାକୁ ଭଲ କରାଯାଇପାରେ। କେବଳ ସେତିକି ନୁହେଁ କୁଣ୍ଡେଇ ହେବା, ପେଟ ସମସ୍ୟା, ଅଲସର, କୋଲନ କ୍ୟାନସର, ଫୁସଫୁସ ଜନିତ ରୋଗକୁ ଦୂର କରିବାରେ ମଧ୍ୟ କଳା ହଳଦୀ ବେଶ ସହାୟକ ହୋଇଥାଏ।

➲ ଏହି କଳା ହଳଦୀକୁ ଅନେକ ଔଷଧ ତିଆରି କରିବାରେ ମଧ୍ୟ ବ୍ୟବହାର କରାଯାଏ। ଆସ୍ଥମା, କ୍ୟାନସର, ଜ୍ୱର, ବ୍ରଣ, ଆଲର୍ଜି, ମାଇଗ୍ରେସନ, ଲେପ୍ରୋସି ଭଳି ରୋଗର ଉପଚାର ପାଇଁ ତଆରି କରାଯାଉଥିବା ମେଡିସିନରେ ଏହି ହଳଦୀର ବ୍ୟବହାର ହୁଏ।

➲ କଳା ହଳଦୀର ପତ୍ରକୁ ସୁଖାଇ ପାଉଡର ତିଆରି କରି ଏଥିରେ ଅଳ୍ପ ମହୁ ମିଶାଇ କ୍ଷୀର ସହ ପ୍ରତିଦିନ ଖାଇବା ଦ୍ୱାରା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼େ। ଏଥିସହ ଅନେକ ରୋଗରୁ ମୁକ୍ତି ମିଳିଥାଏ।

➲ ଏହି ହଳଦୀର ପତ୍ରକୁ ଚୋବାଇ ଖାଇବା ଦ୍ୱାରା ପେଟ ସମସ୍ୟା ତଥା ଗ୍ୟାସଟିକ ଭଳି ସମସ୍ୟାରୁ ମୁକ୍ତି ମିଳିଥାଏ। ଏହାର ଶାଖାଗୁଡିକ କୋଲେଷ୍ଟ୍ରୋଲ କମ କରିବା ପାଇଁ ସହାୟତା କରିଥାଏ। ଏଥିପାଇଁ ଆୟୁର୍ବେଦ ଶାସ୍ତ୍ରରେ କଳା ହଳଦୀର ବିଶେଷ ଚାହିଦା ରହିଛି।

## ଓଜନ କମ୍ କରିବାକୁ ଚାହାଁନ୍ତି କି ?

ଖାଦ୍ୟ ବିଶେଷଜ୍ଞଙ୍କ ମତରେ ବର୍ଷାଦିନରେ କେତୋଟି ନିୟମ ମାନି ଭୋଜନ କଲେ ଓଜନ କମ୍ ହୁଏ। ପ୍ରତି ସପ୍ତାହରେ ଖାଦ୍ୟତାଲିକା ପ୍ରସ୍ତୁତ କରି ସେଇ ଅନୁସାରେ ଖାଇବା ସମସ୍ତଙ୍କ ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପକାଏ।

➲ ଆଣ୍ଟିଅକ୍ସିଡାଣ୍ଟ ଭରପୂର ସମସ୍ତ ପ୍ରକାର ବର୍ଷାଦିନିଆ ଫଳକୁ ନିୟମିତ ଭାବେ ଖାଆନ୍ତୁ। ଏଇ ଋତୁରେ ବଜାରରେ ଅଙ୍ଗୁର, ଜାମୁକୋଳି, ଆତ ମିଳୁଥିବାବେଳେ ସକାଳ ଜଳଖିଆରେ ଏସବୁ ଖାଇବା ଭଲ। ଫଳ ଖାଇଲେ ଶରୀରକୁ ଶକ୍ତି ମିଳିବା ସହ ବାରମ୍ବାର ଭୋକ ଲାଗେ ନାହିଁ।

➲ ଅନ୍ୟ ଏକ ମୁଖ୍ୟ କଥା ଖାଇବାର ସମୟ ରଖନ୍ତୁ। ସକାଳ ୮ଟାବେଳେ ଜଳଖିଆ ଖାଇଲେ ପୁଣି ଦିନ ୧୧ଟା ବେଳକୁ କୌଣସି ଫଳ କିମ୍ବା ଫଳରସ ପିଇବା ଭଲ। ସମୟକ୍ରମେ ଏହି ଅଭ୍ୟାସ ହିଁ ଆପଣଙ୍କ ଓଜନ କମ୍ କରିବାରେ ସହାୟକ ହେବ।



➲ ପ୍ରତିଥର ଭୋଜନ ପୂର୍ବରୁ ୧-୨ ଗିଲାସ ପାଣି ପିଇବାକୁ ଚେଷ୍ଟା କରନ୍ତୁ। ଭୋଜନ ପରେ ମଧ୍ୟ ପାଣି ପିଇବା ଭଲ। ପୂରା ଦିନ ଭିତରେ ୯-୧୦ ଗିଲାସ ପାଣି ପିଇବାର ଅଭ୍ୟାସ ରଖିବା ଜରୁରୀ।

➲ ପନିପରିବା ମିଶା ସୁପ୍ ତିଆରି କରି ଦିନକୁ ଥରୁଟିଏ ନିଶ୍ଚୟ ପିଅନ୍ତୁ। ଏହି ସୁପ୍ ପିଇଲେ ଶରୀରର ରୋଗପ୍ରତିରୋଧକ ଶକ୍ତି ବଢ଼େ।

➲ ବର୍ଷାଦିନେ ସକାଳ ବେଳା ଅଦା ଚା' ପିଇବାର ଅଭ୍ୟାସ ରଖିବା ଭଲ। ଅଦା ଚା' ଶରୀରକୁ ଶକ୍ତି ଯୋଗାଇବା ସହ ଓଜନ କମ୍ କରିବାରେ ସହାୟକ ହୋଇଥାଏ।

➲ ବାହାରକୁ ପ୍ରାତଃ ଭ୍ରମଣ ପାଇଁ ଯାଇପାରୁନଥିଲେ, ଘର ଭିତରେ ଚଲାବୁଲାର ଅଭ୍ୟାସ ରଖିବା ଭଲ। ଅତିକମ୍‌ରେ ୨୦-୩୦ ମିନିଟ୍ ଚାଲିଲେ ତାହା ଶରୀର ପାଇଁ ବ୍ୟାୟାମ ଭଳି କାମ କରେ।

## ରାଜ୍ୟସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ
# ସୁନ୍ଦରଗଡ଼ ଜିଲ୍ଲା ପୁରସ୍କୃତ



ସୁନ୍ଦରଗଡ,୨୬।୪(ସଂଚାର ବ୍ୟୁରୋ): ମହାତ୍ମା ଗାନ୍ଧୀ ନିଶ୍ଚିତ ଗ୍ରାମୀଣ କର୍ମନିଯୁକ୍ତି ଯୋଜନାର ସଫଳ ରୂପାୟନ କ୍ଷେତ୍ରରେ ସୁନ୍ଦରଗଡ଼ ଜିଲ୍ଲା ସମଗ୍ର ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରି ଶ୍ରେଷ୍ଠ ଜିଲ୍ଲା ଭାବେ ପୁରସ୍କୃତ ହୋଇଛି। ଶୁକ୍ରବାର ଦିନ ବଲାଙ୍ଗୀରଠାରେ ଆୟୋଜିତ ରାଜ୍ୟସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀଙ୍କଠାରୁ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ କୁନ୍ତୀ ପ୍ରଧାନ ଏବଂ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ ଏହି ସମ୍ମାନଜନକ ପୁରସ୍କାର ଗ୍ରହଣ କରିଛନ୍ତି। ଏହି ସଫଳତା ପାଇଁ ଜିଲ୍ଲାକୁ ୧୨ ଲକ୍ଷ ଟଙ୍କାର ଅର୍ଥରାଶି ଓ ମାନପତ୍ର ପ୍ରଦାନ କରାଯାଇଛି।

ଏହା ସହିତ ସୁନ୍ଦରଗଡ଼ ଜିଲ୍ଲାର ବିଶ୍ରା ବ୍ଲକ ମଧ୍ୟ ରାଜ୍ୟର ଶ୍ରେଷ୍ଠ ବ୍ଲକ ଭାବେ ବିବେଚିତ ହୋଇ ୧୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ହାସଲ କରିଛି। ଜିଲ୍ଲା ପ୍ରଶାସନ ଓ ତୃଣମୂଳ ସ୍ତରର ପ୍ରତିନିଧିଙ୍କ ନିଷ୍ଠାପର ଉଦ୍ୟମ ଯୋଗୁଁ ଆଜି ସୁନ୍ଦରଗଡ଼ ବିକାଶର ନୂଆ ପରିଚୟ ସୃଷ୍ଟି କରିପାରିଛି।

## ମା' ମଙ୍ଗଳା ମହୋତ୍ସବ ଉଦ୍‌ଯାପିତ
# ଏକତା ସୂତ୍ରରେ ବାନ୍ଧିରଖେ ମହୋତ୍ସବ

କାକଟପୁର/ଅସ୍ତରଙ୍ଗ, ୨୬।୪ (ସଂଚାର ବ୍ୟୁରୋ): ମହୋତ୍ସବ ସେହି ଅଞ୍ଚଳକୁ ଏକତା ସୂତ୍ରରେ ଯୋଡି ରଖିବା ସହ ଭାଇଚାରାକୁ ବଢ଼ାଏ। ଅଞ୍ଚଳର ବଣ ମଲ୍ଲୀକୁ ପ୍ରସ୍ଫୁଟିତ କରାଇବାରେ ସହଯୋଗ କରେ ବୋଲି ଅତିଥି ମତ ଦେଇଥିଲେ। ଅନେକ ଲୋକକଳାରେ ଭରପୁର ପୁରୀ ଜିଲ୍ଲା । ଏଠାକାର ପ୍ରତିଭା ଶହ ଓଡ଼ିଶାର ବିଭିନ୍ନ ଲୋକକଳାକୁ ଲୋକଲୋଚନକୁ ଆଣୁଛି କାକଟପୁରରେ ଅନୁଷ୍ଠିତ ୧୫ତମ ମା' ମଙ୍ଗଳା ମହୋତ୍ସବ। ରବିବାର ଉଦ୍‌ଯାପିତ ଉତ୍ସବର ଶେଷ ସନ୍ଧ୍ୟାରେ ମା' ମଙ୍ଗଳା ମହୋତ୍ସବ ସଭାପତି ତଥା କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, କାର୍ଯ୍ୟକାରୀ ସଭାପତି ସ୍ୱପ୍ନେଶ୍ୱର ସାହୁ, ସମ୍ପାଦକ ପୁରୀ ଜିଲ୍ଲାପରିଷଦ ଉପାଧକ୍ଷ ସ୍ୱାଧୀନ କୁମାର ନାୟକ, ସହସମ୍ପାଦକ କାକଟପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଶ୍ରୀଧର ନାୟକ ପ୍ରମୁଖ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ କରିଥିଲେ ।





ଚଳିତ ବର୍ଷ ମଙ୍ଗଳା ସମ୍ମାନରେ ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ଦେବରାଜ ବିଶ୍ୱାଳ, ଗତିକୃଷ୍ଣ ସ୍ୱାଇଁ ସ୍ମାରକୀ ସମ୍ମାନରେ ବରିଷ୍ଠ ସମାଜସେବୀ ଜ୍ଞାନରଞ୍ଜନ ସାହୁ ଓ ପଦ୍ମଶ୍ରୀ ଗୁରୁ ଗଙ୍ଗାଧର ପ୍ରଧାନ ସ୍ମୃତି ସମ୍ମାନରେ ଓଡିଶୀ ଗୁରୁ ଶ୍ରୀ ଲିଙ୍ଗରାଜ ସ୍ୱାଇଁଙ୍କୁ ଉତ୍ତରି, ବୃକ୍ଷ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

ଉଦ୍‌ଯାପିତ ତୃତୀୟ ସନ୍ଧ୍ୟାରେ ଆମନ୍ତ୍ରିତ ଅତୀଥି ଉପସ୍ଥିତ ରହିବା ସହ ଶେଷ ସନ୍ଧ୍ୟାକୁ ବେଶ ମନୋରଞ୍ଜନ ଖୁରାକ ଯୋଗାଇଥିଲା ମହାରାଷ୍ଟ୍ରର ଲୋକ ନୃତ୍ୟ, ସମ୍ବଲପୁରୀ, ଆସାମର ବିହୁ ନୃତ, ବେଙ୍ଗାଳୀ ଲୋକ ନୃତ ସହିତ ଗୁରୁ ଲିଙ୍ଗରାଜ ସ୍ୱାଇଁଙ୍କ ନିର୍ଦ୍ଦେଶନରେ ପ୍ରତୁଶା ପ୍ରିୟା ଓ କୁମାର ଟୁବୁଲାଙ୍କ ଆକର୍ଷଣୀୟ ଓଡିଶୀ ନୃତ୍ୟ ଅଭିନୟରେ ନବଦୁର୍ଗା ସହିତ ମେଲୋଡି କିଙ୍ଗୀ କଣ୍ଠଶିଳ୍ପୀ ସତ୍ୟଜିତ ପ୍ରଧାନଙ୍କ ଗୀତରେ ଶେଷ ସନ୍ଧ୍ୟାରେ ଝୁମିଥିଲେ ସହ ସହ ଦର୍ଶକ ।

## ସୋସିଆଲ ମିଡ଼ିଆରେ ଭ୍ରମାତ୍ମକ ତଥ୍ୟ ପ୍ରସାରଣ କରି ସାମ୍ବାଦିକଙ୍କୁ ବଦନାମ କରିବାକୁ ଅପଚେଷ୍ଟା

### ଥାନାର ଦ୍ୱାରସ୍ଥ ହେଲେ ସାମ୍ବାଦିକ

ନୀଳଗିରି, ୨୬।୪ (ସଂଚାର ବ୍ୟୁରୋ): ସୋସିଆଲ ମିଡିଆରେ ବାଲେଶ୍ୱର ବନଖଣ୍ଡ ଅଧିକାରୀଙ୍କ ନାମରେ ମିଥ୍ୟା ତଥ୍ୟଦେଇ ଜୈନିକ ସାମ୍ବାଦିକଙ୍କୁ ବଦନାମ କରିବାର ଅପଚେଷ୍ଟାକରାଯାଇଥିବା ବେଳେ ସାମ୍ବାଦିକଜଣକନ୍ୟାୟପାଇଁ ଆଜି ବରହମପୁର ଥାନାର ଦ୍ୱାରସ୍ଥ ହୋଇଥିବା ଜଣାଯାଇଛି। ସୂଚନା ଯୋଗ୍ୟ ହିତାଧିକାରୀ ଗତ ୨୫ତାରିଖ ନୀଳଗିରି ଅଞ୍ଚଳର ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ମାନଙ୍କୁ ୭୮୯୪୮୯୬୩୯୭ନଂ ୱାର୍ଟଅପ୍ ରୁ ବାଲେଶ୍ୱର ଡିଏଫଓଙ୍କ ବିରୋଧରେ ବିଭିନ୍ନ ସମ୍ବେଦନଶୀଳ ମାମଲା ଲେଖାଯାଇ ଏହାର ଇଂରାଜୀଭାଷାକୁ ଓଡ଼ିଆରେ ଅନୁବାଦିତକରି ଏହାର ନକଲ ପଠାଯାଇଥିବା ଦେଖିବାକୁ ମିଳିଛି। ସାମ୍ବାଦିକ ରତିକାନ୍ତ ପରିଡାଙ୍କ ଭୋଟର ଆଇ.ଡି ଏବଂ ଜାଲ ଦସ୍ତଖତଥାଇ ବାଲେଶ୍ୱର ଡିଏଫଓଙ୍କ ବିରୋଧରେ ଅତିରିକ୍ତସଚିବ, ପରିବେଶ ଓ ଜଳବାୟୁ ପରିବର୍ତ୍ତନବିଭାଗ ଓଡ଼ିଶା ସରକାରଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରେରଣ କରାଯାଇଥିବା ଦେଖିବାକୁ ମିଳିଛି। ଶ୍ରୀ ପରିଡ଼ା ବିଭିନ୍ନ ଖବର ପରିବେଷଣ ପାଇଁ ଅଧିକାଂଶ ସମୟରେ ସୂଚନା ତଥ୍ୟ ପ୍ରଦାନ ପାଇଁ ବନଖଣ୍ଡ ଅଫିସକୁ ଭୋଟର କାର୍ଡ ଓ ଆଧାରକାର୍ଡ ଦେଇ ତଥ୍ୟ ମାଗିଥନ୍ତି।ସୂଚନାରୁ ଜଣାପଡ଼ିଛି କୁଲଡ଼ିହା ରେଞ୍ଜର ଜଣେ ନିଲମ୍ବିତ ଫରେଷ୍ଟ ଗାର୍ଡକୁ ଆକ୍ରମଣ କରିବା ଅଭିଯୋଗରେ ବାଲେଶ୍ୱର ଡିଏଫଓ ତଦନ୍ତକରି ତାଙ୍କ ବିରୋଧରେ ରିପୋର୍ଟ ପ୍ରଦାନ କରିଥିବା ଯୋଗୁଁ କୁଲଡ଼ିହା ରେଞ୍ଜର ଓ ବନଖଣ୍ଡ ଅଫିସରେ କାର୍ଯ୍ୟରତଥିବା ଏସିଏଫ ଦୁଇଜଣ ମିଶି ଏଭଳି ଡିଏଫଓ ଙ୍କ ବିରୋଧରେ ରତିକାନ୍ତ ପରିଡାଙ୍କ ଜାଲ ଦସ୍ତଖତ ଓ ଭୋଟରକାର୍ଡ ଦେଇ ବିଭିନ୍ନ ସ୍ଥାନକୁ ପଠାଇଥିବାର ଶ୍ରୀ ପରିଡ଼ା ସନ୍ଦେହ କରି ବରହମପୁର ଥାନାରେ ଅଭିଯୋଗ କରିଛନ୍ତି। ତେବେ ବରହମପୁର ଥାନା ଅଧିକାରୀଣି ଶ୍ରୀମତୀ ପ୍ରେମଦା ନାୟକ ତଦନ୍ତ କରିବେ ବୋଲି ପ୍ରତିଶୃତି ଦେଇଛନ୍ତି।

## ଜିଲ୍ଲାସ୍ତରୀୟ ସନ୍ତରଣ ଟାଇମ୍ ଟ୍ରାଏଲ

ପୁରୀ, ୨୬।୪ (ସଂଚାର ବ୍ୟୁରୋ): ଆସନ୍ତା ୦୪.୦୫.୨୬ ତାରିଖରେ ପୁରୀ ଜିଲ୍ଲା ସ୍ତରୀୟ ମହିଳା ଏବଂ ପୁରୁଷ ବର୍ଗର ସନ୍ତରଣ ଟାଇମ୍ ଟ୍ରାଏଲ ପାଇଁ ଜିଲ୍ଲା ଆକ୍ୱାଟିକ ସଂଘ ପକ୍ଷରୁ ସୂଚନା ମିଳିଛି। ଏହି ସନ୍ତରଣ ଟାଇମ ଟ୍ରାଏଲ ଶ୍ରୀଜଗନ୍ନାଥ ଷ୍ଟାଡିୟମ ସ୍ଥିତ ସନ୍ତରଣାଗାର ଠାରେ ଅନୁଷ୍ଠିତ ହେବ। ୧୪ ବର୍ଷରୁ ଉର୍ଦ୍ଧ୍ୱ ଇଛୁକ ପ୍ରତିଯୋଗୀ ମାନେ ତା୩୦.୦୪.୨୦୨୬ ରିଖ ମଧ୍ୟରେ ନିଜର ସର୍ବ ଭାରତୀୟ ସନ୍ତରଣ ପରିଚୟ ପତ୍ର କିମ୍ବା ଜନ୍ମ ପ୍ରମାଣପତ୍ର ସହ ଆଧାର କାର୍ଡ ଦେଇ ସନ୍ତରଣାଗାର ଠାରେ ସ୍ୱତନ୍ତ୍ର ଫର୍ମ ପୂରଣ କରି ଭାଗ ନେଇ ପାରିବେ। ଏଥି ନିମିତ୍ତ ଭାରତୀୟ ସନ୍ତରଣ ମହାସଂଘ ତରଫରୁ ସନ୍ତରଣବିତ ପରିଚୟ ପତ୍ର ହାସଲ କରିବା ବାଧ୍ୟତାମୂଳକ ଭାବେ ଲାଗୁ କରାଯାଇଅଛି । ଏହି ସନ୍ତରଣ ଟାଇମ୍ ଟ୍ରାଏଲରେ ଉଲ୍ଲେଖନୀୟ ପ୍ରଦର୍ଶନ କରୁଥିବା ସନ୍ତରଣବିତ ମାନଙ୍କୁ ଆସନ୍ତା ୧୬.୦୫.୨୦୨୬ ଠାରୁ ୧୭.୦୫.୨୦୨୬ ପର୍ଯ୍ୟନ୍ତ ଓଡ଼ିଶା ରାଜ୍ୟ ସ୍ତରୀୟ ମହିଳା ଏବଂ ପୁରୁଷ ବର୍ଗର ସନ୍ତରଣ ପ୍ରତିଯୋଗୀତା ଲାଗି ମନୋନୟନ କରାଯିବାକୁ ବ୍ୟବସ୍ଥା ରହିଛି ବୋଲି ପ୍ରତିଯୋଗୀତା ଆୟୋଜକ ସମ୍ପାଦକ ଶ୍ରୀ ଅରୁଣ ରଥ ଅନୁଷ୍ଠାନ ପକ୍ଷରୁ ସୂଚନା ଦେଇଛନ୍ତି।

## ଅଣ୍ଡରା ବନ୍ଦେ ମାତରମ ହାଇସ୍କୁଲରେ ଗୁରୁପୂଜନ



ପଟ୍ଟାମୁଣ୍ଡାଇ, ୨୬।୪ (ସଂଚାର ବ୍ୟୁରୋ):ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅଣ୍ଡରା ବନ୍ଦେ ମାତରମ ହାଇସ୍କୁଲ ୨୦୦୧ ମ୍ୟାଟ୍ରିକ ବ୍ୟାଚ ପୁରାତନ ଛାତ୍ର ଛାତ୍ରୀଙ୍କ ପକ୍ଷରୁ ଗୁରୁପୂଜନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି।ସାମ୍ବାଦିକ ଚିତ୍ତରଞ୍ଜନ ମଲ୍ଲିକଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ ନିମାଇଁ ଚରଣ ଦାଶ, ନିମାଇଁ ଚରଣ ମଲ୍ଲିକ, ବିଭୁତି ଭୂଷଣ ମଲ୍ଲିକ,ସୁରେଶ ଚନ୍ଦ୍ର ମିଶ୍ର, ଗୋବିନ୍ଦ ଚନ୍ଦ୍ର ନାୟକ ତ୍ରୈଲୋକ୍ୟନାଥ ସ୍ୱାଇଁ, ପ୍ୟାରୀମୋହନ ଦାଶ,ଦଶରଥ ମଲ୍ଲିକ, ପତିତପାବନ ଦାସ ନଟବର ମଲ୍ଲିକ, ପ୍ରସନ୍ନ କୁମାର ମହାନ୍ତି, ଚନ୍ଦନ ମହାନ୍ତି, କ୍ଷୀରୋଦା ମଲ୍ଲିକ, ମନୋରମା ମଲ୍ଲିକ, ବୈଜୟନ୍ତି ମଲ୍ଲିକ ଓ ବୁଦ୍ଧିମାନ ମଲ୍ଲିକ ପ୍ରମୁଖ ସହକାରୀ ଶିକ୍ଷକ ଯୋଗଦେଇ ସମଗ୍ର ଧୋୟାଅଞ୍ଚଳର ଏହି ଗାରିମାମୟ ଶିକ୍ଷାନୁଷ୍ଠାନର ସାମଗ୍ରିକ ବିକାଶପାଇଁ ଉଦ୍ୟମ କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପୁରାତନ ଛାତ୍ରଛାତ୍ରୀମାନେ ଗୁରୁଜୀ ମାନଙ୍କର ପାଦ ଧୋଇ ଫୁଲଚନ୍ଦନ ଲଗାବା ସହିତ ଉତ୍ତରୀୟ ମାନପତ୍ର ଓ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି ଉତ୍ସବରେ ୫୦ ରୁ ଉର୍ଦ୍ଧ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ସର୍ବପୁରାତନ ଚିତ୍ରୋତ୍ପଳା ମହୋତ୍ସବରେ ଝୁମୁଛନ୍ତି ଦର୍ଶକ



ଗରଦପୁର, ୨୬।୪ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲାର ପାଟକୁରା ଅଞ୍ଚଳ ବେଡ଼ାରୀ ପଂଚାୟତର ହରିଦାସପୁର ଗ୍ରାମରେ ଦୀର୍ଘ ୨୦ ବର୍ଷରେ ପଦାର୍ପଣ କରିଛି ପ୍ରଭୁ ଶନିଶ୍ଚର ମହାଯଜ୍ଞ ଓ ସର୍ବ ପୁରାତନ ଚିତ୍ରୋତ୍ପଳା ମହୋତ୍ସବ। ମହାରାଜ ପ୍ରଭୁ ଶନିଶ୍ଚରଙ୍କୁ ଅଂଚଳର ହଜାର ହଜାର ଭକ୍ତ ଶ୍ରଦ୍ଧାଳୁ ମାନେ ଆସି ଜଳାଭିଶେକ କରିଥିଲେ। ପରେ ପରେ ମହୋତ୍ସବର ପ୍ରଥମ ସନ୍ଧ୍ୟାକୁ ଉଦଘାଟନ କରିଥିଲେ ଚିର ସନ୍ୟାସୀ ବାବା ଲକ୍ଷ୍ମୀଧର ଦାସ। ନିମନ୍ତ୍ରିତ ଅତିଥି ଭାବେ ସମାଜସେବୀ ରବୀନ୍ଦ୍ର ସାମଲ, ସଂଜୀବ ବେହେରା, ମିହିର କୁମାର ସାମଲ,ରଂଜିତ ସାହୁ,ସଭା ପରିଚାଳନା କରିଥିଲେ ଦିଲ୍ଲୀପ କୁମାର ସାହୁ। ଏହି ଉତ୍ସବକୁ ସମ୍ପୂର୍ଣ ଦାଇତ୍ୱତାର ସହିତ କାର୍ଯ୍ୟକାରି କରୁଥିବା ଅନୁଷ୍ଠାନର ସଭାପତି ତପନ ମହାନ୍ତି,ସମ୍ପାଦକ ଆକାଶ ମହାପାତ୍ର ଏବଂ ଗ୍ରାମର ସମସ୍ତ ମୁରବି ଓ ଆଗଧାଡିର ଯୁବକ ମାନେ।

ଗତ ସନ୍ଧ୍ୟା ମାନଙ୍କରେ ଅଭ୍ୟର୍ଥନା ସଭା ସହ ଓଡ଼ିଶାର ସୁନାମଧନ୍ୟ କଣ୍ଠ ଶିଳ୍ପୀ ପାଣିଗ୍ରାହୀ, ଏବଂ ଦ୍ୱିତୀୟ ସାନ୍ଧ୍ୟରେ ସୁନାମ ଧନ୍ୟ କଣ୍ଠ ଶିଳ୍ପୀ ଜେସିକା ତାଙ୍କ ଟିମ ସହ ହଜାର ହାଜର ଦର୍ଶକଙ୍କୁ ମନମୁଗ୍ଧ କରେଇ ଝୁମେଇଥିଲେ ମେଲୋଡି କାର୍ଯ୍ୟକ୍ରମରେ। ଏହି ଚିତ୍ରୋତ୍ପଳା ମହୋତ୍ସବ ୭ଦିନ ବ୍ୟାପି ଚାଲୁ ରହିବ।

## ୧୦୦ ବର୍ଷରେ ମାଣିଖଣ୍ଡି ମହାପୁରୁଷ ବିଶ୍ୱଶାନ୍ତି ମହାଯଜ୍ଞ



ଡେରାବିଶ, ୨୬।୪ (ସଂଚାର ବ୍ୟୁରୋ): ଦୀର୍ଘ ୧୦୦ ବର୍ଷରୁ ଅଧିକ ବର୍ଷ ହେବ ବିଶ୍ୱ ଶାନ୍ତି ନିମନ୍ତେ ଅଞ୍ଚଳବାସୀ କରୁଛନ୍ତି ଯଜ୍ଞ। କେନ୍ଦ୍ରାପଡା ଜିଲ୍ଲା ଡେରାବିଶ୍ ଥାନା ଅଧିନ ଗୋଲରାହାଟ, ବାଲିଆ, ଲକ୍ଷ୍ମୀନାରାୟଣପୁର ଭଳି ତିନୋଟି ପଞ୍ଚାୟତର ଜନସାଧାରଣଙ୍କ ସହାୟତକୁ ନେଇ ଏହି ଯଜ୍ଞ କାର୍ଯ୍ୟ ସମ୍ପାଦିତ ହୋଇ ଆସୁଥିବା କୁହନ୍ତି ସମ୍ପାଦକ ଅନିରୁଦ୍ଧ ବେହେରା। ଅକ୍ଷୟ ତୃତୀୟା ଠାରୁ ଡେରାବିଶ୍ ଥାନାର ମାତ୍ର ଅଳ୍ପ କେଇମିଟର ଦୂରରେ ଥିବା ମାଣିଖଣ୍ଡି ମହାପୁରୁଷଙ୍କ ନିକଟରେ ଏହି ବିଶ୍ୱଶାନ୍ତି ମହାଯଜ୍ଞ ହୋଇଆସୁଛି। ଏଠାକାର ବିଶେଷତ୍ୱ ହେଉଛି ମହାପୁରୁଷ ଲଗାଇଥିବା ଏକ ବୃକ୍ଷ ଯାହାକି ଆଜକୁ ଦୀର୍ଘବର୍ଷ ଧରି ଏଠାରେ ପୂଜା ପାଇ ଆସୁଛି।ଚ ମହାପୁରୁଷଙ୍କ ନାମ ଅଞ୍ଚଳର କୌଣସି ବୁଦ୍ଧିଜୀବି କିମ୍ବା ଗବେଷକଙ୍କୁ ଜଣା ନଥିବା ବେଳେ ବାପା ଅଜାଙ୍କ ସମୟରୁ ମହାପୁରୁଷ ଅଚ୍ୟୁତାନନ୍ଦ ଦାସଙ୍କ ସମ ସାମୟିକ ବୋଲି ଶୁଣାଯାଏ ବୋଲି କହିଛନ୍ତି ଯଜ୍ଞ କମିଟିର ସଭାପତି ବନମାଳୀ ଦୁବେ। ଏହି ମହାପୁରୁଷଙ୍କ ନିକଟରେ ସିଦ୍ଧ ଶ୍ରୀଧର ମହାରାଜ ବର୍ଷ ତମାମ ପ୍ରତ୍ୟହ ପୂଜାନୀତି ସମ୍ପାଦନ କରି ଆସୁଥିବା ବେଳେ ପୂଜକ ଭାବେ ପ୍ରମୋଦ ମହାପାତ୍ର ଏଠାରେ ନିଯୁକ୍ତ ହୋଇଛନ୍ତି। ସାତଦିନ ଧରି ହୋଇ ଆସୁଥିବା ଏହି ଯଜ୍ଞର କର୍ତ୍ତା ବରେନ୍ଦ୍ର ମହାନ୍ତି ଓ ନଳିନୀ ମହାନ୍ତି ରହିଛନ୍ତି। ତେବେ ଏକ ଅଲୌକିକ ଘଟଣାକ୍ରମେ ଏହି ଅଜଣା ଗଛକୁ ବନବିଭାଗ ପକ୍ଷରୁ ଚିହ୍ନଟ ହୋଇ ପାରିନଥିବା କୁହନ୍ତି ସମ୍ପାଦକ ଅନିରୁଦ୍ଧ ବେହେରା।

# ଲୁଣା-କରାଣ୍ଡିଆ ଦ୍ୱୀପାଞ୍ଚଳ ପରିଦର୍ଶନ କଲେ ମୁଖ୍ୟଯନ୍ତ୍ରୀ

ଡେରାବିଶ, ୨୬।୪ (ସଂଚାର ବ୍ୟୁରୋ): ଲୁଣା-କରାଣ୍ଡିଆ ଦ୍ୱିପାଞ୍ଚଳର ସୁରକ୍ଷା ପାଇଁ ଜଳସମ୍ପଦ ବିଭାଗ ତରଫରୁ ଚାଲିଥିବା ପଥରପ୍ୟାକିଙ୍ଗ କାର୍ଯ୍ୟର ପରିଦର୍ଶନରେ ଆଜି ମହାନଦୀ -କାଠଯୋଡ଼ି ଅବବାହିକା ଭୁବନେଶ୍ୱରର ମୁଖ୍ୟଯନ୍ତ୍ରୀ ଇଂ ଦିଲ୍ଲିପ କୁମାର ରାଉତ ଦ୍ୱିପାଞ୍ଚଳକୁ ଗସ୍ତ କରିଥିଲେ।



ବର୍ଷାଦିନେ ବନ୍ୟା ସମୟରେ ଉଭୟ ଲୁଣା ଓ କରାଣ୍ଡିଆ ନଦୀରେ ଆସୁଥିବା ବନ୍ୟାଜଳ ଦ୍ୱିପାଞ୍ଚଳରେ ପଶି ବ୍ୟାପକ କ୍ଷୟକ୍ଷତି ଘଟାଇଥାଏ। ପ୍ରତ୍ୟେକ ବର୍ଷ ବନ୍ୟା ସମୟରେ ନଦୀର ତିବ୍ର ସ୍ରୋତରେ ଦ୍ୱୀପାଞ୍ଚଳର ଘେରିବନ୍ଧ ବ୍ୟାପକ ଭାବେ କ୍ଷୟ ହୋଇଥାଏ। ଏପରିକି କିଛି ସ୍ଥାନରେ ନଦୀ ଜନବସତି ନିକଟକୁ ମଧ୍ୟ ମାଡ଼ିଯାଇଥିବା ମଧ୍ୟ ଦେଖିବାକୁ ମିଳିଛି। ନଦୀବନ୍ଧ ଓ ଜନବସତିର ସୁରକ୍ଷା ପାଇଁ ଦ୍ୱିପାଞ୍ଚଳବାସୀ ବାରମ୍ବାର ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ଏହାର ପ୍ରତିକାର ନିମନ୍ତେ ଉଭୟ ନଦୀବନ୍ଧକୁ ପଥର ପ୍ୟାକିଂ କରିବା ପାଇଁ ଦାବି କରି ଆସୁଥିଲେ।

ଚଳିତ ବର୍ଷ କରାଣ୍ଡିଆର ବାମପାର୍ଶ୍ୱ ବନ୍ଧ ସଠିଲୋ, ଶିଶୁଆ ଓ ପୁରୁଷୋତ୍ତମପୁର ଠାରେ ଜଳସମ୍ପଦକ ବିଭାଗ ପକ୍ଷରୁ ପଥରପ୍ୟାକିଙ୍ଗ କାର୍ଯ୍ୟ ଚାଲିଛି। ବିଭାଗୀୟ ଅଧିକାରୀଙ୍କ ଏହି ପରିଦର୍ଶନ ସମୟରେ ଅଞ୍ଚଳବାସୀଙ୍କ ତରଫରୁ ଯୁବ ସମାଜସେବୀ ଉତମ ସ୍ୱାଇଁ ଉପସ୍ଥିତ ରହି ଅଧିକାରୀମାନଙ୍କୁ ଦ୍ୱିପାଞ୍ଚଳର ବିଭିନ୍ନ ସ୍ଥାନକୁ ବୁଲାଇ ନେଇ ଅଞ୍ଚଳର ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ଏଥିସହିତ ପୂର୍ବରୁ ଚିରସ୍ରୋତା ରହିଥିବା କରାଣ୍ଡିଆ ନଦୀ ଏବେ ବର୍ଷାଦିନ ବ୍ୟତୀତ ଅନ୍ୟସମୟରେ ଜଳ ପ୍ରବାହ ହେଉନଥିବା ନେଇ ଦୃଷ୍ଟି ଆକର୍ଷଣ କରିଥିଲେ। ଏହା ଫଳରେ ସ୍ଥାନୀୟ ଅଞ୍ଚଳରେ ଚାଷକାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ଶ୍ରୀ ସ୍ୱାଇଁ ପ୍ରକାଶ କରିଥିଲେ।

ଅଧିକାରୀମାନେ ଏହି ସମସ୍ୟା ସମ୍ପର୍କରେ ଅବଗତ ହୋଇ କରାଣ୍ଡିଆର ଉତ୍ପତ୍ତି ସ୍ଥଳରେ ପହଞ୍ଚି ପାଣିକୁ ଅବରୋଧ କରୁଥିବା ପଥରବନ୍ଧକୁ କାଟିବା ପାଇଁ ପରାମର୍ଶ ଦେବା ସହ ବିଭାଗ ତରଫରୁ ଖୁବ୍ ଶିଘ୍ର ପଦକ୍ଷେପ ନିଆଯିବ ବୋଲି ମୁଖ୍ୟଯନ୍ତ୍ରୀ ଇଂ ରାଉତ ପ୍ରତିଶ୍ରୁତି ଦେଇଥିଲେ। ଏଥିସହିତ ଲୁଣା ଓ କରାଣ୍ଡିଆ ନଦୀର ବିପଦସଙ୍କୁଳ ଅବସ୍ଥାରେ ରହିଥିବା ନଦୀବନ୍ଧର ବିଭିନ୍ନ ସ୍ଥାନରେ ପଥର ପ୍ୟାକିଂ କରିବାକୁ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ।

## ଭିକିପୁରରେ ମା' ମଙ୍ଗଳାଙ୍କ ବାର୍ଷିକ ଉତ୍ସବ ଓ ଭୈରବୀ ମା'ଙ୍କ ମନ୍ଦିର ପ୍ରତିଷ୍ଠା



ଯାଜପୁର ରୋଡ଼, ୨୬।୪ (ସଂଚାର ବ୍ୟୁରୋ): ଯାଜପୁର ରୋଡ ନିକଟସ୍ଥ ଲକ୍ଷ୍ମୀନଗର ପଂଚାୟତ ସ୍ଥିତ ଭିକିପୁର ଗ୍ରାମ ବାସିଙ୍କ ଜଗତଜନନୀ ମା'ମଙ୍ଗଳା ଠାକୁରାଣୀଙ୍କ ୧୪ତମ ବାର୍ଷିକ ଯଜ୍ଞ ଉତ୍ସବ ସହିତ ମା'ଭୈରବୀ ଦେବିଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଅଛି। ନୂତନ ମନ୍ଦିରର ପ୍ରତିଷ୍ଠା କମିଟିର ସଭାପତି ଶ୍ରୀ ହୃଷିକେଶ ମହଲା, ମନ୍ଦିର ପୂଜକ ଶ୍ରୀ ଶ୍ରୀ ରାଜକିଶୋର ରଥଶର୍ମା, ସଭାପତି ନରୋତମ ଜେନା ଓ ସମ୍ପାଦକ ଆର୍ତ୍ତତ୍ରାଣ ଜେନା, ସୁଧାଂଶୁ ଶେଖର ପାଢ଼ୀ ପ୍ରମୁଖଙ୍କ ସମେତ ଭିକିପୁର ଗ୍ରାମବାସୀ ମାନେ ଠାକୁରାଣୀଙ୍କ ପୂଜାର୍ଚ୍ଚନା, ନାମ କିର୍ତନ, ୧୦୮ କଳସ ଶୋଭାଯାତ୍ରା, ଚଳିତ ମାସ ୨୮ତାରିଖରେ ମା'ଙ୍କୁ ପୂର୍ଣ୍ଣାହୁତି ଯଜ୍ଞ ଉତ୍ସବ ପର୍ଯ୍ୟନ୍ତ ଠାକୁରଙ୍କ କାମ କାର୍ଯ୍ୟରେ ସହଯୋଗ ପ୍ରଦାନ କରିଥାନ୍ତି। ଅନୁଷ୍ଠାନ ତରଫରୁ ସାଂକୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯିବା ସହିତ ଗ୍ରାମବାସୀଙ୍କ ପାଇଁ ପ୍ରତେକ ଦିନ ପ୍ରସାଦ ସେବନ ବ୍ୟବସ୍ଥା ରହିଥିବା ନେଇ କମିଟି ପକ୍ଷରୁ ସୁଚନା ଅବଗତ ହୋଇଛି।

## କଂସା ପିତ୍ତଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ



ବାଲିଅନ୍ତା, ୨୬।୪ (ସଂଚାର ବ୍ୟୁରୋ): କଂସାବାସନର ଚାହିଦା ବଢ଼ିଥିବା ବେଳେ ରଥିଜେମା କଂସାବାସନ ଶିଳ୍ପୀମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ବିଶ୍ୱ ବଜାରରେ ଉଚ୍ଚ ପ୍ରଶଂସିତ ହେବା ରଥିଜେମା କଂସାରୀ ପରିବାର କାର୍ଯ୍ୟାଳୟରେ ୨ ମାସ ଧରି ଚାଲିଥିବା କାରିଗରମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆଜି ଉଦଯାପିତ ହୋଇଯାଇଛି। ରଥିଜେମା ଓ ହୀରାପୁର ଅଞ୍ଚଳର ୩୦ ଜଣ କାରିଗର ଅତ୍ୟାଧୁନିକ ନିର୍ମାଣ କୌଶଳ ପ୍ରଶିକ୍ଷଣ ନେଇଥିଲେ। ରାଜ୍ୟ ହସ୍ତଶିଳ୍ପ ସମବାୟ ନିଗମ ଲିଃ (ଇକ୍ସଲିକା)ପକ୍ଷରୁ ତାଲିମ ପ୍ରଦାନ କରାଯାଉଥିଲା। ଏନେଇ ଆଜି କାର୍ଯ୍ୟାଳୟରେ କଂସାରୀ ପରିବାର ମୁଖ୍ୟ ବୈଷ୍ଣବ ମହାରଣା ସଭାପତିତ୍ୱ କରି ଆଗାମୀ ଦିନରେ ସରକାରଙ୍କ ପକ୍ଷରୁ କାରିଗରମାନଙ୍କ ଲାଗି କି ପ୍ରକାର ପ୍ରୋତ୍ସାହନ ଓ ସୁବିଧାସୁଯୋଗ ମିଳିବ ସେ ସଂପର୍କରେ ସୂଚନା ଦେଇଥିଲେ। ହସ୍ତଶିଳ୍ପ ବିକାଶ ଅଧିକାରୀ ବୀର ଭାରତ, ପରାମର୍ଶଦାତା,ରାଧାକାନ୍ତ ମିଶ୍ର, ହସ୍ତଶିଳ୍ପ ବିକାଶ ଅଧିକାରୀ ଗୌରବ ସେନାପତି ଡିଜାଇନର ଅଶୋକ ଲେଙ୍କା, ମାଷ୍ଟର କ୍ରାଫ୍ଟ ଦିଲ୍ଲୀପ କୁମାର ମହାରଣା ଓ ମହମ କାରିଗର ପଞ୍ଚାନନ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

## କାନ୍ଥ ମଧ୍ୟରେ ଫସି ରହିଥିବା ଷଣ୍ଢର ମୃତ୍ୟୁ

ମାହାଙ୍ଗା, ୨୬।୪ (ସଂଚାର ବ୍ୟୁରୋ): ମାହାଙ୍ଗା ବ୍ଲକ ଅନ୍ତର୍ଗତ କଇଥା ପଞ୍ଚାୟତ ଗଉଡପାଟଣା ଗ୍ରାମରେ ଦୁଇ କାନ୍ଥ ମଧ୍ୟରେ ଫସି ରହିଥିବା ଏକ ଷଣ୍ଢର ମୃତ୍ୟୁ ହୋଇଥିବା ଜଣାଯାଇଛି। ସୂଚନା ମୁତବାକ କଇଥା ପଞ୍ଚାୟତ ଗଉଡପାଟଣା ଗ୍ରାମର ରତ୍ନାକର ରାଉତ ଓ ଲକ୍ଷ୍ମୀଧର ରାଉତଙ୍କ ଦୁଇ ଘରର କାନ୍ଥ ମଧ୍ୟରେ ଏକ ଷଣ୍ଢ ସନ୍ଧ୍ୟା ସମୟରେ ଫସି ରହି ଯାଇଥିଲା। ଷଣ୍ଢଟି ନ ବାହାରି ପାରି ଜୀବନ ମୃତ୍ୟୁ ସହିତ ସଂଗ୍ରାମ କରି ହମା ରଡି ଦେଇଥିଲା। ଷଣ୍ଢଟିର ରଡି ଶୁଣି ପରିବାରେ ଲୋକେ କୁଆଁପାଳ ଦମକଳବାହିନୀକୁ ଖବର ଦେଇଥିଲେ। ରାତ୍ର ପ୍ରାୟ ୧୧ଟା ସମୟରେ ଦମକଳ ବାହିନୀ ପହଞ୍ଚି ଫସି ରହିଥିବା ଷଣ୍ଢଟିକୁ ଉଦ୍ଧାର କରିଥିଲେ ମଧ୍ୟ ସେତେବେଳକୁ ଷଣ୍ଢ ମୃତ୍ୟୁର ହୋଇ ଯାଇଥିଲା।

ସେହିପରି କୋଳିଅଠା ଗ୍ରାମର ସ୍ୱାଇଁ ସାହିରେ ଜନୈକ ବ୍ୟକ୍ତିଙ୍କ ଲାଟିନ ଟାଙ୍କିରେ ଏକ ଷଣ୍ଢ ପଡ଼ି ଯାଇଥିଲା। ଏ ନେଇ ଏହି ନିଖିଳ ସାମଲ କୁଆଁପାଳ ଦମକଳବାହିନୀ ଖବର ଦେଇଥିଲେ। କୁଆଁପାଳ ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଷଣ୍ଢଟିକୁ ଉଦ୍ଧାର କରିଥିଲେ।

# ନୂଆଁବନ୍ଧରେ ବାଇପାସ୍ ଡ୍ରେନେଜ୍ କାମ ବନ୍ଦ ଦାବି

ସୁବର୍ଣ୍ଣପୁର, ୨୬।୪ (ସଂଚାର ବ୍ୟୁରୋ): ସୋନପୁର ସହରରେ ଦିନକୁ ଦିନ ଡ୍ରେନ ସମସ୍ୟା ଗୁରୁତର ହେବାରେ ଲାଗିଛି । ସମସ୍ତ ବନ୍ଧ ମାନଙ୍କରେ ପୌର୍ ପରିଷଦ ଡ୍ରେନ ପାଣି ଛାଡ଼ି ଦେଇ ସହରରେ ଦୁର୍ଗନ୍ଧମୟ ସ୍ଥିତି ସୃଷ୍ଟି କରୁଛି ପୌର ପରିଷଦ। ସୋନପୁର ଟିକିରିପଡାସ୍ଥିତ ନୂଆଁବନ୍ଧରେ ବାଇପାସ୍ ଡ୍ରେନେଜ କାମ ବନ୍ଦ ପାଇଁ ଦାବି ହୋଇଛି । ଏନେଇ ବିଜେପି ନଗର ମଣ୍ଡଳ ପକ୍ଷରୁ ସୋନପୁର ପୌର ପରିଷଦ ଇଓ ଋଷି ମାଝୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି ।



ପ୍ରକାଶଥାଉକି, ବର୍ତ୍ତମାନ ପୌର ପ୍ରଶାସନ ପକ୍ଷରୁ ନୂଆଁବନ୍ଧର ସୌନ୍ଦର୍ଯ୍ୟକରଣ ଏବଂ ପୁନରୁଦ୍ଧାର କାର୍ଯ୍ୟ ଚାଲୁରହିଛି । ପ୍ରାୟ ୧ କୋଟି ଟଙ୍କା ବ୍ୟୟ ଅଟକଳରେ ଟେଣ୍ଡର କରାଯାଇ କାର୍ଯ୍ୟ କରାଯାଉଛି । ବନ୍ଧ ସାଇଟ୍‌ରେ ଏକ ବାଇପାସ୍ ଡ୍ରେନ୍ ନିର୍ମାଣ କରି ସହରର ସମସ୍ତ ଡ୍ରେନ୍ ଏବଂ ଆବର୍ଜନା ପାଣି ଧୁଣ୍ଡିନାଲ ଦେଇ ମହାନଦୀକୁ ଛଡାଯିବା ପାଇଁ ଧାର୍ଯ୍ୟ କରାଯାଇଛି। ଉକ୍ତ ବାଇପାସ୍ ଡ୍ରେନ କାମକୁ ସୋନପୁର ବିଜେପି ନଗର ମଣ୍ଡଳ ବିରୋଧ କରିଛି। ଯଦି ଉକ୍ତ ବାଇପାସ୍ ଡ୍ରେନେଜ୍ ସିଷ୍ଟମ୍ କରାଯାଏ ଏହା ସ୍ଲମ୍ ଏରିଆ ହୋଇଥିବାରୁ ନୂଆଁବନ୍ଧର ଉପର ଅଂଶ ଯଥା ବସଷ୍ଟାଣ୍ଡ, ମଝିପଡା ସହ ସହରର ଅନ୍ୟାନ୍ୟ ଅଞ୍ଚଳର ପ୍ରାୟ ସମସ୍ତ ଡ୍ରେନ୍‌ର ମଇଳା ଏବଂ ଆବର୍ଜନା ପାଣି ଧୁଣ୍ଡିନାଲ ଦେଇ ସିଧାସଳଖ ମହାନଦୀରେ ପଡିବ। ଫଳରେ ବଡବଜାରର ଟିକିରିପଡ଼ା ଘାଟ, ତେନ୍ତୁଳିଘାଟ, ତରିଆପଡା ଘାଟ, ତଳପଡା ଘାଟ, କୁମ୍ଭାରପଡା ଘାଟ, ବାଘପଡା ଘାଟ, ଆମ୍ବଘାଟ ସହିତ ରାମେଶ୍ୱର ସଙ୍ଗମ ଆଦି ସଂପୂର୍ଣ ରୂପେ ଆବର୍ଜନାମୟ ହେବ।

ଉକ୍ତ ଘାଟ ଗୁଡିକର ପାଣି ସହରର ଲୋକେ ପାନୀୟ, ରୋଷେଇ ଏବଂ ଶୌଚ ପାଇଁ ନିର୍ଭର କରିଥାନ୍ତି । ଯଦି ଉକ୍ତ ଡ୍ରେନ୍ ପାଣି ସିଧାସଳଖ ନଦୀରେ ପଡିବ, ତେବେ ଲୋକେ ପ୍ରଭାବିତ ହେବେ ବୋଲି ବିଜେପି କର୍ମୀ ଯୁକ୍ତି ବାଢ଼ିଛନ୍ତି। ଏଣୁ ବାଇପାସ୍ ଡ୍ରେନେଜ୍ ବ୍ୟବସ୍ଥାକୁ ବନ୍ଦକରି ଡ୍ରେନ୍ ପାଣିକୁ ଅନ୍ୟ ସ୍ୱରେଜ୍ ବ୍ୟବସ୍ଥା ସହ ସ୍ୱଚ୍ଛ କରାଯାଇ ରାମଶ୍ୱର ସଙ୍ଗମର ତଳ ଅଞ୍ଚଳକୁ ଛାଡିବା ପାଇଁ ବିଜେପି ଦାବି କରିଛି।

## ଶନିଶ୍ଚରଙ୍କ ପୀଠରେ ଜଳାଭିଷେକ

ଡେରାବିଶ, ୨୬।୪ (ସଂଚାର ବ୍ୟୁରୋ): ଗ୍ରହରାଜ ଶନିଦେବଙ୍କ କୃପାଦୃଷ୍ଟି ପାଇବା ପାଇଁ ଆଜି ବିଭିନ୍ନ ଶନିଶ୍ଚରଙ୍କ ମନ୍ଦିରରେ ଶ୍ରଦ୍ଧାଳୁମାନେ ଜଳାଭିଷେକ କରିଛନ୍ତି। ଆଜି ପୂର୍ବାହ୍ନରୁ ଡେରାବିଶ ବ୍ଲକ ଅର୍ନ୍ତଗତ ହରିଅଙ୍କ ପଞ୍ଚାୟତ କୂଳସାହି ଠାରେ ଥିବା ଶନିଶ୍ଚରଙ୍କ ପୀଠରେ ହଜାର ହଜାର ଶ୍ରଦ୍ଧାଳୁ ନିକଟସ୍ଥ ଲୁଣାନଦୀରୁ କଳସିରେ ଜଳ ଆଣି ଶନିଶ୍ଚରଙ୍କ ଜଳାଭିଷେକ କରିଥିଲେ। ଆଖାପାଖ ଅଞ୍ଚଳରୁ ପୁରୁଷ ଓ ମହିଳାମାନେ ଶନିଶ୍ଚରଙ୍କୁ ଜଳାଭିଷେକ କରିବା ସହିତ ଶନିଶ୍ଚରଙ୍କୁ ରାଶି ତେଲ ପ୍ରଦାନ କରି ପୂଜାର୍ଚ୍ଚନା କରିଥିଲେ।



ମନ୍ଦିର ପରିସରରେ ସମାଜସେବୀ ସୁଖଦାନନ୍ଦ ପ୍ରଧାନ ଓ ଗ୍ରାମବାସୀମାନେ ଉପସ୍ଥିତ ରହି ଭକ୍ତମାନଙ୍କୁ ଶୃଙ୍ଖଳାର ସହ ଦର୍ଶନ କରିବା ପାଇଁ ସମସ୍ତ ବ୍ୟବସ୍ଥା କରିଥିଲେ। ଘଟଣାସ୍ଥଳରେ ଚାନ୍ଦୋଳ ଫାଣ୍ଡି ପୋଲିସ୍ କର୍ମଚାରୀମାନେ ଉପସ୍ଥିତ ରହି ଭିଡ଼ ନିୟନ୍ତ୍ରଣ କରିଥିଲେ। ସେହିପରି ବସପୁର ପଞ୍ଚାୟତ ବସପୁର, ରତାଦିଆ ଖଣ୍ଡସାହି ପଞ୍ଚାୟତର ଅନୁଆପଡ଼ା, ଖମୋଳ ପଞ୍ଚାୟତର ଜମ୍ବିମୂଳ, ଦାନପୁର ପଞ୍ଚାୟତର ବାଲୁଙ୍କେଶ୍ୱରଙ୍କ ପୀଠ, ମୁକୁନ୍ଦପୁର ପଞ୍ଚାୟତର ଖିରେଶ୍ୱରଙ୍କ ପୀଠ, ପଲେଇ ପଞ୍ଚାୟତର କାଜିପୁର, ଗୋଲରାହଟ ପଞ୍ଚାୟତର ଦୁମୁକା, ବାଲିଆ ପଞ୍ଚାୟତର ମୁଲଣାପାଟଣା, ଲକ୍ଷ୍ମୀନାରାୟଣପୁର ପଞ୍ଚାୟତର ଜୟସିଂପୁର, ଏଣ୍ଡର ପଞ୍ଚାୟତର ଓଳକଣା, ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ବେଲାରପୁର ଠାରେ ଥିବା ଶନିଙ୍କ ପୀଠରେ ହଜାର ହଜାର ଶ୍ରଦ୍ଧାଳୁ ନିକଟସ୍ଥ ନଦୀ ଓ ଜଳାଶୟରୁ ମାଟି କଳସୀରେ ଜଳ ସଂଗ୍ରହ କରି ଶନିଦେବଙ୍କୁ ଜଳାଭିଷେକ କରିଥିଲେ।

ସେହିପରି ନହଙ୍ଗ ପଞ୍ଚାୟତର ବୀରନୀଳକଣ୍ଠପୁର ଠାରେ ଥିବା ଶନିଶ୍ଚରଙ୍କ ମନ୍ଦିରରେ ଗୋବରୀ ନଦୀର ଶ୍ରଦ୍ଧାଳୁମାନେ ଜଳ ଆଣି ଜଳାଭିଷେକ କରିବା ସହ ପୂଜାର୍ଚ୍ଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ମନ୍ଦିର କମିଟି ପକ୍ଷରୁ ନାରାୟଣ ଚନ୍ଦ୍ର ଲେଙ୍କା, ଶ୍ରୀନିବାସ ଲେଙ୍କା, ଅଭିମନ୍ୟୁ ରାଉତ, ପ୍ରଦୀପ କୁମାର ନାୟକ, ଈଶ୍ୱର ଚନ୍ଦ୍ର ପୃଷ୍ଟି, ଅଧ୍ୟାପକ ଗୋଲଖ ଚନ୍ଦ୍ର ମହାଭୋଇ ପ୍ରମୁଖ ପରିଚାଳନା କରିବା ସହ ଶ୍ରଦ୍ଧାଳୁମାନେ ଶୃଙ୍ଖଳାର ସହ ଦର୍ଶନ ପାଇଁ ବହୁ ସ୍ୱେଚ୍ଛାସେବୀ ନିୟୋଜିତ ଥିଲେ।